ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୭/୨୦୨୪ (୧୬ ପୃଷ୍ଠା) Bhubaneswar, Wednesday, February 7/2024 Page 16 ₹ 7.00 | SAMBALPUR
୫୦ଶ ଭାଗ ୭୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 75 ମୂଲ୍ୟ ₹୭/-

# ୫ ଅନ୍ୟାୟ ବିରୋଧରେ ଆମର ଯାତ୍ରା: ରାହୁଲ

## ଓଡ଼ିଶାରେ ପହଞ୍ଚିଲା କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

ଭୁବନେଶ୍ୱର/ କୁଆଁରମୁଣ୍ଡା/ ସୁନ୍ଦରଗଡ଼, ୬।୨
(ସୁନିତ୍ ମିଶ୍ର/ ମହେନ୍ଦ୍ର କୁମାର ସାହୁ/ ଜୟନାରାୟଣ ମେଣ୍ଡୁଲି)

ପୂର୍ବ କାର୍ଯ୍ୟସୂଚୀ ମୁତାବକ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ମଙ୍ଗଳବାର ଅପରାହ୍ନରେ ସୁନ୍ଦରଗଡ଼ ଜିଲାର ବୀରମିତ୍ରପୁରରେ ପହଞ୍ଚିଛି। ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ସମବେତ ଜନସାଧାରଣଙ୍କୁ ରାହୁଲ କହିଛନ୍ତି, ଓଡ଼ିଶାକୁ ଆସି ଖୁସି ଲାଗୁଛି। ଏଠି ଘୃଣାର ବଜାରରେ ଆପଣମାନେ ପ୍ରେମର ଦୋକାନ ଖୋଲିଲେ। ପୂର୍ବତନ ଭାରତ ଯୋଡ଼ୋ ଯାତ୍ରା କଶ୍ମୀରରୁ କନ୍ୟାକୁମାରୀ ☞ ପୃଷ୍ଠା-୪



ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଂଶଯୋର ଫାଟକ ନିକଟରେ ମଙ୍ଗଳବାର ଆୟୋଜିତ ଜନସମାବେଶରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

# ପରୀ ହତ୍ୟାକାରୀଙ୍କୁ ୨୦ ବର୍ଷ ଜେଲ

## ନୟାଗଡ଼ର ବହୁଚର୍ଚ୍ଚିତ ହତ୍ୟା ମାମଲାର ରାୟ ପ୍ରକାଶ

ନୟାଗଡ଼,୬।୨(ଲୋକନାଥ ମିଶ୍ର)

ବହୁ ଚର୍ଚ୍ଚିତ ନୟାଗଡ଼ ସଦର ଥାନା ଯଦୁପୁର ଗାଁର ୫ ବର୍ଷର ଶିଶୁ କନ୍ୟା ପରୀ ବଳାତ୍କାର ଓ ହତ୍ୟା ମାମଲାର ରାୟ ମଙ୍ଗଳବାର ନୟାଗଡ଼ ଚିଲ୍ଡ୍ରେନ୍ସ କୋର୍ଟରେ ପ୍ରକାଶ ପାଇଛି। ୩୧ ଜଣ ସାକ୍ଷୀ, ୧୩୫ ଦସ୍ତାବିଜ, ହତ୍ୟାକାଣ୍ଡରେ ବ୍ୟବହୃତ ୧୮ ପଦାର୍ଥକୁ ବିଚାରକୁ ନେଇ ଜଣେ ନାବାଳକଙ୍କୁ ଅତିରିକ୍ତ ଜିଲା ଦୌରାଜଜ ଲିଲି ସେନାପତି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୬ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଦୋଷୀଙ୍କୁ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ମୁଦାଲା ନାବାଳକ ହୋଇଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇ ପାରିବ ନାହିଁ। ସାବାଳକ ହୋଇଥିଲେ ମୃତ୍ୟୁଦଣ୍ଡ ପାଇବାର ସମ୍ଭାବନା ଥିଲା। ☞ ପୃଷ୍ଠା-୧୪

## ଓଡ଼ିଶାର ଏସ୍‌ସି, ଏସ୍‌ଟି ତାଲିକାରେ ସଂଶୋଧନ ହେବ

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

କପି ବିରୋଧୀ ଆଇନ






## ପୁଞ୍ଜି ପ୍ରତ୍ୟାହାର ନୀତିରେ ଅସ୍ପଷ୍ଟତା

# ସରକାରୀ ଉଦ୍ୟୋଗରେ ଅଚଳାବସ୍ଥା

## ୧୦ ବର୍ଷରେ ୪.୨୦ ଲକ୍ଷ କୋଟି ପାଇଛି କେନ୍ଦ୍ର

ନୂଆଦିଲ୍ଲୀ,୬।୨
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)




କେନ୍ଦ୍ରରେ ମୋଦି ସରକାର କ୍ଷମତାସୀନ ହେବା ପରେ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ (ପିଏସ୍ୟୁ) ବା ସରକାରୀ କମ୍ପାନୀଗୁଡ଼ିକର ଘରୋଇକରଣ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ପ୍ରାୟ ୧୦ ବର୍ଷ ଭିତରେ ସରକାର ଅନେକ ସରକାରୀ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ୪.୨୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ପୁଞ୍ଜି ପ୍ରତ୍ୟାହାରରୁ ଆହୁରି ୩୫,୦୦୦ କୋଟି ଟଙ୍କା ପାଇବାକୁ ଫେବୃଆରୀ ୧ରେ ଉପସ୍ଥାପିତ ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଲୋକ ସଭା ନିର୍ବାଚନ ପରେ ଭାରତ ପେଟ୍ରୋଲିୟମ୍ କର୍ପୋରେଶନ୍ (ବିପିସିଏଲ୍), ଶିପିଙ୍ଗ୍ କର୍ପୋରେଶନ୍ ଅଫ୍ ଇଣ୍ଡିଆ (ଏସ୍‌ସିଆଇ) ଏବଂ କଣ୍ଟେନର କର୍ପୋରେଶନ୍ ଅଫ୍ ଇଣ୍ଡିଆ (କନ୍‌କୋର୍) ସମେତ ଆଉ କେତେକ ସରକାରୀ ଉଦ୍ୟୋଗର ଘରୋଇକରଣ କରାଯିବା ନେଇ ସମ୍ଭାବନା ରହିଛି। କିନ୍ତୁ ସରକାରଙ୍କ ନୀତିରେ ସ୍ୱଷ୍ଟତା ନ ଥିବାରୁ ଅନେକ ପିଏସ୍ୟୁ ସ୍ଥାଣୁ ଅବସ୍ଥାକୁ ଚାଲିଆସିଛି। ଫଳରେ ଏକତୃତୀୟାଂଶରୁ ଅଧିକ ସରକାରୀ ସଂସ୍ଥା କେବଳ କାଗଜ କଲମରେ ଚାଲିଛି। ଏହି ଅଚଳାବସ୍ଥା ମହତ୍ତ୍ୱାକାଂକ୍ଷୀ 'ଆତ୍ମନିର୍ଭର ଭାରତ ଯୋଜନା'ର ସାଫଲ୍ୟ ଉପରେ ବଡ଼ ପ୍ରଶ୍ନବାଚୀ ଛିଡ଼ା କରାଇଛି।

ସରକାର କୌଣସି ସରକାରୀ ଉଦ୍ୟୋଗ, କମ୍ପାନୀ ବା ପ୍ରକଳ୍ପର ସମ୍ପତ୍ତି ବିକ୍ରି କିମ୍ବା ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ନିଜ ଅଂଶଧନ ବିକି ଲାଭାଂଶ ନେଲେ ତାକୁ ପୁଞ୍ଜି ପ୍ରତ୍ୟାହାର କୁହାଯାଏ। ଦେବାଳିଆ ଅବସ୍ଥାକୁ ଚାଲିଆସିଥିବା କମ୍ପାନୀକୁ ସମ୍ପୂର୍ଣ୍ଣ ଭାବେ ବିକ୍ରି କରିବା ପ୍ରକ୍ରିୟାକୁ ଘରୋଇକରଣ କୁହାଯାଇଥାଏ। ସରକାରଙ୍କ ରାଜକୋଷ ଉପରେ ପଡୁଥିବା ଆର୍ଥିକ ବୋଝ ଲାଘବ କରିବା ପାଇଁ ଏହି ନୀତି ଆପଣାଯାଏ। ଏପରି କରିବା ଦ୍ୱାରା ସମ୍ପୃକ୍ତ ପିଏସ୍ୟୁରେ ସରକାରଙ୍କ କର୍ତ୍ତୃତ୍ୱ ହ୍ରାସ ହୋଇଥାଏ କିମ୍ବା ଆଦୌ ରହି ନ ଥାଏ। ଫଳରେ ସେହି ସଂସ୍ଥା ବଜାରରେ ଅନ୍ୟ ଘରୋଇ କମ୍ପାନୀଗୁଡ଼ିକ ସହ ପ୍ରତିଦ୍ୱନ୍ଦ୍ୱିତା କରି ନିଜ ସ୍ଥିତି ସୁଦୃଢ଼ କରିବା ପାଇଁ ଉଦ୍ୟମ କରିଥାଏ। ଅର୍ଥ ମନ୍ତ୍ରଣାଳୟ ଅଧୀନ ନିବେଶ ଓ ସାଧାରଣ ପରିସମ୍ପତ୍ତି ପରିଚାଳନା ବିଭାଗ (ଡିଆଇପିଏମ୍)ର ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୩-୨୪ ଆର୍ଥିକବର୍ଷରେ ହିନ୍ଦୁସ୍ଥାନ ଏରୋନଟିକ୍ସ, କୋଲ୍ ଇଣ୍ଡିଆ, ରେଳ ବିକାଶ ନିଗମ, ଏସ୍‌ଜେଭିଏନ୍ ଲିମିଟେଡ୍, ହାଉସିଂ ଆଣ୍ଡ୍ ଅର୍ବାନ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍ ଲିଃ, ଇଣ୍ଡିଆନ୍ ରିନ୍ୟୁଆବୁଲ ଡେଭେଲପ୍‌ମେଣ୍ଟ ଏଜେନ୍ସି, ଆଇରନ୍ ଇଣ୍ଟରନ୍ୟାଶନାଲ ଲିଃ ଏବଂ ଏନ୍‌ଏଚ୍‌ପିସି ଭଳି ସରକାରୀ ଉଦ୍ୟୋଗଗୁଡ଼ିକର ଅଂଶଧନ ବିକ୍ରି ବାବଦରେ କେନ୍ଦ୍ର ମୋଟ ୧୨,୫୦୪.୩୨ କୋଟି ଟଙ୍କା ପାଇଥିଲା। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ଘରୋଇକରଣ ଓ ପୁଞ୍ଜି ପ୍ରତ୍ୟାହାର ବାବଦକୁ ୪.୨୦ ଲକ୍ଷ କୋଟି ଟଙ୍କା ପାଇଛି। ସରକାରଙ୍କ ଘରୋଇକରଣ ଓ ପୁଞ୍ଜି ପ୍ରତ୍ୟାହାର ତାଲିକାରେ ଆହୁରି ଅନେକ ସଂସ୍ଥା ରହିଛି। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଅନ୍ତରୀଣ ବଜେଟ ଉପସ୍ଥାପନ କରି କହିଥିଲେ, ୨୦୨୪-୨୫ ଆର୍ଥିକବର୍ଷରେ ମିସଲେନିଅସ୍ କ୍ୟାପିଟାଲ ରିସିପ୍ଟସ୍ ଅଧୀନରେ ସରକାର ୫୦,୦୦୦ କୋଟି ଟଙ୍କା ପାଇବେ। ସେଥିରୁ ୩୫,୦୦୦ କୋଟି ଟଙ୍କା କେବଳ ପୁଞ୍ଜି ପ୍ରତ୍ୟାହାରରୁ ଆସିବ ବୋଲି ଡିଆଇପିଏମ୍ ସଚିବ ତୁହିନ୍‌କାନ୍ତ ପାଣ୍ଡେ ସୂଚନା ଦେଇଛନ୍ତି।

୨୦୨୦ ମେ'ରେ ମୋଦି ସରକାର ଅନେକ ସରକାରୀ ସଂସ୍ଥାରେ ସଂସ୍କାର ଆଣିବାକୁ ଯାଇ ଆତ୍ମନିର୍ଭର ଭାରତ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଅଧୀନ ପବ୍ଲିକ୍ ସେକ୍ଟର ଏଣ୍ଟରପ୍ରାଇଜେସ୍ ପଲିସି (ପିଏସ୍‌ଇ ନୀତି) ଅନୁସାରେ ସରକାର ରଣନୈତିକ ସେକ୍ଟରଗୁଡ଼ିକରେ ନିଜ ଉପସ୍ଥିତିକୁ ସର୍ବନିମ୍ନ କରିବା ସହ ଅଣରଣନୈତିକ କ୍ଷେତ୍ରଗୁଡ଼ିକରୁ ବାହାରିଯିବେ। ସଂସ୍ଥାଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର କରି ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ବନ୍ଦ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ସେକ୍ଟରରେ ଥିବା ବୃହତ୍ କମ୍ପାନୀଗୁଡ଼ିକରୁ ସରକାର ନିଜ ଉପସ୍ଥିତି ହ୍ରାସ ପାଇଁ ଉଦ୍ୟମ ଚଳାଇଛନ୍ତି, ଯାହାକି ସମୟ ସାପେକ୍ଷ। ଅର୍ଥନୀତିର ବହୁବିଧ ସେକ୍ଟରରୁ ରାତାରାତି ଓହରିଯିବା ସମ୍ଭବ ନୁହେଁ। କେବଳ ଆର୍ଥିକ ଦୃଷ୍ଟିରୁ ନୁହେଁ, ରାଜନୈତିକ କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ରହିଛି। ଅତୀତରେ ଘରୋଇକରଣକୁ ନେଇ ବହୁ ରାଜନୈତିକ କୌଶଳ ଦେଖିବାକୁ ମିଳିଛି। ୨୦୨୨-୨୩ରେ ସରକାର ୬୫,୦୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ରଖିଥିବାବେଳେ ୩୫,୨୯୩.୫୨ କୋଟି ଟଙ୍କା ହାସଲ କରିବାକୁ ସକ୍ଷମ ହୋଇଥିଲେ। ଚଳିତ ଆର୍ଥିକ ବର୍ଷରେ ସରକାର ୬୧,୦୦୦ କୋଟିର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ରଖିଥିବାବେଳେ ପରବର୍ତ୍ତୀ ସମୟରେ ସମୀକ୍ଷା ପରେ ଏହାକୁ ୩୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସରକାର ସେଥିରୁ ପ୍ରାୟ ୧୨,୫୦୦ କୋଟି ଟଙ୍କା ପାଇବାରେ ସକ୍ଷମ ହୋଇଛନ୍ତି। ଏହା ପୁଞ୍ଜି ପ୍ରତ୍ୟାହାର କ୍ଷେତ୍ରରେ ରହିଥିବା ନୀତିଗତ ଅସ୍ୱଷ୍ଟତା ଏବଂ ଦ୍ୱନ୍ଦ୍ୱକୁ ଦର୍ଶାଉଛି। ସମ୍ଭବତଃ ରାଜନୈତିକ କାରଣରୁ ସରକାର ପିଏସ୍‌ଇ ନୀତିକୁ ପ୍ରତ୍ୟାହାର କରିପାରିବେ ନାହିଁ। ନୀତି ପ୍ରତ୍ୟାହାର କଲେ ଏହାକୁ ନିଜ ପରାଜୟର ସ୍ୱୀକାରୋକ୍ତି ବୋଲି ମନେକରାଯାଇପାରେ। ଏନେଇ ଡିଆଇପିଏମ୍ ସଚିବ ପାଣ୍ଡେ କହିଛନ୍ତି, କେତେକ ରାଜ୍ୟର ସରକାରମାନଙ୍କ ଦୋମୁହାଁ ନୀତି ଯୋଗୁ ପୁଞ୍ଜିପ୍ରତ୍ୟାହାର ବାଧାପ୍ରାପ୍ତ ହେଉଛି। କେନ୍ଦ୍ରୀୟ ପିଏସ୍ୟୁଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ବିଳମ୍ବିତ ହେଉଛି। ଏହି ଡିସ୍‌ଇନ୍‌ଭେଷ୍ଟମେଣ୍ଟ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ପାଇଁ ଆମେ ଅଧିକ ତତ୍ପର ହେବା ଆବଶ୍ୟକ।

# ବାଣ କାରଖାନାରେ ବିସ୍ଫୋରଣ: ୧୧ ମୃତ



## ୧୭୪ ଆହତ

## ବହୁ ଘର ଜଳିଗଲା

ଭୋପାଳ,୬।୨

ମଧ୍ୟପ୍ରଦେଶର ହର୍ଦା ଜିଲାରେ ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହ ୧୭୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାରଖାନା ଭଗ୍ନାବଶେଷ ତଳେ ଅନେକେ ପୋତିହୋଇ ରହିଯାଇଥିବା ଆଶଙ୍କା କରାଯାଉଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ପ୍ରଭାବ ୧୫ କିଲୋମିଟର ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। କାରଖାନା ନିକଟବର୍ତ୍ତୀ କେତେକ ଘର ଜଳିଯିବା ସହ ବହୁ ଘରର କାଚ ଝରକା ଭାଙ୍ଗିଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲାର ବୈରଗଡ଼ ଗ୍ରାମ ଅନ୍ତର୍ଗତ ମଗର୍ଧା ରୋଡ୍‌ରେ ଉକ୍ତ କାରଖାନା ରହିଛି। ବିସ୍ଫୋରଣ ପରେ ଦଳାଚକଟାରେ ଅଧିକାଂଶଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଆହତଙ୍କୁ ହସ୍ପିଟାଲ ନେବା ଲାଗି ୫୦ ଆମ୍ବୁଲାନ୍ସ ନିୟୋଜିତ ହୋଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଘୋଷଣା କରିଛନ୍ତି। ଏଥିସହିତ ଆହତମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାଣ କାରଖାନା ବିସ୍ଫୋରଣରେ ଏତେ ଲୋକଙ୍କ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ନୂଆ ଇସି ଚୟନ ପାଇଁ ଆଜି ବୈଠକ

**ନୂଆଦିଲ୍ଲୀ, ୬।୨(ପି.ଟି.):** ନୂଆ ନିର୍ବାଚନ କମିଶନର (ଇସି) ଚୟନ ଲାଗି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୪ ତାରିଖରେ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେଙ୍କ କାର୍ଯ୍ୟକାଳ ଶେଷ ହେଉଥିବାବେଳେ ତାଙ୍କ ସ୍ଥାନରେ ନୂଆ ଇସି ନିଯୁକ୍ତି ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନର (ନିଯୁକ୍ତି, ସେବା ନିୟମ ଓ ସର୍ତ୍ତାବଳୀ) ଆଇନ ଅନୁଯାୟୀ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇଜଣ କେନ୍ଦ୍ର ସଚିବଙ୍କୁ ନେଇ ଗଠିତ ସର୍ଚ୍ଚ କମିଟି ଇସି ପଦବୀ ପାଇଁ ୫ ପ୍ରାର୍ଥୀଙ୍କର ଏକ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରିବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଚୟନ କମିଟି ସେମାନଙ୍କ ମଧ୍ୟରୁ ଜଣକୁ ଇସି ପଦବୀ ପାଇଁ ମନୋନୀତ କରିବ। ଉକ୍ତ କମିଟିରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସଦସ୍ୟ ରହିଛନ୍ତି। ଏପରିକି ସଂକ୍ଷିପ୍ତ ତାଲିକାରେ ନ ଥିବା ନାଁକୁ ମଧ୍ୟ ଚୟନ କମିଟି ଇସି ନିଯୁକ୍ତି ପାଇଁ ବିଚାରକୁ ନେଇପାରିବ। ନୂଆ ଆଇନ ଆସିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସିଇସି ଏବଂ ଇସିଙ୍କୁ ନିଯୁକ୍ତି ଦେଉଥିଲେ।



ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରଚାରରେ ଥିବା ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ତଥା ରାଷ୍ଟ୍ରପତି ଜୋ ବାଇଡେନ୍ ନେଭାଦାର ଲାସ୍‌ଭେଗାସ୍ ସ୍ଥିତ ଏକ ଚା' ଦୋକାନରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

## ବଜେଟ ଅଧିବେଶନ ଦିନେ ବଢ଼ିଲା

### ଉପାର ଭୁଲ୍ ଆର୍ଥିକ ପରିଚାଳନା ଉପରେ ଶ୍ୱେତପତ୍ର ଆଣିବ କେନ୍ଦ୍ର

ନୂଆଦିଲ୍ଲୀ,୬।୨



ପାର୍ଲାମେଣ୍ଟର ବଜେଟ ଅଧିବେଶନକୁ ଗୋଟିଏ ଦିନ ବଢ଼ାଇ ଦିଆଯାଇଛି। ୯ ପରବର୍ତ୍ତେ ୧୦ ତାରିଖରେ ଅଧିବେଶନ ଶେଷ ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ କହିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରଙ୍କ ସମୟରେ ଅର୍ଥନୀତିର କୁପରିଚାଳନା ଉପରେ କେନ୍ଦ୍ର ସରକାର ଏକ ଶ୍ୱେତପତ୍ର ଆଣିବାକୁ ଯାଉଥିବାରୁ ଅଧିବେଶନକୁ ଗୋଟିଏ ଦିନ ବଢ଼ାଯାଇଛି। ଭୁଲ୍ ପରିଚାଳନା ପାଇଁ ଦେଶର ଅର୍ଥନୀତିରେ କିପରି ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା ତାହା ଉପରେ ଶ୍ୱେତପତ୍ରରେ ବିସ୍ତୃତ ବିବରଣୀ ରହିବ। ଏଥିସହିତ ସେହି ସମୟରେ ସରକାରଙ୍କ ସକାରାତ୍ମକ ପଦକ୍ଷେପର ପ୍ରଭାବ ସମ୍ପର୍କରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ଦିଲ୍ଲୀରୁ ଲସ୍କର ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ, ୬।୨:** ଅବସରପ୍ରାପ୍ତ ସେନା ଯବାନ ତଥା ଜମ୍ମୁ-କଶ୍ମୀରର କୁପୱାଡ଼ାରେ ସକ୍ରିୟ ଥିବା ଲସ୍କର-ଇ-ତୋଇବା ମଡ୍ୟୁଲ୍‌ର ସଦସ୍ୟ ରିୟାଜ ଅହମଦ ରାଠେରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପରିବହନକୁ ସୁଗମ କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିଲେ ବୋଲି ପୋଲିସ କହିଛି। କୁପୱାଡ଼ା ନିବାସୀ ରିୟାଜ ଗତ ରବିବାର ନୂଆଦିଲ୍ଲୀ ରେଳଷ୍ଟେଶନରୁ ଗିରଫ ହୋଇଥିଲେ। ଏଲ୍‌ଓସି ଅପରପାର୍ଶ୍ୱରୁ ଆତଙ୍କବାଦୀଙ୍କଠାରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଗ୍ରହଣ କରିବା ପାଇଁ ସେ ସହଯୋଗୀ ଖୁର୍ସିଦ ଅହମଦ ରାଠେର ଏବଂ ଗୁଲାମ ସରଓନବାର ରାଠେରଙ୍କ ସହ ଷଡ଼ଯନ୍ତ୍ର ଚଳାଇଥିଲେ। ଜମ୍ମୁ-କଶ୍ମୀର ତଦନ୍ତକାରୀ ସଂସ୍ଥାଠାରୁ ସୂଚନା ପାଇ ଦିଲ୍ଲୀ ପୋଲିସ ରିୟାଜଙ୍କୁ ଗିରଫ କରିଥିଲା। ନିକଟରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ସହ ରିୟାଜଙ୍କ ସମ୍ପୃକ୍ତି ନେଇ କଶ୍ମୀର ପୋଲିସ ତଦନ୍ତ ଚଳାଇଛି।

## କିଙ୍ଗ୍ ଚାର୍ଲ୍ସଙ୍କୁ କ୍ୟାନ୍‌ସର

ଲଣ୍ଡନ,୬।୨



ବ୍ରିଟିଶ ରାଜ ସିଂହାସନ ଆରୋହଣର ୧୮ ମାସ ନ ପୂରୁଣୁ ରାଜା ଚାର୍ଲ୍ସ କ୍ୟାନ୍‌ସରରେ ପୀଡ଼ିତ ଥିବା ବକିଂହାମ୍ ପ୍ୟାଲେସ୍ ପକ୍ଷରୁ ସୂଚନା ଦିଆଯାଇଛି। ଚିକିତ୍ସା ଚାଲିଥିବାରୁ ତାଙ୍କର ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ସ୍ଥଗିତ ରଖାଯାଇଛି। ଦେଶବାସୀ ୭୫ ବର୍ଷୀୟ ରାଜାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ରାଜପରିବାରଠାରୁ ଦୂରେଇ ଯାଇଥିବା ଚାର୍ଲ୍ସଙ୍କ ସାନପୁଅ ପ୍ରିନ୍ସ ହ୍ୟାରି ବ୍ରିଟେନ୍ ଫେରୁଥିବାବେଳେ ତାଙ୍କ ବଡ଼ଭାଇ ତଥା ରାଜସିଂହାସନର ଉତ୍ତରାଧିକାରୀ ପ୍ରିନ୍ସ ୱିଲିୟମ କେତେକ ରାଜକାର୍ଯ୍ୟ ସମ୍ଭାଳିବେ ବୋଲି ଆଶା କରାଯାଉଛି। କିଙ୍ଗ୍ ଚାର୍ଲ୍ସଙ୍କୁ କ୍ୟାନ୍‌ସର ଖବର ଶୁଣି ମର୍ମାହତ ଓ ଦୁଃଖିତ ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି। ତେବେ ରୋଗ ସଂକ୍ରମଣ ସଅଳ ଧରାପଡ଼ିଥିବାରୁ ସେ ଆଶ୍ୱସ୍ତ ହୋଇଛନ୍ତି। କିଙ୍ଗ୍ ଚାର୍ଲ୍ସଙ୍କ ପ୍ରୋଷ୍ଟେଟ୍ ବଢ଼ିଯାଇଥିବାରୁ ସେ ଏହାର ଚିକିତ୍ସା ପାଇଁ ଯାଇଥିବାବେଳେ କ୍ୟାନ୍‌ସର ହୋଇଥିବା ଜଣାପଡ଼ିଥିଲା। ସୂଚନାଯୋଗ୍ୟ, ଚାର୍ଲ୍ସ ପ୍ରିନ୍ସ ଅଫ୍ ୱେଲ୍‌ସ ଥିବାବେଳେ କ୍ୟାନ୍‌ସର ଦାତବ୍ୟ ଅନୁଷ୍ଠାନଗୁଡ଼ିକର ପୃଷ୍ଠପୋଷକ ଥିଲେ। ଏବେ ସେ ନିଜେ କ୍ୟାନ୍‌ସର ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଏହା ସର୍ବସାଧାରଣରେ ଜଣାଇବାକୁ ସେ ଚାହିଁଥିବା ପ୍ୟାଲେସ୍ ପକ୍ଷରୁ କୁହାଯାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶ୍ୱର ନେତାମାନେ କିଙ୍ଗ୍ ଚାର୍ଲ୍‌ସଙ୍କ ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି।

## ଏୟାରପୋର୍ଟ କର୍ମଚାରୀଙ୍କ ଉପରେ ବିମାନ ଚଢ଼ିଗଲା

**ହଂକଂ, ୬।୨:** ହଂକଂ ବିମାନବନ୍ଦରରେ ବିମାନରୁ ଧକ୍କା ଖାଇ ଜଣେ କ୍ଷେତ୍ର କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ବିମାନବନ୍ଦର ମଧ୍ୟରେ ଯାଉଥିବା ଏକ ଟ୍ରକ୍‌ର ଆଗ ସିଟ୍‌ରେ ସମ୍ପୃକ୍ତ ବ୍ୟକ୍ତି ଜଣକ ବସିଥିବାବେଳେ ସେ ଗାଡିରୁ ପଡ଼ିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ବିମାନ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ବିମାନବନ୍ଦରରେ ଥିବା ଜରୁରିକାଳୀନ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲ ନେବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ଜଣଙ୍କ ଜୋର୍ଡାନର ମୂଳ ନିବାସୀ ହୋଇଥିବା ବେଳେ ସେ ହଂକଂର ଏହି ବିମାନବନ୍ଦରରେ କାର୍ଯ୍ୟ କରୁଥିଲେ।

## ମନ୍ତ୍ରୀଙ୍କ ବିରୋଧରେ ଡିଏମ୍‌କେ ନେତାଙ୍କ ବିବାଦୀୟ ମନ୍ତବ୍ୟ

### ଲୋକ ସଭାରେ ହଙ୍ଗାମା

ନୂଆଦିଲ୍ଲୀ,୬।୨(ପି.ଟି.)

ଲୋକ ସଭାରେ କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନଙ୍କ ବିରୋଧରେ ଡିଏମ୍‌କେ ସଦସ୍ୟ ଟି.ଆର୍. ବାଲୁ ମଙ୍ଗଳବାର ବିବାଦୀୟ ମନ୍ତବ୍ୟ ଦେବାରୁ ଏହାକୁ ନେଇ ଗୃହରେ ପ୍ରବଳ ହଙ୍ଗାମା ହୋଇଥିଲା। ଦଳିତଙ୍କୁ ଅପମାନିତ କରିଥିବାରୁ ବାଲୁ କ୍ଷମା ମାଗନ୍ତୁ ବୋଲି ଶାସକ ଭାଜପା ଏମ୍‌ପିମାନେ ଦାବି କରିଥିଲେ। ବାଚସ୍ପତି ଓମ୍ ବିର୍ଲା ବାଲୁଙ୍କ ମନ୍ତବ୍ୟକୁ ରେକର୍ଡରୁ ବାଦ୍ ଦେବା ପରେ ଡିଏମ୍‌କେ ସମେତ କଂଗ୍ରେସ ଏବଂ ବାମଦଳ ଏମ୍‌ପିମାନେ କକ୍ଷତ୍ୟାଗ କରିଥିଲେ। ପ୍ରଶ୍ନୋତ୍ତର କାଳରେ ତାମିଲନାଡୁକୁ ବନ୍ୟା ରିଲିଫ ସମ୍ପର୍କିତ ଏକ ପ୍ରଶ୍ନ ଉପରେ ଆଲୋଚନା ଚାଲିଥିବାବେଳେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ପ୍ରଶ୍ନ ଉପରେ ଉତ୍ତର ରଖୁଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ରାଷ୍ଟ୍ରମନ୍ତ୍ରୀ ମୁରୁଗାନ୍ ବାଲୁଙ୍କ ଏକ ଅତିରିକ୍ତ ପ୍ରଶ୍ନକୁ ଅପ୍ରାସଙ୍ଗିକ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବାଲୁ ମନ୍ତ୍ରୀଙ୍କୁ ଅଯୋଗ୍ୟ କହିବାରୁ ଉତ୍ତେଜନା ଦେଖାଦେଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ, ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଅନ୍ୟ ମନ୍ତ୍ରୀ ଏବଂ ଭାଜପା ବିଧାୟକମାନେ ବାଲୁଙ୍କ ମନ୍ତବ୍ୟର ପ୍ରତିବାଦ ଜଣାଇବା ସହ କ୍ଷମା ମାଗିବାକୁ ଦାବି କରିଥିଲେ।

## ନିଯୁକ୍ତି ପରୀକ୍ଷା ଜାଲିଆତି ରୋକିବା ପାଇଁ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୬।୨(ପି.ଟି.)

ସରକାରୀ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ଜାଲ୍ ୱେବ୍‌ସାଇଟ୍ ଭଳି ଅସାଧୁ କାର୍ଯ୍ୟ ରୋକିବା ପାଇଁ କେନ୍ଦ୍ର ସରକାର ଆଣିଥିବା ବିଲ୍ ମଙ୍ଗଳବାର ଲୋକ ସଭାରେ ଗୃହୀତ ହୋଇଛି। ପରୀକ୍ଷା ପରିଚାଳନାରେ ଅସାଧୁ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ ସଂସ୍ଥା ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା ବିଲ୍‌ରେ ରହିଛି। ସରକାରୀ ପରୀକ୍ଷା (ଅସାଧୁ ଉପାୟର ପ୍ରତିକାର) ବିଲ୍, ୨୦୨୪ ଉପରେ ଆଲୋଚନାରେ ଭାଗନେଇ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ମେଧାବୀ ଛାତ୍ରୀଛାତ୍ର ଓ ପ୍ରାର୍ଥୀମାନଙ୍କ ସ୍ୱାର୍ଥର ସୁରକ୍ଷା ଉକ୍ତ ବିଲ୍‌ର ଉଦ୍ଦେଶ୍ୟ। ସଂଗଠିତ ଅପରାଧ ପାଇଁ ମେଧାବୀ ପ୍ରାର୍ଥୀ କ୍ଷତିଗ୍ରସ୍ତ ହେବାକୁ ଦିଆଯିବ ନାହିଁ। ଛାତ୍ରୀଛାତ୍ର ଓ ପ୍ରାର୍ଥୀମାନଙ୍କୁ ବିଲ୍ ପରିସରରେ ରଖାଯାଇ ନାହିଁ। ତେଣୁ ନିଯୁକ୍ତି ଆଶାୟୀମାନେ କୌଣସି ପ୍ରକାରେ କ୍ଷତିଗ୍ରସ୍ତ ହେବେନାହିଁ ବୋଲି ଜିତେନ୍ଦ୍ର କହିଥିଲେ। ବିଲ୍ ଉପରେ କେତେକ ସଂଶୋଧନ ଆଣିବାକୁ ବିରୋଧୀ ଦଳ ପ୍ରସ୍ତାବ ଦେଇଥିବାବେଳେ ତାହା ଖାରଜ ହୋଇଯାଇଥିଲା। ରାଜସ୍ଥାନରେ ଶିକ୍ଷକ ନିଯୁକ୍ତି ପରୀକ୍ଷା ସମେତ ଅନେକ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌କୁ ନେଇ ତାହା ବାତିଲ ହୋଇଥିଲା। ଏଭଳି ଏକାଧିକ ପରୀକ୍ଷା ବାତିଲ ଯୋଗୁ ନିଯୁକ୍ତି ଆଶାୟୀମାନେ ନିରାଶ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ପରୀକ୍ଷାରେ ଜାଲିଆତି ରୋକିବା ପାଇଁ କଠୋର ବିଲ୍ ଆଣିଛନ୍ତି।

## ୟୁସିସି ବିଲ୍ ଉତ୍ତରାଖଣ୍ଡ ବିଧାନସଭାରେ ଆଗତ

### ଲିଭ୍-ଇନ୍ ରିଲେଶନରେ ପଞ୍ଜୀକରଣ ବାଧ୍ୟତାମୂଳକ

ଡେରାଡୁନ୍,୬।୨(ପି.ଟି.)

ଉତ୍ତରାଖଣ୍ଡ ସରକାର ମଙ୍ଗଳବାର ରାଜ୍ୟ ବିଧାନସଭାରେ ସମାନ ନାଗରିକ ସଂହିତା (ୟୁସିସି) ବିଲ୍ ଆଗତ କରିଛନ୍ତି। ସ୍ୱାଧୀନତା ପରେ ଏଭଳି ବିଲ୍ ଆଣିବାରେ ଉତ୍ତରାଖଣ୍ଡ ପ୍ରଥମ ରାଜ୍ୟ। ଆଦିବାସୀମାନଙ୍କୁ ପ୍ରସ୍ତାବିତ ଆଇନରୁ ବାଦ୍ ଦିଆଯାଇଛି।

ଚିଠା ଆଇନରେ ବହୁପତ୍ନୀ ଗ୍ରହଣକୁ ନିଷେଧ କରାଯିବା ସହ ଲିଭ୍-ଇନ୍ ରିଲେଶନରେ ରହିଲେ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। ଏଭଳି ସମ୍ପର୍କରୁ ଜନ୍ମିତ ସନ୍ତାନଙ୍କୁ ବୈଧ ବିବେଚନା କରାଯିବ ଏବଂ ଛାଡ଼ପତ୍ର କ୍ଷେତ୍ରରେ ମହିଳାଙ୍କୁ ତାଙ୍କ ପୁରୁଷ ସାଥୀ କ୍ଷତିପୂରଣ ଦେବେ। ପ୍ରସ୍ତାବିତ ଆଇନରେ ଝିଅମାନଙ୍କ ବିବାହ ବୟସ ୧୮ ଏବଂ ପୁଅଙ୍କ ପାଇଁ ୨୧ ବର୍ଷ ରହିବ। ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ହେବ। ଛାଡ଼ପତ୍ର ପାଇଁ ଉଭୟ ସ୍ୱାମୀ ଏବଂ ସ୍ତ୍ରୀଙ୍କୁ ସମାନ କାରଣ ଦର୍ଶାଇବାକୁ ହେବ। ଜଣେ ସ୍ତ୍ରୀ ବଞ୍ଚିଥିବା ଯାଏ ଦ୍ୱିତୀୟ ବିବାହ କରାଯାଇପାରିବ ନାହିଁ। ପୁଅଙ୍କ ଭଳି ଝିଅମାନଙ୍କୁ ସମ୍ପତ୍ତି ଉପରେ ସମାନ ଅଧିକାର ମିଳିବ।

ଲୋକ ସଭା ନିର୍ବାଚନ ପୂର୍ବରୁ ଉତ୍ତରାଖଣ୍ଡ ସରକାର ୟୁସିସି ବିଲ୍ ଆଣିବା ଗୁରୁତ୍ୱପୂର୍ଣ୍ଣ। ବିବାହ, ଛାଡ଼ପତ୍ର, ଜମିଜମା, ସମ୍ପତ୍ତି ଏବଂ ଉତ୍ତରାଧିକାରକୁ ନେଇ ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ ଆଣିବା ଭାଜପା କାର୍ଯ୍ୟସୂଚୀର ଅନ୍ୟତମ ମୁଖ୍ୟ ପ୍ରସଙ୍ଗ ଥିଲା। ଅନ୍ୟ ଭାଜପା ଶାସିତ ରାଜ୍ୟ ଅନୁରୂପ ଆଇନ ଆଣିପାରନ୍ତି ବୋଲି କୁହାଯାଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ବିଲ୍ ଆଗତ କରିବା ବେଳେ ଟ୍ରେଜେରି ବେଞ୍ଚ୍ ଡେସ୍କ ବାଡ଼େଇ ଓ ବିଭିନ୍ନ ସ୍ଲୋଗାନ ଦେଇ ଏହାକୁ ସ୍ୱାଗତ କରିଥିଲା। ବିପକ୍ଷ ସଦସ୍ୟମାନେ ଏହାକୁ ଭଲଭାବେ ଅନୁଧ୍ୟାନ ପାଇଁ ଅଧିକ ସମୟ ମାଗିବାରୁ ବାଚସ୍ପତି ରିତୁ ଖଣ୍ଡୁରୀ ସେମାନଙ୍କୁ ଏଥିପାଇଁ ସୁଯୋଗ ଦେଇଥିଲେ। ବିଲ୍‌କୁ ବିଧାନସଭା ଚୟନ କମିଟିକୁ ପଠାଇବା ପାଇଁ ବିରୋଧୀ ଦଳ ନେତା ଯଶପାଲ ଆର୍ଯ୍ୟ ପ୍ରସ୍ତାବ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ବିଲ୍ ଉପସ୍ଥାପନ ପାଇଁ ଯାଉଛନ୍ତି।




# ଓଡ଼ିଶାର ଏସ୍‌ସି, ଏସ୍‌ଟି ତାଲିକାରେ ସଂଶୋଧନ ହେବ

## ରାଜ୍ୟ ସଭାରେ ବିଲ୍ ଗୃହୀତ

ନୂଆଦିଲ୍ଲୀ,୬।୨(ପି.ଟି.)

ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ତାଲିକାରେ ସଂଶୋଧନ ପାଇଁ ୨ଟି ବିଲ୍ ରାଜ୍ୟ ସଭାରେ ମଙ୍ଗଳବାର ଗୃହୀତ ହୋଇଛି। ସମ୍ବିଧାନ (ଅନୁସୂଚିତ ଜନଜାତି) ଅର୍ଡର(ସଂଶୋଧନ)ବିଲ୍, ୨୦୨୪ ଏବଂ ସମ୍ବିଧାନ (ଅନୁସୂଚିତ ଜାତି ଓ ଜନଜାତି) ଅର୍ଡର(ସଂଶୋଧନ) ବିଲ୍, ୨୦୨୪ ଧ୍ୱନିମତରେ ଗୃହୀତ ହୋଇଥିଲା। ପ୍ରଥମ ବିଲ୍ ଆନ୍ଧ୍ରପ୍ରଦେଶର ଅନୁସୂଚିତ ଜନଜାତି ତାଲିକାରେ ସଂଶୋଧନ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଦ୍ୱିତୀୟ ବିଲ୍‌ଟି ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତି ତାଲିକାରେ ସଂଶୋଧନ ପାଇଁ ରହିଛି। ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଉଭୟ ବିଲ୍‌କୁ ଉଚ୍ଚ ସଦନରେ ଆଗତ କରିଥିଲେ। ବିଲ୍ ଗୃହୀତ ହେଲେ ଓଡ଼ିଶାର ୪ଟି ଏବଂ ଆନ୍ଧ୍ରପ୍ରଦେଶର ୩ଟି ଗୋଷ୍ଠୀ ଏସ୍‌ଟି ତାଲିକାରେ ସାମିଲ ହେବେ। ଉକ୍ତ ଗୋଷ୍ଠୀଗୁଡ଼ିକ ପୁରାତନ ଦୁର୍ବଳ ଜନଜାତି ସମୂହ (ପିଭିଟିଜି)ରେ ରହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ଉକ୍ତ ଜନଜାତିଙ୍କୁ ଅନୁସୂଚିତ ତାଲିକାରେ ସାମିଲ କରାଯାଉଛି। ୧୦ଟି ପିଭିଟିଜି ଏସ୍‌ଟି ତାଲିକାରେ ସାମିଲ ହୋଇ ନ ଥିବାରୁ ସେମାନେ ସର୍ବମୂଳକ ଅଧିକାରରୁ ବଞ୍ଚିତ ହେବା ସହ ଅନ୍ୟାୟର ସମ୍ମୁଖୀନ ହୋଇଥିବା ମୁଣ୍ଡା କହିଛନ୍ତି। ଦୁର୍ବଳ ଆଦିବାସୀ ସମୂହଙ୍କ ସାମାଜିକ-ଅର୍ଥନୈତିକ ବିକାଶ ଲାଗି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ୍-ଜନମନ) ଆରମ୍ଭ କରିଥିବା ମନ୍ତ୍ରୀ କହିଥିଲେ।

ଦୁଇ ରାଜ୍ୟର ୭ଟି ଗୋଷ୍ଠୀ ଏସ୍‌ସି/ଏସ୍‌ଟି ତାଲିକାରୁ ବାଦ୍ ପଡ଼ିବା ଏକ ଐତିହାସିକ ଅସଙ୍ଗତି। ୨ ବିଲ୍ ଜରିଆରେ ତାହାର ସଂଶୋଧନ ହେବାକୁ ଯାଉଛି ବୋଲି ଆଲୋଚନାରେ ଭାଗନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଏହା ଓଡ଼ିଶାର ୪ଟି ପୁରାତନ ଜନଜାତିର ସାମାଜିକ-ଅର୍ଥନୀତି ଏବଂ ମନସ୍ତତ୍ତ୍ୱ ଉପରେ ଯଥେଷ୍ଟ ପ୍ରଭାବ ପକାଇବ ବୋଲି ବୋଲି ସେ କହିଛନ୍ତି।




# ସିବିଏସ୍‌ଇ ଦଶମ, ଦ୍ୱାଦଶ ଆଡ୍‌ମିଟ କାର୍ଡ ଜାରି

ଭୁବନେଶ୍ୱର, ୬।୨(ଅସମାପିକା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ସିବିଏସ୍‌ଇ ଅଫିସିଆଲ ୱେବ୍‌ସାଇଟ cbse.gov.inରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ କରାଯାଇଛି। ସ୍କୁଲଗୁଡିକ ଏହି ପୋର୍ଟାଲରେ ଲଗ୍ ଇନ୍ କରି ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ସିବିଏସ୍‌ଇ ବୋର୍ଡର ସମସ୍ତ ଛାତ୍ରୀଛାତ୍ରଙ୍କୁ ନିଜ ସ୍କୁଲରୁ ଆଡ୍‌ମିଟ୍ କାର୍ଡ ନେବାକୁ ପଡ଼ିବ। ଦିନେ ଦୁଇଦିନ ମଧ୍ୟରେ ସ୍କୁଲଗୁଡ଼ିକ ଆଡ୍‌ମିଟ୍ କାର୍ଡ ବଣ୍ଟନ ପ୍ରକ୍ରିୟା ଆରମ୍ଭ କରିବେ। ଉକ୍ତ ଆଡମିଟ୍ କାର୍ଡରେ ଆବଶ୍ୟକ ନିର୍ଦ୍ଦେଶନାମା ରହିଛି, ଯାହା ସିବିଏସ୍‌ଇ ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଜରୁରୀ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ସିବିଏସ୍‌ଇ ଦଶମ ପରୀକ୍ଷା ମାର୍ଚ୍ଚ ୧୩ରେ ଓ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୨ରେ ଶେଷ ହେବ।

# ୩୭ତମ ସ୍ଥାନରେ ଆଇଆଇଏମ୍ ସମ୍ବଲପୁର

## ଆଇଆଇଆର୍‌ଏଫ୍ ବିଜ୍‌ନେସ୍ ସ୍କୁଲ ର୍‌ୟାଙ୍କିଙ୍ଗ୍

### ବେସରକାରୀ ବର୍ଗରେ ଶ୍ରେଷ୍ଠ ୬ତମ ସ୍ଥାନରେ ଏକ୍ସଆଇଏମ୍‌ବି ଭୁବନେଶ୍ୱର

ଭୁବନେଶ୍ୱର, ୬।୨(ଅସମାପିକା ସାହୁ)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଶନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ(ଆଇଆଇଆର୍‌ଏଫ୍) ବିଜିନେସ୍ ସ୍କୁଲ ର୍‌ୟାଙ୍କିଙ୍ଗ ୨୦୨୪ ପ୍ରକାଶ ପାଇଛି। ଏଥିରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ(ଆଇଆଇଏମ୍) ଅହମ୍ମଦାବାଦ ଶୀର୍ଷରେ ଥିବାବେଳେ ଓଡ଼ିଶାର ଆଇଆଇଏମ୍ ୩୭ତମ ର୍‌ୟାଙ୍କରେ ରହିଛି। ୭ଟି ମାନଦଣ୍ଡକୁ ବିଚାରକୁ ନେଇ ଏହି ର୍‌ୟାଙ୍କିଙ୍ଗ ପ୍ରଦାନ କରାଯାଇଛି। ଉଭୟ ସରକାରୀ ଏବଂ ବେସରକାରୀ ବର୍ଗର ଶ୍ରେଷ୍ଠ ୫୦ କଲେଜର ର୍‌ୟାଙ୍କିଙ୍ଗ ପ୍ରକାଶ ପାଇଥିବାବେଳେ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧୀନରେ ଥିବା ଶ୍ରେଷ୍ଠ ୫୦ ବିଜିନେସ୍ କଲେଜ, ଶ୍ରେଷ୍ଠ ୫୦ ବିଜିନେସ୍ ସ୍କୁଲ ଫର ରିସର୍ଚ୍ଚ, ଶ୍ରେଷ୍ଠ ୫୦ ସ୍କୁଲ ଅଫ୍ ଏମିନେନ୍ସ ଫର୍ ଏମ୍ପ୍ଲଏବିଲିଟି ଏବଂ ଶ୍ରେଷ୍ଠ ୨୦ ଏମର୍ଜିଙ୍ଗ ବିଜିନେସ ସ୍କୁଲ ତାଲିକା ପ୍ରକାଶ ପାଇଛି। ଓଭର ଅଲ୍ ସରକାରୀ କଲେଜ ବର୍ଗରେ ଆଇଆଇଏମ୍ ଅହମ୍ମଦାବାଦ ଶୀର୍ଷରେ ଥିବାବେଳେ ଶ୍ରେଷ୍ଠ ୧୦ରେ ଓଡ଼ିଶାର କୌଣସି କଲେଜ ସ୍ଥାନ ପାଇନାହିଁ। ସେପଟେ ବେସରକାରୀ ବର୍ଗରେ ଜାଭିଅର ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ(ଏକ୍ସଆଇଏମ୍‌ବି) ଭୁବନେଶ୍ୱର ଶ୍ରେଷ୍ଠ ୬ରେ ସ୍ଥାନରେ ରହିଥିବା ସୂଚନା ମିଳିଛି।




# ଯୁକ୍ତ୨ ପରୀକ୍ଷା: ଗୋପନୀୟତା ପାଇଁ ନିର୍ଦ୍ଦେଶାବଳୀ ଜାରି

ଭୁବନେଶ୍ୱର, ୬।୨ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଥିଓରି ପରୀକ୍ଷା ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ତେବେ ପରୀକ୍ଷାରେ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଛି। ସମସ୍ତ ଗୋପନୀୟତା ବଜାୟ ରଖିବା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କୁ ପରିଷଦ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ନିର୍ଦ୍ଦେଶାବଳୀ ଅନୁଯାୟୀ, ପରୀକ୍ଷା ପରିଚାଳନା ପାଇଁ ନିଯୁକ୍ତ ନିରୀକ୍ଷକ ବା ନିଯୁକ୍ତ ହେବାକୁ ଥିବା ନିରୀକ୍ଷକଙ୍କ ନାମ ଗୋପନ ରଖାଯିବ। ସେହିପରି ପରୀକ୍ଷାର୍ଥୀଙ୍କ ବସିବା ବ୍ୟବସ୍ଥା ଓ କପିକରି ଧରା ପଡ଼ିଲେ ତାଙ୍କ ନାମ ସାର୍ବଜନୀନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧୀକ୍ଷକଙ୍କ ବିନା ଅନୁମତିରେ ପରୀକ୍ଷା ସମୟର ଅଧ ଘଣ୍ଟା ପୂର୍ବରୁ ଓ ପରେ କେନ୍ଦ୍ର ପରିସରକୁ ସମସ୍ତଙ୍କୁ ବାରଣ କରାଯାଇଛି। ପରିଚାଳନା ପାଇଁ ଜଣେ ଅଧୀକ୍ଷକଙ୍କ ସହିତ ପ୍ରତି ୫ଶହ ପରୀକ୍ଷାର୍ଥୀରେ ଜଣେ ଲେଖାଏ ଉପ ଅଧୀକ୍ଷକ ରହିବେ। ପ୍ରତି ୨୦ ପରୀକ୍ଷାର୍ଥୀଙ୍କ ପାଇଁ ଜଣେ ନିରୀକ୍ଷକ ଓ ପ୍ରତି ୧୨୦ ପରୀକ୍ଷାର୍ଥୀ ପାଇଁ ଜଣେ ରିଲିଭର ରହିବେ। ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା ଅଧୀକ୍ଷକ ଏହି ସମସ୍ତଙ୍କୁ ନିଯୁକ୍ତି ଦେବେ। ପରୀକ୍ଷାର୍ଥୀଙ୍କ ବସିବା ବ୍ୟବସ୍ଥା ପାଇଁ ଏକ ନମୂନା ମଧ୍ୟ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି।

# ବିମାନବନ୍ଦରରେ ଲିଙ୍କ୍ ବିଲ୍ଡିଙ୍ଗ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୨ (ଅସମାପିକା ସାହୁ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲିଙ୍କ୍ ବିଲ୍ଡିଙ୍ଗ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଫଳରେ ଟର୍ମିନାଲ-୧ ସହ ଟର୍ମିନାଲ- ୨ ଯୋଡ଼ିହୋଇଛି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଭି. କେ. ସିଂହ ଭିଡିଓ କନଫରେନ୍ସିଂ ଜରିଆରେ ଏହାର ଉଦ୍‌ଘାଟନ କରିଛନ୍ତି। ୩,୩୬୦ ବର୍ଗମିଟର ଅଞ୍ଚଳ ପରିମିତ ନୂଆ ଲିଙ୍କ୍ ବିଲ୍ଡିଙ୍ଗଟି ସ୍ୱତନ୍ତ୍ର ଭାବେ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଆଗମନ ପାଇଁ ବ୍ୟବହାର ହେବ। ଏଥିରେ ଦୁଇଟି କନ୍‌ଭେୟର ବେଲ୍ଟ, ୩ଟି ଏସ୍‌କାଲେଟର, ୩ଟି ଲିଫ୍ଟ ରହିଛି। ଏଥିସହିତ ଏଠାରେ ୧୨ଟି ଇମିଗ୍ରେସନ କାଉଣ୍ଟର ରହିଛି। ନୂଆ ଲିଙ୍କ୍ ବିଲ୍ଡିଙ୍ଗ ଯୋଗୁ ଭୁବନେଶ୍ୱର ବିମାନବନ୍ଦରର ଯାତ୍ରୀ ପରିବହନ କ୍ଷମତା ପୂର୍ବର ୪.୧୫ ନିୟୁତରୁ ବଢ଼ି ୪.୬୫ ନିୟୁତରେ ପହଞ୍ଚିଥିବା ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ୟାଇଆର୍‌ସି ଭଲ୍ୟୁଣ୍ଟିୟର୍ସ ଟ୍ରେନିଂ କ୍ୟାମ୍ପ, ନୀଳାଚଳ ପଲିଟେକ୍ନିକ୍ ପଥରଗାଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ଦୈନିକ ଓଡ଼ିଆ ଖବର ରାଜଧାନୀ ନ୍ୟୁଜ୍‌ର ବାର୍ଷିକୋତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଇଞ୍ଜିନିୟରିଂ ୱାର୍କଚାର୍ଜଡ୍/ରେଗୁଲାର କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ରାଲି, ମାଷ୍ଟରକ୍ୟାଣ୍ଟିନ, ପୂର୍ବାହ୍ନ ୧୧ଟା।
- ଭାରତ ରଙ୍ଗ ମହୋତ୍ସବ, ସଂସ୍କୃତି ଭବନ, ବିଜେବି ନଗର, ପୂର୍ବାହ୍ନ ୧୧ଟା ୩୦।
- ପୁରୁଣା ଚମ୍ପାରନ୍ ମିଟ୍ ହାଉସ୍ ଏବଂ ଅହୁନା ମଟନ ହାଉସ୍‌ର ଉଦ୍‌ଘାଟନୀ ସମାରୋହ, ଏନ୍‌ବିସି ଏସିଆ ପ୍ରାଇଭେଟ ଲିମିଟେଡ୍ କ୍ୟାଣ୍ଟିନ, ରସୁଲଗଡ଼, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା କୃଷକ ସାଥି ସଂଘ ପକ୍ଷରୁ ଶୋଭାଯାତ୍ରା, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା ୪୦।
- ଘରୋଇ ହୋମିଓପାଥିକ୍ ଚିକିତ୍ସକ ଆସୋସିଏଶନ ପକ୍ଷରୁ ଦାବିପତ୍ର, ଲୋୟର ପିଏମ୍‌ଜି, ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ରାଲି, କଂଗ୍ରେସ ଭବନ, ମଧ୍ୟାହ୍ନ ୧୨ଟା ୩୦।
- ଏକାମ୍ର ଉତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା।
- କଲେଜ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍, ଓୟୁଏଟିର ୫୮ତମ ବାର୍ଷିକୋତ୍ସବ, କଲେଜ ପରିସର, ଅପରାହ୍ନ ୪ଟା।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟପ୍ରହରନାମ ସଂକୀର୍ତ୍ତନ, ବରିମୁଣ୍ଡ ଲକ୍ଷେଶ୍ୱର ମହାଦେବପୀଠ, ସକାଳ ୭ଟା।
- ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ରଘୁନାଥପୁର, ତିଅରସାହି, ସକାଳ ୭ଟା।
- ପଞ୍ଚାୟତ କପ-୨୦୨୪, ପିଣ୍ଡିକ ଖେଳପଡ଼ିଆ, ଦାରୁଠେଙ୍ଗ, ପୂର୍ବାହ୍ନ ୧୦ଟା।
- ୨୮ ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ ପରିସର, ରାତି ୭ଟା।
- ମହିଳା ହକି ପ୍ରୋ-ଲିଗ୍ (ଆଜିର ମ୍ୟାଚ)

ଚାଇନା ବନାମ ଆମେରିକା
ସମୟ: ଅପରାହ୍ନ ୫ଟା ୩୦
ଭାରତ ବନାମ ଅଷ୍ଟ୍ରେଲିଆ
ସମୟ: ସନ୍ଧ୍ୟା ୭ଟା ୩୦
ସ୍ଥାନ: ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ

## ପୁରୀ

- କିଶୋରୀଙ୍କ ଆତ୍ମସୁରକ୍ଷା କୌଶଳର ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ମିଟେଇପୁର ପଞ୍ଚାୟତ, ଚାଉଳବସ୍ତ ଖେଳପଡ଼ିଆ, ଡେଣୁଆ ପଞ୍ଚାୟତ, ଡେଣୁଆ ହାଇସ୍କୁଲ ପଡ଼ିଆ, ରଚିଲୋ ପଞ୍ଚାୟତ, କ୍ଷେତ୍ରପାଳି ଠାକୁରାଣୀ ପଡ଼ିଆ, ପୂର୍ବାହ୍ନ ୧୦ଟା।

## କଟକ

- ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଚରଣ ସିଂହଙ୍କ ଶପଥ ଗ୍ରହଣ ଉତ୍ସବ, ପୁରୁଣା ବିଲ୍ଡିଂର ପୂର୍ବପାର୍ଶ୍ୱ ଲନ୍, ପୂର୍ବାହ୍ନ ୧୦ଟା।
- କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତରେ ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ସୋମପୁର ପଞ୍ଚାୟତରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ, ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୦ଟା ୩୦।
- ବୋଧପୁର ପଞ୍ଚାୟତରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ, ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ମା'ତାରିଣୀଙ୍କ ପୀଠରେ ୧୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ଖୋର୍ଦ୍ଧା-ନୟାଗଡ଼ ରୋଡ୍, ସକାଳ ୮ଟା।
- ମା'ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ, ଦେଉଳଟାଙ୍ଗୀ, ପୂର୍ବାହ୍ନ ୧୦ଟା।
- ସଞ୍ଜୀବ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଘୋଡ଼ାଶାଳ ପଡିଆ ଲେଣ୍ଡୋ, ପୂର୍ବାହ୍ନ ୧୦ଟା।
- ସଂପୁର ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ବାଲେଶ୍ୱର ଏଚ୍‌ଆର୍‌ଡ଼ିସି ଆଣ୍ଡ ସ୍ପୋର୍ଟ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ୟା ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ, ସ୍ଥାନ: ବାଲେଶ୍ୱର ବାଲିଘାଟ, ସମୟ: ପୂର୍ବାହ୍ନ ୧୧ଟା।
- ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚର ଜିଲାସ୍ତରୀୟ ବୈଠକ, ବାଲେଶ୍ୱର ନୃତ୍ୟସଙ୍ଗୀତ କଳାମନ୍ଦିର ପରିସର, ପୂର୍ବାହ୍ନ ୧୧ଟା।
- ବଗଳାମୁଖୀ ମହାଯଜ୍ଞର ଦ୍ୱିତୀୟ ଦିବସ, ଶ୍ରୀ ଶ୍ରୀ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠ, କୁରୁଡ଼ା, ସମୟ: ଦିବସବ୍ୟାପୀ।
- ବୀଣାପାଣି ଶିଶୁ ମନ୍ଦିରର ୧୧ତମ ବାର୍ଷିକୋତ୍ସବ, ବୀଣାପାଣି ବିହାର, ରୂପ୍‌ସା, ଅପରାହ୍ନ ୨ଟା ୪୫।
- ଫ୍ରେଣ୍ଡସ ଫିସାରୀର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ କଲ୍ୟାଣ ମଣ୍ଡପ, ରୂପ୍‌ସା, ସନ୍ଧ୍ୟା ୬ ଟା।
- ରାଇବଣିଆ ଲୋକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ରାଇବଣିଆ ମହୋତ୍ସବ ପଡ଼ିଆ, ଜଳେଶ୍ୱର, ସମୟ: ଅପରାହ୍ନ ୪ଟା।
- ପତିରାଜପୁର ଖେଳ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ: ପତିରାଜପୁର କଲ୍ୟାଣ ମଣ୍ଡପ, ଖଇରା, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର, ମା' ହିଙ୍ଗୁଳା ପୀଠ, କଉଡ଼ିଖଣି, ସୁହାଗପୁର, ବଡ଼ସାହି, ପୂର୍ବାହ୍ନ ୧୦ଟା।
- ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (କେଜିବିଭି)ର ବାର୍ଷିକୋତ୍ସବ 'ମହକ-୨୦୨୪, ସମୟ- ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ନବରାତ୍ର ନାମଯଜ୍ଞ ସଂକୀର୍ତ୍ତନ, ଇଶାଣଶୁଣୀ ମନ୍ଦିର ପରିସର, ବାସୁଦେବପୁର, ସକାଳ ୬।
- ଧାମନଗର ସରକାରୀ ହାଇସ୍କୁଲର ବାର୍ଷିକୋତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଭିକାରୀ ଚରଣ ନୋଡାଲ ୟୁପିଏମ୍‌ଇ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଚକ୍ରଧରପୁର, ବାସୁଦେବପୁର, ପୂର୍ବାହ୍ନ ୧୧।

## କେନ୍ଦୁଝର

- ଡିଏନ୍ ହାଇସ୍କୁଲର ୮୭ତମ ବାର୍ଷିକୋତ୍ସବ, ସ୍ଥାନ: ହାଇସ୍କୁଲ ଅଡିଟୋରିଅମ, କେନ୍ଦୁଝର, ସମୟ: ଅପରାହ୍ନ ୨ଟା ୩୦।

## ରାୟଗଡ଼ା

- ସଶକ୍ତ ଓଡିଶା ସାଥି ଶିବିର, ସ୍ଥାନ: ଗୁଡ଼ାରି ନୂଆ ବସ୍‌ଷ୍ଟାଣ୍ଡ, ସକାଳ-୧୦ଟା

## ନବରଙ୍ଗପୁର

- ଜିଲାସ୍ତରୀୟ ଟେବୁ ଟପ ଓ ମକ ଡ୍ରିଲ, ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ପୂର୍ବାହ୍ନ-୧୦ଟା ୩୦

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସକାଳ୯ଟା।
- ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, କୁମ୍ଭାରପଡାସ୍ଥିତ କ୍ଲବ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା
- ଆଶ୍ରମ ବିଦ୍ୟାଳୟ ସଂଘ ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଓରମାସ୍ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ, ବଲାଙ୍ଗୀର କୋଶଳ କଳା ମଣ୍ଡଳ ପଡିଆ, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ ମ୍ୟାଚ, ବୀରମହାରାଜପୁର ବନାମ ବଲାଙ୍ଗୀର ୟୁଥ କ୍ଲବ, ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ଅପରାହ୍ନ ୩ଟା।
- ନବାହ୍ନ ପାରାୟଣ ଉଦ୍‌ଯାପନୀ, ଦେଓଗାଁ ଡାକ ବଙ୍ଗଳା ପରିସର, ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଦେଓଗାଁ ବ୍ଲକ ଧଣ୍ଡାମାଲ ଓ ବ୍ରାହ୍ମଣୀଯୋର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ଲୋଇସିଂହା ବ୍ଲକ ବୁର୍ଡା ଓ ବାଦିମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- କେନ୍ଦୁପତ୍ର କର୍ମଚାରୀ ସଂଘର ବ୍ଲକସ୍ତରୀୟ ସମାବେଶ, ଖପ୍ରାଖୋଲ, ପୂର୍ବାହ୍ନ ୧୧ଟା।

## ରାଉରକେଲା

- ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟଯାତ୍ରା, ଉଦିତନଗର, ପୂର୍ବାହ୍ନ ୧୦ଟା।
- କୃଷି ଅଧିକାରୀ ଓ କର୍ମଚାରୀଙ୍କ କୃଷି ଯୋଜନା ସମୀକ୍ଷା, ପାନପୋଷ ଛକ, ପୂର୍ବାହ୍ନ ୧୧ଟା।
- ଉତ୍କଳମଣି ହୋମିଓପାଥି କଲେଜର ୪୮ତମ ପ୍ରତିଷ୍ଠା ଦିବସ, ନୟାବଜାର, ପୂର୍ବାହ୍ନ ୧୦ଟା ୩୦।
- ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ, ଦୁର୍ଗାପୁର ହିଲଟପ୍ ବସ୍ତି, ସକାଳ ୭ଟା ୩୦।
- ରେଳ ମରାମତି କାର୍ଯ୍ୟ, ରାଉରକେଲା ରେଳପଥ, ପୂର୍ବାହ୍ନ ୧୦ଟା।
- ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ, ଇସ୍ପାତ ଷ୍ଟାଡିୟମ, ସକାଳ ୯ଟା।

## ସୁନ୍ଦରଗଡ଼

- ବଡ଼ଗାଁ ବସ୍‌ଷ୍ଟାଣ୍ଡରେ ରାହୁଲ ଗାନ୍ଧୀଙ୍କ ପଥପ୍ରାନ୍ତ ସଭା, ବଡ଼ଗାଁ, ଅପରାହ୍ନ ୨ଟା।
- ବଡ଼ଗାଁ ବ୍ଲକ ଭୋଇପାଲି ପଞ୍ଚାୟତ ଫିଲ୍ଡରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଭୋଇପାଲି, ପୂର୍ବାହ୍ନ ୧୦ଟା।
- ବଡ଼ଗାଁର ଚଳନାମୁଣ୍ଡାପଡାରେ ଖଡ଼ିଆ ସମାଜର ବୈଠକ, ଚଳନାମୁଣ୍ଡାପଡା, ପୂର୍ବାହ୍ନ ୧୧ଟା ୩୦।

## ବରଗଡ଼

- ମିନିକଲ କର୍ମଚାରୀଙ୍କ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ଅପରାହ୍ନ ୩ଟା।
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ଗାଇସିଲେଟ୍, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ପଲସଦା(ପାଇକମାଲ), ଅପରାହ୍ନ ୧ଟା।

## କଳାହାଣ୍ଡି

- ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁରଠାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଚମ୍ପାଦେଇପୁର, ପୂର୍ବାହ୍ନ ୧୧ଟା।
- ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ବୈଠକ, ଜଗନ୍ନାଥ ମନ୍ଦିର ପରିସର, ଅପରାହ୍ନ ୪ଟା।
- କୋକସରା ବ୍ଲକ କନ୍ଦାବୁଟ୍ରା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ପଞ୍ଚାୟତ ପରିସର, ପୂର୍ବାହ୍ନ ୧୧ଟା।
- ସାମୂହିକ ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଖବରଦାତା ସମ୍ମିଳନୀ, ଡିଏଚ୍ ସମ୍ମିଳନୀ କକ୍ଷ ଭବାନୀପାଟଣା, ଅପରାହ୍ନ ସାଢ଼େ ୪ଟା।
- ଭବାନୀପାଟଣା ବ୍ଲକ କଲମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ପଞ୍ଚାୟତ ଅଫିସ ପରିସର, ପୂର୍ବାହ୍ନ ୧୦ଟା।
- ଏସ୍‌ଡିଏ ପକ୍ଷରୁ ଭବାନୀପାଟଣା ବସ୍ତି ଅଞ୍ଚଳରେ ଜନସମ୍ପର୍କ କାର୍ଯ୍ୟକ୍ରମ, ଦର୍ପଣ ସାଗର, ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବର ତୃତୀୟ ଦିବସ, ବୌଦ୍ଧ ବ୍ଲକ ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ଅପରାହ୍ନ ୪ଟା।
- ପ୍ରଥମ ସେବା ମହୋତ୍ସବ ଉଦ୍‌ଯାପିତ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଠିଡିକାଯୋର ଜଗନ୍ନାଥ ମନ୍ଦିର ପରିସର, ଅପରାହ୍ନ ୪ଟା।

## ଦେବଗଡ଼

- ଶ୍ରୀଶ୍ରୀ ବାଙ୍କେଶ୍ୱର ବାବା ଓ ମା' ଦିବ୍ୟବାସିନୀ ମନ୍ଦିର ବିଗ୍ରହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ରିଆମାଳ ଟୁହିଲାମାଳ, ଅପରାହ୍ନ ୧ଟା।
- ଆନ୍ତଃ ଜିଲା ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- କୋସଲି ଶ୍ରୀରାଧାର ଚର୍ଚ୍ଚା ଓ ଆଲୋଚନା, ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସର, ମଧ୍ୟାହ୍ନ ୧୨ଟା।
- ଅଲ୍ ଇଣ୍ଡିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ଡୁଙ୍ଗୁରିପାଲି ରାଧାକୃଷ୍ଣ ଭଲିବଲ ଖେଳପଡିଆ, ରାତି ୧୦ଟା।
- ଜୟ ଜଗନ୍ନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ,ବୀରମହାରାଜପୁର ବ୍ଲକ ବିଶାଳପାଲି ଖେଳପଡିଆ, ପୂର୍ବାହ୍ନ ୧୧ଟା।
- ଆମ ଓଡିଶା ନବୀନ ଓଡିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ, ବୀରମହାରାଜପୁର ବ୍ଲକ ପଞ୍ଚାୟତ ଖେଳପଡିଆ, ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ- ମିନି ଷ୍ଟାଡିୟମ, ଢେଙ୍କାନାଳ, ଅପରାହ୍ନ ୩ଟା।

## ଅନୁଗୋଳ

- ଲୋକକଳା ମାଧ୍ୟମରେ ସରକାରୀ ଯୋଜନା ପ୍ରଚାର, ଅନୁଗୋଳ ବ୍ଲକ, ପୂର୍ବାହ୍ନ ୧୧ ଟା।

## ଗଞ୍ଜାମ

- ଆମ ଓଡିଶା ନବୀନ ଓଡିଶା ସହରୀ ସଚେତନତା, ବ୍ରହ୍ମପୁର ୧ ନଂ. ୱାର୍ଡ, ପୂର୍ବାହ୍ନ ୧୦ଟା।
- ସନସାଇନ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକୋତ୍ସବ, ବିଦ୍ୟାଳୟ ପରିସର, ପୁରୁଷୋତ୍ତମପୁର, ଅପରାହ୍ନ ୩ ଟା।
- ସଚେତନତା କାର୍ଯ୍ୟକ୍ରମ, ସ୍ଥାନ - ଭଞ୍ଜନଗର ବ୍ଲକ ଗାଲେରୀ, ସମୟ - ସକାଳ ୧୦ ଟା।
- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଉଦ୍‌ଯାପନୀ ଉତ୍ସବ, ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ଅପରାହ୍ନ ୩ ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଛତ୍ରପୁର ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତ, ପୂର୍ବାହ୍ନ ସାଢ଼େ ୧୦ଟା।
- ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ- ବିଦ୍ୟାଳୟ ପରିସର, ଲୋଘର, ଖଲ୍ଲିକୋଟ, ସମୟ-ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଆସିକା କାଳଷଣ୍ଡପୁର ପଞ୍ଚାୟତ, ପୂର୍ବାହ୍ନ ୧୦ଟା।
- ବାଲିପଦର ମହୋତ୍ସବ, ସ୍ଥାନ- ମକରପଡ଼ିଆ, ବୁଗୁଡ଼ା, ସମୟ- ସନ୍ଧ୍ୟା ୬ଟା।

## କନ୍ଧମାଳ

- ଜିଲାସ୍ତରୀୟ ଜେଆରସି ତାଲିମ ଶିବିର, ଦୁତିପଡା ସରକାରୀ ଉଚ୍ଚ ବିଦ୍ୟାଳୟ।

## ଗଜପତି

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ରାମଗିରି ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଆରମ୍ଭ, ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟ କଲ୍ୟାଣ ମଣ୍ଡପ, ଅପରାହ୍ନ ୩ଟା।
- ବିଜେଡି ଜଗତ୍‌ସିଂହପୁର ପକ୍ଷରୁ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ, ପଟସରା ଗ୍ରାମପଞ୍ଚାୟତ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା। ବାଗୋଇ ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ତିର୍ତ୍ତୋଲ, ଜାଗୁଳାଇ ପୀଠ, ବିରିତୋଳ, ପୂର୍ବାହ୍ନ୧୧ଟା। ତେନ୍ତୁଳିପଦା ମହାଦେବ ମନ୍ଦିର, ପୂର୍ବାହ୍ନ ୧୧ଟା। ଗରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ପଡ଼ିଆ, ସମୟ ୧୧ଟା।

## କେନ୍ଦ୍ରାପଡ଼ା

- ତିରୁପତିକୁ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ପାଇଁ ଜିଲା ପ୍ରଶାସନର ଶୁଭେଚ୍ଛା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, କେନ୍ଦ୍ରପଡ଼ା, ସମୟ: ଅପରାହ୍ନ ୨ଟା।
- ଶରତଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପରିସର, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ଆଳି ବ୍ଲକ, ସମୟ: ଅପରାହ୍ନ ୨ଟା।
- ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: କହ୍ନେଇଲାଲଜୀଉ ମନ୍ଦିର ପରିସର, ପାଟକୁରା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ଗଡରୋମିତ ଓ ଚିକରପଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ନୂଆ ମତଦାତା ସମ୍ମିଳନୀ, ସ୍ଥାନ: ଶାରଳା ମଣ୍ଡପ, ଗୋଜବାୟାଣୀ ପୀଠ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମାତୃ ଶିକ୍ଷା କେନ୍ଦ୍ର ପକ୍ଷରୁ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ପବିତ୍ର ଶ୍ରୀତନୁ ସ୍ଥାପନାର ପଞ୍ଚବିଂଶ ବାର୍ଷିକ ସ୍ମରଣୋତ୍ସବ। ସ୍ଥାନ : ଯାଜପୁର ରୋଡ ତାହାରପୁର ମାତୃଶିକ୍ଷା କେନ୍ଦ୍ର। ସମୟ : ସକାଳ ୧୦.୩୦।
- ଧର୍ମଶାଳା ଲାୟନ୍ସ କ୍ଲବର ଇନ୍‌ଷ୍ଟାଲେସନ ଓ ଚ୍ୟାଟର କାର୍ଯ୍ୟକ୍ରମ,ସ୍ଥାନ: ଜାରକା ସମ୍ରାଟ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦାରୁ ପାରେ ନାହିଁ,
ଦୂବ ପାରେ।**

ବେଳେ ବେଳେ ବଡ଼ ଦାମିକା ଔଷଧରେ ରୋଗ ଭଲ ନ ହୋଇ ସାମାନ୍ୟ ଟୁଟୁକା ଔଷଧରେ ଭଲ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ବହୁ ଚେଷ୍ଟା ସତ୍ତ୍ୱେ ନ ହେଉଥିବା କାର୍ଯ୍ୟ ସାମାନ୍ୟ ଚେଷ୍ଟାରେ ସାଧିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିନ ଦିନକୁ;
କଥା ରହିଯିବ ଯୁଗ ଯୁଗକୁ।**

ବେଳେ ବେଳେ କିଛି କଟୁ ବା ତିକ୍ତ କଥା ମନରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ମନରୁ ସେ ଛାପ ହଟିଯାଇପାରି ନଥାଏ। ଅପମାନର ସ୍ମୃତି ବହୁ ଦିନ ଧରି ମନରେ ଦାଗ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଜଣେ ବନ୍ଧୁ ଆସି ବହୁତ କିଛି କହିବେ, ମାତ୍ର ଫେରିବା ବେଳକୁ ମନଦୁଃଖ କରି ଯିବେ। କଠିନ ଶ୍ରମ କିମ୍ବା ବିଶେଷ ଭ୍ରମଣ କାରଣରୁ କ୍ଲାନ୍ତି ଅନୁଭବ ହୋଇପାରେ। ଦ୍ୱିଜା ନକ୍ଷତ୍ର ଆନୁଷ୍ଠାନିକ କାମକୁ ଆଖି ଆଗରେ ରଖି ଘରକୁ ସଜାଡ଼ିବାରେ ସମୟ ନେଇପାରନ୍ତି। ଶତ୍ରୁତା ଲାଗି ରହିଥିବା ବ୍ୟକ୍ତିମାନଙ୍କ ପ୍ରତି ନଜର ରଖି କାମ କରିବା ଭଲ ହେବ।

**ବୃଷ** ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଦଉଡ଼ କରିବାକୁ ପଡ଼ିପାରେ। ସକାଳୁ ଦେଖା କରିବାକୁ କହିଥିବା ବ୍ୟକ୍ତିଟି ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବନ୍ଧୁଙ୍କ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶାନୁସାରେ ଦୂରକୁ ଯିବାକୁ ପଡ଼ିପାରେ। ବନ୍ଧୁଙ୍କୁ କୌଣସି ଗୋପନ କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଙ୍କୋଚବଶତଃ ପ୍ରକାଶ କରିପାରିବେ ନାହିଁ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ଅଶାନ୍ତ ରହିପାରନ୍ତି। ମୃଗଶିରା ନକ୍ଷତ୍ର ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** ପରିବାରରେ ମତଭେଦ ଘଟି କୌଣସି ବ୍ୟକ୍ତିଙ୍କ ମନରେ ସରସତା ଆଗଭଳି ରହିବ ନାହିଁ। ମାଲିମକଦ୍ଦମାରେ, ବ୍ୟବସାୟରେ, ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ହୋଇପାରେ। ବନ୍ଧୁଙ୍କ ସବୁ କଥାକୁ ହାଲୁକା ଭାବେ ନେଲେ କ୍ଷତିରେ ପଡ଼ିବେ। ଅଶ୍ଳେଷା ନକ୍ଷତ୍ରର ବାଣିଜ୍ୟ, ପରିବହନରେ ସମସ୍ୟା ଦେଖାଦେଇପାରେ।

**ସିଂହ** ସମସ୍ୟାର ସମାଧାନ କରି ଆଶ୍ୱସ୍ତି ଅନୁଭବ କରିବେ। ଗୃହକୁ ସୌଖୀନ ପଦାର୍ଥ ଆଣିବେ। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ, ମାତ୍ର ଆଶାନୁରୂପ ସାହାଯ୍ୟ ମିଳିବନି। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କେତେକ ସମସ୍ୟା ସୁଧାରିବା ସକାଶେ କଠୋର ପଦକ୍ଷେପ ଗ୍ରହଣ କରିପାରନ୍ତି।

**କନ୍ୟା** କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଆଜିର ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସଭାସମିତିରେ ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ନିଜ ପରିସରର ବ୍ୟକ୍ତିମାନଙ୍କ ସାହାଯ୍ୟକ୍ରମେ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ଚିତ୍ରା ନକ୍ଷତ୍ର ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

**ତୁଳା** ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ମାନସିକ ଅବସ୍ଥା ଭଲ ରହି ନ ପାରେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ସ୍ୱାତୀ ନକ୍ଷତ୍ର ସକାଶେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଆଦର, ଗୌରବ ପାଇପାରିବେ ନାହିଁ।

**ବିଛା** ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ, ମାତ୍ର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାତେଇବେ। ଅନୁରାଧା ନକ୍ଷତ୍ର ସଭାସମିତିରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟରୁ ସମସ୍ୟା ସମାଧାନ ହେବ।

**ଧନୁ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ପ୍ରତିକୂଳ ସମୟ ଚାଲିଥିବାରୁ ଅବହେଳିତ ହୋଇ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର କଳା, ସାହିତ୍ୟ, ସାମ୍ବାଦିକତାରେ ଅଗ୍ରଗତି ଘଟିବ। ପଡ଼ୋଶୀମାନେ ସାହାଯ୍ୟ ସକାଶେ ଅନୁରୋଧ କରିପାରନ୍ତି।

**ମକର** ପ୍ରତ୍ୟେକ କାମରେ କିଛିନା କିଛି ସମସ୍ୟା ଲାଗି ରହୁଥିବାରୁ ମନ ଭଲ ରହିବ ନାହିଁ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର କଳା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ।

**କୁମ୍ଭ** ସକାଳୁ ସାମାନ୍ୟ ବଚସାଜନିତ ମନ ଖରାପ ହୋଇଯିବ। କୌଣସି ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯାଇପାରେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ପରୋକ୍ଷ ଶତ୍ରୁତା ହେତୁ କାମ ଶୃଙ୍ଖଳିତ ହେବାର ଆଶା କ୍ରମଶଃ ମଉଳିଯିବାର ସୂଚନା ରହିଛି।

**ମୀନ** ଆଜି ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସାଙ୍ଗକୁ ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଜମିଜମା କାରବାର, ଗୃହ ନିର୍ମାଣ, ବାଣିଜ୍ୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିବ। ଆଲୋଚନା ପରିସରରେ ବନ୍ଧୁଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ହୋଇପାରେ। କଠିନଶ୍ରମ ଓ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି ଫେବୃଆରୀ ୭ ତାରିଖ, ମାଘ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର, ସୋ-ବେ-ମେରାଜ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୬.୨୩ମି. ଗତେ ଘ.୦୭.୫୩ମି. ମଧ୍ୟେ, ଘ.୧୦.୩୬ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୧୨.୦୦ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁ କାଳ।

## ୫ ଅନ୍ୟାୟ ବିରୋଧରେ...

### ପ୍ରଥମ ପୃଷ୍ଠାରୁ...

ପର୍ଯ୍ୟନ୍ତ ୪ ହଜାର କି.ମି. କରାଯାଇଥିଲା। ଏହି ସମୟରେ ଦେଶକୁ ଯୋଡ଼ିବାର କାମ କଂଗ୍ରେସ ପକ୍ଷରୁ କରାଯାଇଥିଲା। ଆମ ଲକ୍ଷ୍ୟ ଥିଲା କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପଦଯାତ୍ରା କରି ପ୍ରେମର ବାର୍ତ୍ତା ବାଣ୍ଟିବା। ଏହି ଯାତ୍ରା ବହୁତ ସଫଳ ହୋଇଥିଲା। ଲକ୍ଷାଧିକ ଲୋକ ଏହି ସମୟରେ ପଦଯାତ୍ରାରେ ସାମିଲ ହୋଇଥିଲେ। ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଆଦି ରାଜ୍ୟର ଲୋକମାନେ ମଧ୍ୟ ଆସି ଯୋଡ଼ି ହୋଇଥିଲେ। ସେମାନେ କହିଥିଲେ, କଶ୍ମୀରରୁ କନ୍ୟାକୁମାରୀ ବୁଲିଲେ, ଆମ ରାଜ୍ୟକୁ କେବେ ଆସିବେ। ଆମ ରାଜ୍ୟରେ ବି ଘୃଣା ବଣ୍ଟାଯାଉଛି, ଆଦିବାସୀଙ୍କ ଜମି ଲୁଟ୍ କରାଯାଉଛି ଏବଂ ଅନ୍ୟାୟ ହେଉଛି। ଏବେ ଦ୍ୱିତୀୟ ପର୍ଯ୍ୟାୟ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ କରାଯାଇଛି। ଏଥର ମଧ୍ୟ ପଦଯାତ୍ରା କରିବାକୁ ଚାହୁଁଥିଲୁ। ହେଲେ ନିର୍ବାଚନୀ ବର୍ଷ ହୋଇଥିବାରୁ ଦଳ ନିଷ୍ପତ୍ତି ନେଲା ବସ୍ ଏବଂ ଜିପ୍‌ରେ ଯାତ୍ରା କରାଯିବ ଓ କିଛି ବାଟ ପଦଯାତ୍ରା ହେବ। ୫ଟି ଅନ୍ୟାୟ ବିରୋଧରେ ଏହି ଯାତ୍ରା କରାଯାଉଛି। ଯେପରିକି ଆର୍ଥିକ ଅନ୍ୟାୟ, ଦରବୃଦ୍ଧି, ବେରୋଜଗାର, ସରକାରୀ ସଂସ୍ଥାକୁ ଘରୋଇକରଣ କରିବା ଏବଂ ସାମାଜିକ ଅନ୍ୟାୟ ଯାହା ଆଦିବାସୀ, ଦଳିତ, ମହିଳା, କୃଷକଙ୍କ ପ୍ରତି କରାଯାଉଛି। ଏହା ବିରୋଧରେ ଏହି ଯାତ୍ରା ଆରମ୍ଭ ହୋଇଥିବା ରାହୁଲ ଗାନ୍ଧୀ କହିଛନ୍ତି।

ଅପରାହ୍ନ ସାଢେ ୪ଟା ସମୟରେ ରାହୁଲ ଏକ ରୋଡ୍ ଶୋ'ରେ ଆସି ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଂଶଯୋର ଫାଟକରୁ ୧୪୩ ନମ୍ବର ଜାତୀୟ ରାଜପଥ ଦେଇ ବୀରମିତ୍ରପୁର ସହର ଭିତରେ ପ୍ରବେଶ କରିଥିଲେ। ରାଜପଥର ଉଭୟ ପାର୍ଶ୍ୱରେ ସାଧାରଣ ଲୋକ, ଦଳୀୟ ନେତା ଓ କର୍ମୀ ଫୁଲମାଳ ଧରି ରାହୁଲଙ୍କୁ ସ୍ୱାଗତ କରିଥିଲେ। ବାଂଶଯୋର ଫାଟକ ନିକଟରେ ଆୟୋଜିତ ଏକ ଜନସମାବେଶରେ ଦଳୀୟ ନେତାମାନେ ତାଙ୍କୁ ସ୍ୱାଗତକରି ଉତ୍ତରୀୟ ଦେଇଥିଲେ। ଏହାସହ ଝାଡ଼ଖଣ୍ଡ ପିସିସି ସଭାପତି ରାଜେଶ ଠାକୁର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ପତାକା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ରାହୁଲ କହିଛନ୍ତି, ଝାଡ଼ଖଣ୍ଡରେ ୬ ଦିନର କାର୍ଯ୍ୟକ୍ରମ ବହୁତ ଭଲ ହେଲା। ଆଉ ୨ ଦିନ ଓଡ଼ିଶାରେ ରହିବି। ୧୫ ମିନିଟ୍ ନିଜର ଭାଷଣ ରଖିବି, ବାକି ୭ରୁ ୮ ଘଣ୍ଟା ଲୋକମାନଙ୍କୁ ଭେଟିବି। ଲୋକମାନଙ୍କ ସମସ୍ୟା ବିଷୟରେ ବୁଝିବି। ଯୁଆଡ଼େ ଗଲେ ଲୋକମାନେ ନିଜ ସମସ୍ୟା ବିଷୟରେ କହୁଛନ୍ତି। ଗରିବ ଲୋକଙ୍କ ଜମିକୁ ଆଦାନୀଙ୍କ ଭଳି ପୁଞ୍ଜିପତିଙ୍କ ହାତକୁ ଟେକି ଦିଆଯାଉଛି ବୋଲି ମଧ୍ୟ ଅଭିଯୋଗ ଆସିଛି। ଓଡ଼ିଶାରେ ବୁଲିବା ବେଳେ ସବୁ ବର୍ଗର ଲୋକଙ୍କ ସହ ମିଶି ସେମାନଙ୍କ ଅଭିଯୋଗ ଶୁଣିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପିସିସି ସଭାପତି ଶରତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାୟକ ସନ୍ତୋଷ ସିଂ ସାଲୁଜା ଧନ୍ୟବାଦ ଜଣାଇଛନ୍ତି। ରାହୁଲ କୁଆଁରମୁଣ୍ଡା ବ୍ଲକର ରାମପାଲ ଛକ ପଡ଼ିଆରେ ପହଞ୍ଚି ରାତ୍ରିଯାପନ କରିଛନ୍ତି। ଉକ୍ତ ପଡ଼ିଆକୁ ଯିବା ସମୟରେ କେତେଜଣ ଆଦିବାସୀ ମହିଳାଙ୍କୁ ରାସ୍ତାରେ ସାକ୍ଷାତ୍ କରି ସେମାନଙ୍କ ସହ ସମସ୍ୟା ବୁଝିଛନ୍ତି।

ବୁଧବାର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ୮ଟା ୪୫ରେ ଆରମ୍ଭ ହେବ। ସକାଳ ୯ଟା ୩୦ରେ ରାଉରକେଲା ଉଦିତ୍‌ନଗର (ଏସ୍‌ପି ଅଫିସ) ଠାରୁ ଯାତ୍ରା ଆରମ୍ଭ ହେବ। ସେଠାରୁ ସାଢ଼େ ୩ କି.ମି. ଦୂର ପାନପୋଷ ଛକଠାରେ ସକାଳ ୧୦ ଟାରେ ରାହୁଲ ଗାନ୍ଧୀ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଏହାପରେ ୨୫ କି.ମି. ଦୂର ରାଣୀବନ୍ଧ ନିକଟ ବିର୍ସା ମୁଣ୍ଡା ପଡ଼ିଆଠାରେ ମଧ୍ୟାହ୍ନଭୋଜନ କରିବେ। ଅପରାହ୍ନ ୨ଟାରେ ରାଣୀବନ୍ଧଠାରୁ ପୁଣି ଯାତ୍ରା ଆରମ୍ଭ ହେବ। ସେଠାରୁ ୧୪ କି.ମି. ଦୂର କୁତ୍ରାଠାରେ ରାହୁଲ ଉଦ୍‌ବୋଧନ ଦେବେ। ସେଠୁ ୩୨ କି.ମି. ଦୂର ବାରଗାଁଠାରେ ମଧ୍ୟ ସେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ସେଠାରୁ ପଦଯାତ୍ରା ୬୦ କି.ମି. ଦୂର ସୁନ୍ଦରଗଡ଼ ବସ୍‌ଷ୍ଟାଣ୍ଡ ଛକରେ ଅପରାହ୍ନ ୪ଟା ୩୦ରେ ପହଞ୍ଚିବ। ଷ୍ଟାଡିୟମ ଛକ ଓ ସୁନ୍ଦରଗଡ଼ ଏସ୍‌ବିଆଇ ଛକ ହୋଇ ପଦଯାତ୍ରା ଚାଲିବ। ସେଠୁ ୨୬ କି.ମି. ଦୂର ଝାରସୁଗୁଡ଼ା ଆମଲିପାଲିଠାରେ ରାହୁଲ ଗାନ୍ଧୀ ରାତ୍ର ରହଣି କରିବେ ବୋଲି ଜଣାପଡ଼ିଛି।




ସରକାରୀ ମାନ୍ୟତା, ମାସିକ ୨୬ହଜାର ଟଙ୍କା ଭତ୍ତା ସହ ୧୪ଦଫା ଦାବି ନେଇ ନିଖିଳ ଓଡ଼ିଶା (ଏମ୍‌ଡିଏମ୍) ପାଚିକା ସହାୟିକାମାନେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିକ୍ଷୋଭ କରୁଛନ୍ତି। **(ଫଟୋ– ମନୋରଞ୍ଜନ ମିଶ୍ର)**

# ବିଧାନସଭାରେ ବେଦାନ୍ତ ତାତି

## ରୁଲିଂ ଦାବିରେ ଧାରଣା ଦେଲେ ନରସିଂହ ଗୃହ ମୁଲତବୀ

**ଭୁବନେଶ୍ୱର,୬।୨(ଅନିଲ ଦାସ)** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିକୁ ବେଦାନ୍ତକୁ ଦିଆଯାଇଛି। ଏ ପର୍ଯ୍ୟନ୍ତ ସେ ଜମି କମ୍ପାନୀ ପାଖରେ ରହିଛି। କମ୍ପାନୀକୁ ରାଜ୍ୟ ସରକାର ଅନୁକମ୍ପା ଦେଖାଉଛନ୍ତି। ଲୋକପାଳ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ନରସିଂହ କହିଛନ୍ତି ଯେ ବେଦାନ୍ତକୁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ଦେଖାଇଛନ୍ତି। ଏ ଯାଏ ଚାଷୀଙ୍କ ଜମି ଫେରିନାହିଁ। ବେଦାନ୍ତକୁ ୩ ହଜାର ଏକର ଜମି ଦରକାର ଥିଲେ ବି ରାଜ୍ୟ ସରକାର ୧୫ ହଜାର ଏକର ଜମି ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ନରସିଂହ ଦାବି କରିଥିଲେ। ରୁଲିଂ ନ ଦେଲେ ଗୃହରେ ଧାରଣା ଦେବେ ବୋଲି ବାଚସ୍ପତିଙ୍କୁ କହିଥିଲେ। ନରସିଂହ ନିଜ ସିଟ୍‌ରୁ ଉଠିଆସି ବାଚସ୍ପତିଙ୍କ ପୋଡିୟମ ପାଖରେ ରୁଲିଂ ଦେବାକୁ ଜିଦ୍ ଧରିଥିଲେ। ବାଚସ୍ପତି ତାଙ୍କୁ ନିଜ ସିଟ୍‌କୁ ଯିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ଏ ବିଷୟରେ ଅନୁଧ୍ୟାନ କରି ଯାହା ପଦକ୍ଷେପ ନେବା କଥା ନିଆଯିବ ବୋଲି ବାଚସ୍ପତି କହିବାରୁ ନରସିଂହ ଅସନ୍ତୋଷ ପ୍ରକାଶ କରି ଗୃହର ମଧ୍ୟଭାଗରେ ଧାରଣା ଦେଇଥିଲେ। ଏହାକୁ ନେଇ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ନରସିଂହ ଧାରଣା ଦେବା ପରେ ବିଜେଡି ସଭ୍ୟ ଅମର ଶତପଥୀ ଏବଂ ପ୍ରଣବ ପ୍ରକାଶ ଦାସ ଗୃହକୁ କିଛି ସମୟ ପାଇଁ ମୁଲତବୀ କରି ବରିଷ୍ଠ ସଦସ୍ୟଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖାଯାଇଥିଲା। ଅନ୍ୟପଟେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଶୂନ୍ୟକାଳରେ ବିଧାନସଭାରେ ଆନ୍ଦୋଳନରତ ଗାଁ ସାଥୀଙ୍କ ଦାବି ପ୍ରସଙ୍ଗ ଉଠାଇଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଗାଁ ସାଥୀଙ୍କ ଦାବି ସରକାର ପୂରଣ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନରସିଂହ ସମର୍ଥନ କରିଥିଲେ। ସରକାର ସେମାନଙ୍କ ସହ ତୁରନ୍ତ ଆଲୋଚନା କରି ସମସ୍ୟାର ସମାଧାନ କରନ୍ତୁ ବୋଲି ସେ ଦାବି କରିଥିଲେ।

# ୨୦୨୫ ସୁଦ୍ଧା ସବୁ ଗାଁକୁ ପିଇବା ପାଣି

## ପାନୀୟ ଜଳ ଯୋଗାଣକୁ ନେଇ ବିଧାନସଭାରେ ଉଦ୍‌ବେଗ

**ଭୁବନେଶ୍ୱର,୬।୨(ଅନିଲ ଦାସ)** ଖରାଦିନ ଆସିଲାଣି। ସମଗ୍ର ରାଜ୍ୟରେ ପାନୀୟ ଜଳ ସମସ୍ୟା ଦେଖାଦେବ। ପିଇବା ପାଣି ସମସ୍ୟାକୁ ନେଇ ମଙ୍ଗଳବାର ବିଧାନସଭା ପ୍ରଶ୍ନ କାଳରେ ଉଭୟ ଶାସକ ଓ ବିରୋଧୀ ଦଳ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି, ପାଇପ ଯୋଗେ ସବୁ ଗାଁକୁ ପାନୀୟ ଜଳ ଯୋଗାଇବା ପାଇଁ ସରକାର ଯେଉଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ତାହା ଆସନ୍ତା ବର୍ଷେ ଭିତରେ କିପରି ପୂରଣ ହେବ। ମନ୍ତ୍ରୀଙ୍କ ଅଞ୍ଚଳ ବୌଦ୍ଧ ଜିଲାରେ ଲୋକେ ପାଣି ପାଉନାହାନ୍ତି। କେବଳ ବୌଦ୍ଧ ନୁହେଁ ଯାଜପୁର, ପୁରୀ ଭଳି ଅନ୍ୟାନ୍ୟ ଜିଲାରେ ମଧ ପାନୀୟ ଜଳ ସମସ୍ୟା ରହିଛି। ମାତ୍ର ୩୩ ପ୍ରତିଶତ ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି। ମନ୍ତ୍ରୀ କେମିତି କହୁଛନ୍ତି ବର୍ଷକ ଭିତରେ ସମସ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବେ। କେବେ ସୁଦ୍ଧା ସାରା ରାଜ୍ୟରେ ପିଇବା ପାଣି ମିଳିବ ମନ୍ତ୍ରୀ କୁହନ୍ତୁ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଜେଡି ସଭ୍ୟ ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଅଶୋକ ବଳ, ଭାଜପା ସଭ୍ୟ ସୁକାନ୍ତ ନାୟକ, କୁସୁମ ଟେଟେ ପ୍ରମୁଖ ପାନୀୟ ଜଳ ଯୋଗାଣକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟରେ କେତୋଟି ମେଗା ପାଇପ ୱାଟର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ସେଥିରୁ କେତେ ଶେଷ ହୋଇଛି, ଅବଶିଷ୍ଟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ, ଯେଉଁଠି ପାଇପ ୱାଟର ନାହିଁ ସେଠାରେ ନଳକୂପ କିମ୍ବା ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କି ବ୍ୟବସ୍ଥା କରାଯାଇଛି, ଲୋକମାନଙ୍କୁ କେବେ ସୁଦ୍ଧା ପିଇବା ପାଣି ମିଳିବ ବୋଲି ସଦସ୍ୟମାନେ ପ୍ରଶ୍ନ କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ରାଜ୍ୟର ଗ୍ରାମାଞ୍ଚଳରେ ଥିବା ସମସ୍ତ ପରିବାରଙ୍କୁ ୨୦୨୫ ସୁଦ୍ଧା ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏବେ ସୁଦ୍ଧା ରାଜ୍ୟର ମୋଟ ୮୮, ୬୩, ୩୩୯ ପରିବାର ମଧ୍ୟରୁ ୬୨, ୬୫,୫୭୧ ପରିବାରକୁ ପାନୀୟ ଜଳ ସଂଯୋଗ କରାଯାଇଛି। ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟରେ ୩୩ ହଜାର କୋଟି ବ୍ୟୟ ଅଟକଳରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ସେଥିରୁ ୧୬ ପ୍ରକଳ୍ପର ନିର୍ମାଣ ଶେଷ ହୋଇଥିବା ବେଳେ ୧୯୧ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଅବଶିଷ୍ଟ ୨୦୨୫ ସୁଦ୍ଧା ଶେଷ ହେବ। ପ୍ରତି ୭୦ ଜନସଂଖ୍ୟାରେ ଗୋଟିଏ ନଳକୂପ ବସାଇବା ବ୍ୟବସ୍ଥା ରହିଛି। ଯେଉଁଠି ପାଇପ ଯୋଗେ ପାନୀୟ ଜଳ ପହଞ୍ଚିପାରୁ ନାହିଁ ସେଠାରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ସରକାରୀ ବିଭାଗରେ ୯୮ ହଜାର ପଦବୀ ଖାଲି

**ଭୁବନେଶ୍ୱର,୬।୨ (ଅନିଲ ଦାସ)** ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ୯୮ ହଜାର ପଦବୀ ଖାଲିପଡ଼ିଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ୪୧ଟି ବିଭାଗରେ ୯୮, ୩୪୮ ପଦବୀ ଖାଲି ରହିଛି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼ାଇ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୨୬,୮୧୫ ପଦବୀ ଖାଲିଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୨୧, ୮୪୪, ଉଚ୍ଚଶିକ୍ଷା ବିଭାଗରେ ୩୭୭୭, ଗୃହ ବିଭାଗରେ ୭୩୧୫, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ୫୮୯୨, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୫୫୨, ଜଳସମ୍ପଦ ବିଭାଗରେ ୨୭୩୨, ପୂର୍ତ୍ତ ବିଭାଗରେ ୧୫୦୭, କୃଷି ବିଭାଗରେ ୨୮୨୧, ଜଙ୍ଗଲ, ପରିବେଶ, ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ୩୬୦୭, ଶ୍ରମ ଓ କର୍ମଚାରୀ ବୀମା ବିଭାଗରେ ୧୧୧୮ ପଦବୀ ଖାଲିରହିଛି। ତେବେ ଶିଳ୍ପ ବିଭାଗରେ ମାତ୍ର ଗୋଟିଏ ପଦବୀ ଖାଲି ରହିଥିବା ମନ୍ତ୍ରୀ ଦର୍ଶାଇଛନ୍ତି। ୨୦୨୪ ଜାନୁୟାରୀ ୩୧ ସୁଦ୍ଧା ବିଭାଗ ଦ୍ୱାରା ପ୍ରଦତ୍ତ ଖାଲି ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀ କଳାକାର ଯୋଜନାରେ ସାମିଲ ହେବେ ଆଉ ୩୦ ହଜାର କଳାକାର

- ହିତାଧିକାରୀଙ୍କ ସଂଖ୍ୟା ୮୦ ହଜାରକୁ ବୃଦ୍ଧି ହେବ
- ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତ ସମୟରେ ଆସିଥିଲା ଅନୁରୋଧ ପ୍ରସ୍ତାବ

**ଭୁବନେଶ୍ୱର,୬।୨(ଅନିଲ ଦାସ)** 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା'ରେ ଆଉ ୩୦ ହଜାର କଳାକାରଙ୍କୁ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ନିଷ୍ପତ୍ତି ନେଇଛନ୍ତି। ଏହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏକ ପ୍ରମୁଖ ଯୋଜନା। ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ଏହି ଯୋଜନାରେ ଅଧିକ କଳାକାରଙ୍କୁ ସାମିଲ କରିବା ପାଇଁ କଳାକାର ଓ ସେମାନଙ୍କ ସଙ୍ଗଠନ ଅନୁରୋଧ କରି ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହାପରେ ଏହି ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାରେ ୫୦,୦୦୦ କଳାକାରଙ୍କୁ ମାସିକ ୧୨୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ବର୍ତ୍ତମାନ ଏହି ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ୮୦ ହଜାରକୁ ବୃଦ୍ଧି କରାଯାଇଛି। ଏହା ଦ୍ୱାରା ରାଜ୍ୟର ଆଉ ୩୦ ହଜାର କଳାକାର ଏଥିରେ ଉପକୃତ ହେବେ। ଲୋକକଳାଗୁଡ଼ିକ ଆମ ଜାତିର ଅସ୍ମିତା। କଳାକାରମାନେ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରକ ତଥା ବାର୍ତ୍ତାବହ। ଏହି ଯୋଜନାରେ ଅଧିକ କଳାକାରଙ୍କୁ ସାମିଲ କରାଯିବା ଯୋଗୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାର ଉତ୍ସାହିତ ଓ ଉପକୃତ ହେବେ। ଏହା ଦ୍ୱାରା କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହିତ ଓଡ଼ିଶାର କଳା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବ।

# ଓଡ଼ିଶାରେ ରୂପାନ୍ତରୀକରଣର ଯୁଗ ଚାଲିଛି: ପ୍ରଶାନ୍ତ

## ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା

**ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)** ଓଡ଼ିଶାରେ ଏବେ ରୂପାନ୍ତରୀକରଣର ଯୁଗ ଚାଲିଛି। ବିଦ୍ୟାଳୟଠାରୁ ଆରମ୍ଭକରି ମନ୍ଦିର ପର୍ଯ୍ୟନ୍ତ ସବୁଠି ବ୍ୟାପକ ପରିବର୍ତ୍ତନ ହେଉଛି। ଯାହା କେବେ କେହି ଚିନ୍ତାକରି ନ ଥିଲେ, ତାହା ରାଜ୍ୟ ସରକାର କରି ଦେଖାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ଅନ୍ୟ ପାଇଁ ଓଡ଼ିଶା ମାର୍ଗଦର୍ଶକ ହୋଇଛି ବୋଲି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି। ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ମଙ୍ଗଳବାର ଅପରାହ୍ନରେ ଆରମ୍ଭ ହୋଇଛି। ସରକାରୀ ଦଳ ମୁଖ୍ୟ ସଚେତକ ମୁଦୁଲି ପ୍ରସ୍ତାବ ଆଗତ କରିବା ସହ କହିଛନ୍ତି, ରାଜ୍ୟପାଳ ରାଜ୍ୟ ସରକାରଙ୍କ ବିକାଶର ଚିତ୍ରକୁ ଯେଉଁଭଳି ଉପସ୍ଥାପିତ କରିଛନ୍ତି ସେଥିଲାଗି ତାଙ୍କୁ ଧନ୍ୟବାଦ। ଯେଉଁମାନେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିଲେ ସେମାନଙ୍କୁ ଧନ୍ୟବାଦ। ଗତ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କରି ରାଜ୍ୟବାସୀଙ୍କୁ ପରିବର୍ତ୍ତନ ଏକ ବଡ ଧାରା ମୁଖ୍ୟମନ୍ତ୍ରୀ ଦେଖାଇଛନ୍ତି। ଯେଉଁମାନେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦେଖୁଛନ୍ତି ସେମାନେ ପ୍ରଶଂସା ନ କରି ରହିପାରୁନାହାନ୍ତି। ରାଜ୍ୟବ୍ୟାପୀ ଲୋକମାନେ ଯେଉଁମାନେ ମହାପ୍ରଭୁଙ୍କ ଦର୍ଶନ କରିପାରୁ ନ ଥିଲେ ସେମାନଙ୍କୁ ପୁରୀ ଆସିବା ଲାଗି ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ବସ୍ ଚଳାଚଳ ଆରମ୍ଭ କରିଛନ୍ତି। କେବଳ ସେତିକି ନୁହେଁ, ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଗ୍ରାମାଞ୍ଚଳରେ ସରକାର ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ମୁଖ୍ୟମନ୍ତ୍ରୀଙ୍କ ଉପରେ ରହିଛି। ୭୦୦ ବର୍ଷରେ ଯେଉଁ କାର୍ଯ୍ୟ ହୋଇପାରି ନ ଥିଲା, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ତାହା ସେ କରି ଦେଖାଇଛନ୍ତି। କେବଳ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ନୁହେଁ ରାଜ୍ୟର ବିଭିନ୍ନ ମନ୍ଦିର ଭିତ୍ତିଭୂମିର ପର୍ଯ୍ୟାୟକ୍ରମେ ବିକାଶ କରାଯାଉଛି। ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ପାଇଁ ନବୀନ ପଟ୍ଟନାୟକ 'ଶ୍ରବଣ କୁମାର' ପାଲଟିଛନ୍ତି। ତୀର୍ଥରେ ଯିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। କ୍ଷୁଧାମୁକ୍ତି ଆନ୍ଦୋଳନରେ ଓଡ଼ିଶା ପଥ ପ୍ରଦର୍ଶକ ହୋଇଛି। ଧାନ ଉତ୍ପାଦନରେ ଓଡ଼ିଶା ଜାତୀୟସ୍ତରରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ସତ୍ତ୍ୱେ ଓଡ଼ିଶା ବାରମ୍ବାର କୃଷି କର୍ମଣ ପୁରସ୍କାର ପାଉଛି। ଏହା ହେଉଛି ପ୍ରତିବଦ୍ଧତାର ପ୍ରମାଣ। କ୍ରୀଡ଼ା, ପର୍ଯ୍ୟଟନ, ଜଳସେଚନ ଆଦି ସବୁକ୍ଷେତ୍ରରେ ବିକାଶ କରାଯାଉଛି। ଆଗକୁ ଏହି ଧାରା ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। ଏହାପରେ ବାଚସ୍ପତି ୫ଟା ୭ ମିନିଟ୍ ସମୟରେ ବୁଧବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ମଧୁବାବୁ ପେନ୍‌ସନ ଯୋଜନାରେ ଆଉ ୪ ଲକ୍ଷ ସାମିଲ

## ହିତାଧିକାରୀଙ୍କ ସଂଖ୍ୟା ୩୬.୭୫ ଲକ୍ଷକୁ ବୃଦ୍ଧି

**ଭୁବନେଶ୍ୱର, ୬।୨ (ଅନିଲ ଦାସ)** ରାଜ୍ୟ ସାମାଜିକ ସୁରକ୍ଷା ବ୍ୟବସ୍ଥା ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ ହେବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଖୁସିର ଖବର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧୁବାବୁ ପେନ୍‌ସନ ଯୋଜନାରେ ଆଉ ୪ ଲକ୍ଷ ଲୋକଙ୍କୁ ସାମିଲ କରିବା ପ୍ରସ୍ତାବକୁ ମଙ୍ଗଳବାର ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ସମୁଦାୟ ମଧୁବାବୁ ପେନ୍‌ସନ ହିତାଧିକାରୀଙ୍କ ସଂଖ୍ୟା ୩୨.୭୫ ଲକ୍ଷରୁ ବୃଦ୍ଧି ପାଇ ୩୬.୭୫ ଲକ୍ଷରେ ପହଞ୍ଚିବ। ରାଜ୍ୟ ସରକାର ଏଥିପାଇଁ ମାସକୁ ୧୯୦.୨୦ କୋଟି ଟଙ୍କା ଖର୍ଚ୍ଚ କରିବେ। ୫–ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ସ୍ଥାନୀୟ ଲୋକମାନେ ଏହି ଯୋଜନାରେ ଅଧିକ ଲୋକଙ୍କୁ ସାମିଲ କରିବାକୁ ଅନୁରୋଧ କରିଥିଲେ। ଲୋକଙ୍କ ଆବେଦନକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ମଧୁବାବୁ ପେନ୍‌ସନ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ୨୦୨୩ ଅଗଷ୍ଟରେ ଅତିରିକ୍ତ ୪.୧୩ ଲକ୍ଷ ଲୋକଙ୍କୁ ଏହି ଯୋଜନାରେ ସାମିଲ କରିଥିଲେ। ରାଜ୍ୟ ସରକାର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସାମାଜିକ ସୁରକ୍ଷା ପ୍ରଦାନ କରିଥାନ୍ତି। ଏଥିରେ ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା, ସୁସ୍ଥ ହୋଇଥିବା କୁଷ୍ଠ ଓ ଏଡ୍‌ସ ରୋଗୀ, ଛାଡ଼ପତ୍ର ପାଇଥିବା ମହିଳା, କିନ୍ନର, କୋଭିଡ୍ ଅନାଥ ପିଲାମାନେ ସାମିଲ ହୋଇଥାନ୍ତି। ଏହି ଯୋଜନାରେ ଛୋଟପିଲାଠାରୁ ୭୯ ବର୍ଷ ବୟସ ପର୍ଯ୍ୟନ୍ତ ହିତାଧିକାରୀମାନେ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୮୦ ବର୍ଷ ବା ଅଧିକ ବୟସର ଲୋକ ମାସକୁ ୭୦୦ ଟଙ୍କା ପାଉଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ୪୦ରୁ ୫୯ ପ୍ରତିଶତ ଅକ୍ଷମତା ଥିବା ଲୋକ ମାସକୁ ୫୦୦ ଟଙ୍କା ପାଉଥିବା ବେଳେ ୬୦ ପ୍ରତିଶତ ବା ଅଧିକ ଅକ୍ଷମତା ବ୍ୟକ୍ତି ୭୦୦ ଟଙ୍କା ପାଉଛନ୍ତି। ୬୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାସିକ ୯୦୦ ଟଙ୍କା ପ୍ରଦାନ କରାଯାଉଛି।

# ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା କର୍ମୀ

**ଭୁବନେଶ୍ୱର,୬।୨(ଅନିଲ ଦାସ)** ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମୀ ମଙ୍ଗଳବାର ଶଙ୍ଖଭବନଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ ଭାଜପା କର୍ମୀଙ୍କୁ ଉଭୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଏକାମ୍ର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ପ୍ରଣବ ଏବଂ ଅଶୋକ କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ଭାଜପା ନେତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଦଳରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ଏମାନେ ଧନ୍ୟବାଦ ଦେଇଛନ୍ତି। ଛବି ସ୍ୱାଇଁ, ଲିଙ୍ଗରାଜ ମଣ୍ଡଳର ପୂର୍ବତନ ଭାଜପା ଯୁବମୋର୍ଚ୍ଚା ସଭାପତି ଗୋପାଳ ମକଦମ, ଭାଜପା ଖଣ୍ଡଗିରି ମଣ୍ଡଳ ସମ୍ପାଦକ ମନୋଜ ଦୋରା, ଭାଜପା ଲିଙ୍ଗରାଜ ମଣ୍ଡଳର ପୂର୍ବତନ ସମ୍ପାଦକ ଓ ପୂର୍ବତନ ଉପସଭାପତି ଅମରେନ୍ଦ୍ର ଗରାବଡୁ, ସସ୍ମିତା ସାହୁ,ଭାରତୀ ସେଠୀ, ପ୍ରତାପ ସ୍ୱାଇଁ, ସନ୍ତୋଷ କୁମାର ମହାନ୍ତି, ରଞ୍ଜିତା ବାଲିଆ, ଆରତୀ ମହାରଣା, ଊର୍ମିଳା ମାଝି, ସତ୍ୟଭାମା ସ୍ୱାଇଁ, ଶାନ୍ତି ବାରିକ, ଗାୟତ୍ରୀ ରାୟ, ଦେବରାଜ କବିଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଶେଷରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଧନ୍ୟବାଦ ଦେଇଥିଲେ।

# ସନ୍ତୋଷ କୁମାର ସ୍ୱାଇଁ ଓସାକ୍ସର ନୂଆ ପ୍ରକଳ୍ପ ନିର୍ଦ୍ଦେଶକ



**ଭୁବନେଶ୍ୱର,୬।୨(ଅସମାପିକା ସାହୁ)** ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓସାକ୍ସ)ର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଡା. ସନ୍ତୋଷ କୁମାର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଓସାକ୍ସର ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏଥିସହ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା। ଏଚ୍‌ଆଇଭି/ଏଡ୍‌ସ ଦୂରୀକରଣ ଦିଗରେ ଓସାକ୍ସର କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ୨୦୩୦ ସୁଦ୍ଧା ରାଜ୍ୟରେ ଏଡ୍‌ସର ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲରେ ସକାରାତ୍ମକ ଚିନ୍ତାଧାରା ସହ ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପୂର୍ବରୁ ଡା. ସ୍ୱାଇଁ ରାଉରକେଲା ସରକାରୀ ହସ୍ପିଟାଲର ନିର୍ଦ୍ଦେଶକ ରହିବା ସହ ଆମ ହସ୍ପିଟାଲ ପରିଚାଳନା ସୁଚାରୁ ରୂପେ ସମ୍ପାଦନ କରିଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଡା. ଊର୍ମିଳା ମିଶ୍ର ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ। ସେ ଗତ ୩୧ତାରିଖରେ ଅବସର ନେଇଛନ୍ତି।

# ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ଦାବି କଲେ ମାନସ



ମାନସ ମଙ୍ଗରାଜ

**ଭୁବନେଶ୍ୱର,୬।୨ (ଅନିଲ ଦାସ)** ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ପାର୍ଲାମେଣ୍ଟରେ ବିଜେଡି ଦାବି କରିଛି। ବିଜୁ ଜନତା ଦଳର ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ମଙ୍ଗଳବାର ରାଜ୍ୟ ସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ବଜ୍ରପାତ ଯୋଗୁ ଲୋକଙ୍କ ଜୀବନ ଯାଉଥିବାରୁ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ତଥ୍ୟକୁ ଉପସ୍ଥାପନ କରି ଏହାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି, ଆଇଏମ୍‌ଡିର ତଥ୍ୟ ଅନୁସାରେ ବଜ୍ରପାତ ଯୋଗୁ ଦେଶରେ ପ୍ରତିବର୍ଷ ପ୍ରାୟ ୨୫୦୦ ଲୋକଙ୍କ ମୃତ୍ୟୁ ହେଉଛି । ଅନେକ ଲୋକ ପୋଡ଼ି ହେଉଥିବା ବେଳେ ମାଂସପେଶୀ ଆଘାତପ୍ରାପ୍ତ ହେବା ଦୃଷ୍ଟିକୁ ଆସୁଛି। ସେହିପରି ଶରୀରର ଅନେକ ଅଂଶ ମଧ୍ୟ କାମ କରି ନ ଥାଏ। ଏପରି କି ହୃଦ୍‌ଘାତ ଓ ହଠାତ ମୃତ୍ୟୁ ମଧ୍ୟ ଆସିଥାଏ। ସେମାନଙ୍କ ମଧ୍ୟରୁ ପ୍ରାୟ ୯୬% ହେଉଛନ୍ତି ଗ୍ରାମାଞ୍ଚଳର। ଯେଉଁମାନେ କି କୃଷକ, ଗୋରୁ ଚରାଳି, ମତ୍ସ୍ୟଜୀବୀ ଓ ଶ୍ରମିକ ଶ୍ରେଣୀର। ଶେଷ ବର୍ଷର ତଥ୍ୟ ଅନୁସାରେ ଓଡ଼ିଶାରେ ସର୍ବାଧିକ ବଜ୍ରପାତ ହୋଇଛି। ପାଣିପାଗ ପରିବର୍ତ୍ତନ ଓ ଅନ୍ୟ ସବୁ କାରଣରୁ ଓଡ଼ିଶାରେ ଅଧିକ ବଜ୍ରପାତ ହେଉଛି। ତେବେ ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁ ୨୦୧୯–୨୦ ତୁଳନାରେ ୨୦୨୦–୨୧ରେ ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା କମ୍ ହୋଇଛି। ୨୦୧୯–୨୦ରେ ୨୦୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୦–୨୧ରେ ଏହା ୧୫୬କୁ ଖସି ଆସିଛି। ୨୦୧୫ ଏପ୍ରିଲ ପହିଲାରେ ବଜ୍ରପାତକୁ ରାଜ୍ୟ ସରକାର ରାଜ୍ୟ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ବଜ୍ରପାତରେ ମୃତକଙ୍କ ପରିବାରକୁ ରାଜ୍ୟ ସରକାର ୪ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେଉଛନ୍ତି। ତେବେ ବଜ୍ରପାତକୁ କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କଲେ କ୍ଷତିଗ୍ରସ୍ତ ପରିବାର ଅଧିକ ଉପକୃତ ହେବେ। ଅଧିକ ଆର୍ଥିକ ସହାୟତା ପାଇପାରିବେ। ଏଥିପାଇଁ ପଦକ୍ଷେପ ନିଆଯାଉ ବୋଲି ମାନସ ଦାବି କରିଛନ୍ତି। ଏଥିସହ ବଜ୍ରପାତ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଛି। ବଜ୍ରପାତଜନିତ ମୃତ୍ୟୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଜଙ୍ଗଲ ଓ କୃଷି ବିଭାଗକୁ ବହୁଳ ପରିମାଣରେ ତାଳଗଛ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଥାଇଲାଣ୍ଡ ଓ ବାଂଲାଦେଶ ବଜ୍ରପାତଜନିତ ମୃତ୍ୟୁ କମାଇବାରେ ସଫଳ ହୋଇଛନ୍ତି।



> ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁଚ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ

# କପି ବିରୋଧୀ ଆଇନ

ଆଗରୁ ଧାରଣା ଥିଲା ଯେ,କେବଳ ଅମଲାତନ୍ତ୍ରୀ, ରାଜନୈତିକ ବ୍ୟକ୍ତି ଓ ବ୍ୟବସାୟୀ ଦୁର୍ନୀତି କରି ଭାରତକୁ ତଳିତଳାନ୍ତ କରିବାରେ ଦାୟୀ। କିନ୍ତୁ ବାସ୍ତବ ପରିସ୍ଥିତି ଦର୍ଶାଉଛି ଯେ, ଦୁର୍ନୀତିର ମୂଳଦୁଆ ପକାଇଛି ଏହି ଦେଶର ସାଧାରଣ ନାଗରିକ, ଯେଉଁଥିପାଇଁ ଏହି ମାଟିରୁ କେବେହେଲେ ଦୁର୍ନୀତି ଦୂରକରାଯାଇପାରିବ ବୋଲି ବିଶ୍ୱାସ ହେଉନାହିଁ। ତା' ପଛର କାରଣ ରହିଛି ଅନେକ ଏବଂ ମୁଖ୍ୟ କାରଣ ହେଉଛି ସମସ୍ତେ ନିଜର ସକ୍ଷମତାଠାରୁ ଯଥେଷ୍ଟ ଆଗରେ ଅଛନ୍ତି ବୋଲି ଦର୍ଶାଇବାକୁ ଚାହାନ୍ତି। ସେଥିପାଇଁ ସମସ୍ତଙ୍କୁ ସବୁ ପ୍ରଥମେ ଦରକାର। ଏହି ଲକ୍ଷ୍ୟ ରଖି ଜୀବନର ଦୌଡ଼ରେ ପ୍ରତିଯୋଗିତା କରୁଥିବା ଭାରତୀୟ ନାଗରିକ ତାହାର ଦକ୍ଷତା ବୃଦ୍ଧି ପରିବର୍ତ୍ତେ ଲୋଭର ଆଶ୍ରୟ ନେଇ ଆଗେଇବାକୁ ଚାହିଁଥାଏ। ପରୀକ୍ଷାରେ ଭଲ ନମ୍ବର ଆଣିବା ପାଇଁ ପିଲାମାନେ କପିର ଆଶ୍ରୟ ନେଇଥାନ୍ତି। ଏପରିକି ସେତିକିରେ କାମ ନ ହେଲେ ମାତାପିତା ଲାଞ୍ଚ ଦେବାକୁ ଖାତା ଦେଖୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଖରେ ପହଞ୍ଚିଯାଆନ୍ତି। ବଡ଼ ମଣିଷ ହେବା ପରେ ସରକାରୀ ପଦବୀ ପାଇଁ ଦେଉଥିବା ପରୀକ୍ଷାରେ ଯୁବତୀଯୁବକ ସେହିଭଳି ପ୍ରକାର ଦୁର୍ନୀତିର ଆଶ୍ରୟ ନେଇଥାନ୍ତି।

ଏବେ କେନ୍ଦ୍ର ଓ ରାଜ୍ୟ ପବ୍ଲିକ୍ ସର୍ଭିସ୍ କମିଶନ, ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ (ଆର୍‌ଆର୍‌ବି), ବ୍ୟାଙ୍କ ପରୀକ୍ଷା, କେନ୍ଦ୍ର ସରକାରଙ୍କର ମନ୍ତ୍ରଣାଳୟ ଓ ସମସ୍ତ ବିଭାଗ ସହ ଜଡ଼ିତ ସଂସ୍ଥା ଏବଂ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଇତ୍ୟାଦି ସବୁ କେନ୍ଦ୍ରୀୟ ପରୀକ୍ଷାରେ ସମସ୍ତ ପ୍ରକାର ଅନୈତିକ କାର୍ଯ୍ୟ ରୋକିବା ଲାଗି ଆଇନ ଆଗତ କରାଯାଇଛି। ଏହିସବୁ ପରୀକ୍ଷାର ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୩ ବର୍ଷରୁ ୫ ବର୍ଷ ଯାଏ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜରିମାନାର ପ୍ରାବଧାନ ରଖାଯାଇଛି। ଏହା ବ୍ୟତୀତ ପରୀକ୍ଷା ପରିଚାଳନାରେ ନିୟୋଜିତ ସେବା ପ୍ରଦାନକାରୀ ସଂସ୍ଥା ଉପରେ ୧ କୋଟି ଟଙ୍କା ଜରିମାନା କରାଯିବା ସହ ପରୀକ୍ଷା ଖର୍ଚ୍ଚ ଆଦାୟ କରାଯିବ ବୋଲି ଖବର ପ୍ରକାଶ ପାଇଛି। ସମ୍ଭବତଃ ସ୍ୱାଧୀନ ଭାରତରେ ସର୍ବାଧିକ ସମୟ ଚାଲିଥିବା ପରୀକ୍ଷା ଏବଂ ଫଳାଫଳ ସମ୍ପୃକ୍ତ ଦୁର୍ନୀତିର ଶୀର୍ଷରେ ପହଞ୍ଚିଥିଲା ଭାଜପା ଶାସିତ ମଧ୍ୟପ୍ରଦେଶ ସରକାରଙ୍କ ବ୍ୟାପମ ଘଟଣାରେ। ସେହି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସଚିବଙ୍କ ସମେତ ବିଭିନ୍ନ କେନ୍ଦ୍ରମନ୍ତ୍ରୀ ଏବଂ ପ୍ରବଳ ସଂଖ୍ୟକ ଅଣରାଜନୈତିକ ବ୍ୟକ୍ତି ସମ୍ପୃକ୍ତ ଥିଲେ। ମେଡିକାଲ କିମ୍ବା ଇଞ୍ଜିନିୟରିଂରେ ବିଭିନ୍ନ ସରକାରୀ ପଦବୀରେ ପଶିବା ପାଇଁ ଜାଲିଆତି କରି ଅନେକ ହଜାର ଲୋକ ଚାକିରିରେ ଅଛନ୍ତି। ଯେଉଁମାନେ ସେହି ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ଚେଷ୍ଟା କରିଥିଲେ ସେମାନଙ୍କୁ ଦେଶର ବିଭିନ୍ନ ସ୍ଥାନରେ ହତ୍ୟା କରାଯିବାର ଖବର ସମସ୍ତେ ଜାଣନ୍ତି। ଏପରିକି ମଧ୍ୟପ୍ରଦେଶର ଜଣେ ପୂର୍ବତନ ରାଜ୍ୟପାଳଙ୍କ ପୁତ୍ର ଏବଂ ସେହି ରାଜ୍ୟର ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ପୁତ୍ରଙ୍କୁ ରାଜ୍ୟ ବାହାରେ ହତ୍ୟା କରାଯାଇଥିଲା। ଦୁର୍ନୀତିକୁ ବଢ଼ାଇବା ପାଇଁ ବିପୁଳ ଅର୍ଥ, ଗୁଣ୍ଡାମି ଓ ଧମକ ଏବଂ ଉଚ୍ଚପଦସ୍ଥ ଲୋକଙ୍କ ସକ୍ରିୟ ସାହାଯ୍ୟ ଲୋଡ଼ାଯାଇଥିବା ହେତୁ ବ୍ୟାପମର ପ୍ରଭାବ ଆଜି ମଧ୍ୟ ରହିଛି। ଭାତହାଣ୍ଡିରୁ ଗୋଟିଏ ଦାନା ଚିପିଲା ଭଳି ମଧ୍ୟପ୍ରଦେଶର ଭାଜପା ସରକାରର ଦୀର୍ଘଦିନ ଧରି ଚାଲିଆସୁଥିବା କାରନାମା ପ୍ରମାଣ କରୁଛି ଯେ ସବୁ ରାଜନୈତିକ ଦଳ ଏବଂ ଭାରତ ବ୍ୟାପୀ କେନ୍ଦ୍ର ଓ ସବୁ ରାଜ୍ୟର ଅମଲାତାନ୍ତ୍ରିକ ବ୍ୟବସ୍ଥା ପରୀକ୍ଷା ଦୁର୍ନୀତିରେ ସକ୍ରିୟ ଭାବେ ଜଡ଼ିତ ରହିଆସିଛି। ଓଡ଼ିଶାରେ ମଧ୍ୟ ସବୁ ଛୋଟ ବଡ଼ ପରୀକ୍ଷା ବେଳେ ପ୍ରଶ୍ନପତ୍ର ଲିକ୍‌ର ଦୁଃଖଦାୟକ ଖବର ବାରମ୍ବାର ମିଳୁଛି। ଏହି ପ୍ରଚ୍ଛଦପଟରେ ଦେଖିଲେ କେନ୍ଦ୍ରର ଭାଜପା ସରକାର ଆଣିଥିବା 'ଆଣ୍ଟି ଚିଟିଂ ଆଇନ' କୌଣସି ଭାବେ ପରୀକ୍ଷା ଜାଲିଆତିକୁ ରୋକିବା ପାଇଁ ଉଦ୍ଦିଷ୍ଟ ନୁହେଁ। ହୁଏତ ଏହି ନୂଆ ଆଇନ କିଛି ପରିମାଣରେ ଦୁର୍ନୀତି ରୋକିବାରେ ସଫଳ ହୋଇପାରେ। ସବୁକିଛି ନିର୍ଭରକରେ ଆଇନର କାର୍ଯ୍ୟକାରିତା ଉପରେ।

> ଭାତହାଣ୍ଡିରୁ ଗୋଟିଏ ଦାନା ଚିପିଲା ଭଳି ମଧ୍ୟପ୍ରଦେଶର ଭାଜପା ସରକାରର ଦୀର୍ଘଦିନ ଧରି ଚାଲିଆସୁଥିବା କାରନାମା ପ୍ରମାଣ କରୁଛି ଯେ ସବୁ ରାଜନୈତିକ ଦଳ ଏବଂ ଭାରତ ବ୍ୟାପୀ କେନ୍ଦ୍ର ଓ ସବୁ ରାଜ୍ୟର ଅମଲାତାନ୍ତ୍ରିକ ବ୍ୟବସ୍ଥା ପରୀକ୍ଷା ଦୁର୍ନୀତିରେ ସକ୍ରିୟ ଭାବେ ଜଡ଼ିତ ରହିଆସିଛି। ଓଡ଼ିଶାରେ ମଧ୍ୟ ସବୁ ଛୋଟ ବଡ଼ ପରୀକ୍ଷା ବେଳେ ପ୍ରଶ୍ନପତ୍ର ଲିକ୍‌ର ଦୁଃଖଦାୟକ ଖବର ବାରମ୍ବାର ମିଳୁଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | 9 | | | | | 2 | | 4 |
| | 8 | | | | | 1 | | |
| | 6 | 4 | | | | 9 | | 8 |
| | | | | 1 | 9 | 8 | | |
| | | | | | 7 | | | |
| | | 2 | | 5 | | | 1 | 7 |
| | 5 | | 9 | | 8 | | 4 | |
| | | | | | 1 | 7 | | |
| 4 | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 7 | 4 | 1 | 8 | 2 | 5 |
| 2 | 4 | 5 | 9 | 3 | 8 | 7 | 1 | 6 |
| 8 | 1 | 7 | 5 | 6 | 2 | 3 | 9 | 4 |
| 9 | 8 | 4 | 2 | 1 | 5 | 6 | 3 | 7 |
| 1 | 2 | 6 | 3 | 7 | 4 | 9 | 5 | 8 |
| 7 | 5 | 3 | 8 | 9 | 6 | 1 | 4 | 2 |
| 5 | 7 | 2 | 1 | 8 | 9 | 4 | 6 | 3 |
| 6 | 9 | 8 | 4 | 2 | 3 | 5 | 7 | 1 |
| 4 | 3 | 1 | 6 | 5 | 7 | 2 | 8 | 9 |

ଗତକାଲିର ଉତ୍ତର

# କୋଟା, କ୍ୟାରିୟର ଓ ଆମ ସମାଜ



ଅଭିଜିତ୍ ଜୟପ୍ରକାଶ ପ୍ରଧାନ

ରାଜସ୍ଥାନର କୋଟା ସହର ମେଡିକାଲ ତଥା ଜେ.ଇ.ଇ. ପରି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ପାଇଁ ଏକ ପରିଚିତ ନାମ। ତେବେ ହଠାତ୍ ଏହି ସହର ସରକାରଙ୍କ ନିଦ ହଜାଇଦେଇଛି। କାରଣ ହେଉଛି, ଏହି ସହରରେ ଆତ୍ମହତ୍ୟା କରୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା। ଏକଦା ଅଶୀ ଦଶକରେ ରାଜସ୍ଥାନର ଅନ୍ୟତମ ଶିଳ୍ପନଗରୀ ଥିବା କୋଟା, କଟନ ଶାଢ଼ି ଓ ଚୂନପଥର ପାଇଁ ପ୍ରସିଦ୍ଧ ଥିଲା। କିନ୍ତୁ ନବେଦଶକ ପରେ ନୂଆ ନୂଆ କୋଚିଂ ଅନୁଷ୍ଠାନମାନ ଖୋଲିବା ପରେ ଏହାର ପରିଚୟ ବଦଳିଲା। ଦେଶର କୋଣ ଅନୁକୋଣରୁ ଛାତ୍ରୀଛାତ୍ର ମେଡିକାଲ ଓ ଆଇ.ଆଇ.ଟି. ପରି ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ଲାଗି ଏଠାକୁ ଆସିବାକୁ ଲାଗିଲେ। ତେବେ କୋଟା ସହରରେ ଛାତ୍ରୀଛାତ୍ରମାନଙ୍କର ଆତ୍ମହତ୍ୟା ଘଟଣା ନୂଆ ନୁହେଁ। ରାଜସ୍ଥାନ ବିଧାନସଭାରେ ରଖାଯାଇଥିବା ଉତ୍ତର ଅନୁଯାୟୀ ବିଗତ ଦଶବର୍ଷରେ ଏହି ଆତ୍ମହତ୍ୟା କରିଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୫୦ରୁ ଅଧିକ ହେବ। ରାଜସ୍ଥାନ ସରକାର ଏହି ଘଟଣାକୁ ଏବେ ଗୁରୁତ୍ୱର ସହ ନେବା ସହିତ ମୁଖ୍ୟମନ୍ତ୍ରୀ ଏକ କମିଟି ଗଠନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ପରି ୧୪୦କୋଟି ଜନସଂଖ୍ୟାବିଶିଷ୍ଟ ରାଷ୍ଟ୍ରରେ ଗୋଟିଏ ସହରରେ ଆଠ ମାସରେ ବାଇଶଟି ଆତ୍ମହତ୍ୟା ହୁଏତ ସଂଖ୍ୟା ଦୃଷ୍ଟିରୁ ବେଶି ହୋଇ ନ ପାରେ, କିନ୍ତୁ ଏହି ସମସ୍ତ ଆତ୍ମହତ୍ୟା ଯଦି ଗୋଟିଏ ନିର୍ଦ୍ଦିଷ୍ଟ ବୟସ ଗୋଷ୍ଠୀର ଏବଂ ନିର୍ଦ୍ଦିଷ୍ଟ କାରଣ ପାଇଁ ହେଉଥାଏ, ତାହା ନିଶ୍ଚିତ ଭାବରେ ଚିନ୍ତାର ବିଷୟ।

କୋଟା ସହରରେ ପ୍ରାୟ ଦୁଇଶହରୁ ଅଧିକ କୋଚିଂ ଅନୁଷ୍ଠାନ ରହିଛି, ଯେଉଁଗୁଡ଼ିକ ବିଭିନ୍ନ ସର୍ବଭାରତୀୟ ପରୀକ୍ଷା ପାଇଁ ପିଲାମାନଙ୍କୁ କୋଚିଂ ଦିଅନ୍ତି। ପ୍ରାୟ ଦୁଇରୁ ତିନି ଲକ୍ଷ ପିଲା ପ୍ରତିବର୍ଷ ଭାରତର ବିଭିନ୍ନ ପ୍ରାନ୍ତରୁ ଏଠାକୁ କୋଚିଂ ନେବା ପାଇଁ ଆସିଥାନ୍ତି। ବଢୁଥିବା ଆତ୍ମହତ୍ୟା ପଛରେ ମାନସିକ ଅବସାଦ ବା ଚାପ ତ ନିଶ୍ଚିତ ରହିଛି, ତେବେ ସେସବୁର କାରଣ ଯଦି ଆମେ ଖୋଜିବାକୁ ଯିବା ପ୍ରଥମେ ଆସିବ ସେଠାରେ ଥିବା ଘରୋଇ କୋଚିଂ ଅନୁଷ୍ଠାନଗୁଡ଼ିକ। ଆଡ୍‌ମିଶନ ହେବା ମାତ୍ରେ ଏକ ତୀବ୍ର ପ୍ରତିଯୋଗିତା ମୂଳକ ପରିବେଶ ମଧ୍ୟକୁ ଠେଲି ଦିଆଯାଏ ପିଲାଙ୍କୁ। ଡେଲି ଟେଷ୍ଟ, ସାପ୍ତାହିକ ଟେଷ୍ଟ, ଅର୍ଦ୍ଧମାସିକ ତଥା ମାସିକ ଟେଷ୍ଟ ଆଦିଗୁଡ଼ିକ ମଧ୍ୟରେ ରୁନ୍ଧି ହୋଇଯାଏ ପିଲାଟି। ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସର୍ଭେର ରିପୋର୍ଟ ଅନୁଯାୟୀ କୋଟା ସହରରେ ସମୁଦାୟ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଅନୁପାତ ହେଉଛି ୧:୧୨୫। ପ୍ରତି କ୍ଲାସ୍‌ରୁମ୍‌ରେ ଶହେରୁ ଅଧିକ ପିଲା, ତେଣୁ ସବୁ ପିଲାଙ୍କ ପାଇଁ ଶିକ୍ଷକମାନଙ୍କର ବ୍ୟକ୍ତିଗତ ନିରୀକ୍ଷଣ ସମ୍ଭବପର ହୋଇପାରେ ନାହିଁ। ଏକ ଛୋଟ ସହରରୁ ଯାଇଥିବା ତଥା ସାଧାରଣ ମେଧାସମ୍ପନ୍ନ ପିଲାଟିଏ



ଏପରି ଗୋଟିଏ ପରିବେଶରେ ସବୁବେଳେ ନିଜକୁ ଖାପ ଖୁଆଇ ପାରେନାହିଁ। ବାରମ୍ବାର ଟେଷ୍ଟରେ ର୍ୟାଙ୍କ୍ କମ୍ ଆସିବା ହେତୁ ଉଭୟ ଘରୁ ଓ କୋଚିଂ ଅନୁଷ୍ଠାନରୁ ଚାପର ଶିକାର ହୁଏ ପିଲାଟି। ପୁଣି ବର୍ତ୍ତମାନ ସମୟରେ କୋଟାରେ କେତେଗୁଡ଼ିଏ କୋଚିଂ ସେଣ୍ଟରର ବାର୍ଷିକ ଫି ଚାରିରୁ ପାଞ୍ଚ ଲକ୍ଷ ଟଙ୍କା। ବାରମ୍ବାର ର୍ୟାଙ୍କ୍ କମ୍ ଆସିବା ହେତୁ, ଗୋଟିଏ ସାଧାରଣ ମଧ୍ୟବିତ୍ତ ପରିବାରରୁ ଏତେଗୁଡ଼ିଏ ଟଙ୍କା ଖର୍ଚ୍ଚ କରି ପଢ଼ିବାକୁ ଆସିଥିବା ପିଲାଟି ପ୍ରଦର୍ଶନଜନିତ ଚାପର ଶିକାର ହୁଏ। ଆଉ ଏହି ସବୁ ଚାପ ମଧ୍ୟରେ ନିଜର ପରିବାର ତଥା ଆତ୍ମୀୟଙ୍କଠାରୁ ହଜାର ହଜାର କିଲୋମିଟର ଦୂରରେ ଥିବା ପିଲାଟିର ମାନସିକ ଅବସ୍ଥା କେମିତି ରହୁଥିବ ତାହା ସହଜରେ ଅନୁମେୟ।

ଅନେକେ ହୁଏତ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଆଇ.ଆଇ.ଟି. ବା ମେଡିକାଲ ପାଇଁ ପାଠପଢ଼ା ଆଉ ୧୧ ଏବଂ ୧୨ ଶ୍ରେଣୀରେ ସୀମିତ ନାହିଁ। କୋଚିଂ ସେଣ୍ଟରଗୁଡ଼ିକ ଫାଉଣ୍ଡେଶନ୍ କୋର୍ସ ନାଁରେ ଷଷ୍ଠ, ସପ୍ତମ ଶ୍ରେଣୀରେ ପଢୁଥିବା ପିଲାମାନଙ୍କୁ ମେଡିକାଲ ଅଥବା ଇଞ୍ଜିନିୟରିଂ ଉଇଙ୍ଗ୍‌ରେ ବିଭକ୍ତ କରି ତଦନୁଯାୟୀ ସେମାନଙ୍କୁ କୋଚିଂ ଦେଉଛନ୍ତି। ଥରେ ଭାବି ଦେଖିଲେ, ଦଶ/ବାର ବର୍ଷର ପିଲାଟିଏ, ଯାହାକୁ ଦୁନିଆ କିମ୍ବା କ୍ୟାରିଅର ବିଷୟରେ ସାମାନ୍ୟତମ ଜ୍ଞାନ ନ ଥିବ, ତାକୁ ହିଁ ଆମେ ପ୍ରତିଯୋଗିତାର ଅନ୍ଧକୂପ ଭିତରକୁ ଠେଲି ଦେଉଛନ୍ତି। ଅନେକେ ଜାଣି ନ ଥିବେ କୋଟା ସହର ଓ ତା'ର ଆଖପାଖରେ ଅନେକ ଗୁଡ଼ିଏ ସ୍କୁଲ ରହିଛି; ଯେଉଁଗୁଡ଼ିକ ରାଜସ୍ଥାନ ବୋର୍ଡ କିମ୍ବା ସି.ବି.ଏସ୍.ଇ. ସହିତ ଅନୁବନ୍ଧିତ। ସେହି ସବୁ ସ୍କୁଲଗୁଡ଼ିକରେ ଉପସ୍ଥାନର କୌଣସି ଧରାବନ୍ଧା ନିୟମ ନ ଥାଏ। କୋଟାର କୋଚିଂ ସେଣ୍ଟରଗୁଡ଼ିକ ସହିତ ସେମାନଙ୍କର ସଲାସୁତରା ଥାଏ, ଯାହାଫଳରେ ପିଲାମାନେ ସେହି ସ୍କୁଲ ସବୁରେ ନାମଲେଖାଇ କୋଟାରେ ରହି କେବଳ କୋଚିଂ ସେଣ୍ଟର ଗୁଡ଼ିକରେ ପାଠ ପଢ଼ିବେ। ସ୍କୁଲରେ ଉପସ୍ଥାନର କୌଣସି ଗୁରୁତ୍ୱ ନ ଥିବାରୁ ସେମାନେ କେବଳ ପରୀକ୍ଷା ସମୟରେ ହିଁ ସ୍କୁଲ ଆସିବେ। ଥରେ ଭାବନ୍ତୁ, ସ୍କୁଲ, ଯାହା କି ଗୋଟିଏ ପିଲାର ଶୈକ୍ଷିକ, ବୌଦ୍ଧିକ ତଥା ନୈତିକ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଆମେ ଅଭିଭାବକ ହିସାବରେ ପିଲାଟିକୁ ସେସବୁରୁ ବଞ୍ଚିତ କରି ସେମାନଙ୍କୁ ଏମିତି ଏକ ରେସ୍‌ରେ ଦୌଡ଼ିବାକୁ ବାଧ୍ୟ କରୁଛନ୍ତି; ଯେଉଁ ରେସ୍‌ର ଗୁରୁତ୍ୱ ବୁଝିବାକୁ ସେ ପିଲାଟି ନିଜେ ମଧ୍ୟ ସକ୍ଷମ ହୋଇନାହିଁ।

ତେବେ କୋଚିଂ ସେଣ୍ଟର, ଅଭିଭାବକମାନଙ୍କ ଛଡ଼ା ଆଉ ଯେଉଁ ମୁଖ୍ୟ କାରଣଟି ଲୁଚି ରହିଛି ତାହା ହେଲା ଆମ ସମାଜ, ଯାହାର ଅଂଶ ଆମେ ନିଜେ ଓ ଆଜିକାଲିର ପରୀକ୍ଷାକୈନ୍ଦ୍ରିକ ଶିକ୍ଷା ବ୍ୟବସ୍ଥା। ଛୋଟବେଳରୁ ପିଲାଟି ପାଠପଢ଼ାରେ ଭଲ ପ୍ରଦର୍ଶନ କଲେ ତା' ମୁଣ୍ଡରେ ଭର୍ତ୍ତି କରିଦିଆଯାଉଛି ଯେ ଆଇ.ଆଇ.ଟି. କିମ୍ବା ମେଡିକାଲ କଲେଜରେ ସ୍ଥାନ ନ ମିଳିଲେ ସମାଜରେ ସମ୍ମାନ ମିଳିବ ନାହିଁ। କଳା, ଦର୍ଶନ ଶାସ୍ତ୍ର, ଆଇନ, ରାଜନୀତି ବିଜ୍ଞାନ, ଖେଳକୁଦ ଆଦି କୌଣସି ବିଷୟରେ ପିଲାର ଇଚ୍ଛା ଥାଇପାରେ, କିନ୍ତୁ ଆମେ ସେସବୁକୁ ଅଣଦେଖା କରିଦେଇ ମେଡିକାଲ କିମ୍ବା ଇଞ୍ଜିନିୟରିଂ ଉପରେ ହିଁ ଚାପ ଦେଉ। ଅବଶ୍ୟ ଏହା ପଛରେ ଗୋଟେ କାରଣ ରହିଛି। ସ୍ୱାଧୀନତା ପରେ ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥା ଯେବେ ସେତେଟା ଉନ୍ନତ ନ ଥିଲା, ସେବେ ଡାକ୍ତରୀ ବୃତ୍ତିକୁ ଅତ୍ୟନ୍ତ ସମ୍ମାନଜନକ ତଥା ଲାଭଜନକ ବୃତ୍ତି ରୂପେ ବିବେଚନା କରାଯାଉଥିଲା। ସେହିପରି ଅଶୀ ଓ ନବେ ଦଶକ ଆଡ଼କୁ ଦ୍ରୁତ ଶିଳ୍ପାୟନ ଫଳରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଲା ଏବଂ ସେ ସମୟରେ ଦେଶରେ ଇଞ୍ଜିନିୟରିଂ କଲେଜ ସଂଖ୍ୟା ମଧ୍ୟ ବେଶି ନ ଥିଲା। ତେଣୁ ଡାକ୍ତରୀ ଓ ଇଞ୍ଜିନିୟରିଂ ବୃତ୍ତି ସମାଜରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ପାଇଥିଲା ଓ ମେଧାବୀ ଛାତ୍ରୀଛାତ୍ରମାନେ ଏ ଦୁଇଟିରେ ନିଜ କ୍ୟାରିଅର ଗଢ଼ିବାକୁ ଆଗ୍ରହୀ ଥିଲେ। କିନ୍ତୁ ସମୟ ଏବେ ବଦଳିଛି, ଇଞ୍ଜିନିୟରିଂ ଓ ମେଡିକାଲ କଲେଜର ସଂଖ୍ୟା ମଧ୍ୟ ଯଥେଷ୍ଟ ଭାବରେ ବୃଦ୍ଧି ପାଇଛି। ଏକ ପରିସଂଖ୍ୟାନ ଅନୁଯାୟୀ ଆଗାମୀ ଦଶବର୍ଷ ଭିତରେ ଭାରତ ବିଶ୍ୱର ସର୍ବାଧିକ ଡାକ୍ତରୀ ଓ ଇଞ୍ଜିନିୟରିଂ ବୃତ୍ତିଧାରୀ ଲୋକଙ୍କର ଦେଶ ହେବ। ତେଣୁ ବର୍ତ୍ତମାନ ସମୟରେ ଏହି ମାନସିକତାରୁ ଆମ ସମସ୍ତଙ୍କୁ ବାହାରିବାକୁ ପଡ଼ିବ ଯେ, ଏହି ଦୁଇଟି ବୃତ୍ତି ବା ଏହି ପ୍ରକାର ପ୍ରତିଯୋଗିତାମୂଳକ ପରୀକ୍ଷାର ର୍ୟାଙ୍କ୍ ହିଁ ଗୋଟିଏ ପିଲାକୁ ମେଧାବୀର ସାର୍ଟିଫିକେଟ୍ ଦେବ।

ତେବେ କୋଟା ସହରର ସମସ୍ୟା ପ୍ରଶାସନିକ ଦୃଷ୍ଟିରୁ ରାଜସ୍ଥାନର ସମସ୍ୟା ହୋଇପାରେ କିନ୍ତୁ ପ୍ରକୃତରେ ଏହା ଆମ ସମସ୍ତଙ୍କର ସମସ୍ୟା। ଯଦି ଆମେ ଏଣ୍ଟ୍ରାନ୍ସ ପରୀକ୍ଷାର ଫଳାଫଳକୁ ବିଚାରକୁ ନେବା, ସଫଳତା ପାଉଥିବା ପିଲାମାନଙ୍କର ସଂଖ୍ୟା ସମୁଦାୟ ପରୀକ୍ଷା ଦେଉଥିବା ପିଲାମାନଙ୍କ ସଂଖ୍ୟାର ଏକ ପ୍ରତିଶତ। ବାକି ଅନେଶତ ପ୍ରତିଶତ ପିଲା ଯେଉଁମାନେ କି ଏତେ କୋମଳ ବୟସରୁ ସମାଜ ହେଉ କିମ୍ବା ପରିବାର ଚାପରେ ପଡ଼ି ଏ ରେସ୍‌ରେ ଦୌଡ଼ି ବିଫଳ ହୋଇଛନ୍ତି, ସେମାନଙ୍କ କଥା ଅନ୍ତତଃ ଥରୁଟିଏ ଭାବିବା।

**ସହକାରୀ ଉପବିଭାଗ ଅଧିକାରୀ,**
**ଲୋକସେବା ଭବନ ଓଡ଼ିଶା, ଭୁବନେଶ୍ୱର,**
**ମୋ: ୮୯୧୭୩୭୨୯୭୯**

# ଜଳ ସଞ୍ଚୟେ ସମୃଦ୍ଧି



ପ୍ରଣତି ଆଚାର୍ଯ୍ୟ ମିଶ୍ର

ପୃଥିବୀରେ ନିଃଶ୍ୱାସ ନେବା ପାଇଁ ସ୍ୱଚ୍ଛ ବାୟୁ ପରେ ସମସ୍ତଙ୍କୁ ପିଇବା ପାଇଁ ପାଣି ଦରକାର। କିନ୍ତୁ କିଛି ଲୋକଙ୍କୁ ପିଇବା ପରେ ମଧ୍ୟ ପ୍ରଚୁର ପରିମାଣରେ ପାଣିର ଆବଶ୍ୟକତା ରହିଛି, ଏଠାରେ ଏବଂ ସେଠାରେ ଢାଳିବା ପାଇଁ। ଯେଉଁମାନେ ପାଣିର ଅପବ୍ୟବହାର କରନ୍ତି ସେମାନଙ୍କୁ ଦେଖି ଅନେକ କିଛି ମନରେ ଆସେ। ପାଣି ବ୍ୟବହାରର ବିଶୃଙ୍ଖଳିତ ବ୍ୟବସ୍ଥା ଆମ ଦେଶରେ ଏକ ବିଡ଼ମ୍ବନା। କେହି କେହି ନିଜ କାର୍ ଧୋଇବା ପାଇଁ ଶହ ଶହ ଲିଟର ପାଣି ଢାଳନ୍ତି ତ କାହାକୁ ବ୍ୟବହାର ପାଇଁ ବାଲଟିଏ ପାଣି ମିଳେ ନାହିଁ। ସତ କଥା ହେଉଛି ପାଣିର ଉପଲବ୍ଧତା ସୁନିଶ୍ଚିତ ହେବା ଦରକାର! ଯେଉଁମାନେ କିଣିପାରୁଛନ୍ତି ସେମାନଙ୍କ ପାଇଁ ବିଦେଶରୁ ମଧ୍ୟ ପାଣି ଆସୁଛି, କିନ୍ତୁ ଗରିବ ଲୋକମାନେ ଏକ ଗ୍ଲାସ ବିଶୁଦ୍ଧ ପାଣି ପାଆନ୍ତି ନାହିଁ। ଆଜି ଭାରତରେ ପାଖାପାଖି ୨ହଜାର ନଦୀ ଅଛି, କିନ୍ତୁ ଏତେ ଅପରିଷ୍କାର ଯେ ସହରଗୁଡ଼ିକରେ ପିଇବା ପାଣିର ସଙ୍କଟ ଦେଖାଯାଏ। ପ୍ରତି ଦୁଇ ଦିନରେ ଟ୍ୟାଙ୍କରରୁ ପାଣି ଆସେ। ଜଳ ପ୍ରକୃତିର ଏକ ଉପହାର। କିନ୍ତୁ ଏହି ମୂଲ୍ୟବାନ ପାଣି ନିଜ ପାଇଁ କୌଣସି ଉପଯୁକ୍ତ ସ୍ଥାନ ପାଉନାହିଁ ଏବଂ ସ୍ମାର୍ଟ ସିଟିର ସଙ୍କୀର୍ଣ୍ଣ ଗଳିରେ ଦୁର୍ଗନ୍ଧିତ ହେଉଛି। ଆମେ କେବେ ଜଳର ମୂଲ୍ୟ ବୁଝିପାରିନାହୁଁ। ହଜାର ହଜାର ବର୍ଷ ଧରି ଏକ ଚିରନ୍ତନ ସତ୍ୟର ପୁନରାବୃତ୍ତି ହେଉଛି। ଜଳ ସଙ୍କଟ ଦୂର କରିବାର ସରଳ ଉପାୟ ବର୍ଷାଜଳ ସଂରକ୍ଷଣ। ବର୍ଷା ଜଳ ଅତ୍ୟନ୍ତ ଶୁଦ୍ଧ ଓ ଲାଭଦାୟକ ବୋଲି ଅନେକ ଥର ପ୍ରମାଣିତ ହୋଇଛି। କିନ୍ତୁ ଏ ଦିଗରେ ସଚେତନତା ଏବେ ବି ଖୁବ୍ କମ୍ ରହିଛି। ଆମେ ବର୍ଷ ସାରା ଘରୋଇ ବ୍ୟବହାରରେ ଜଳର ଆବଶ୍ୟକତା ଅନୁଭବ କରିଥାଉ। ସାଧାରଣତଃ ଜଣେ ବ୍ୟକ୍ତି ଦୈନିକ ପାଖାପାଖି ଚାଳିଶରୁ ପଚାଶ ଲିଟର ପାଣି ନିଜ ପାଇଁ ବ୍ୟବହାର କରିଥାଏ। କିନ୍ତୁ ଆମର ବ୍ୟବହୃତ ପାଣି ମାଟି ଭିତରକୁ ନ ଯାଇ ଡ୍ରେନରେ ପଡ଼ି ଯାଏ।

ନଦୀ କୂଳରେ ମାନବ ସଭ୍ୟତାର ବିକାଶ ହୋଇଛି। ଭାରତୀୟ ସଂସ୍କୃତିରେ ନଦୀକୁ ମା' କୁହାଯାଏ। କାରଣ ଏହି ନଦୀ ପାନୀୟ ଜଳ ରୂପରେ ଜୀବନ ଦେଇଥାଏ। କିନ୍ତୁ ଲୋଭି ମାନବ ପ୍ରାରମ୍ଭିକ ବିକାଶର ଚକ୍ରରେ ଫସି ଯାଇ ସମସ୍ତ ନଦୀକୁ ବିଷାକ୍ତ କରିଦେଇଥିଲା। ଆମ ଦେଶର ୪୦୦ ନଦୀ ପ୍ରଦୂଷଣର ଶିକାର ହେଉଛି। ଆଗାମୀ ଦିନରେ ଏହି ୪୦୦ ନଦୀ ଡ୍ରେନରେ ପରିଣତ ହେବ ବୋଲି ବିଶ୍ୱାସ କରାଯାଉଛି। ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଚେନ୍ନାଇ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସହର ପାଣିର ବ୍ୟବହାରକୁ ସୀମିତ କରୁଛି। କାରଖାନାଗୁଡ଼ିକ ଯୋଗୁ ଜଳସ୍ତର ହ୍ରାସ ପାଇଛି। କେତେକ ସଚେତନ ସହରର ଲୋକମାନେ ନିଜ ସ୍ତରରେ ସେଭ ୱାଟର ଗ୍ରୁପ୍ ଗଠନ କରିଛନ୍ତି। ଏହି ଲୋକମାନେ ଶପଥ ନେଇଥାନ୍ତି ଯେ କୌଣସି ଉପାୟରେ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ



ଅତି କମ୍‌ରେ ଏକ ବାଲଟି ପାଣି ସଞ୍ଚୟ କରିବେ। ତାଙ୍କ ପାଇଁ କଲୋନିରେ ଟ୍ୟାଙ୍କର ରଖାଯାଇଛି।

ଲୋକମାନେ ସେହି ବାଲ୍ଟିକୁ ପୂରା ଦାୟିତ୍ୱରେ ଭର୍ତ୍ତି କରନ୍ତି। ଏବେ କଲୋନିର ପାର୍କ ଓ ବଗିଚାକୁ ସବୁଜ ରଖାଯାଇଛି, ଯେଉଁଥିରେ ସଂରକ୍ଷିତ ପାଣି ରହିଛି। ଧୀରେ ଧୀରେ ଏତେ ଶୃଙ୍ଖଳା ଆସିଛି ଯେ ଲୋକମାନେ ପ୍ରତିଦିନ ଦୁଇ ବାଲଟି ପାଣି ସଞ୍ଚୟ କରନ୍ତି। କିନ୍ତୁ ଏଭଳି ଉଦାହରଣ କ୍ୱଚିତ ଦେଖିବାକୁ ମିଳେ। ଏହା ଆଶାର କିରଣ ହୋଇପାରେ, କିନ୍ତୁ ଏହା ଏକ କଇଁଛ ଚାଲି ସଦୃଶ। ଭାରତର ହଜାର ହଜାର ସହର ଓ ଗାଁରେ ଏହା ପ୍ରସାରିତ ହେବା ଦରକାର ଯେ ପାଣିକୁ ନଷ୍ଟ କରାଯିବା ଉଚିତ ନୁହେଁ, ଯଦି ଭବିଷ୍ୟତକୁ ବଞ୍ଚାଇବାକୁ ଚାହୁଁଛନ୍ତି ତେବେ ଜଳ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରାଯିବା ଉଚିତ। ଜଣେ ବୟସ୍କ ମହିଳା ବହୁତ ସୁନ୍ଦର କଥା କହିଥିଲେ, ପାଣି ସଞ୍ଚୟ କରିବା ପରିବର୍ତ୍ତେ ଏହାକୁ ନଷ୍ଟ କରନ୍ତୁ ନାହିଁ। କିଛି ଦିନ ତଳେ ଏକ ଲୋକଗୀତ ବାଜୁଥିଲା, ଯାହାର ମଧୁର ବାର୍ତ୍ତା ଥିଲା ବ୍ୟର୍ଥରେ ପାଣି ନ ଫିଙ୍ଗିବା ଦ୍ୱାରା ଅସୀମ ସମୃଦ୍ଧି ମିଳିଥାଏ। ପାଣି ସଞ୍ଚୟ କରି ଖୁସି, ସନ୍ତୁଳନ, ସୁସ୍ଥ ମନର ଅତ୍ୟନ୍ତ ପ୍ରେରଣାଦାୟକ କଥା ସେହି ଗୀତରେ ପ୍ରକାଶ ପାଇଥିଲା।

ପରିସଂଖ୍ୟାନ କହୁଛି ଯେ ବିଶ୍ୱରେ ପ୍ରାୟ ୧୦ ନିଯୁତ ବୋତଲ ପାଣି କିଣାଯାଏ। ଅନେକ ସମୟରେ ଅଧା ବୋତଲ ପାଣି ଫିଙ୍ଗି ଦିଆଯାଏ। ଏହା ପାଣିର ଅପମାନ। ଆମେ ସମସ୍ତେ ଏହି ମାନସିକତାରେ ଅଭ୍ୟସ୍ତ ହୋଇଯାଇଛୁ। ଆମେ ରୋଷେଇ ଘର ଏବଂ ବାଥ୍‌ରୁମ ପାଣିକୁ ବଗିଚା କରିବା ପାଇଁ ବ୍ୟବହାର କରୁନାହୁଁ। ପ୍ରତିଦିନ ଲକ୍ଷ ଲକ୍ଷ ଲିଟର ପାଣି ନାଳ ଭିତରକୁ ଯାଉଛି, କିନ୍ତୁ ପୃଥିବୀ ବିକଳ ହୁଏ ଯେ ତା' ପାଖକୁ ପାଣି ଫେରୁ ନାହିଁ। ଆମେ ଘରୋଇ ବ୍ୟବହାର ପାଇଁ ୯୦ ପ୍ରତିଶତ ପାଣି ଫିଙ୍ଗି ଦେଇଥାଉ। ଏହାର ସବୁଠାରୁ ଲଜ୍ଜାଜନକ ଉଦାହରଣ ହେଉଛି ଆର୍‌ଓ(ଫିଲ୍‌ଟର)ର ବ୍ୟବହାର। ଆର୍‌ଓ ଏପରି କାମ କରେ ଯେ ଯଦି ଦଶ ଲିଟର ପାଣି ସଫା କରିବାକୁ ପଡ଼େ, ତେବେ ପଚିଶ ଲିଟର ପାଣି ନଷ୍ଟ ହୋଇଯାଏ। ସେହି ପାଣି କୁଆଡ଼େ ଯାଉଛି? ନାଳରେ। ଏହା ପାଣିର ଅପବ୍ୟବହାର। ଭାରତରେ ଯେଉଁଠି ପ୍ରତି ମାସରେ କୌଣସି ନା କୌଣସି ପୂଜା ପର୍ବରେ ପାଣିର ଅର୍ଚ୍ଚନା କରାଯାଏ, ଯେଉଁଠାରେ ସନ୍ତାନ ଜନ୍ମଠାରୁ ଆରମ୍ଭ କରି ବୟସ୍କଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜଳକୁ ବ୍ୟବହାର କରାଯାଏ, ସେଠାରେ ଲୋକମାନେ ଜଳର ଅତି ନିର୍ମମ ବ୍ୟବହାର କରିଥାନ୍ତି। ଜଳର ମୂଲ୍ୟ ବୁଝି ନ ପାରିବା ଓ ବିଭିନ୍ନ ଉପାୟରେ ନଷ୍ଟ କରିବାର ପରିଣାମ ହେଉଛି ସମଗ୍ର ଦେଶରେ ଜଳ ଉପଲବ୍ଧତା ୨୦ ବର୍ଷ ତଳେ ଯାହା ଥିଲା ଏବେ ଯଥେଷ୍ଟ ହ୍ରାସ ପାଇଛି।

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

## ଏଇ ଭାରତରେ

ଅନେକ ସନ୍ତାନ ପରିବାରରେ ମାତାପିତାଙ୍କୁ ଏକୁଟିଆ ଛାଡ଼ି ଦେଇ ଅନ୍ୟତ୍ର ରହୁଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ସେମାନେ ଖାଇଲେ କି ନାହିଁ ତା'ଉପରେ ବି ଚିନ୍ତା କରୁନାହାନ୍ତି। ଅନେକ ମାତାପିତା ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି ତ ଅନେକେ ବୃଦ୍ଧାଶ୍ରମକୁ ଚାଲିଯାଉଛନ୍ତି। କିନ୍ତୁ ପୁଣେର ଦୀପଙ୍କର ଏଭଳି ଅନେକ ବୃଦ୍ଧାବୃଦ୍ଧଙ୍କ ଆଶାବାଡ଼ି ପାଲଟିଛନ୍ତି। ଦୀପଙ୍କର ସେମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇ ଦେଉଛନ୍ତି। ସେ ଆର୍ଟ ଅଫ୍ ହେଲ୍‌ପିଂ ଫାଉଣ୍ଡେଶନ ଦ୍ୱାରା ଏହି ସେବା ଜାରି ରଖିଛନ୍ତି। ଦୀପଙ୍କରଙ୍କ ସହ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ସେମାନେ ଘରେ ଅସହାୟ ଅବସ୍ଥାରେ ଥିବା ବୃଦ୍ଧାବୃଦ୍ଧଙ୍କ ନିକଟରେ ପ୍ରତିଦିନି ଖାଦ୍ୟ ପହଞ୍ଚାଇ ଦେଉଛନ୍ତି। କେବଳ ମାଗଣାରେ ଖାଦ୍ୟ ଦେଉନାହାନ୍ତି, ବରଂ ସେମାନଙ୍କୁ ତେଜରାତି, ବସ୍ତ୍ର ଓ ଔଷଧ ଯୋଗାଇ ଦେଉଛନ୍ତି; ଏପରି କି ସେମାନଙ୍କ ଘର ମଧ୍ୟ ସଫା କରିଦେଉଛନ୍ତି। ବହୁ ସମୟରେ ସ୍ୱେଚ୍ଛାସେବୀମାନେ ବୃଦ୍ଧାବୃଦ୍ଧଙ୍କ ନିକଟରେ ରହି ସେମାନଙ୍କ ମନକୁହାଲୁକା କରୁଛନ୍ତି। ଦୀପଙ୍କରଙ୍କୁ ୨ ବର୍ଷ ହୋଇଥିବାବେଳେ ସେ ପିତାଙ୍କୁ ହରାଇଥିଲେ। ପରେ ବହୁ କଷ୍ଟରେ ଶିକ୍ଷା ଶେଷକରି ଚାକିରି କରିଥିଲେ, କିନ୍ତୁ ତାହାକୁ ଛାଡ଼ି ଏହି କାର୍ଯ୍ୟ କରୁଛନ୍ତି। ଏବେ ସେ ୨୦୦-୩୦୦ ବୃଦ୍ଧାବୃଦ୍ଧଙ୍କୁ ନେଇ ଏକ ବୃଦ୍ଧାଶ୍ରମ ଖୋଲିବାକୁ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଫେବୃଆରୀ ୧୯୭୫

- ପାରାଦୀପଠାରେ କ୍ରୋମ ପଥର ବୋଝେଇ ନେଇ ଦୁଇ ଦଳଙ୍କ ମଧ୍ୟରେ ସଂଘର୍ଷ ଘଟିବା ଫଳରେ ୫୦ ଜଣ ଗିରଫ।
- ମେଘାଳୟ ମନ୍ତ୍ରିମଣ୍ଡଳରେ ଜଣେ କ୍ୟାବିନେଟ ଓ ୩ ରାଷ୍ଟ୍ରମନ୍ତ୍ରୀଙ୍କ ଯୋଗଦାନ ପରେ ମନ୍ତ୍ରିମଣ୍ଡଳ ସଭ୍ୟ ସଂଖ୍ୟା ୧୧ରେ ପହଞ୍ଚିଛି।
- ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସେକ୍ରେଟାରୀ ମହମ୍ମଦ ଅତାଉର ରହମନ ପଶ୍ଚିମ ଜର୍ମାନୀରେ ଭାରତର ନୂଆ ରାଷ୍ଟ୍ରଦୂତ।

## ପାଠକ ଶ୍ରେଷ୍ଠ ବିଚାରକ

### ନିଯୁକ୍ତି ପାଇଁ କିଛି ନାହିଁ

ମହାଶୟ,

ଦେଶର ଅର୍ଥମନ୍ତ୍ରୀ ଯେଉଁ ବଜେଟ ଉପସ୍ଥାପନା କଲେ ସେଥିରେ ଏମିତି କୌଣସି ନୂଆ ଖବର ନ ଥିଲା ; ଯେଉଁଥି ପାଇଁ ସାଧାରଣ ଜନତା ଖୁସି ହେବେ। ବଜେଟରେ ୨୦୪୭ରେ ଭାରତକୁ ଗୋଟିଏ ବିକଶିତ ଦେଶ ଭାବେ ଠିଆ କରାଇବାର ସ୍ୱପ୍ନ ଦିଆଗଲା । ଏଇ ତେଇଶ ବର୍ଷର ସମୟ କିଛି କମ୍ ନୁହେଁ। ବର୍ତ୍ତମାନର ସରକାରଙ୍କୁ ବେକାର ସମସ୍ୟା ଉପରେ ବିରୋଧୀ ଘେରୁଥିବାରୁ ସରକାର ଯୁବ ପିଢ଼ିଙ୍କୁ କିପରି ଚାକିରି ଦିଆଯିବ ତା' ଉପରେ ବଜେଟରେ ଉଲ୍ଲେଖ ରହିଥିଲା କିନ୍ତୁ କେତେ ସଫଳ ହେବ କିଏ ଜାଣେ । ଦେଶରେ ସୋଲାର ପାୱାର ବା ସୂର୍ଯ୍ୟ ଶକ୍ତିକୁ କିପରି ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଇବେ ସେଥିପାଇଁ ବଜେଟରେ ସ୍ଥାନ ଦିଆଯାଇଛି । ସୌର ଶକ୍ତି ୩୦୦ୟୁନିଟର ବିଦ୍ୟୁତ ଉତ୍ପାଦନ କରି ପନ୍ଦର ହଜାରରୁ ଅଠର ହଜାର ଟଙ୍କା ବଞ୍ଚାଇପାରିବ। ଇନ୍‌କମ ଟ୍ୟାକ୍ସରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଦେଶର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଇଣ୍ଟେରିୟମ ବଜେଟ ଭିତରେ ଆତ୍ମବିଶ୍ୱାସ ରହିଛି ଏହି ବଜେଟ ଦେଶର ଚାରୋଟି ସ୍ତମ୍ଭକୁ ସଶକ୍ତୀକରଣ କରିବ। ସେଗୁଡ଼ିକ ଯଥାକ୍ରମେ ହେଲେ ଯୁବଗୋଷ୍ଠୀ, ଦରିଦ୍ର, ମହିଳା ଓ ଚାଷୀ। କିନ୍ତୁ ଦେଶର ପ୍ରକୃତ ବଜେଟ ନିର୍ବାଚନ ପରେ ହିଁ ଆସିବ। ନିର୍ବାଚନକୁ ଆଖିରେ ରଖି ଅର୍ଥମନ୍ତ୍ରୀ ବଜେଟ ବିଷୟରେ କମ୍ ବରଂ ଭାଜପା ସରକାରଙ୍କ ଉପଲବ୍ଧି ଉପରେ ବେଶି କହିଛନ୍ତି।

**-କାଳି ଦାସ, ବ୍ରହ୍ମପୁର, ଖୋ କଳିଙ୍ଗନଗର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ଆସ ତହିଁ ନ ଦିଅ ଦେଖା
ବ୍ୟଥିତ ମୁହିଁ ଫେରଇଁ ଘରେ
ଅଭିମାନର ଲୋତକ ରାଶି
ନ ପଡେ ତଳେ ନୟନେ ମରେ।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନିୟମ ପାଳନ କରି ବାଲିଉଠାକୁ ଅନୁମତି

## ହାଇକୋର୍ଟରେ ବେଆଇନ ବାଲିଉଠାଣ ମାମଲାର ଶୁଣାଣି ଶେଷ

### ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

କଟକ,୬।୨ (କାର୍ତ୍ତିକ ସାହୁ)

ରାଜ୍ୟର ବିଭିନ୍ନ ବାଲିଘାଟରୁ ବାଲି ଉଠାଣ ନିମନ୍ତେ ହାଇକୋର୍ଟ ମଙ୍ଗଳବାର ଅନୁମତି ପ୍ରଦାନ କରିଛନ୍ତି। ହେଲେ ମେଶିନ୍ ଦ୍ୱାରା ବାଲି ଉଠାଣ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଲି ବୋଝେଇ ଗାଡ଼ି ଯାତାୟାତ କରିପାରିବ ନାହିଁ। ନିୟମ ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଦୂଷଣ ଓ ରାଜସ୍ୱ ହାନି ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବ୍ୟବସ୍ଥା ସଂକ୍ରାନ୍ତରେ ହାଇକୋର୍ଟରେ ସରକାର ସତ୍ୟପାଠ ଦାଖଲ କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିୟମ ବୁଧବାରଠାରୁ କଡ଼ାକଡ଼ି ପାଳନ କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କଟକ ସହର ସମେତ ବିଭିନ୍ନ ନଦୀପଠାରୁ ବେଆଇନ ବାଲି ଉଠାଣ ଓ ପରିବହନ କରାଯାଉଥିବା ନେଇ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ଜେନା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ବେଆଇନ ବାଲି ଉଠାଣ ଯୋଗୁ ରାଜସ୍ୱ ହାନି ହେଉଥିବା ସେ ଆବେଦନରେ ଦର୍ଶାଇଥିଲେ। ଲିଜ୍‌ଧାରୀଙ୍କ ପାଇଁ ପ୍ରଶାସନ ଲୋକଙ୍କ ସ୍ୱାର୍ଥକୁ ଆଖି ବୁଜିଦେଇଛି। ରାତି ୧୦ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ବାଲି ପରିବହନ କରାଯିବାର ନିୟମ ଥିବାବେଳେ ସବୁ ସମୟରେ ବାଲି ପରିବହନ କରାଯାଉଛି। ପରିବହନ ସମୟରେ ରାସ୍ତାରେ ଗଦା ଗଦା ବାଲି ପଡ଼ିରହୁଛି। ଏହାଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି ବୋଲି ମଧ୍ୟ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଡିସେମ୍ବର ୧୯ ତାରିଖରେ ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ବାଲି ଉଠାଣ ଉପରେ ଏକ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଉକ୍ତ ସତ୍ୟପାଠ ଅନୁସାରେ ୧୪ଟି ବାଲିଘାଟକୁ ବନ୍ଦ କରାଯାଇଛି। ଏଥିସହ କୌଣସି ବାଲିଘାଟ ଚାଲୁ ନାହିଁ ବୋଲି ଦର୍ଶାଇଥିଲେ। ହେଲେ ଡିସେମ୍ବର ୨୧ରେ ବାଲି ଉଠାଣ ଉପରେ ରାଜ୍ୟ ଖଣି ବିଭାଗ ଏକ ବିଜ୍ଞପ୍ତି ଜାରି କରିଥିଲା। ଅତି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖଣି ବିଭାଗ ବାଲି ଉଠାଣ ଲାଗି ଅନୁମତି ଦେଇଥିଲା। ଏନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବାଲିଘାଟରୁ ମେଶିନ ଦ୍ୱାରା ବାଲି ଉଠାଇବାର ନିୟମ ନ ଥିବାବେଳେ ଖଣି ବିଭାଗ ମେକାନିକାଲ ଭାବେ ବାଲି ଉତ୍ତୋଳନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲା। ହେଲେ ମେକାନିକାଲ ଉପାୟରେ କେମିତି ବାଲି ଉଠାଯିବ ତାହା ସ୍ପଷ୍ଟ କରି ନ ଥିଲା। ଫଳରେ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ହାଇକୋର୍ଟ କ୍ଷୁବ୍ଧ ହେବା ସହ ଜାନୁଆରୀ ୧୦ ତାରିଖରେ ମେଶିନ ବ୍ୟବହାର କରି ବାଲି ଉଠାଣ ଉପରେ ରୋକ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମେଶିନ ଦ୍ୱାରା ବାଲିଘାଟରୁ ବାଲି ଉତ୍ତୋଳନ କରିବାର ନିୟମ ଓ ବିଧିବ୍ୟବସ୍ଥା ସଂକ୍ରାନ୍ତରେ ସୋମବାର ସୁଦ୍ଧା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାଲିଘାଟ ଚାଲିବାର ଆବଶ୍ୟକତା ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ରାଜ୍ୟ ସରକାର ସୋମବାର ଅବଗତ କରାଇଥିଲେ। ବାଲିଘାଟରୁ ମେଶିନ ଦ୍ୱାରା ବାଲି ଉତ୍ତୋଳନ କରିବାର ପ୍ରଚଳିତ ନିୟମ ଓ ଅନ୍ୟାନ୍ୟ ବ୍ୟବସ୍ଥା ବାବଦରେ ମଧ୍ୟ ରାଜ୍ୟ ସରକାର ସତ୍ୟପାଠରେ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ଏବଂ ସିଦ୍ଧାନ୍ତ କୁମାର ଜେନା ମାମଲା ପରିଚାଳନା କରୁଥିଲେ।

## ଦୁଇ ବ୍ରାଉନସୁଗାର ଡିଲରଙ୍କୁ ଧରିଲା ସ୍ପେଶାଲ କ୍ରାଇମ୍ ୟୁନିଟ୍

# ୪୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୬।୨(ସତ୍ୟଜିତ୍ ରାଉତ): କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ହାତରେ ଧରାପଡ଼ିଛନ୍ତି ଦୁଇ ବ୍ରାଉନସୁଗାର ଡିଲର। ପୋଲିସ ଟିମ୍ ମଙ୍ଗଳବାର ସକାଳେ ପାହାଳ ନିକଟରେ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା ଖୁଣ୍ଟୁଣୀ ଗ୍ରାମର ଶିବ ପ୍ରସାଦ ଦାସ (୨୭) ଓ ଜଗବନ୍ଧୁ ଦାସ (୨୯)। ସେମାନଙ୍କ ନିକଟରୁ ୪୦ ଲକ୍ଷ ଟଙ୍କାର ୪୦୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ଗୋଟିଏ ଆର୍-୧୫ ବାଇକ୍, ମୋବାଇଲ ଏବଂ ନଗଦ ୩୫ଶହ ଟଙ୍କା ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଦ୍ୱୟ କିଛିଦିନ ହେଲା ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ଥିବା ଛୋଟ ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ।

# ରିଲ୍ସ ବେଳେ ଜଳପ୍ରପାତରେ ଖସିପଡ଼ିଲେ ୨ ଯୁବତୀ

## ଜୀବନ ବଞ୍ଚାଇଲେ ଡ୍ରାଇଭର

ମାଲକାନଗିରି, ୬।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଗୋବିନ୍ଦପାଲ୍ଲି ନିକଟରେ ଥିବା ଗୁମ୍ମାଝରଣ ଜଳପ୍ରପାତ ଏକ ମନୋରମ ସ୍ଥାନ। ଏଠାକୁ ଅନେକେ ଭ୍ରମଣ ନିମନ୍ତେ ଯାଇଥାନ୍ତି। କୁଡୁମୁଲୁଗୁମ୍ମା ଅଞ୍ଚଳର ୨ ଯୁବତୀ ମଧ୍ୟ ନିଜ ପରିବାର ସହ ପିକନିକ ପାଇଁ ମଙ୍ଗଳବାର ଏଠାକୁ ଆସିଥିଲେ। ତେବେ ସେଠାରେ ଏମାନେ ବୁଲାବୁଲି କରିବା ସହ ଖୁସିରେ ରିଲ୍ସ କରୁଥିଲେ। ଏହି ସମୟରେ ଅସାବଧାନତା କାରଣରୁ ସେମାନଙ୍କ ଗୋଡ଼ ଖସି ପାଣି ଭିତରେ ଖସି ପଡିଥିଲେ। ଜଳପ୍ରପାତର ପ୍ରଖର ସ୍ରୋତ ଓ ଗଭୀର ଯୋଗୁ ସେମାନେ ଆଉ ବାହାରକୁ ଆସି ନ ପାରି ଚିତ୍କାର କରିଥିଲେ। ନିକଟରେ ଥିବା ପରିବାର ଲୋକେ ମଧ୍ୟ ଭୟଭୀତ ଓ ଅସହାୟ ହୋଇ ପଡିଥିଲେ। ଏହା ଦେଖି ସେମାନଙ୍କ ସହ ଯାଇଥିବା ଗୋବିନ୍ଦପାଲ୍ଲିର ୨ ଜଣ ଡ୍ରାଇଭର ଜିତୁ ଗୌଡ ଓ ଦୀପକ ଗୌଡ ଜୀବନକୁ ବାଜି ଲଗାଇ ପାଣି ଭିତରକୁ ଡେଇଁ ୨ ଯୁବତୀଙ୍କୁ ଉଦ୍ଧାର କରିଥିଲେ।



୨ ଯୁବତୀଙ୍କୁ ଗୁମ୍ମାଝରଣ ଜଳପ୍ରପାତରୁ ଉଦ୍ଧାର କରାଯାଉଛି।

# ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର, ସୁରକ୍ଷା ସହ ସାଲିସ କରାଯିବନାହିଁ: ଧର୍ମେନ୍ଦ୍ର

ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କୌଣସି ସ୍ଥିତିରେ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ଏବଂ ସୁରକ୍ଷା ସହ ସାଲିସ କରାଯିବ ନାହିଁ ବୋଲି ମଙ୍ଗଳବାର ରାଜ୍ୟ ସଭାରେ ସମ୍ବିଧାନ (ଅନୁସୂଚିତ ଜାତି ଓ ଜନଜାତି) ଆଦେଶ (ସଂଶୋଧନ) ବିଲ୍ – ୨୦୨୪ ଉପରେ ବିବୃତି ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଏହି ଐତିହାସିକ ବିଲ୍ ମାଧ୍ୟମରେ ଓଡ଼ିଶାର ୪ଟି ବିଶେଷରୂପେ ଅସୁରକ୍ଷିତ ଆଦିବାସୀ ଗୋଷ୍ଠୀ(ପିଭିଟିଜି) ପାଉଡ଼ି ଭୂୟାଁ, ଚକୋଟିଆ ଭୁଞ୍ଜିଆ, ବଣ୍ଡା ଓ ମାଙ୍କଡ଼ିଆଙ୍କ ସହ ୧୫ ଜନଜାତି ସମୁଦାୟରେ ୫୦ରୁ ଊର୍ଦ୍ଧ୍ୱ ଉପଜାତିଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରଦାନ କରି ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରାଯାଇଛି। ଯେଉଁମାନେ ଦୀର୍ଘ ୭୫ ବର୍ଷରୁ ନିଜର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ଥିଲେ, ସେମାନଙ୍କୁ ମୋଦି ସରକାରରେ ସୁରକ୍ଷା ସହ ଅଧିକାର ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ଓ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ସାଢେ ୪କୋଟି ଓଡ଼ିଆଙ୍କ ତରଫରୁ ସେ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ଜନଜାତିଙ୍କ ପ୍ରତି ପୂର୍ବରୁ ହୋଇଥିବା ଐତିହାସିକ ଭୁଲ୍‌କୁ ସୁଧାରିଛନ୍ତି। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜନଜାତି ସମୁଦାୟଙ୍କ ପାଇଁ ଏହି ବିଧେୟକ ଆର୍ଥିକ-ସାମାଜିକ କ୍ଷେତ୍ରରେ ବଡ଼ ପ୍ରଭାବ ପକାଇବ। ୫୦୦ ବର୍ଷ ପରେ ରାମ ମନ୍ଦିର ପ୍ରତିଷ୍ଠା ହେବା ସମୟରେ ଯେଉଁ ଉତ୍ସାହ ଥିଲା, ଏହି ବିଧେୟକ ଆଇନରେ ପରିଣତ ହେଲେ ଓଡ଼ିଶାର ଜନଜାତି ସମାଜର ବିଶେଷତଃ ୪ଟି ଆଦିମ ଜନଜାତି ସମୁଦାୟଙ୍କ ମଧ୍ୟରେ ସେହି ଉତ୍ସାହ ଦେଖାଯିବ। ଏହି ସମୁଦାୟଙ୍କୁ ନ୍ୟାୟ ଏବଂ ସାମ୍ବିଧାନିକ ଅଧିକାର ଦେବା ଏବଂ ସେମାନଙ୍କୁ ଆକାଂକ୍ଷା ତଥା ଅଭିଳାଷକୁ ପୂରଣ କରିବା ଦିଗରେ ଏହି ପଦକ୍ଷେପ ସଫଳ ହେବ। ଦେଶରେ ଜନଜାତିଙ୍କ ଅଧିକାରକୁ ସୁରକ୍ଷା ପାଇଁ ସମ୍ବିଧାନରେ ପ୍ରାବଧାନ ରହିଛି। କିନ୍ତୁ ଏପରି ଅନେକ ଉଦାହରଣ ରହିଛି, ଯେତେବେଳେ ସମ୍ବିଧାନକୁ ବଦଳାଇବାର ପ୍ରୟାସ କରାଯାଇଛି। ଓଡ଼ିଶାରେ ମଧ୍ୟ ଏପରି ଦୁର୍ଭାଗ୍ୟଜନକ ପଦକ୍ଷେପ ନିଆଯାଇଥିଲା। ନିକଟରେ ଓଡ଼ିଶାରେ ଆଦିବାସୀଙ୍କ ଜମିକୁ ବିକ୍ରି କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଥିଲା। ଏହି ସମ୍ବିଧାନ ବିରୋଧୀ ନିଷ୍ପତ୍ତିକୁ ଜନଜାତିଙ୍କ ସମେତ ସବୁ ଆଡୁ ବିରୋଧ ହେବା ପରେ ଏହାକୁ ପ୍ରତ୍ୟାହାର କରାଯାଇଛି। ଜନଜାତିଙ୍କ ସାମ୍ବିଧାନିକ ଅନୁମୋଦିତ ଅଧିକାର ସହ ସାଲିସ୍ କରିବାର ଅଧିକାର କାହାର ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଅଯୋଧ୍ୟା ଦର୍ଶନ ପାଇଁ ଚାଲିଲା ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)

ଗତ ମାସ ୨୨ ତାରିଖରେ ଅଯୋଧ୍ୟାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଛି। ଦର୍ଶନ ଓ ଆଶିଷ ପାଇବା ସହ ଏଭଳି ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ବର୍ତ୍ତମାନ ଶ୍ରଦ୍ଧାଳୁଙ୍କ ସୁଅ ଅଯୋଧ୍ୟାକୁ ଛୁଟୁଛି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ଚିରସ୍ମରଣୀୟ କରିବା ପାଇଁ ଓଡ଼ିଶାବାସୀଙ୍କ ମନରେ ଅନେକ ଉତ୍କଣ୍ଠା ପ୍ରକାଶ ପାଇଥିଲା। ରାଜ୍ୟର ଅଗଣିତ ରାମଭକ୍ତଙ୍କ ଉତ୍କଣ୍ଠା ଓ ଆଗ୍ରହକୁ ସମ୍ମାନ ଜଣାଇ ଏବଂ ଦର୍ଶନକୁ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ରେଳ ମନ୍ତ୍ରଣାଳୟ ସହଯୋଗରେ ମଙ୍ଗଳବାରଠାରୁ ଅଯୋଧ୍ୟାକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ଆରମ୍ଭ ହୋଇଛି। ଏହି କ୍ରମରେ ଓଡ଼ିଶାର ରାମଭକ୍ତଙ୍କ ପାଇଁ ମଙ୍ଗଳବାର ଅଯୋଧ୍ୟାକୁ 'ଭୁବନେଶ୍ୱର-ଦର୍ଶନ ନଗର (ଅଯୋଧ୍ୟା) ଆସ୍ଥା ସ୍ପେଶିଆଲ ଟ୍ରେନ୍' ଗଡିଛି। ୧୫ ଶହରୁ ଊର୍ଦ୍ଧ୍ୱ ରାମ ଭକ୍ତ ଏହି ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ଅଯୋଧ୍ୟା ଯାତ୍ରା କରିଛନ୍ତି। ଏହି ସ୍ୱତନ୍ତ୍ର ଟ୍ରେନ୍ ବୁଧବାର ସକାଳେ ଅଯୋଧ୍ୟାରେ ପହଞ୍ଚିବ ଏବଂ ୨୪ ଘଣ୍ଟା ରହଣି ପରେ ୮ ତାରିଖରେ ପ୍ରତ୍ୟାବର୍ତ୍ତନ କରି ଆସନ୍ତା ୯ରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ଯାତ୍ରାରେ ପୁରୀ, ନୟାଗଡ଼ ଏବଂ ଜଗତ୍‌ସିଂହପୁର ଜିଲାର ଶ୍ରଦ୍ଧାଳୁମାନେ ଗସ୍ତ କରିଥିବାବେଳେ ପର୍ଯ୍ୟାୟକ୍ରମେ ରାଜ୍ୟର ସବୁ ଜିଲାରୁ ଲୋକଙ୍କୁ ଅଯୋଧ୍ୟା ନେଇ ରାମଲାଲାଙ୍କ ଦର୍ଶନବ୍ୟବସ୍ଥା କରାଯିବ । ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି।

# ସବୁ ନିର୍ବାଚନମଣ୍ଡଳୀରେ ହେବ ଇଭିଏମ୍, ଭିଭିପିଏଟି ସଚେତନତା

ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ରାଜ୍ୟର ସମସ୍ତ ଭୋଟରଙ୍କୁ ଇଭିଏମ୍,ଭିଭିପିଏଟି ମାଧ୍ୟମରେ ମତଦାନ କରିବାର କଳାକୌଶଳ ଶିଖାଯିବ। ଏଥିଲାଗି ସଚେତନ କରାଇବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟବ୍ୟାପୀ ଇଭିଏମ୍, ଭିଭିପିଏଟିର ସଚେତନତା କାର୍ଯ୍ୟକ୍ରମ ଚାଲିଛି। ସବୁ ଜିଲା ସଦର ମହକୁମା ଓ ଉପଖଣ୍ଡ ସଦର ମହକୁମାଠାରେ ଇଭିଏମ୍ ଡେମନ୍‌ଷ୍ଟ୍ରେଶନ କେନ୍ଦ୍ର ଖୋଲାଯାଇଛି। ଅଭିଜ୍ଞ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇଭିଏମ୍,ଭିଭିପିଏଟି ମାଧ୍ୟମରେ କିପରି ମତଦାନ କରାଯାଏ ସେନେଇ ପ୍ରଶିକ୍ଷଣ ସହ ଜନସାଧାରଣଙ୍କୁ ମକ୍‌ପୋଲ୍ ସୁଯୋଗ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ଭୋଟର ହୋଇଥିବା ନୂତନ ଯୁବଭୋଟରଙ୍କ ସହ ଯେଉଁମାନେ ପୂର୍ବରୁ ଇଭିଏମ୍,ଭିଭିପିଏଟି ମାଧ୍ୟମରେ ଭୋଟ ଦେଇଛନ୍ତି ସେମାନଙ୍କୁ ମଧ୍ୟ ମକ୍‌ପୋଲ ସୁଯୋଗ ଦିଆଯାଉଛି। ଫଳରେ ସବୁ ଭୋଟର ସଚେତନ ହେବା ସହ ସହଜରେ ମତଦାନ କରିପାରୁଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଗତ ୪ ତାରିଖ ସୁଦ୍ଧା ସବୁ ଜିଲା ଓ ଉପଖଣ୍ଡରେ ଖୋଲାଯାଇଥିବା ଇଭିଏମ୍,ଭିଭିପିଏଟି ସଚେତନତା କେନ୍ଦ୍ରକୁ ସମୁଦାୟ ୫୨,୫୨୫ ଭୋଟର ସଚେତନତା କାର୍ଯ୍ୟକ୍ରମ ଦେଖିଛନ୍ତି। ୫୨,୦୩୪ ଭୋଟର ଇଭିଏମ୍,ଭିଭିପିଏଟି ମାଧ୍ୟମରେ ହେଉଥିବା ମକ୍‌ପୋଲରେ ଅଂଶଗ୍ରହଣ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମ ଇଭିଏମ୍,ଭିଭିପିଏଟି ମୋବାଇଲ୍ ଭ୍ୟାନ୍ ମାଧ୍ୟମରେ ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀରେ ଥିବା ସବୁ ଭୋଟଗ୍ରହଣ ହେଉଥିବା ସ୍ଥାନକୁ ଯାଇ ଭୋଟରଙ୍କୁ ସଚେତନ କରାଯାଉଛି। ଗତ ୪ ତାରିଖ ସୁଦ୍ଧା ରାଜ୍ୟର ୩୦,୬୮୮ଭୋଟ ଗ୍ରହଣ ସ୍ଥାନ ମଧ୍ୟରୁ ୧୬,୪୩୪ଟି ସ୍ଥାନରେ ମୋବାଇଲ ଭ୍ୟାନ୍ ମାଧ୍ୟମରେ ଇଭିଏମ୍,ଭିଭିପିଏଟି ଜରିଆରେ ଭୋଟ ଦେବା ସଚେତନତା କାର୍ଯ୍ୟକ୍ରମ ସରିଛି। ଚଳିତ ମାସ ଶେଷ ସୁଦ୍ଧା ଅବଶିଷ୍ଟ ସ୍ଥାନରେ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ କହିଛନ୍ତି।


**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ସିବି_ଏଏଲ୍_4825_ଟିପର୍_ଫୁଲ୍_ଓ୍ୱାଇ_ବିଲ୍ଟ_ଭେହିକଲ୍
ଗାଡ଼ି ନଂ.- OD09V3763
ନିର୍ମାଣ ବର୍ଷ - 2022
ସଂରକ୍ଷିତ ମୂଲ୍ୟ - 2835000.00

2) ମଡେଲ ନଂ. ସିବି_ବୋଲେରୋ ପିକ୍ ଅପ୍ ସମସ୍ତ ଭାରିଆଣ୍ଟ
ଗାଡ଼ି ନଂ.- OD04S8817
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 645000.00

3) ମଡେଲ ନଂ. ମହିନ୍ଦ୍ରା ବ୍ଲେଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 612220.06

4) ମଡେଲ ନଂ. ମହିନ୍ଦ୍ରା ବ୍ଲେଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 652931.02

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

MINISTRY OF MICRO, SMALL & MEDIUM ENTERPRISES
GOVERNMENT OF INDIA
Khadi India

Khadi... The Pride of India.

Khadi India
CELEBRATING
KHADI MAHOTSAV - 2024
A ZONAL LEVEL PMEGP EXHIBITION
6th Feb - 15th Feb, 2024
TIME: 2 PM to 10 PM

Venue
Christian Sahi Ground
Near Sarala Bhawan
Biju Patnaik Chhak, Cuttack

KHADI FOR NATION
KHADI FOR FASHION

Please visit the Exhibition and encourage rural artisans by purchasing Khadi and Village Industries products and enjoy Cultural shows in the evening

www.khadiindia.gov.in Follow us on : /kvicindia

**TP SOUTHERN ODISHA DISTRIBUTION LIMITED**
(Procurement Department)
TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 07.02.2024

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Supply of various sizes of GI Wire at TPSODL. | TPSODL/OT/ 2023-24/084 | 2,00,000 | 5,000 | 17.02.2024 18:00 Hrs. |
| 2 | Rate Contract for System strengthening project under SETU FY 2023-24 on "Turnkey Contract Basis". | TPSODL/OT/ 2023-24/086 | 5,00,000 | 5,000 | 17.02.2024 18:00 Hrs. |
| 3 | Rate Contract for Various Type of HV & LV Winding Wire/ Strip for repairing of various capacity of DTR at DT Workshop across TPSODL. | TPSODL/OT/ 2023-24/082 | 2,00,000 | 5,000 | 16.02.2024 18:00 Hrs. |
| 4 | Rate Contract for Design, Engineering, Supply, Installation, Testing and Commissioning of On - Grid Roof top Solar Power System at TPSODL offices along with Comprehensive Maintenance for Five (5) years. | TPSODL/OT/ 2023-24/087 | 2,00,000 | 5,000 | 17.02.2024 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड

ई–निविदा आमंत्रण सूचना

ई–निविदा संख्या:- **290/2023-24** दिनांक :- 05.02.2024

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-RAN-07/2023-24 | नगड़ी | 1 | एन०एच०–75 नगड़ी सुन्दर नगर भाया साहेर तक पथ का सुदृढ़ीकरण कार्य (लं० – 5.350 कि०मी०) | 1112.871 | ग्यारह करोड़ बारह लाख सतासी हजार एक सौ रू० मात्र | 15 महीना |
| | | नगड़ी | 2 | एन०एच०–23 पी०डब्ल्यू०डी० रोड़ से अगडू डाहर भाया केसारो गाँव तक पथ का सुदृढ़ीकरण कार्य। (लं० – 2.350 कि०मी०) | | | |
| | | रातु | 3. | छोटकाटोली से एन०एच०–75 मुरगू तक पथ का सुदृढ़ीकरण कार्य। (लं० – 2.030 कि०मी०) | | | |
| | | नगड़ी | 4 | बाजपुर हिसरी से चौली मोड़ तक पथ का सुदृढ़ीकरण कार्य (लं० – 1.500 कि०मी०) | | | |
| | | रातु | 5 | भोंड़ा से चिपरा गुडू भाया पतराटोली पंचडीह तक पथ का सुदृढ़ीकरण कार्य (लं० – 9.000कि०मी०) | | | |
| | | नगड़ी | 6 | दलादली रिंग रोड से सिमलिया नायाटोली भाया आई०सी०एफ०ए०आई० यूनिवर्सिटी तक पथ का सुदृढ़ीकरण कार्य (लं० – 2.660 कि०मी०) | | | |

2. वेबसाईट मे निविदा प्रकाशन की तिथि :–12.02.2024
3. ई–निविदा प्राप्ति की अंतिम तिथि एवं समय :– 26.02.2024 अपराह्न 5.00 बजे तक।
4. निविदा खोलने की तिथि एवं समय :–27.02.2024 अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची।

PR.NO.318081 Rural Work Department(23-24):D

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WALK-IN-INTERVIEW FOR MARKETING EXECUTIVES (HOUSING)**
Place of Interview:
SHREE GOPINATH ENCLAVE APPARTMENT
Infront of KIST Engineering College, Gopinathpur, Gopinathpur Water Tank, Jatni
Time: Wednesday, Thursday and Friday (07.02.2024 - 09.02.2024)
(10.00 A.M. to 12.00 P.M.)
Contact: 8249394305

**REQUIRED**
Sales Girl for Our New Showroom & Account Person with Account's Related Experience.
Contact : 9238499109

**URGENT REQUIRED**
AREA SALES MANAGERS
YAGILE SOLUTIONS
Ph.: 6201120205
7783890127

**Requirement**
Required for Sai Krupa Spa
Lady Expert Therapist and Receptionist.
Contact :
8984068077, 7848011468

See Career Appointment on every Wednesday & Saturday

**GranCast kitchen Appliances**
Required
SALES EXECUTIVE
Graduates with Experience can Contact :
Mr. Balamurali krishna
Mob: 9398299472

**ଆବଶ୍ୟକ**
ଶ୍ରୀ ତିରୁପତି କୋରିୟର ସର୍ଭିସ ପାଇଁ (୧) ମାର୍କେଟିଙ୍ଗ ମ୍ୟାନେଜର -(ଅଭିଜ୍ଞତା ୩ ବର୍ଷ), (୨) ଡେଲିଭରି/ପିକ୍ ଅପ୍ ବଏ -(ଯୋଗ୍ୟତା-10th/+2 ପାସ୍), (୩) ଅଫିସ୍ ଆସିଷ୍ଟାଣ୍ଟ (ମହିଳା)-(ଯୋଗ୍ୟତା-+2/+3ପାସ୍), (୪) ପିକ୍‌ଅପ୍ ଡ୍ରାଇଭର, (୫) ଅଟୋ ଡ୍ରାଇଭର ଆବଶ୍ୟକ।
ଯୋଗାଯୋଗ : B1/1, Kharavel Nagar, Unit-III, BBSR-01
Mob.: 9114342064

**ग्रामीण उद्यमिता विकास निगम राज्यों में GRAMIN UDYAMITA VIKAS NIGAM**
प्रखंड स्तर पर विभिन्न पदो के लिए आनलाईन आवेदन आमंत्रित कर रहा है।
www.guvn.co.in
VACANCY ANNOUNCEMENT
ओडिशा राज्य में 9302 पदों हेतु

| क्र.स. | पद का नाम | कुल पद | वेतन | योग्यता |
|---|---|---|---|---|
| 1 | Jila Udyamita Vikas Adhikari | 252 | 33500 | ग्रॅज्युएशन |
| 2 | Block Udyamita Vikas Adhikari | 1765 | 27500 | 12 वीं |
| 3 | Gram Udyamita Mitra | 3350 | 21500 | 10 वीं |
| 4 | M.T.S. | 2620 | 15500 | 8 वीं |
| 5 | Data Entry Executive | 1315 | 17500 | 10 वीं |

आयु. १८-४० वर्ष (Age Relaxation for SC/ST/PH) ऑन लाइन आवेदन पंजीकरण (रजिस्टेशन प्रारंभ तिथी : ५ फेब्रुवारी २०२४, ऑनलाइन आवेदन पंजीकरण (रजिस्टेशन) की अंतिम तिथी : ९ मार्च २०२४, अधिक जानकारी और आवेदन के करने के लिए Nigam की Website: www.guvn.co.in हेल्पलाइन नं.: 011-41759948
ई-मेल : graminudyamitavikasnigam28@gmail.com
प्रबंधक GUVN

**WALK-IN-INTERVIEW**
BALANGA COLLEGE, BALANGA, PURI
Mobile No.7978263948

For the appointment as Contractual / Guest Faculty, the interested candidates having requisite qualification 55% marks in P.G. for the Post of Lecturer in Philosophy-1, History-1, English-1, Physics-1, Chemistry-1, Botany-1, Zoology-1 and Odia-2, Commerce-1, PET-1 (BPEd.), Jr. Clerk-2 (+2 Pass with computer skill), D.E.O.-1 (PGDCA), Watchman-1 may attend the walk-in-interview at Balanga College Campus at **11.00 A.M.** on **Dt.18.02.2024** and **19.02.2024** respectively with original certificate and two passport size photographs.

Sd./- PRINCIPAL I/C/Secy.
Balanga College, Balanga, Puri

Government of India
**Ministry of Tourism**
GWALIOR BHUBANESWAR GOA NOIDA NELLORE
**Indian Institute of Tourism & Travel Management**
(An Organization of the Ministry of Tourism, Government of India)
Govindpuri, Gwalior- 474011

**Selection for the Post of Director**

IITTM is an autonomous institute (registered under the Societies Registration Act) of Ministry of Tourism, Govt. of India that was established in 1983. It is the premier institute in the country in the field of tourism education, training research and consultancy. It is a five campus institute with headquarters at Gwalior and other centers at Bhubaneswar, Noida, Goa and Nellore. It runs MBA (Tourism & Travel Management) & BBA (Tourism & Travel) courses from its campuses along with a large number of training programmes to cater to the needs to the market.
Director IITTM is responsible for management of the institute and is required to drive it towards excellence and benchmark with the best in the world. Institute is in the process of selecting the Director. The appointment shall be made on contract basis for tenure of 3 years with possibility of further extension as per IITTM Recruitment Rules and depending upon the merit of the case.
Applications are invited from willing and eligible candidates for the post of Director of IITTM on contract basis in the Pay Level-15 (7th CPC). Circular for this vacancy along with the details of pay scale and related benefits, qualifications, other eligibility conditions and application form can be downloaded from **www.tourism.gov.in** or **www.iittm.ac.in.**
Completed applications shall reach **Director (HRD), Ministry of Tourism, East Wing, 7th Floor, Chandralok Building, 36-Janpath, New Delhi – 110001** in a sealed cover subscribing in bold letter **"APPLICATION FOR THE POST OF DIRECTOR, IITTM"**, so as to reach latest by 1700 hrs on **20.02.2024.**

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ପଲମ,୬।୨(ଭିକାରି ଗଉଡ)

ନର୍ଲା ବ୍ଲକ ଅନ୍ତର୍ଗତ ଟକର୍ଲା ମଧ୍ୟ ଇଂରାଜି ବିଦ୍ୟାଳୟ ଖେଳ ପଡିଆଠାରେ ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ରୁପ୍ରା ସରପଞ୍ଚ ଡଲି ବେହେରା, ପଲମ ସରପଞ୍ଚ ହେମକିଶୋର ନାଗ, ଟକର୍ଲା ସମିତି ସଭ୍ୟା ବୁଇରାଣୀ ରାଉତ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ବ୍ୟାଙ୍କିଂ କର୍ମକର୍ତ୍ତା ଓ ଅଙ୍ଗନୱାଡି କର୍ମୀ ଓ କୃଷି ବିଭାଗ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗୀତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଟକର୍ଲା ପିଇଓ ମଧୁସୁଦନ ନାଏକ ମଞ୍ଚ ପରିଚାଳନା କରିଥିଲେ।

### ସହରର ବସ୍ତିବାସିନ୍ଦଙ୍କ ବିକାଶ ନେଇ ଆଲୋଚନା

କେସିଙ୍ଗା,୬।୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା କଲ୍ୟାଣ ମଣ୍ଡପଠାରେ ସହରର ବସ୍ତିବାସିନ୍ଦଙ୍କ ବିକାଶ ଉପରେ ମଙ୍ଗଳବାର ଏକ ଆଲୋଚନା ଓ ସଚେତନତା କରାଯାଇଥିଲା। ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଉପରେ ସହରବାସୀଙ୍କୁ ସଚେତନତା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେତା ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ବୃନ୍ଦ, ଅଫିସ ଷ୍ଟାଫ, ସ୍ୱଚ୍ଛସାଥି, ସୁପରଭାଇଜର, ମହିଳା ଗ୍ରୁପଙ୍କ ସମେତ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଦୁର୍ଦ୍ଦିନରେ ସବିତାଙ୍କ ପରିବାର



ରିଷିଡ଼ା,୬।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା କୁମ୍ଭାରପଡ଼ା ସବିତା ରଣା (୪୦) ଏବେ ଦୁର୍ଦ୍ଦିନରେ ଦିନ କଟୁଛି। ସବିତାଙ୍କ ଝାଟିମାଟି ଘର ଭାଙ୍ଗି ଯାଇଥିବାରୁ ନିଜ ମା'ପାଖରେ ମୁଣ୍ଡ ଗୁଞ୍ଜି ରହୁଛି। କର୍ଲାମୁଣ୍ଡା ବ୍ଲକ ସିଆଳପଲାର ପ୍ରସନ୍ନ ରଣାଙ୍କୁ ସବିତା ବିବାହ କରିଥିଲେ। ଆଜିକୁ ୨୦ ବର୍ଷ ତଳେ ତାଙ୍କ ମୃତ୍ୟୁ ହୋଇଥିଲା। ସବିତାଙ୍କ ଜଣେ ବିବାହ ଯୋଗ୍ୟ ଝିଅ ଅଛି। ଝିଅର ନାମ ମାନସୀ ରଣା। ଏବେ ସବିତା ନିଜ ଝିଅର ମୁହଁ କୁ ଚାହିଁ ବଞ୍ଚିଛି ବୋଲି ପ୍ରକାଶ କରିଛି। ତାଙ୍କୁ ସରକାରୀ ସହାୟତା କହିଲେ ରାଶନ୍ ଚାଉଳ ଦଶ କିଲୋ ମିଳୁଛି। ସରକାରୀ ସାହାୟତା ପ୍ରଦାନ ପାଇଁ ସେ ଆକୁଳ ନିବେଦନ କରୁଛନ୍ତି।

### ଅଖଣ୍ଡ ମହାମନ୍ତ୍ର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ନୂଆପଡ଼ା,୬।୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ବସ୍ତିରେ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହାତରେ କଳସି ଧରି ସହର ପରିକ୍ରମା କରି ଗାଁ ବଡବନ୍ଧରୁ ପୂର୍ଣ୍ଣ କଳସି ଆଣି ଯଜ୍ଞବେଦୀରେ ସ୍ଥାପନ ପରେ ମହାମନ୍ତ୍ର ନାମ ଧାରଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ନାମଯଜ୍ଞରେ ୮ଟି ସଂକିର୍ତ୍ତନ ଦଳ ଅଂଶ ଗ୍ରହଣ କରିଛନ୍ତି। ଅମର ପ୍ରଧାନ ଓ ସରୋଜିନୀ ପ୍ରଧାନ କର୍ତ୍ତା ଦାୟିତ୍ୱରେ ଥିବା ବେଳେ ସୁଦାମ ଦାସ ଓ ସୀମାଞ୍ଚଳ ଦାସ ପୂଜକ ଓ ଜପକ ଦାୟିତ୍ୱରେ ଅଛନ୍ତି। କମିଟି ସଭାପତି ସୁକଦେବ ତାଣ୍ଡି, ଉପସଭାପତି ଅମିତ କୁମାର ଅହିର, ସମ୍ପାଦକ ବନମାଳି ଜଗତ, ସହସମ୍ପାଦକ ପର୍ଶୁ ମହରା, କୋଷାଧ୍ୟକ୍ଷ ସନ୍ତୋଷ ବେମାଲ, ଜୁଗ ମାଝି ପ୍ରମୁଖ ଆୟୋଜନ କରୁଛନ୍ତି।

# ଲୋକାର୍ପଣ ଅପେକ୍ଷାରେ ମଡେଲ ସରକାରୀ ବସଷ୍ଟାଣ୍ଡ

ନୂଆପଡ଼ା,୬।୨(ମକାରୁ ବେମାଲ)

- ଏକାସାଙ୍ଗେ ୮ଟି ବସ ଛିଡା ହୋଇପାରିବ
- ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପାଇଁ ଜେନେରେଟ ବ୍ୟବସ୍ଥା
- ଚାରି ପଟେ ସିସିଟିଭି କ୍ୟାମେରା ଲାଗିଛି

ନୂଆପଡା ସଦର ମହକୁମାସ୍ଥିତ ଅତି ପୁରାତନ ବସଷ୍ଟାଣ୍ଡ ଅତ୍ୟାଧୁନିକ ସରକାରୀ ବସଷ୍ଟଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଲୋକାର୍ପଣ ଅପେକ୍ଷାରେ ରହିଛି। ସ୍ଥାୟୀ ବସଷ୍ଟଣ୍ଡ ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ନୂତନ ବସଷ୍ଟାଣ୍ଡ କାର୍ଯ୍ୟକାରୀ ହେଲେ ଯାତ୍ରୀଙ୍କ ଅସୁବିଧା ଦୂର ହୋଇଯିବ। ଯାତ୍ରୀ ମଧ୍ୟ ଲୋକାର୍ପଣକୁ ଅପେକ୍ଷା କରିଛନ୍ତି। ପ୍ରକାଶ ଥାଉକି ଜିଲା ଗଠନର ୩୦ ବର୍ଷ ପରେ ମଧ୍ୟ ଜିଲା ମୁଖ୍ୟାଳୟରେ ସ୍ଥାୟୀ ସରକାରୀ ବସଷ୍ଟାଣ୍ଡ ନିର୍ମାଣ ହୋଇ ନ ଥିଲା। ଜିଲା ମୁଖ୍ୟାଳୟରୁ ଭୁବନେଶ୍ୱର, କଟକ, ସମ୍ବଲପୁର, ବରଗଡ, ବଲାଙ୍ଗୀର, ଭବାନୀପାଟଣା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାଉରକେଲା, ଝାରସୁଗୁଡା ସମେତ ଛତିଶଗଡର ରାୟପୁର, ଭିଲାଇ, ଦୁର୍ଗ, ନାସିକ, ହରିୟାଣା ଆଦି ସ୍ଥାନକୁ ଯିବା ପାଇଁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବସ ସଂଯୋଗ ହୋଇଛି। ପୂର୍ବରୁ ବସଷ୍ଟାଣ୍ଡରେ ୨ଟି ଯାତ୍ରୀ



ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ।

ବିଶ୍ରାମଗାର ରହିଥିଲା। ରକ୍ଷଣବେକ୍ଷଣ ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଯାତ୍ରୀମାନେ ଭୟରେ ଏଠାରେ ଆଶ୍ରୟ ନ ନେଇ ଗଛ ମୂଳେ କିମ୍ବା ଦୋକାନ ବାରଣ୍ଡାରେ ଆଶ୍ରୟ ନେଉଥିଲେ। ବସଷ୍ଟାଣ୍ଡ ପରିସରରେ କୌଣସି ଶୌଚାଳୟ ନ ଥିବାରୁ ବିଶେଷ କରି ମହିଳା ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡୁଥିଲା। ୨୦୧୬-୧୭ ଆର୍ଥିକ ବର୍ଷରୁ ବସଷ୍ଟାଣ୍ଡ ଉନ୍ନତିକରଣ ପାଇଁ ପାଇଁ ୬୦ ଲକ୍ଷ ଟଙ୍କା ଅନୁଦାନ ଆସି ୫ ବର୍ଷ ଧରି ପଡି ରହିଥିଲା। ଏପରିକି ବସଷ୍ଟାଣ୍ଡ ଜମି ଜବରଦଖଲ ହୋଇଥିଲ। ଓଡିଶା ରାଜ୍ୟ ସଡକ ପରିବହନ ନିଗମ (ଓଏସଆରଟିସି) ପକ୍ଷରୁ ୯ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଛି। ଗତବର୍ଷ ପୁରୁଣା ସରକାରୀ ବସଷ୍ଟାଣ୍ଡରେ ୭ କୋଟି ୩୩ ଲକ୍ଷ ବ୍ୟୟରେ ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇଥିଲା। ୨ ମହଲା ବିଶିଷ୍ଟ ନୂତନ ସରକାରୀ ବସଷ୍ଟାଣ୍ଡ ପାଇଁ ୯ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଏଥିରେ ୨୬ଟି ବ୍ୟବସାୟୀକ କେବିନ ରହିଛି। ମହିଳା ଓ ପୁରୁଷଙ୍କ ଆଶ୍ରୟ ପାଇଁ ଡର୍ମିଟୋରି ସୁବିଧା ରହିଛି। ଏକାସାଙ୍ଗେ ବସଷ୍ଟାଣ୍ଡରେ ୮ଟି ବସ ଛିଡା ହୋଇପାରିବ। ବସଷ୍ଟାଣ୍ଡରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପାଇଁ ଜେନେରେଟର ଲାଗିଛି। ବସଷ୍ଟଣ୍ଡର ଚାରି ପଟେ ସିସିଟିଭି କ୍ୟାମେରା ଲାଗିଥିବାରୁ ଯାତ୍ରୀମାନେ ସିସିଟିଭି ଫ୍ରେମରେ ରହିବେ। ବର୍ତ୍ତମାନ ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସମ୍ପର୍ଣ୍ଣ ହୋଇସାରିଛି। ଏହାର ଲୋକାର୍ପଣକୁ ଜିଲାବାସୀ ଅପେକ୍ଷା କରିଛନ୍ତି। ଲୋକାର୍ପଣ ପରେ ଜିଲା ତଥା ରାଜ୍ୟ ବାହାର ଯାତ୍ରୀ ସୁବିଧା ପାଇ ପାରିବେ। ତୁରନ୍ତ ଏହାର ଲୋକାର୍ପଣ କରିବା ପାଇଁ ଜିଲାବାସୀ ଦାବି କରିଛନ୍ତି।

# ଜନ ସୂଚନା ଅଧିକାର ନିୟମ ସମ୍ପର୍କିତ କର୍ମଶାଳା



ଜନ ସୂଚନା ଅଧିକାର ନିୟମ ସମ୍ପର୍କିତ କର୍ମଶାଳା।

ଭବାନୀପାଟଣା,୬।୨(ଉତ୍ତମ କୁମାର ଦାଶ)

ଓଡିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୁଲ୍ୟରେ ମଙ୍ଗଳବାର କଳାହାଣ୍ଡି ଜିଲାର ବିଭିନ୍ନ କାର୍ଯ୍ୟାଳୟ ପାଇଁ ନିୟୋଜିତ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଓ ଜନ ସୂଚନା ଅଧିକାରୀଙ୍କ ପାଇଁ ଏକ ଜନ ସୂଚନା ଅଧିକାର ନିୟମ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ସଂଯୋଜନାରେ ୭୮ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ତାଲିମ କାର୍ଯ୍ୟକ୍ରମ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଅଧ୍ୟକ୍ଷତା କରି ସମବେତ ସମସ୍ତ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଓ ଜନ ସୂଚନା ଅଧିକାରୀଙ୍କୁ ସ୍ୱଚ୍ଛ, ଦକ୍ଷ ଓ ଉତ୍ତରଦାୟୀ ପ୍ରଶାସନ ପାଇଁ କିଭଳି ନିଜକୁ ପ୍ରସ୍ତୁତ କରିବା ଓ ଜନସୂଚନା ଅଧିକାର ନିୟମ ଅନୁଯାୟୀ ଉପଭୋକ୍ତାଙ୍କୁ ତଥ୍ୟ ପ୍ରଦାନ କରିବା ତା' ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଅନଲାଇନ ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ରାଜ୍ୟ ତାଲିମଦାତା ହର୍ଷ ପରିଚ୍ଛା ସୂଚନା ଅଧିକାର ନିୟମର ୧୭ଟି ପଏଣ୍ଟରେ ପ୍ରୋଏକ୍ଟିଭ ଡିସ୍କ୍ଲୋଜର ଓ ମ୍ୟାନେଜ ପ୍ରୋଫାଇଲରେ ଅପଡେଟ ସମ୍ବନ୍ଧରେ ସବିଶେଷ ତଥ୍ୟ ଦେଇ ବୁଝାଇଥିଲେ। ବିଶେଷତଃ ସୂଚନା ଅଧିକାର ନିୟମରେ ଥାର୍ଡ ପାର୍ଟି ଅଡିଟ ଉପରେ ପ୍ରଶିକ୍ଷାର୍ଥଙ୍କୁ ତାଲିମ ଦେଇଥିଲେ।

# ଦିଲ୍ଲୀରେ 'ପୁଷ୍‌ପୁନି ଭେଟ୍‌ଘାଟ୍ ଉତ୍ସବ'



ଦିଲ୍ଲୀରେ ଅନୁଷ୍ଠିତ 'ପୁଷ୍‌ପୁନି ଭେଟ୍‌ଘାଟ୍ ଉତ୍ସବ'।

ଭବାନୀପାଟଣା,୬।୨(ଉତ୍ତମ କୁମାର ଦାଶ)

ନୂଆଁଖାଇ ପରେ ରାଜ୍ୟର ପଶ୍ଚିମାଞ୍ଚଳର ଅନ୍ୟତମ କୃଷିଭିତ୍ତିକ ଗଣପର୍ବ ପୁଷପୁନି ପୌଷପୂର୍ଣ୍ଣିମା ଉତ୍ସବ। ଏହି ଅବସରରେ ଦିଲ୍ଲୀ ଓଡିଆ ନାରି କଲ୍ୟାଣ ସମିତି ପକ୍ଷରୁ ଦିଲ୍ଲୀର ପାଣ୍ଡାରା ପାର୍କର ମୁକ୍ତାକାସ ଖୋଲାମଞ୍ଚଠାରେ ସୋମବାର ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପିଠାପଣା, ସୁସ୍ୱାଦୁ ଖାଦ୍ୟ, ଭେଟଘାଟ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳରୁ ଓଡ଼ିଆମାନେ ଦୀର୍ଘବର୍ଷ ହେଲା ଦିଲ୍ଲୀରେ ବସବାସ କରୁଥିଲେ ହେଁ ନିଜର କଳା, ସଂସ୍କୃତି, ପର୍ବପର୍ବାଣି ଓ ପରମ୍ପରାକୁ ଭୁଲି ନ ଥିବା ଏହି ଉତ୍ସବରୁ ଜଣାପଡିଥିଲା। ପଶ୍ଚିମାଞ୍ଚଳର

**ପିଠାପଣା ସହ ନାଚଗୀତର ଜମିଲା ଆସର**

ଆନୁମାନିକ ତିନିଶତରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ସପରିବାର ସହ ଏହି ପର୍ବରେ ଏକତ୍ରିତ ହୋଇ ସୁସ୍ୱାଦୁ ଖାଦ୍ୟପେୟର ମଜା ନେବା ସହ ନାଚଗୀତକୁ ମନଭରି ଉପଭୋଗ କରୁଥିବା ସହ ରଙ୍ଗବତୀ ଓ ଅନ୍ୟକ୍ଷନ୍ୟ ସମ୍ବଲପୁରୀ ଗୀତ ତାଳେ ତାଳେ ନୃତ୍ୟ କରୁଥିବା ଦେଖିବାକୁ ମିଳିଥିଲା। ସଙ୍ଗୀତ ଗୁରୁ ଦିଲୀପ ସାହୁଙ୍କ କଳାଜିବୀ ଅନୁଷ୍ଠାନ କଳାକାରମାନେ ଗୋଟିଏ ପରେ ଗୋଟିଏ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଶେଷରେ ଆୟୋଜକ କମିଟି ପକ୍ଷରୁ ସମସ୍ତ ନୃତ୍ୟ ଶିଳ୍ପୀମାନଙ୍କୁ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଏହି ଉତ୍ସବକୁ ଦିଲ୍ଲୀ ଓଡିଆ ନାରି କଲ୍ୟାଣ ସମିତି ଅଧ୍ୟକ୍ଷ ଲିଲି ନାଗ, ସମ୍ପାଦକ ଅଞ୍ଜଳି ନନ୍ଦ, ଉପାଧ୍ୟକ୍ଷ ବୃନ୍ଦାବତୀ ସୁନା ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରାରମ୍ଭରୁ ଅନ୍ତିମ ପର୍ଯ୍ୟାୟ ଯାଏ ଡା. ଜଗଦିଶ ହଂସ, ଭକ୍ତ ସୁନା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ନୂଆଦିଲ୍ଲୀର ଏମପି ମିନାକ୍ଷୀ ଲେଖି, ଦିଲ୍ଲୀ ଭାରତୀୟ ଯୁବା ମୋର୍ଚ୍ଚା ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବା, ଦିଲ୍ଲୀ ଭାଜପାର ଉପାଧ୍ୟକ୍ଷ ସୁନିଲ ଯାଦବ, ନୂଆଁଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ ମେମ୍ବର ଗିରିଜା ସଚଦେବା ପ୍ରମୁଖ ଯୋଗ ଦେଇଥିଲେ।

### ୧୯୮୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

ଭବାନୀପାଟଣା,୬।୨(ଉତ୍ତମ କୁମାର ଦାଶ)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭବାନୀପାଟଣା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ୧୯୮୩ ମାଟ୍ରିକ ବ୍ୟାଚ୍‌ର ୨୮ତମ ବନ୍ଧୁ ମିଳନ ଦୁର୍ଦ୍ଦୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନରେ ବିଦ୍ୟାଳୟ ଗତ ଦିନର ସ୍ମୃତିଚାରଣ କରି ଆଇନଜୀବୀ ସୁଶାନ୍ତ ମହାନ୍ତି, ଡିଆଇପିଆରଓ ମନୋଜ ବେହେରା, ମହମ୍ମଦ ଜାକିର, ମନୋରଞ୍ଜନ ମୁଣ୍ଡ, ଭବନାଥ ରାୟଗୁରୁ, ସନ୍ତୋଷ ବେହେରା, ଶୁଭେନ୍ଦୁ ବେହେରା, ସିଦ୍ଧାର୍ଥ ପଟ୍ଟନାୟକ, ଦିବ୍ୟଶଙ୍କର ବହିଦାର, ଡ. ତପନ ରଥ ପ୍ରମୁଖ ଇତିହାସ ବଖାଣିଥିଲେ। ଏହି ଅବସରେ ଏକ ଆଲୋଚନାଚକ୍ରରେ ବିଦ୍ୟାଳୟର ସର୍ବାଙ୍ଗ ବିକାଶ ନିମନ୍ତେ ପ୍ରତିବର୍ଷ ଯେମିତି କୃତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ଟେଷ୍ଟ ପେପର ବଣ୍ଟନ କରାଯାଏ। ସେଥିରେ ସୀମିତ ନ ରଖି ଏହାର ଶିକ୍ଷାଦାନ ତଥା ଅଧିକରୁ ଅଧିକ ଛାତ୍ରଙ୍କ ଏଡମିସନ କରିବା ପ୍ରାକ୍ତନ ଛାତ୍ରମାନଙ୍କ ସହାୟତା ସଙ୍ଗେ ଆର୍ଥିକ ସହାୟତା ପ୍ରଦାନ କରିବା ନିମିତ୍ତ ଏକ ଆଲୋଚନା ପରେ ଦିବଙ୍ଗତ ସହପାଠୀ ତଥା ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା।

# ବିଭିନ୍ନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ଲାଞ୍ଜିଗଡ଼,୬।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା ମାଝିଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ଏଇ ସାଲଖୁ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ପବିତ୍ର ବିଭାର, ଜିପିଓ ପ୍ରଦୀପ କୁମାର ଠାକୁର, ମିଶନ ଶକ୍ତି ବିଭାଗ ବିପିଓ ସଞ୍ଜୀବ କହଁର, ଚମ୍ପଦେଇପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ସାହୁ ପ୍ରମୁଖ ମଞ୍ଚାସୀନଥିଲେ। ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ମାର୍ଗଦର୍ଶନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀ ସମ୍ପଦ, ବିଦ୍ୟୁତ୍ ବିଭାଗ ଷ୍ଟଲ ଖୋଲାଯାଇଥିଲ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନାରେ ସହଯୋଗ କରିଥିବା ବେଳେ ଭୀଷ୍ମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଲାଞ୍ଜିଗଡ ରୋଡ୍ ପଞ୍ଚାୟତ ସରପଞ୍ଚ ମମତା ଶବରଙ୍କ ତତ୍ତ୍ୱାବଧାନରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ମୁଖ୍ୟବକ୍ତା ଭାବେ ଏଇ ସାଲଖୁ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ ୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝି, ବ୍ଲକ ସମିତି ସଭ୍ୟ ସଭାପତି ଜଗଦୀଶ ବେନିଆ, ବିଜେଡି ଯୁବ ସଭାପତି ଡିଲେଶ ନାଗ, ଜିପିଓ ସରୋଜ ପ୍ରଧାନ,ଏ ପିଓ ସଞ୍ଜୀତ ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ନିର୍ବାହୀ ଅଧିକାରୀ ଉମ୍ବୁରୁଧର ସେନାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନାରେ ଗୋପାଳ ଦାସ ମହାନନ୍ଦ ସହଯୋଗ କରିଥିବା ବେଳେ ଉମ୍ବୁରୁଧର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୧ ଶହ ବର୍ଷୀୟା ବୃଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା।

# ୧୨ରେ ଜିଲା ଶ୍ରମିକ ମହାସଂଘ ପକ୍ଷରୁ ନୂଆପଡ଼ା ଜିଲା ବନ୍ଦ

ନୂଆପଡ଼ା,୬।୨(ମକାରୁ ବେମାଲ)

ଶ୍ରମିକ ମାରାଣାନୀତି, ଦାଦନ ସମସ୍ୟା, ବେଆଇନ ମଦ କୋଠି ଇତ୍ୟାଦି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲା ପ୍ରଶାସନଠାରେ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳନାହିଁ। ଏହାର ପ୍ରତିବାଦରେ ଆସନ୍ତା ଫେବୃଆରୀ ୧୨ରେ ଜିଲା ଶ୍ରମିକ ମହାସଂଘ ପକ୍ଷରୁ ୮ ଘଣ୍ଟିଆ ନୂଆପଡା ଜିଲା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ନୂଆପଡା ଜିଲା ଶ୍ରମିକ ମହାସଂଘ ପକ୍ଷରୁ ଏରିଗେସନ ଛକ କାର୍ଯ୍ୟାଳୟଠାରେ




ଖବରଦାତା ସମ୍ମିଳନୀରେ ଆବାହକ ସୂଚନା ଦେଉଛନ୍ତି।

ଖବରଦାତା ସମ୍ମିଳନୀରେ ଆବାହକ ଯଦୁମାଣି ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ନୂଆପଡା ଜିଲାକୁ ସମ୍ପୂର୍ଣ୍ଣ ମଦମୁକ୍ତ କକରିବା, ଦାଦନ ମୁକ୍ତ କରି ସ୍ୱତନ୍ତ୍ର ପେକେଜ ଘୋଷଣା କରିବା, ଜିଲା ଶ୍ରମ କାର୍ଯ୍ୟାଳୟ ଜିଲା ସଦର ମହକୁମାକୁ ସ୍ଥାନାନ୍ତରଣ କରିବା, ସମସ୍ତ ବର୍ଗର ଶ୍ରମିକ ଶୋଷଣ ଓ କଷଣର ଶିକାର ହେଉଛନ୍ତି। ତାହାର ଶୀଘ୍ର ସମାଧାନ କରିବା ଦାବି ନେଇ ଆସନ୍ତା ୧୨ରେ ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟା ସମ୍ପୂର୍ଣ୍ଣ ନୂଆପଡା ଜିଲା ବନ୍ଦ ଡାକରା ଦିଆଯାଇଛି ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତ। ଜିଲା ଶ୍ରମିକ ମହାସଂଘ ଆବାହକ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତବନ୍ଧୁ ଧରୁଆ, ସୁଖଦେବ ସାହୁ, ଜ୍ଞାନ ରଞ୍ଜନ ସାହୁ, ବାବୁଲାଲ ମାଝି, ବାବୁଲାଲ ପଟେଲ, ସୁରେଶ ବେହେରା, ଜ୍ଞାନେଶ୍ୱର ବାଗ, ଅନିରୁଦ୍ଧ ନାଗ, ଗୌତମ ବରିହା ପ୍ରମୁଖ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସଚେତନତା ଅଭିଯାନ

କୋକସରା,୬।୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ଜେଏମଏଫସି କୋର୍ଟ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ରିତିକା ଜେନାଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମରେ କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ଏନସିସି ଓ ଛାତ୍ରୀଛାତ୍ର, ଆଇନଜୀବୀ ଓ ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ। କୋକସରା ସହର ପରିକ୍ରମା କରି ଲୋକଙ୍କୁ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ କରି ଗାଡି ମୋଟର ଚଳାଇବା ପାଇଁ ସଚେତନତା କରିଛନ୍ତି। କାର୍ଯ୍ୟକ୍ରମରେ ଏନସିସି, ଏଏନଓ ଜବାହର ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତି, ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀକାନ୍ତ ଖମାରି, ଲଖିଧର ମେହେର, ସରକାରୀ ଓକିଲ ଅଜିତ ପଟ୍ଟନାୟକ, ମନୋଜ ନାଏକ, ପ୍ରେମଲାଲ ସିଂ, ଜଗା ପଟ୍ଟନାୟକ, ସୁଜିତ ପଟ୍ଟନାୟକ ଓ କୋର୍ଟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।




ସଡକ ସୁରକ୍ଷା ସଚେତନତା ଅଭିଯାନ।

# କଳାହାଣ୍ଡିକୁ ଫାଇଲେରିଆ ମୁକ୍ତ କରିବାକୁ ଆହ୍ୱାନ

ଭବାନୀପାଟଣା,୬।୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦଭାବନା ସଭାଗୃହରେ ମଙ୍ଗଳବାର ସାମୁହିକ ଔଷଧ ଫାଇଲେରିଆ ସେବନର ଦ୍ୱିତୀୟ ଜିଲା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲାର ନର୍ଲା ବ୍ଲକ ଓ ଜୁନାଗଡ ଏନଏସି ପାଇଁ ଆଗାମୀ ଫେବୃୟାରୀ ୧୦ରୁ ୧୯ ତାରିଖ ମଧ୍ୟରେ ହେବାକୁ ଥିବା ସାମୁହିକ ଔଷଧ ସେବନ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଚେତା ପାଣି ସ୍ୱାଗତ କରିଥିଲେ। ଜିଲାର ଅନ୍ୟ ବିଭାଗୀୟ ଅଧିକାରୀ ଡିପିଏଚଓ ଡାକ୍ତର ରାକେଶ ସାହୁ, ଏଡିପିଏଚଓ ଡାକ୍ତର ରଞ୍ଜନ ମିତ୍ର, ଡିପିଏ ଭବାନୀ ଶଙ୍କର ସାହୁ, ଡିଇଓ ସୁଶାନ୍ତ ଚୋପଦାର, ଡିଏସଡବ୍ଲୁଓ, ଡିପିସି, ମିଶନଶକ୍ତି, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା, ନର୍ଲା ଓ ଜୁନାଗଡ



ବୈଠକରେ ଆଲୋଚନା କରାଯାଉଛି।

**ଦ୍ୱିତୀୟ ଜିଲା ସମନ୍ୱୟ କମିଟି ବୈଠକ**

ବ୍ଲକର ସିଡିପି ଓ ତଥା ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୨ ବର୍ଷରୁ କମ ଶିଶୁ, ଗର୍ଭବତୀ ଓ ଅତ୍ୟନ୍ତ ରୋଗାକ୍ରାନ୍ତକୁ ବାଦ ଦେଇ ଅନ୍ୟ ସମସ୍ତଙ୍କୁ ଡିଇସି ଟାବ୍ଲେଟ, ଆଇ ଭର୍ମଟିନ ଓ ଆଲବେଣ୍ଡାଯୋଲ ଔଷଧ ବଣ୍ଟନ କରାଯିବ। ୨୦୨୩-୨୪ରେ ସର୍ଭେରେ ନର୍ଲା ବ୍ଲକରେ ୯ ଓ ଜୁନାଗଡ ଏନଏସିରେ ୧୧ ଫାଇଲେରିଆ ରୋଗର ଲକ୍ଷଣ ଜଣାପଡିଥିଲା। ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀ ଟିମ ଦ୍ୱାରା ଆଇଭର୍ମଟିନ ଟାବ୍ଲେଟ ଉଚ୍ଚତା ଅନୁସାରେ ଏବଂ ଆଲବେଣ୍ଡାଯୋଲ ବୟସ ଅନୁସାରେ ଘରକୁ ଘର ବୁଲି ଲୋକଙ୍କୁ ସେବନ କରାଯିବ। ମୋବାଇଲ ଟିମ ମାଧ୍ୟମରେ ମଧ୍ୟ କାର୍ଯ୍ୟଳୟ ଅଫିସ, ହାଟ, ସ୍କୁଲ ଅଞ୍ଚଳରେ ବୁଲି ଔଷଧ ସେବନ କରାଯିବ। ସମସ୍ତଙ୍କ ସହଯୋଗରେ କଳାହାଣ୍ଡିକୁ ଫାଇଲେରିଆ ମୁକ୍ତ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ଶ୍ରମିକଙ୍କୁ ହତ୍ୟା ଧମକ, ୬ ଗିରଫ

**ପଦ୍ମପୁର,୬।୨ (ପ୍ରଦୀପ୍ତ ଦାଶ):** ଜଣେ ଶ୍ରମିକଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଦମକ ଦେବା ଅଭିଯୋଗରେ ପଦ୍ମପୁର ପୋଲି ଦାଦନ ସର୍ଦ୍ଦାରଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭେଙ୍ଗରାଜପୁରର ଦାଦନ ସର୍ଦ୍ଦାର ମିଥୁନ ହରିପାଲ, ବୌଦ୍ଧ ଜିଲା ଦହ୍ୟାର ଆଲୋକ ସାହୁ, ସୋନପୁର ଜିଲା ଜନମୁରାର ଜିତୁ ଗାରିଆ, ପାଇକମାଳ ଥାନା ବରତୁଣ୍ଡାର କ୍ରିଷ୍ଣା ସୁନା, ମଧୁସୁଦନ କମାର ଏବଂ ରାଜମୋହନ ସୁନା। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅଭିଯୋଗ ଅନୁସାରେ, ପଡି ଗତ ତା୧୪।୯।୨୩ରିଖରେ ପଦ୍ମପୁର ଥାନା ବରିକେଲ ଗ୍ରାମର ତ୍ରିଲୋଚନ ସୁନା ସପରିବାର ସିକନ୍ଦରାବାଦ ଯାଇ ଏକ ଇଟାଭାଟିରେ କାମ କରିଥିଲେ। ସେଠାରେ ଚୁକ୍ତି ମୁତାବକ ଟଙ୍କା ନ ମିଳିବା ଏବଂ ଭାଟି ମାଲିକଙ୍କ ନିର୍ଯାତନା ଅସହ୍ୟ ହେବାରୁ ତ୍ରିଲୋଚନ ୨ ମାସ କରିବା ପରେ ଘରକୁ ଫେରିଆସିଥିଲେ। ତେବେ ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ବରିକେଲ ଯାଇ ତ୍ରିଲୋଚନଙ୍କୁ ଗାଳିଗୁଲଜ କରିବା ସହ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଥାନାଧିକାରୀ ମମତା ନାଏକ ସଦଳବଳ ଚଢାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଭାଜପାର ଚାଏ ପେ ଚର୍ଚ୍ଚା

**ପଦ୍ମପୁର,୬।୨(ପ୍ରଦୀପ୍ତ ଦାଶ):** ପଦ୍ମପୁର କଚେରି ଛକରେ ଭାଜପା ତରଫରୁ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ବରିଷ୍ଠ ନେତା ରାମକୃଷ୍ଣ ପୁରୋହିତ, ନଗର ସଭାପତି ସୁନିଲ ଅଗ୍ରୱାଲ, ଅଶୋକ ମିଶ୍ର, ପ୍ରମୋଦ ମେହେର, କାଉନସିଲର ପ୍ରମିଳା ମେହେର, ଚିନ୍ମୟ ପଣ୍ଡା, କୁନାଲ ପାଣିଗ୍ରାହୀ, ସୁବାଷ ପାତ୍ର, ନରୋତ୍ତମ ପଧାନ, ସରୋଜ ମିଶ୍ର, ରାଜେଶ ଗୁର୍ଲା, ନୀଳାଞ୍ଚଳ ଦଣ୍ଡନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦେଶର ଭବିଷ୍ୟତ, ଉନ୍ନତି, ରାଜନୈତିକ ସମୀକରଣ ଆଦି ବିଷୟରେ ଆଲୋଚନା ହୋଇଥିଲା।

### କୋଚିଂ ଉପରେ କାର୍ଯ୍ୟାନୁଷ୍ଠାନ ଦାବି



**ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାରେ ଚାଲିଥିବା ଘରୋଇ କୋଚିଂ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ସଂଘ ଦାବି କରିଛି। ଓଡ଼ିଶା ଅଭିଭାବକ ମହାସଂଘର ବରଗଡ଼ ଜିଲା ସଭାପତି ବିମଳ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ଏହି ଦାବି କରିଛନ୍ତି। ଏହା ସହିତ ଜିଲାରେ ଶିକ୍ଷାର ମାନବୃଦ୍ଧି ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଆଶୁତୋଷ ରଥ, ସାରଥୀ ମେହେର, ବାଲ୍ମିକୀ ଷଡ଼ଙ୍ଗୀ, ବୃନ୍ଦାବନ ବେହେରା, ସଂଘମିତ୍ରା ପଟେଲ, ମାମି ମିଶ୍ର, ସୁସେନ ବହିଦାର ପ୍ରମୁଖ ସାମିଲ ହୋଇଥିଲେ ।

### ସହରର ବସ୍ତିବାସିନ୍ଦାଙ୍କ ବିକାଶ ନେଇ ଆଲୋଚନା

**କେସିଙ୍ଗା,୬।୨(ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା କଲ୍ୟାଣ ମଣ୍ଡପଠାରେ ସହରର ବସ୍ତିବାସିନ୍ଦଙ୍କ ବିକାଶ ଉପରେ ମଙ୍ଗଳବାର ଏକ ଆଲୋଚନା ଓ ସଚେତନତା କରାଯାଇଥିଲା। ଏନଏସି ଅଧକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଉପରେ ସହରବାସୀଙ୍କୁ ସଚେତନତା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେତା ଛାତ୍ରୀଛାତ୍ରଙ୍କୁ ଅଧକ୍ଷଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ବୃନ୍ଦ, ଅଫିସ ଷ୍ଟାଫ, ସ୍ୱଚ୍ଛସାଥି, ସୁପରଭାଇଜର, ମହିଳା ଗ୍ରୁପଙ୍କ ସମେତ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# କ୍ଷତିପୂରଣ ନ ଦେଲେ ପ୍ରିମିୟମ ରାଶି ଫେରାଅ

## ଚାଷୀଙ୍କ ଚେତାବନୀ

ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ)



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ ।

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ, ବୀମା କମ୍ପାନୀ ଏବଂ ଚାଷୀ ସଙ୍ଗଠନ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗତ ଅଦିନିଆଁ ବର୍ଷାରେ ଜିଲାରେ ହୋଇଥିବା ଫସଲକ୍ଷତି ଉପରେ ଆଲୋଚନା ହୋଇଥିଲା। ଠିକ୍‌କ୍ଷୟକ୍ଷତି ଆକଳନ ସହିତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ।

ପ୍ରକାଶ ଯେ, ଗତ ସାମୁଦ୍ରିକ ଝଡ଼ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ବରଗଡ଼ ଜିଲାରେ ବ୍ୟାପକ ଫସଲକ୍ଷତି ହୋଇଥିଲା। ଅମଳ ସମୟରେ ହୋଇଥିବା ବର୍ଷା ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ସେତେବେଳେ ବିଭାଗୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଜିଲାର ୪୧ହଜାର ହେକ୍ଟର ଜମିର ଧାନ ଫସଲ ବର୍ଷାରେ ପ୍ରଭାବିତ ହୋଇଥିବା ପ୍ରାରମ୍ଭିକ ରିପୋର୍ଟ ଦେଇଥିଲେ। କିନ୍ତୁ ଚାଷୀଙ୍କୁ ମାତ୍ର ୪୦୦ ହେକ୍ଟର ଜମିର କ୍ଷତିପୂରଣ ମିଳିଥିବାରୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଚାଷୀମାନେ ଫସଲ ଆରମ୍ଭରୁ ବୀମା କ୍ଷତିପୂରଣ ପାଇଁ ପ୍ରିମିୟମ ରାଶି ଜମା କରୁଛନ୍ତି। ମାତ୍ର ଫସଲକ୍ଷତି ହେଲେ କ୍ଷତିପୂରଣ ଦେବାରେ ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥଳେ ସେମାନେ ବୀମା କମ୍ପାନୀ ଦ୍ୱାରା ଶୋଷିତ ହେଉଥିବା ଅଭିଯୋଗ ହୋଇଛି। ବୀମା କମ୍ପାନୀ ଏଭଳି ଶୋଷଣ କରି ଚାଲିଥିବାରୁ ଜିଲାରେ ଫସଲବୀମା ବନ୍ଦ କରାଯାଉ ଏବଂ ଚାଷୀମାନେ ଜମା ଦେଇଥିବା ସମସ୍ତ ବୀମା ପ୍ରିମିୟମ ରାଶି ଫେରସ୍ତ କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।

ଅନ୍ୟପଟେ ଇନ୍‌ପୁଟ୍ ସବ୍‌ସିଡ଼ି ଉପରେ ସୂଚନା ଦେଇ ଅତିରିକ୍ତ ଜିଲାପାଳ ଲୁହା କହିଥିଲେ, କେବଳ ପ୍ରଭାବିତ ଠିଆଧାନର ସହାୟତା ମିଳିଛି। ବର୍ଷାରେ ନଷ୍ଟ ପେଟାଧାନକୁ ରିଲିଫ କୋଡ୍‌ରେ ସାମିଲ କରାଗଲେ ସମସ୍ତ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ପାଇବେ ଏବଂ ସେ ଦିଗରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ। ଏହା ସହିତ ବୈଠକରେ ଜଳସେଚନ ନାଁରେ ବିଦ୍ୟୁତ୍ ବିଲ୍ ଆସୁଥିବା ନେଇ ଆଲୋଚନା ହୋଇଥିଲା। ବିଦ୍ୟୁତ ବିଭାଗୀୟ ଅଧିକାରୀ ବୈଠକରେ ଉପସ୍ଥିତ ନ ଥିବାରୁ ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆଉ ଏକ ବୈଠକ ଡକାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ମୁଖ୍ୟ ଜିଲା କୃଷି ଅଧିକାରୀ ଅମିୟ ସାହୁ, ସୋନାଲିକା ସାହୁ, ବୀମା କମ୍ପାନୀର ମାନସ ମହାରଣା, ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚାଷୀ ସଙ୍ଗଠନରୁ ରମେଶ ମହାପାତ୍ର, ସୁଦାମ ପାତ୍ର, ବିରେନ କର, ଦିଲୀପ ସାହୁ, ଈଶାନ୍ତ ଭୋଇ, ପ୍ରଭାତ ସାହୁ, ଅବନାଶ ପଟେଲ, ମହେନ୍ଦ୍ର ନାଗ, ବିକାଶ ପ୍ରଧାନ, ଚିତ୍ରସେନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ ଯୁବଛାତ୍ର ମିଳନ କାର୍ଯ୍ୟକ୍ରମ

ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ତୋରା ସୂତାକଳସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଯୁବଛାତ୍ର ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ଅଭିଭାବକ ମହାସଂଘର ବରଗଡ଼ ଜିଲା ସଭାପତି ବିମଳ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷା ଅଧିକାର ଏବଂ ପ୍ରଚଳିତ ଶିକ୍ଷାନୀତି ଉପରେ ସେ ବକ୍ତବ୍ୟ ରଖିଥିଲେ। ଅଭିଭାବକ ମହାସଂଘ ଜିଲା ଉପସଭାପତି ବାଲ୍ମିକୀ ଷଡ଼ଙ୍ଗୀ, ସାମାଜିକ କର୍ମୀ ରାଜେଶ ହନୁମାନ, ସୁକାନ୍ତ ରାଉତ, ଫିଲିମାନ ବାରିକ, ଅଭିଷେକ ହନୁମାନ, ଜିତେନ୍ଦ୍ର ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଡି. କେ. ତାଣ୍ଡି କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ସ୍କୁଲ ସମସ୍ୟା ଉପରେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ।

# ସଂସ୍କାର ସ୍କୁଲରେ ସମ୍ବର୍ଦ୍ଧନା ସମାରୋହ



ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କୁ ସ୍ମୃତିଫଳକରେ ସମ୍ବର୍ଦ୍ଧିତ କରାଯାଉଛି ।

ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଏମରଜେନ୍ସ ସୋର୍ ହାଏ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡ଼ିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ, ଭାଇସ୍ ପ୍ରିନ୍ସପାଲ ସଙ୍ଗୀତା ଶର୍ମା, ଏକାଡେମିକ କୋଅର୍ଡ଼ିନେଟର ସୀମା ସାହୁ, କୋଅର୍ଡ଼ିନେଟର ଗୀତା ନାୟକ, ମମତା ସିହ୍ନା, ବବିତା ସାୱଡ଼ିଆ, ଆକାଶ ଅଗ୍ରୱାଲ, ମେଘା ସାୱଡ଼ିଆ, ରେଖା ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଏକାଦଶ, ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସାପଲିଙ୍ଗ ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ ଛାତ୍ରୀଛାତ୍ରମାନଙ୍କୁ ବୋର୍ଡ ପରୀକ୍ଷାର ଶୁଭେଚ୍ଛା ଜଣାଇଥିଲେ। ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିବାବେଳେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ ।

# ବିକାଶରେ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଛାତ୍ରୀଛାତ୍ରବୃନ୍ଦ ।

ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ଲ ସ୍କୁଲରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ ହୋଇଯାଇଛି। ଲ ସ୍କୁଲ ଏବଂ ବରଗଡ଼ ପୋଲିସ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସାଇବର ସେଫ୍ଟି ଉପରେ ସଚେତନତା କରାଯାଇଥିଲା। ଲ ସ୍କୁଲର ଅଧକ୍ଷ ପ୍ରଫେସର ଡ. ବିକ୍ରମ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିଏସ୍‌ପି ନିବେଦତା ସୋରେନ, ଏସ୍‌ଆଇ ମଙ୍ଗଳ କିସ୍କୁ ପ୍ରମୁଖ ଯୋଗଦେଇ ଇଣ୍ଟରନେଟ୍‌ର ସଦୁପଯୋଗ ଉପରେ ପରାମର୍ଶ ଦେଇଥିଲେ। ସେହିପରି ସାଇବର କ୍ରାଇମରୁ ନିଜକୁ ସୁରକ୍ଷିତ ରଖିବାର ମାଧ୍ୟମ ଉପରେ ସେମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମିନି ପ୍ଲେ ଆକ୍ଟ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଇଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଂଯୋଜକ ଅଧ୍ୟାପକ ଶିବାନନ୍ଦ ସାହୁ, ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସୁଶୋଭିତା ଦାଶ, ସ୍ୱାଗତିକା ସାହୁ, ସାଗରିକା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଜୈମିନି କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ

ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗୁଢ଼େଶିରା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସ୍କୁଲ ପରିଚାଳନା ସମିତି ସଭାପତି ଲଳିତ ଆଚାର୍ଯ୍ୟ, ସରପଞ୍ଚ କୁନ୍ତଳା ପାଣ୍ଡେ, ଯୁବନେତା ତାପସ ଦାଶ, ବିଧାୟକ ପ୍ରତିନିଧି ମନିଷ ଆଚାର୍ଯ୍ୟ, ସମିତିସଭ୍ୟ ସାନନ୍ଦ ବାଗ, କୁଳମଣି ଦାଶ, ଦେବ ଚିନ୍ଦା, ରବି ବେହେରା, ଡିଲେଶ୍ୱରୀ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋଚନା ମିଶ୍ର ବିବରଣୀ ପାଠ କରିଥିଲେ। ଶିକ୍ଷକ ମନୋଜ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଶାନ୍ତ ଭୋଇ, ରାମ ସାହୁ, ଯୋଗେଶ୍ୱରୀ ସିଂ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମବାସୀ ତଥା ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପଥପ୍ରାନ୍ତ ନାଟକରେ ସଚେତନତା



ଗାଇସିଲେଟ ସାହୁପଡ଼ାରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଉଛି।

ଗାଇସିଲେଟ୍,୬।୨(ଦୁର୍ଗାପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ଗାଇସିଲେଟ୍ ସାହୁପଡ଼ାରେ ପଥପ୍ରାନ୍ତ ନାଟକରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା । ନାଟ୍ୟକାର ମଣି ବାରିକଙ୍କ ରଚିତ, ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ଜାନ୍‌ଲେ ଜିତ୍‌ମାକୁ ସମ୍ବଲପୁରର ନିଆଲି ମଲୀ ନାଟ୍ୟ କଳା ପରିଷଦର କଳାକାରମାନେ ମଞ୍ଚସ୍ଥ କରିଥିଲେ। ନାଟକରେ କଳାକାର ରାଧେଶ୍ୟାମ ତ୍ରିପାଠୀ, ରାଜକିଶୋର ସାହୁ, ସୀତାରାମ ସେଠ, ବନ୍ଦୋବସ୍ତ ସାହୁ, କୈଳାସ ଭୁଏ, କୁନ୍ତୀ ସାହୁ, କଲ୍ୟାଣୀ ସାହୁ ପ୍ରମୁଖ ବିଭିନ୍ନ ଚରିତ୍ରରେ ନିଖୁଣ ଅଭିନୟ କରିଥିଲେ।

# ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ

ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ)



କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଓଡ଼ିଆ ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଭାବନା ସାହୁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମୋହନ ଚରଣ ମହନ୍ତ, ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ବେହେରା, ଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା, ପ୍ରଧାନ ଶିକ୍ଷକ ମୋହନ କାଲୋ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅମ୍ବାଭୋନା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡା. ପ୍ରଶାନ୍ତ କୁମାର ପଣ୍ଡା ଆଲୋଚକ ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଭାଷା, ସାହିତ୍ୟ, ସୃଜନଶୀଳତା ବିକାଶ ସକାଶେ ବିଭିନ୍ନ ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ତୃତୀୟ, ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବ୍ଲକର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକର ସମସ୍ତ ସିଆରସିସି ସହଯୋଗ କରିଥିଲେ। ଶିକ୍ଷକ ରୋହିତ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ସିଆରସିସି ରାମେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମଶ୍ରୀ ମନୋନୀତଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏଟିଭର୍ସ ହେଲ୍‌ପିଙ୍ଗ ଫାଉଣ୍ଡେଶନ ଏବଂ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପାଇଁ ମନୋନୀତ ବରଗଡ଼ ଜିଲା କୁମ୍ଭାରୀ ଗ୍ରାମର ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନ ଏବଂ ସମ୍ବଲପୁର ଜିଲାର ଗୀତିକାର ବିନୋଦ ପଶାୟତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଭୟ ପ୍ରତିଭାଙ୍କୁ ନାଚଗୀତ ମାଧ୍ୟମରେ ସ୍ୱାଗତ କରିଥିଲେ। ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ଅଭୟ କୁମାର ପ୍ରଧାନ, କମିଟି ସଭ୍ୟ ସମାରୁ ପ୍ରଧାନ, ଏଟିଭର୍ସ ହେଲ୍‌ପିଙ୍ଗ ଫାଉଣ୍ଡେଶନର ଦିବାକର ମାଝି, ଭଗବାନ ପ୍ରଧାନ, ଚାଷୀନେତା କିଶୋର ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ପଦ୍ମଶ୍ରୀ ମନୋନୀତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ରାମଲୀଳା: ସୀତା ଚୋରି, ବାଳି ବଧ ମଞ୍ଚସ୍ଥ

ଭେଡ଼େନ,୬।୨(ସୁଦନ ମହାକୁର)



ରାମଲୀଳାରେ ଅଭିନୀତ ଏକ ଦୃଶ୍ୟ।

ବରଗଡ଼ ଜିଲା ଭେଡ଼େନଠାରେ ଚାଲିଥିବା ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳାର ମଙ୍ଗଳବାର ଥିଲା ପଞ୍ଚମ ସନ୍ଧ୍ୟା। ରାମଲୀଳା ନାଟ୍ୟାଭିନୟରେ ରାମ, ଲକ୍ଷ୍ମଣ, ସୀତା ଚିତ୍ରକୂଟ ପରିତ୍ୟାଗ କରି ବଣରେ ବୁଲି ବୁଲି ପଞ୍ଚବଟୀ ଅରଣ୍ୟରେ ପ୍ରବେଶ କରିଛନ୍ତି। ସେଠାରେ ରାବଣର ଭଉଣୀ ସୂର୍ପଣଖା ଗୋଦାବରୀ ନଦୀ ବାଲିରେ ମାନବ ପାଦ ଚିହ୍ନ ଦେଖି ଅନ୍ୱେଷଣ ପୂର୍ବକ କୁଟୀର ନିକଟରେ ପହଞ୍ଚିଛି। ରାକ୍ଷସୀ ରାମ, ଲକ୍ଷ୍ମଣଙ୍କୁ ଦେଖି ବିବାହ କରିବାକୁ ଜିଦ୍ ଧରି ସୀତାଙ୍କୁ ମାରି ଦେବାକୁ ଚେଷ୍ଟା କରିଛି। ଏହା ଦେଖି ରାମ ରାକ୍ଷସୀର ନାସା, କର୍ଣ୍ଣ ଛେଦନ କରିବାକୁ ଲକ୍ଷ୍ମଣଙ୍କୁ ଗୁପ୍ତପତ୍ରରେ ଆଦେଶ ଦେଇଛନ୍ତି। ନାସା, କର୍ଣ୍ଣ ହରାଇ ସୂର୍ପଣଖା ଖର, ଦୂଷଣ, ତ୍ରିଶିରଙ୍କୁ ଭେଟିଛି। ଭଉଣୀର ଏଭଳି ଦୁର୍ଦ୍ଦଶା ଦେଖି ସେମାନେ ରାମ, ଲକ୍ଷ୍ମଣଙ୍କୁ ବଧ କରିବାକୁ ଆସି ନିଜେ ରାମଙ୍କ ଶରାଘାତରେ ମୃତ୍ୟୁବରଣ କରିଛନ୍ତି। ଏହା ଦେଖି ରାକ୍ଷସୀ ସୂର୍ପଣଖା ପ୍ରବଳ ପ୍ରତାପୀ ରାବଣ ନିକଟରେ ଯାଇ ସମସ୍ତ ବିଷୟ ପ୍ରକାଶ କରିଛି। ରାବଣ କପଟରେ ସୀତାଙ୍କୁ ଚୋରି କରିଛି। ମୃଗୟାରୁ ଫେରି ରାମ, ଲକ୍ଷ୍ମଣ ସୀତୟାଙ୍କୁ ନ ପାଇ ଖୋଜୁଥିବା ସମୟରେ ଜଟାୟୁଠାରୁ ସମସ୍ତ ବିଷୟ ଜାଣିବାକୁ ପାଇଛନ୍ତି । ପରେ ହନୁମାନଙ୍କ ସହାୟତାରେ କିସ୍କିନ୍ଧାର ବିତାଡ଼ିତ ରାଜା ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ, ବାଳି ବଧ ଏବଂ ରାବଣର ଦିଗ୍‌ବିଜୟ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା ।

## ସଂକ୍ଷେପରେ

### ଚଳନ୍ତା ବସ୍‌ରୁ ଖସି ଯୁବକ ମୃତ

**ରାଉରକେଲା,୬।୨(ଦିନେଶ ମିଶ୍ର):** ଚଳନ୍ତା ବସ୍‌ରୁ ଖସି ରାଉରକେଲା ବିଶ୍ରା ଛକ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କେଶରୀ ଡିଗା(୩୦)। ମଙ୍ଗଳବାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ସିଙ୍ଗଟୋଲା ବସ୍ତିର କେଶରୀ ସୋମବାର ସନ୍ଧ୍ୟାରେ ନିଜ ଗ୍ରାମ ଝାଡ଼ଖଣ୍ଡ ରାଜ୍ୟ ସିଙ୍ଗଭୂମକୁ ଯିବା ପାଇଁ ଚଳନ୍ତା ବସ୍‌ରେ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଂଗ୍ରେସ ପ୍ରଚାର ଗାଡ଼ିରେ ପୂର୍ବତନ ସଭାପତି, ପ୍ରଭାରୀଙ୍କ ଫଟୋ



**ରାଉରକେଲା,୬।୨(ସଙ୍ଗୀତା ଜେନା):** ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ପାଇଁ ଇସ୍ପାତ ସହରର ସେକ୍ଟର-୧୯ ରାଉରକେଲା ହାଉସ୍ କଂଗ୍ରେସମୟ ହୋଇପଡ଼ିଛି। ରାଉରକେଲାର ମୁଖ୍ୟ ସ୍ଥାନମାନଙ୍କରେ ସ୍ଥାନୀୟ ନେତାମାନଙ୍କ କଟ୍ ଆଉଟ୍ ହୋର୍ଡିଂ ଲଗାଯାଇଛି। ତେବେ ରାଉରକେଲା ହାଉସ ପରିସରରେ ରଖାଯାଇଥିବା ପ୍ରଚାର ଗାଡ଼ିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହି ଗାଡ଼ିରେ ପୂର୍ବତନ ପିସିସି ସଭାପତି ଓ ରାଜ୍ୟ ପ୍ରଭାରୀଙ୍କ ଫଟୋ ଶୋଭାପାଉଛି। ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ସ୍ଥାନରେ ଚେଲା କୁମାରଙ୍କ ଫଟୋ ରହିଛି। ଏ ନେଇ ବିଭିନ୍ନ ମହଲରେ ନାନା ଆଲୋଚନା ହେଉଛି। ଏହି ପ୍ରସଙ୍ଗରେ ସ୍ଥାନୀୟ କଂଗ୍ରେସ ନେତାମାନଙ୍କୁ ପଚରାଯିବାରୁ ସେମାନେ ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।



ଜବାପାନପୋଷ ଗାଁର ମହିଳା ଚାଷୀ ଗେଣ୍ଡୁଫୁଲ ଅମଳ କରୁଛନ୍ତି।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ଗେଣ୍ଡୁଚାଷ

ରାଉରକେଲା,୬।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହର ବଜାରରେ ଗେଣ୍ଡୁଫୁଲର ଚାହିଦା ବୃଦ୍ଧିପାଉଛି। ଫଳରେ ଏହି ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ସ୍ୱାବଲମ୍ବୀ କରିବା ପାଇଁ ଗ୍ରାମୀଣ ମହିଳାଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଏହି କ୍ରମରେ ରାଜ୍ୟ ସରକାର ଏମ୍ଆଇଡିଏଚ୍, ମିଶନ ଫ୍ଲାୱାର ସ୍କିମ୍ ମାଧ୍ୟମରେ ଫୁଲଚାଷୀଙ୍କୁ ଚଳିତ ଆର୍ଥିକ ବର୍ଷରେ ୨ଲକ୍ଷ ୬୨ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହାଦ୍ୱାରା ରାଉରକେଲା ସରକାରୀ ଉଦ୍ୟାନ ବିଭାଗ ଅଧୀନ ନୂଆଗାଁ, ବିଶ୍ରା, ଲାଠିକଟା ଓ କୁଆଁରମୁଣ୍ଡା ବ୍ଲକର ୩୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଶତାଧିକ କ୍ଷୁଦ୍ର ଓ ମଧ୍ୟମ ବର୍ଗ ଫୁଲଚାଷୀ ଲାଭବାନ ହେବେ।

ସୂଚନା ଅନୁସାରେ, ୨୦୨୩-୨୪ ଆର୍ଥିକ ବର୍ଷରେ ଏମ୍ଆଇଡିଏଚ୍ ଯୋଜନାରେ ରାଜ୍ୟ ସରକାର ରାଉରକେଲା ଉଦ୍ୟାନ ବିଭାଗକୁ ଉକ୍ତ ୪ ବ୍ଲକର ମହିଳା ପୁରୁଷ, କ୍ଷୁଦ୍ର, ମଧ୍ୟମ ଉଦ୍ୟାନ ଚାଷୀଙ୍କ ସମେତ ଅନ୍ୟ ଉଦ୍ୟାନ ଚାଷୀଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ୧୨ ହେକ୍ଟର ଜମିରେ ଗେଣ୍ଡୁଚାଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତେବେ ରାଉରକେଲା ଉଦ୍ୟାନ ବିଭାଗ ତରଫରୁ ନୂଆଗାଁ ବ୍ଲକରେ କ୍ଷୁଦ୍ର ଓ ମଧ୍ୟମ ଓ ଅନ୍ୟ ବର୍ଗର ଚାଷୀଙ୍କ ପାଇଁ ଗୋଟିଏ ଲେଖାଏଁ ଗେଣ୍ଡୁଚାଷ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ସେହିପରି ବିଶ୍ରା ବ୍ଲକ ପାଇଁ ଉଭୟ ସ୍କିମ୍‌ରେ ୩ଟି, ଲାଠିକଟା ବ୍ଲକରେ ୨ଟି ଏବଂ କୁଆଁରମୁଣ୍ଡା ବ୍ଲକକୁ ମଧ୍ୟ ୨ଟି ପ୍ରକଳ୍ପ ମଞ୍ଜୁର ହୋଇଥିଲା। ତେବେ ଉଭୟ ସ୍କିମ୍‌କୁ ସଫଳ କରିବା ପାଇଁ ୧୨ହେକ୍ଟର ଜମିରେ ଗେଣ୍ଡୁଫୁଲ ଚାଷ କରାଗଲା। ଅନ୍ୟପଟେ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ ପାଇଁ ମିଶନ ଫ୍ଲାୱାର ସ୍କିମ୍‌ରେ ଉକ୍ତ ୪ଟି ବ୍ଲକର ୩୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ହେକ୍ଟର ଜମିରେ ଗେଣ୍ଡୁଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଏମ୍ଆଇଡିଏଚ୍ ସ୍କିମରେ ଅନ୍ୟ ବର୍ଗ ଚାଷୀଙ୍କୁ ପ୍ରତି ହେକ୍ଟର ପିଛା ୧୦ହଜାର ଟଙ୍କା ସରକାରୀ ଅନୁଦାନ ଓ କ୍ଷୁଦ୍ର ଓ ମଧ୍ୟମ ଚାଷୀମାନଙ୍କୁ ହେକ୍ଟର ପିଛା ୧୬ହଜାର ଟଙ୍କା ସରକାରୀ ଅନୁଦାନ ପ୍ରଦାନ ପାଇଁ ନିର୍ଦ୍ଧାରିତ ହୋଇଛି। ସେହିପରି ମହିଳା ଚାଷୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗେଣ୍ଡୁଚାଷ ପାଇଁ ହେକ୍ଟର ପିଛା ୧୬ହଜାର ,୧୦ହଜାର ଏବଂ ୪ହଜାର ଲେଖାଏଁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ଫଳରେ ୪ଟି ବ୍ଲକର ମହିଳାପୁରୁଷ ଚାଷୀ ଗେଣ୍ଡୁଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

**ରାଉରକେଲା ଉଦ୍ୟାନ କୃଷି ଜିଲା**

- ୪ ବ୍ଲକରେ ୨୨ହେକ୍ଟର ଜମିରେ ଗେଣ୍ଡୁଚାଷ
- ୨.୬୨ଲକ୍ଷ ସରକାରୀ ପ୍ରୋତ୍ସାହନ ରାଶି ପାଇବେ ଚାଷୀ

ଏହି କ୍ରମରେ ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ଅନ୍ତର୍ଗତ ବିଶ୍ରା ବ୍ଲକ ଜାମସରା ଗ୍ରାମପଞ୍ଚାୟତର ଜବାପାନପୋଷ ଗ୍ରାମର ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ୫୦ ଡେସିମିଲ ଜମିରେ ୬ହଜାର ଗେଣ୍ଡୁଗଛ ଲଗାଇ ଅମଳ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସେମାନେ ୬ହଜାର ଗଛରୁ ଦୈନିକ ୩୦/୪୦ କେଜି ଗେଣ୍ଡୁଫୁଲ ଅମଳ କରୁଛନ୍ତି। ଅନ୍ୟପକ୍ଷେ ସହରରେ ଗେଣ୍ଡୁଫୁଲର ଚାହିଦା ବେଶ୍ ଅଧିକ ଥିବାରୁ ଅଭାବୀ ବିକ୍ରି ଚିନ୍ତା ମଧ୍ୟ ନାହିଁ। ଏହାଦ୍ୱାରା ମାସକୁ ୧୫ରୁ ୨୦ହଜାର ଟଙ୍କା ଆୟ କରି ସ୍ୱାବଲମ୍ବୀ ହୋଇ ପାରିଥିବା କହିଛନ୍ତି ଜବାପାନପୋଷ ଗାଁର ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ପ୍ରମିଳା ମାହାତୋ, ତେଜସ୍ୱିନୀ ନାୟକ ଓ ଲଳିତା ମାହାତୋ ପ୍ରମୁଖ।

ଏ ନେଇ ରାଉରକେଲା ସହକାରୀ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ଦୁଷନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଗେଣ୍ଡୁଚାଷ ଏକ ଲାଭଜନକ ଚାଷ। ୪ଟି ବ୍ଲକ ସହର ଉପକଣ୍ଠରେ ରହିଥିବାରୁ ସର୍ବଦା ଗେଣ୍ଡୁଫୁଲର ଚାହିଦା ରହୁଛି। ଏବେ ସ୍ଥାନୀୟ ଅଞ୍ଚଳର କିଛି ଗେଣ୍ଡୁଚାଷୀଙ୍କୁ ସରକାରଙ୍କ ନିର୍ଦ୍ଧାରିତ ଅନୁକମ୍ପା ଅର୍ଥରାଶି ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗକୁ ୪ଟି ବ୍ଲକର ସମସ୍ତ ଉଦ୍ୟାନ ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ପ୍ରଦାନ ସହ ଅଧିକରୁ ଅଧିକ ମହିଳା ସମୂହ ଯେଭଳି ଆର୍ଥିକ ସ୍ୱାବଲମ୍ବୀ ହେବେ ତାର ଯୋଜନା କରାଯିବ ବୋଲି ବେହେରା କହିଥିଲେ।

### ନ୍ୟାୟ ପାଇଁ ଛାତ୍ର କଂଗ୍ରେସ ନେତାଙ୍କ ମୌନବ୍ରତ

ରାଉରକେଲା,୬।୨(ବିପ୍ଳବ ରଞ୍ଜନ ଦାଶ)

ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା ବୁଧବାର ରାଉରକେଲାରେ ପ୍ରବେଶ କରିବ। ରାହୁଲଙ୍କ ପଦଯାତ୍ରାରେ ରାଉରକେଲା ଅଞ୍ଚଳର ଶତାଧିକ ବରିଷ୍ଠ କଂଗ୍ରେସ ନେତାଙ୍କ ସମେତ ହଜାର ହଜାର ଦଳୀୟ ସମର୍ଥକ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ରାହୁଲ ଗାନ୍ଧୀ ରାମପାଲ ଛକରୁ ବାହାରି ଉଦିତନଗର ଏସ୍‌ପି କାର୍ଯ୍ୟାଳୟ ଛକରେ ପହଞ୍ଚିବା ପରେ ସେଠାରୁ ପାନପୋଷ ଛକକୁ ଯାଇ ଜନସଭାରେ ଉଦ୍‌ବୋଧନ ଦେବେ। ତେବେ ରାଜ୍ୟ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ରାହୁଲଙ୍କଠାରୁ ନ୍ୟାୟ ପାଇବା ଆଶାରେ ଭୁବନେଶ୍ୱରରୁ ଆସି ରାଉରକେଲାରେ ମୌନବ୍ରତ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ତାଙ୍କ ପ୍ରତି ପକ୍ଷପାତ ହୋଇଥିବା ଅଭିଯୋଗ କରି ସେ ରାହୁଲଙ୍କଠାରୁ ନ୍ୟାୟଭିକ୍ଷା କରିବେ ବୋଲି ଜଣାପଡ଼ିଛି। ରାହୁଲଙ୍କୁ ଭେଟିବା ପରେ ବିଭୂତି ମୌନବ୍ରତ ଭଙ୍ଗ କରି ପଦଯାତ୍ରାରେ ସାମିଲ ହେବେ ବୋଲି ସୂଚନା ମିଳିଛି।




ମୌନବ୍ରତରେ ବସିଥିବା ଛାତ୍ର କଂଗ୍ରେସ ନେତା।

### ରାଉରକେଲା ଏଡିଏମ୍‌ଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୬।୨(ଦିନେଶ ମିଶ୍ର)

ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ମଙ୍ଗଳବାର ରାଉରକେଲା ବଣିକ ସଂଘର ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଉରକେଲା ସଂଘ ସଭାପତି ସୁନିଲ କୟାଲ, ଉପସଭାପତି ଗୁରମିତ ସିଂ, ନରେଶ ଆରିୟା, ଅର୍ଥ ବିଭାଗର ସମ୍ପାଦକ ସନ୍ତୋଷ ଅଗ୍ରୱାଲ, ମନୋଜ ରତେରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମ ବିଭାଗରେ ହାଜର ହେବ ଠିକାସଂସ୍ଥା

ରାଉରକେଲା,୬।୨(ସଙ୍ଗୀତା ଜେନା)

**ସିକ୍ୟୁରିଟି ଗାର୍ଡ ଛଟେଇ ମାମଲା**

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରାଦ୍ୟୋଗିକ ମନ୍ତ୍ରାଳୟ ପରିଚାଳିତ ସଫ୍ଟୱେୟାର ଟେକ୍‌ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ରାଉରକେଲା ଶାଖାରେ ଦୀର୍ଘ ୧୧ ବର୍ଷ ହେଲା ନିୟୋଜିତ ୬ ସିକ୍ୟୁରିଟି ଗାର୍ଡଙ୍କ ଭାଗ୍ୟ ଅନିଶ୍ଚିତତା ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଜାନୁଆରୀ ୩୧ ତାରିଖରେ ସିଆଇଏସ୍‌ଏସ୍ (ଠିକା ସୁରକ୍ଷା କମ୍ପାନୀ)ରେ ସେମାନଙ୍କ ଚାକିରି ଅବଧି ଶେଷ ହୋଇଯାଇଛି। ଏସ୍‌ଟିପିଆଇ ସୁରକ୍ଷା ଦାୟିତ୍ୱ ବର୍ତ୍ତମାନ ପୁନେର ଏକ ଠିକା କମ୍ପାନୀକୁ ମିଳିଛି। ତେବେ ଉକ୍ତ ନୂତନ କମ୍ପାନୀ ଏହି ୬ ଜଣ ସିକ୍ୟୁରିଟି ଗାର୍ଡଙ୍କୁ ଚାକିରିରେ ରଖିବ ନାହିଁ ବୋଲି କହିବା ପରେ ଏଭଳି ସମସ୍ୟା ଉପୁଜିଛି। ଏ ନେଇ ଗତ ୩୦ ତାରିଖରୁ ସିକ୍ୟୁରିଟି ଗାର୍ଡ ଅଞ୍ଜନ ନାୟକ, ଶରତ ବାରିକ, ବ୍ରଜବନ୍ଧୁ ବାରିକ, ସୋନୁ ଗୋଚ୍ଛାୟତ, ତୁଷାର ବିଶୋୟୀ, ଭାରତ ନାଗ ପ୍ରମୁଖ ସପରିବାର ଏସ୍‌ଟିପିଆଇ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଆସୁଛନ୍ତି। ଏହି କ୍ରମରେ ମଙ୍ଗଳବାର ଆନ୍ଦୋଳନର ୮ମ ଦିବସରେ ସେକ୍ଟର-୫ ସ୍ଥିତ ଆଞ୍ଚଳିକ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା ହେବା ପରେ ଠିକା ସଂସ୍ଥା ସିଏସ୍‌ଏସ୍‌ଆଇକୁ ନୋଟିସ କରାଯାଇଛି। ଫଳରେ ୨ ଦିନ ପରେ ସମ୍ପୃକ୍ତ ଠିକାସଂସ୍ଥା ହାଜର ହୋଇ ନିଜ ପକ୍ଷ ରଖିବ ବୋଲି ଜଣାପଡ଼ିଛି। ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି, ମୀନତି ବିଶ୍ୱାଳ, ଆର୍‌ଏଲ୍‌ସି ସନ୍ତୋଷ ସେଠୀ, ଏସ୍‌ଟିପିଆଇ ମୁଖ୍ୟ ପ୍ରଶାସନିକ ଅଧିକାରୀ ଆବି ଜନ୍ସ, ଓଆଇସି ଇଶୁ ଅଗ୍ରୱାଲଙ୍କ ସମେତ ୬ ଜଣ ଗାର୍ଡ ଆଲୋଚନାରେ ସାମିଲ ହୋଇଥିଲେ।




ଏସ୍‌ଟିପିଆଇ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସେକ୍ଟର-୧୭ରେ ଜନନୀ ସମ୍ପର୍କ ଅଭିଯାନ



ଜନନୀ ସମ୍ପର୍କ ଅଭିଯାନରେ ସାମିଲ ହୋଇଥିବା ମହିଳା।

ରାଉରକେଲା,୬।୨(ବିପ୍ଳବ ରଞ୍ଜନ ଦାଶ)

ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅଧୀନ ସେକ୍ଟର-୧୭ ଦୁର୍ଗାପୂଜା ପଡ଼ିଆରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ମଙ୍ଗଳବାର ୨ୟ ପର୍ଯ୍ୟାୟ ଜନନୀ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସେକ୍ଟର-୧୭ର ଶତାଧିକ ମହିଳାମାନେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଶାନ୍ତ ମହିଳାମାନଙ୍କୁ ସରକାରୀ ଯୋଜନା ମାଧ୍ୟମରେ କିଭଳି ସାମାଜିକ ଓ ବ୍ୟକ୍ତିଗତ ସ୍ତରରେ ବିକାଶ ସାଧିତ ହୁଏ ଏବଂ ସରକାରୀ ଯୋଜନାର ପ୍ରକୃତ ଲାଭ ମିଳୁ ନ ଥିଲେ ତାର ସମାଧାନ କିଭଳି କରାଯିବ ସେ ନେଇ ଦିଗଦର୍ଶନ ଦେଇଥିଲେ। ମହିଳା ନେତ୍ରୀ ସୁଯୁକ୍ତା ମହାନ୍ତି, କବିତା ବିନ୍ଧାଣୀ, ଲକ୍ଷ୍ମୀପ୍ରିୟା ଦାସ, ଲତା ପଟ୍ଟନାୟକ, କୁନି ପାତ୍ର, ଶର୍ମିଷ୍ଠା ଲେଙ୍କା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଭାରତୀ ମହାନ୍ତି, ସୁଚିତ୍ରା ପାଳ, ଉର୍ବଶୀ ପଣ୍ଡା, ଅନିତା ଦାସ ଓ ସରିତା ନାୟକ ପ୍ରମୁଖ ସହଯୋଗ କରିଥିଲେ। ତେବେ ଏଭଳି ଜନନୀ ସମ୍ପର୍କ ଅଭିଯାନ ଆଗକୁ ଜାରି ରହିବ ବୋଲି ପ୍ରଶାନ୍ତ କହିଛନ୍ତି।

## ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ଉତ୍ସାହ କାର୍ଯ୍ୟକ୍ରମ

ରାଉରକେଲା,୬।୨(ଦିନେଶ ମିଶ୍ର)

ରାଉରକେଲା ଉଦିତନଗର ହାଇସ୍କୁଲ ଆଲୁମ୍‌ନି ଆସୋସିଏଶନ ଓ ଛେଣ୍ଡ ଲାୟନ୍ସ କ୍ଲବର ମିଳିତ ଆନୁକୂଲ୍ୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ଉତ୍ସାହ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସେଠୀ ସଭାପତିତ୍ୱରେ କରିଥିଲେ। ଆଲୁମ୍‌ନି ଆସୋସିଏଶନର ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ନେତୃତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତେକ ଛାତ୍ରୀଛାତ୍ରଙ୍କୁ କଲମ, ବିସ୍କୁଟ ଓ ମୃଦ୍ୟୁ ପାନୀୟ ବିତରଣ କରାଯାଇଥିଲା। ଏଥିରେ ଲାୟନ୍ସ କ୍ଲବର ସଭାପତି ସରୋଜ କୁମାର ପାତ୍ର ଯୋଗଦେଇ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆସୋସିଏଶନର ବରିଷ୍ଠ ସଦସ୍ୟ ଗଗନ ପଣ୍ଡା ଉଦ୍‌ଘାଟକ ଭାବେ ଯୋଗଦେଇ ମାଟ୍ରିକ ପରୀକ୍ଷାରେ କିଭଳି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭଲ ନମ୍ବର ରଖି ବିଦ୍ୟାଳୟର ନାଁ ରଖିବେ ସେ ନେଇ ମତ ପ୍ରକାଶ କରିଥିଲେ। ଆସୋସିଏଶନର କୋଷାଧ୍ୟକ୍ଷ ବିଷ୍ଣୁଚରଣ ଦାଶ, ସୁରେଶ ପ୍ରସାଦ ଲେଙ୍କା, ରଞ୍ଜନ ବେହେରା, ସୂର୍ଯ୍ୟନାରାୟଣ ପାତ୍ର, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ନକଲି ସସ୍ କାରଖାନା ଠାବ, ଜଣେ ଗିରଫ

ରାଉରକେଲା,୬।୨(ସଙ୍ଗୀତା ଜେନା)

ରାଉରକେଲା ସହରରେ ବୃଦ୍ଧି ପାଉଥିବା ଫାଷ୍ଟଫୁଡ୍ ଚାହିଦା ମେଣ୍ଟାଇବା ପାଇଁ ନକଲି ଓ ନିମ୍ନମାନର ସସ୍ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏହି ଅସ୍ୱାସ୍ଥ୍ୟକର ଖାଦ୍ୟ ସାମଗ୍ରୀକୁ ସହରବାସୀ ଖାଇ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି। ଏଭଳି ନକଲି ସସ୍ ତିଆରି କରାଯାଉଥିବା ଏକ କାରଖାନାକୁ ରାଉରକେଲା ପୋଲିସ ଜଗଦା ଗୁଙ୍ଗୁରିଟୋଲା ଅଞ୍ଚଳରେ ଠାବ କରିଛି। ଉକ୍ତ କାରଖାନାରୁ ବିପୁଳ ପରିମାଣରେ କଞ୍ଚା ସାମଗ୍ରୀ ସହ ସସ୍, ବୋତଲ, ଲେବଲ୍, କ୍ରପ୍ ଆଦି ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ତୁଳସୀ ଦାସ(୪୫)। ଏ ନେଇ ପୋଲିସ ଏକ ମାମଲା (ନଂ.୨୯/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଜଗଦା ଗୁଙ୍ଗରିଟୋଲା ଉଚ୍ଚପ୍ରାଥମିକ ସ୍କୁଲ ସମ୍ମୁଖରେ ଉକ୍ତ ସସ୍ କାରଖାନା ୨୦୦୦ ମସିହାରୁ ଚାଲିଥିଲା। ଏଠାରେ କଖାରୁ ଟମାଟୋ ସସ୍ ଓ ଆଳୁରୁ ଚିଲି ସସ୍ ତିଆରି କରାଯାଉଥିଲା। ନକଲି ସସ୍ ତିଆରି କରି ସହରର ବିଭିନ୍ନ ସ୍ଥାନରେ ଥିବା ଫାଷ୍ଟଫୁଡ୍ ଦୋକାନ ଓ ହୋଟେଲକୁ ବାବା ବ୍ରାଣ୍ଡ ନାମରେ ଏହା ଯୋଗାଣ ହେଉଥିଲା। ସୋମବାର କୌଣସି ଗୁପ୍ତ ସୂଚନା ଆଧାରରେ ଝିରପାଣି ପୋଲିସ ଉକ୍ତ କାରଖାନାକୁ ଠାବ କରିବା ସହ ଆର୍‌ଏମ୍‌ସି ଖାଦ୍ୟ ବିଭାଗକୁ ସସ୍ ନମୂନା ପଠାଇଥିଲା। ଯାଞ୍ଚ ବେଳେ ଏହା ନକଲି ବୋଲି ଜଣାପଡିବା ପରେ ମଙ୍ଗଳବାର ସକାଳୁ ଚଢ଼ାଉ କରି ୧୦ କୁଇଣ୍ଟାଲ ଆଳୁ, କଖାରୁ ସହ ରଙ୍ଗ ଓ ଚୁଲା ଆଦି ଜବତ କରାଯାଇଥିଲା। ଡିଏସ୍‌ପି ପୁଷ୍ପାରାଣୀ ନିମ୍‌ଗୀଙ୍କ ନେତୃତ୍ୱରେ ଝିରପାଣି ଥାନାଧିକାରୀ ରବିନ୍ଦ୍ର ସାହୁ, ଏସ୍‌ଆଇ ମନୋହର ପ୍ରଧାନ, ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ତେବେ ଆଗାମୀ ଦିନରେ ଏଭଳି ଚଢ଼ାଉ କରାଯିବ ବୋଲି ଡିଏସ୍‌ପି ନିମ୍‌ଗୀ କହିଛନ୍ତି।



ଜବତ ହୋଇଥିବା ନିମ୍ନମାନର ସମଗ୍ରୀ ଓ ନକଲି ସସ୍ ।

## ମା’ ମଙ୍ଗଳା ମନ୍ଦିରର ବାର୍ଷିକୋତ୍ସବ

ରାଉରକେଲା,୬।୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଇ’ ବ୍ଲକରେ ଥିବା ମା’ ମଙ୍ଗଳା ମନ୍ଦିରର ୨୬ତମ ବାର୍ଷିକୋତ୍ସବ ଉପଦେଷ୍ଟା ପ୍ରମିଳା ବେଉରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ଅଖିଳ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା’ଙ୍କ ଷୋଡଶ ଉପଚାର ପୂଜା କରି ଭକ୍ତଙ୍କ ଦର୍ଶନ ଲାଗି ବେଶ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ବିଶ୍ୱଶାନ୍ତି ହୋମଯଜ୍ଞ ସାଙ୍ଗକୁ ଚଣ୍ଡୀପାଠ ହୋଇଥିଲା। ଏହାକୁ ପଣ୍ଡିତ ଗୋବିନ୍ଦ ରଥ ଓ ବଳରାମ ଦାଶ ପରିଚାଳନା କରିଥିଲେ। ଗୟାଧର ବେଉରିଆ ଓ ପ୍ରମିଳା ବେଉରିଆ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ହୋମଯଜ୍ଞରେ ଘୃତ, ନାରିକେଳ ସମର୍ପଣ କରିଥିଲେ। ପରିଚାଳନା କମିଟି ସମ୍ପାଦକ ବିଭୂତି ପାତ୍ର, ସହ ସମ୍ପାଦକ କରୁଣାକର ସାହୁ, ବିକ୍ରମ ପାତ୍ର, ଅକ୍ଷୟ ଦାସ, ଶଶାଙ୍କ କୁମାର ଦାସ, ପ୍ରକାଶ ମହାନ୍ତି, ରବିନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।



ମା’ ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।

## ରାହୁଲଙ୍କ ରାଉରକେଲା ରୋଡ୍ ଶୋ’ ପାଇଁ ପ୍ରସ୍ତୁତି

ରାଉରକେଲା,୬।୨(ସଙ୍ଗୀତା ଜେନା)

ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ମଙ୍ଗଳବାର ଅପରାହ୍ନରେ ଝାଡ଼ଖଣ୍ଡ ରାଜ୍ୟ ବାଂଶଜୋରରୁ ଓଡ଼ିଶାର ବିରମିତ୍ରପୁରକୁ ପ୍ରବେଶ କରିଛି। ବିରମିତ୍ରପୁର କାର୍ଯ୍ୟକ୍ରମରେ ଯୋଗଦେବା ପରେ ରାହୁଲ ସେଠାରେ ରାତ୍ରି ରହଣି କରିଥିଲେ। ବୁଧବାର ରାଉରକେଲା, ସୁନ୍ଦରଗଡ଼ ଓ ଝାରସୁଗୁଡାରେ ରାହୁଲଙ୍କ କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ରାଉରକେଲାରେ ହେବାକୁ ଥିବା ରୋଡ୍ ଶୋକୁ ସଫଳ କରିବା ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପ୍ରଭାରୀ ଅଜୟ କୁମାର, ଏଆଇସିସି ସମ୍ପାଦକ ଏମ୍‌ଡ଼ି ସାହାନୱାଜ ଚୌଧୁରୀ, ବିଏମ୍ ସନ୍ଦୀପ୍, ଭାରତ ଯୋଡୋ ଯାତ୍ରା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା, ଉପାଧ୍ୟକ୍ଷ ନବଜ୍ୟୋତି ପଟ୍ଟନାୟକ, ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଗଣମାଧ୍ୟମ ଓ ଯୋଗାଯୋଗ ସେଲ୍ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଜାତୀୟ ଗଣମାଧ୍ୟମ ସଂଯୋଜିକା ବବିତା ଶର୍ମା, ଅଭିଷେକ ମହାନନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଥିଲେ। ସଭା ଓ ରୋଡ ଶୋରେ ଅଧିକ ସଂଖ୍ୟାରେ କର୍ମୀଙ୍କୁ ଆଣିବା ପାଇଁ ଆଲୋଚନା କରାଯାଇଥିଲା। ଇସ୍ପାତ ସହର ଓ ଏହାର ଆଖପାଖ ବ୍ଲକ ଗୁଡ଼ିକରୁ କଂଗ୍ରେସ କର୍ମୀମାନଙ୍କୁ ସୁରକ୍ଷିତ ଭାବେ ଆଣିବା ପାଇଁ ଦଳୀୟ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପିସିସି ସଭାପତି ପଟ୍ଟନାୟକ କହିଥିଲେ, ସକାଳ ସାଢ଼େ ୯ଟାରେ ଉଦିତନଗରସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରୁ ପାନପୋଷ ଛକ ପ୍ରାୟ ୩.୪ କିମି ପର୍ଯ୍ୟନ୍ତ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ହେବ। ପୂର୍ବାହ୍ନ ୧୦ଟାରେ ପାନପୋଷ ଛକରେ ଜନସଭା କରାଯିବ। ଏହାପରେ ଏହି ଯାତ୍ରା ରାଜଗାଙ୍ଗପୁର, ସୁନ୍ଦରଗଡ଼ ଅତିକ୍ରମ କରି ଝାରସୁଗୁଡ଼ାକୁ ଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଡିସିସି ସଭାପତି ରଶ୍ମି ରଞ୍ଜନ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଡିସିସି ସଭାପତି ରବି ରାୟ, ବିରେନ ସେନାପତି, ସେବାଦଳ ରାଜ୍ୟ ପ୍ରଭାରୀ ଅଜିତ କୁମାର, ବିନୋଦ ରାଉତ, ସାବିର ହୁସେନ୍, ସଂଖ୍ୟାଲଘୁ ସେଲ୍ ସଭାପତି ଇଜାଜ ଅଖତାର, ନିୟାଜ ଅହମ୍ମଦ, ଆୟୁବ ଖାନ୍, ଗଣେଶ ପ୍ରଧାନ, ପ୍ରବୋଧ ଦାସ, ଜ୍ଞାନେନ୍ଦ୍ର ଦାସ, ବାସୁଦେବ ବାନାର୍ଜୀ, ଏମ୍‌ଡ଼ି ସାକିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଓଡ଼ିଶାର ଭିତ୍ତିଭୂମି ବିକାଶରେ ଏମ୍‌ସିଏଲ୍‌ର ଯୋଗଦାନ

ସମ୍ବଲପୁର,୬।୨(ବି.ଶଙ୍କର)

ମହାନଦୀ କୋଇଲା କୋଇଲା କମ୍ପାନୀ (ଏମ୍‌ସିଏଲ୍) ସମ୍ବଲପୁର କର୍ପୋରେଟ ଅଫିସ ବ୍ୟତୀତ ଅନୁଗୋଳ, ଝାରସୁଗୁଡା ଓ ସୁନ୍ଦରଗଡ ଜିଲାରେ ବ୍ୟାପକ ଭାବେ କୋଇଲା ଖନନ କରୁଛି। ସମ୍ପ୍ରତି ସାରା ଦେଶରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ହେତୁ କୋଇଲା ଉତ୍ପାଦନ ବୃଦ୍ଧି ଅନିବାର୍ଯ୍ୟ ହୋଇପଡିଛି। ଏମ୍‌ସିଏଲ୍ ଚାହିଦା ବୃଦ୍ଧି କରିବା ନେଇ ଗୁରୁତ୍ୱାରୋପ କରିଆସୁଛି। ୩ବର୍ଷ ପୂର୍ବେ ଏମ୍‌ସିଏଲ୍‌ର କୋଇଲା ଉତ୍ପାଦନ ୧୪୮ ମିଲିୟନ ଟନ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୨୦୦ ମିଲିୟନ ଟନରୁ ଅଧିକ ହୋଇଛି। ମୁଖ୍ୟତଃ ଖୋଲାମୁହଁ ଖଣି ଯୋଗୁ ଏହି ଉତ୍ପାଦନ ବୃଦ୍ଧି ସମ୍ଭବ ହୋଇଛି। ସେହିପରି ସିଏସ୍‌ଆର୍ ଜରିଆରେ କମ୍ପାନୀ ଜନହିତକର କାର୍ଯ୍ୟ ସହ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେଇଆସିଛି । ଜମି ହରାଇଥିବା ବ୍ୟକ୍ତିଙ୍କ ସମେତ ଖଣି ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି କରୁଛି। କମ୍ପାନୀ ରାଜ୍ୟର ଚିକିତ୍ସା କେନ୍ଦ୍ରର ଭିତ୍ତିଭୂମି ବିକାଶ ସହ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ସ୍ଥାନୀୟ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ଆବଶ୍ୟକ ସ୍ୱାସ୍ଥ୍ୟ ଉପକରଣ ପ୍ରଦାନ ସହ ୧୭ କୋଟି ବିନିମୟରେ ୩୦ଟି ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ଯୋଗାଇଛି । ବିଭିନ୍ନ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ପାଇଁ ୩୩ କୋଟି ଟଙ୍କା ପ୍ରଦାନ କରିଛି। ୩୮ କୋଟି ଟଙ୍କା ବ୍ୟୟରେ କମ୍ପାନୀ ରାୟଗଡା, ନୂଆପଡା, ବଲାଙ୍ଗୀର ଓ କନ୍ଧମାଳ ଜିଲାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ହାତକୁ ନେଇଛି। ସେହିପରି ୩୫ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଓ ଯାଜପୁର ଜିଲାରେ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଓଡିଶା ରାଜ୍ୟର ଜନସାଧାରଣଙ୍କ ସହ କମ୍ପାନୀ ଜଡିତ ଅଛି ବୋଲି ଏମ୍‌ସିଏଲ୍ ଜନସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

### ସମ୍ବଲପୁରୀ ଧନୁଯାତ୍ରା ନେଇ ଜିଲାପାଳଙ୍କ ସହ ଆଲୋଚନା

ସମ୍ବଲପୁର,୬।୨(ଭବାନୀ ଶଙ୍କର ଭୋଇ): ସମ୍ବଲପୁରୀ ଧନୁଯାତ୍ରା କମିଟି ମଙ୍ଗଳବାର ଜିଲାପାଳଙ୍କୁ ଭେଟି ସମ୍ବଲପୁରୀ ଭାଷାରେ ଧନୁଯାତ୍ରା ଆୟୋଜନ ଉପରେ ଆଲୋଚନା କରଥିଲେ। କମିଟି ସାଧାରଣ ସମ୍ପାଦକ ଗୁଣରଞ୍ଜନ ସାଲିମା, ସାଂସ୍କୃତିକ ସମ୍ପାଦକ ବବଲୁ ବାଗ, ସହ ସମ୍ପାଦକ କୃଷ୍ଣଚନ୍ଦ୍ର ବାଗ ଏବଂ କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଭେଟି ଆଲୋଚନା କରିଥିଲେ। କେଉଁ ସ୍ଥାନରେ କଣ ଆୟୋଜନ କରାଯିବା ପାଇଁ ଯୋଜନା କରାଯାଇଛି ସେ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବା ସହ ଧନୁଯାତ୍ରା ଆୟୋଜନ ପାଇଁ ପ୍ରଶାସନର ସହଯୋଗ କାମନା କରାଯାଇଥିଲା। ନାଟ୍ୟକାର ବବଲୁ ବାଗଙ୍କ ଦ୍ୱାରା ସମ୍ବଲପୁରୀ ଭାଷାରେ ନାଟକର ପଞ୍ଚକଥା ରଚନା କରାଯାଇଥିବା ବେଳେ ସେ ନାଟକର ନିର୍ଦ୍ଦେଶନା ମଧ୍ୟ ଦେଉଛନ୍ତି। ଧନୁଯାତ୍ରାରେ ଅଭିନେତା ଫଣିନ୍ଦ୍ର ପଣ୍ଡା କଂସ ଭୂମିକାରେ ଅଭିନୟ କରୁଛନ୍ତି। ଧନୁଯାତ୍ରା ଆୟୋଜନ ନେଇ ନିୟମିତ ସନ୍ଧ୍ୟାରେ ଆଖଡାର ଆୟୋଜନ ଚାଲିଛି। ତେବେ ଧନୁଯାତ୍ରାକୁ ବ୍ୟବସ୍ଥିତ ଢଙ୍ଗରେ ଆୟୋଜନ ନେଇ ବିଭିନ୍ନ କମିଟି ପ୍ରସ୍ତୁତି ଆରମ୍ଭ କରିଛି। ଆୟୋଜକ କମିଟି ମଧ୍ୟ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଭେଟି ଆୟୋଜନ ବିଷୟରେ ଅବଗତ କରାଯାଇଥିଲା। ଆସନ୍ତା ମାର୍ଚ୍ଚରେ ହେବାକୁ ଥିବା ଧନୁଯାତ୍ରା ପାଇଁ ସମ୍ବଲପୁର ଓ ଚାଉଁରପୁର ଅଞ୍ଚଳରେ ପ୍ରସ୍ତୁତି ଜୋରଦାର ଚାଲିଛି।

### ସମ୍ବଲପୁରରେ ଖୋଲିଲା ନଜରିଆ ଆଉଟଲେଟ୍

ସମ୍ବଲପୁର,୬।୨(ବି.ଶଙ୍କର)

ଦିଲ୍ଲୀର ହସ୍ତତନ୍ତ ଓ ସାଜସଜା ବ୍ରାଣ୍ଡର ନାଜରିଆ ଆଉଟ ଲେଟ ସମ୍ବଲପୁରର ସିଟି ଷ୍ଟେଶନ ରୋଡ ନିକଟ ସରଳକାନିଠାରେ ଉଦ୍‌ଘାଟିତ ହୋଇଛି। ମହାନଦୀ କୋଇଲା କମ୍ପାନୀ ଜାଗୃତି ମହିଳା ମଣ୍ଡଳ ଉପାଧକ୍ଷା ରଶ୍ମି ବେହୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଉଟଲେଟକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ହସ୍ତଶିଳ୍ପ ବସ୍ତ୍ରର ପ୍ରଚାର ପ୍ରସାର ଲକ୍ଷ୍ୟରେ ଏହା ଖୋଲାଯାଇଛି। ଏଥିସହ ଭାରତୀୟ ବୁଣାକାର ଓ କାରିଗରମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରହିଛି ବୋଲି ଫ୍ୟାଶନ ଉଦ୍ୟୋଗୀ ନିକିତା ମେହେରା ସୂଚନା ଦେଇଛନ୍ତି ।

## ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାର ପାଇଁ ପାହାନ୍ତିର ପ୍ରୟାସକୁ ପ୍ରଶଂସା

# ସମ୍ମାନିତ ହେଲେ ବିଶେଷ ପ୍ରତିଭା



ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ସମ୍ବଲପୁର,୬।୨(ଭବାନୀ ଶଙ୍କର ଭୋଇ): ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପାହାନ୍ତି ଅନୁଷ୍ଠାନ ପ୍ରୟାସ କରିଆସୁଛି। ଅନୁଷ୍ଠାନକୁ ଗୋଟିଏ ବର୍ଷ ପୂରଣ ହେବା ଅବସରରେ ମଙ୍ଗଳବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବୀପ୍ରସାଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ଡାକ୍ତର ଶଙ୍କର ରାମଚନ୍ଦାନୀ ମୁଖ୍ୟଅତିଥି ଓ ଲେଖକ ଡା. ରାମଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପାହାନ୍ତିର ସମ୍ପାଦକ ଆଲୋକ ସାହୁ ଅନୁଷ୍ଠାନର ଗୋଟିଏ ବର୍ଷର ଉପଲବ୍ଧି ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ବର୍ଷକ ଭିତରେ ଭାଷା ସାହିତ୍ୟ ସଂସ୍କୃତି, ସମାଜସେବା କ୍ଷେତ୍ରରେ ଯୋଗଦାନ ଦେଇଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁରୀ ଭାଷାର ପ୍ରକାଶନ ପାଇଁ ବରଗଡ ସୋହେଲାର ବିକାଶ ଚନ୍ଦ୍ର ସାହୁଙ୍କୁ ପାହାନ୍ତି ପ୍ରକାଶନ ସମ୍ମାନ, କାହ୍ନୁକେଶବ ବହିଦାରଙ୍କୁ ପାହାନ୍ତି ଗାୟକ ସମ୍ମାନ, ଅଭିନେତା ସଦାନନ୍ଦ ସାହୁଙ୍କୁ ପାହାନ୍ତି କଳା ସମ୍ମାନ, ରାମାଶିଷ ତ୍ରିପାଠୀଙ୍କୁ ପାହାନ୍ତି ଉଦ୍‌ଘୋଷକ ସମ୍ମାନ, ନାଟ୍ୟଶ୍ରୀ ମାନସ ରଞ୍ଜନ ମିଶ୍ରଙ୍କୁ ପାହାନ୍ତି ନାଟ୍ୟ ସମ୍ମାନ, ମାନସ ଷଡଙ୍ଗୀଙ୍କୁ ପାହାନ୍ତି ଗବେଷକ ସମ୍ମାନ, ବିଦ୍ୟାଧର କଣ୍ଟାଙ୍କୁ ପାହାନ୍ତି ବାଦ୍ୟକାର ସମ୍ମାନ, ପ୍ରମୋଦ ଉର୍ମାଙ୍କୁ ପାହାନ୍ତି ଗାୟକ ସମ୍ମାନ, ଡା. ଶଙ୍କର ରାମଚନ୍ଦାନୀଙ୍କୁ ପାହାନ୍ତି ସମାଜସେବୀ ସମ୍ମାନ ଏବଂ ଗୀତା ଆବୃତ୍ତିରେ ସୁନାମ ଅର୍ଜନ କରିଥିବା ଆରାଧ୍ୟା ସାହୁଙ୍କୁ ପାହାନ୍ତି କୁନି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ନୂଆପଡାରୁ ଦେବରାଜ ରଣା, ବଲାଙ୍ଗୀରରୁ ସ୍ୱପ୍ନିକା ସାହୁ ସାମିଲ ହୋଇଥିଲେ। ମାନସ ଷଡଙ୍ଗୀ, କାହ୍ନୁ କେଶବ ବହିଦାର ଓ ପ୍ରମୋଦ ଉର୍ମା ସଂଗୀତ ପରିବେଷଣ କରିଥିବା ବେଳେ ସଦାନନ୍ଦ ସାହୁ ଓ ଟଙ୍କଧର କଣ୍ଟେର ଅଭିନୟ କରି ମନୋରଞ୍ଜନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ସମ୍ବଲପୁରୀ ଭାଷା ସଂସ୍କୃତି ପାଇଁ ପାହାନ୍ତିର ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଛନ୍ଦାମୟୀ ମିଶ୍ର ପରିଚାଳନା କରିଥିଲେ। ସଭାପତି ଦେବୀପ୍ରସାଦ ଭୋଇ ପ୍ରାରମ୍ଭରେ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ସମ୍ପାଦକ ଆଲୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଆରୋଗ୍ୟ ସମିତି ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଶିକ୍ଷଣ ଶିବିର



ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଶିକ୍ଷଣ ଶିବିର।

**ସମ୍ବଲପୁର,୬।୨(ପ୍ରମୋଦ ବହିଦାର):** ସହର ଓ ବସ୍ତି ଅଞ୍ଚଳରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ମହିଳା ଆରୋଗ୍ୟ ସମିତି ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଅଇଁଠାପାଲି ସ୍ୱାସ୍ଥ୍ୟକେନ୍ଦ୍ର ସଭାକକ୍ଷରେ ଆୟୋଜିତ ଶିବିରକୁ ଏଡିପିଏଚ୍‌ଓ ଡ. ପ୍ରଦୀପ କୁମାର ହେତା ଉଦ୍‌ଘାଟନ କରିଥିଲେ। ଏଥିରେ ସିପିଏମ୍ ନିକୁଞ୍ଜନ ପ୍ରତିହାରୀ, ଏପିଏମ୍ ବନ୍ଦନା ନାୟକ ଯୋଗଦେଇ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଡା. ସନ୍ତୋଷ କୁମର ସାହୁ, ଡା. ରାଜାରାମ ଷଡ଼ଙ୍ଗୀ, ଗଣେଶ ରାମ ପଣ୍ଡା, ବାଣୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସମ୍ବଲପୁର ମହାନଗର ଅନ୍ତର୍ଗତ ସମସ୍ତ ପିଏଚ୍‌ଏମ୍‌ଓ ତାଲିମଦାତାମାନେ ଅଂଶଗ୍ରହଣ କରିଥିଲେ। ଶିବିରରେ ସହରାଞ୍ଚଳରେ ସ୍ୱାସ୍ଥ୍ୟସେବା, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚ୍ଛନ୍ନତା, ଆରୋଗ୍ୟ ସମିତିର ଦାୟିତ୍ୱ, ଲିଙ୍ଗଗତ ବୈଷମ୍ୟତା, କିଶୋର ସ୍ୱାସ୍ଥ୍ୟ, ପରିବାର ନିୟୋଜନ, ସ୍ୱାସ୍ଥ୍ୟପୋଯୋଗୀ ପରିବେଶ ସୃଷ୍ଟି ଓ ସୁସ୍ଥ ବସ୍ତି ସୃଷ୍ଟି ଉପରେ ଗୁରୁତ୍ୱାରୋପ କାଯାଇଥଲା। ଆଗାମୀ ଦିନରେ ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସହ ଚାଉଁରପୁର ଅଞ୍ଚଳରେ ଶିବିର ଆୟୋଜନ କରାଯିବାବୋଲି କୁହାଯାଇଛି।

## ଟୋଲ ଟାକ୍ସ ରିହାତି ନେଇ ନାଗରିକ କମିଟିର ଦାବି

ରେଢାଖୋଲ,୬।୧(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ସହର ଦେଇ ଯାଇଥିବା ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର କଦଳିଗଡଠାରେ ଏକ ଟୋଲପ୍ଲାଜା ସୋମବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ସ୍ଥାନୀୟ ଯାନବାହନ ପାଇଁ ରିହାତି ପ୍ରଦାନ କରିବାକୁ ରେଢାଖୋଲ ନାଗରିକ କମିଟି ଦାବି କରି ଟୋଲପ୍ଲାଜା ନିକଟରେ ରାସ୍ତା ଅବରୋଧ କରିଥିଲା। ନାଗରିକ କମିଟି ପକ୍ଷରୁ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, କଂଗ୍ରେସ ନେତା ଗୌରୀଶଙ୍କର ପାତ୍ର, ଜିଲାପରିଷଦ ସଭ୍ୟ ଶରତ ପ୍ରଧାନ, ଗୋବିନ୍ଦ ଅଗ୍ରୱାଲ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇ ପ୍ରତିବାଦ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଯାନବାହନ ୨ ଘଣ୍ଟା ଧରି ଅଟକି ରହିଥିଲା। ରେଢାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ଓ ପୋଲିସ ପ୍ରଶାସନ ପହଞ୍ଚି ନାଗରିକ କମିଟି ସହ ଆଲୋଚନା କରିଥିଲେ। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଡକାଇ ଆଲୋଚନା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ତେବେ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ହୋଇଥିବା ବେଳେ ଫଳ ଶୂନ ହୋଇଥିବା ଜଣାପଡିଛି। ଏନ୍‌ଏଚ୍‌ଏଆଇ ପିଡ଼ି ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଦାବି ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ତେବେ ଦାବି ଉପରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ନାଗରିକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ସହ ନାଗରିକ କମିଟିର ଆଲୋଚନା।

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ

ସମ୍ବଲପୁର,୬।୨(ଭବାନୀ ଶଙ୍କର ଭୋଇ): ମାନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ମାନେଶ୍ୱର ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଚନାଯୋଗ୍ୟ ମାନେଶ୍ୱର ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଜ୍ୟର ଶ୍ରେଷ୍ଠ ୫୦ଟି ପ୍ରାଥମିକ ବିଦ୍ୟାଳୟ ତାଲିକାରେ ଷଷ୍ଠ ସ୍ଥାନ ହାସଲ କରିଛି। ସେହିପରି ପ୍ରଧାନ ଶିକ୍ଷୟତ୍ରୀ ପ୍ରବୋଧିନୀ ମହାପାତ୍ର ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ନାୟକ ତାଙ୍କୁ ପ୍ରଶଂସାପତ୍ର ତଥା ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସଭାରେ ଉପସ୍ଥିତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ଭୋଇ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଯଥା ଲଳିତା ପ୍ରଧାନ, ଘନଶ୍ୟାମ ପାଣ୍ଡେ, ରଞ୍ଜିତା ରାଉତ ଓ ସିଆର୍‌ସିସି ଶଦ୍ଧ ଭୋଇଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲ। ସଭାକୁ ବରିଷ୍ଠ ଶିକ୍ଷକ ରୋହିତ ବେହେରା ପରିଚାଳନା କରିଥିଲେ।

### ଗାଁକୁ ଚାଲ ଅଭିଯାନ ନେଇ ସମାବେଶ

ସମ୍ବଲପୁର,୬।୨(ବି.ଶଙ୍କର)

ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଜିଲା ଭାଜପା ପକ୍ଷରୁ ଗାଁକୁ ଚାଲ ଅଭିଯାନ ନେଇ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ, ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ପୂର୍ବତନ ବିଧାୟକ ରବିନାରାୟଣ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଅଭିଯାନ ଆୟୋଜନ ନେଇ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା।

## ମାଟ୍ରିକ୍ ପରୀକ୍ଷା ପାଇଁ ପରାମର୍ଶ ଶିବିର



ଶିବିରରେ ପିଲାମାନଙ୍କୁ ପରାମର୍ଶ ଦିଆଯାଉଛି।

ସମ୍ବଲପୁର,୬।୨(ପ୍ରମୋଦ ବହିଦାର): ଅଗାମୀ ମାଟ୍ରିକ ପରୀକ୍ଷାରେ ପିଲାମାନେ ଚାପମୁକ୍ତ ହୋଇ କିଭଳି ପରୀକ୍ଷା ଦେବେ ସେ ନେଇ ମଙ୍ଗଳବାର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ସଂଯୁକ୍ତା ପାଢ଼ୀଙ୍କ ନେତୃତ୍ୱରେ ଅଧ୍ୟାପିକା ଡ. ରୂପଶ୍ରୀ ଗୋସ୍ୱାମୀ, ବ୍ରହ୍ମକୁମାରୀ ରୂପଶ୍ରୀ, ପୁଷ୍ପା ହେମ୍ବ୍ରମ୍, ସୁଧାଂଶୁ ଆଚାର୍ଯ୍ୟ, କୌଶଲ୍ୟା ବେହେରା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ କାଉନସେଲିଂ ଜରିଆରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରୀକ୍ଷା ପ୍ରତି ରହୁଥିବା ଭୟ ଓ ନିରାଶାଭାବ ଦୂରିକରଣ ପାଇଁ ମନସ୍ତତ୍ତ୍ୱବିତମାନେ ବିଭିନ୍ନ ପ୍ରକାର ଉପାଦେୟ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବୁଢ଼ାରଜା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ପରିଚାଳନା କରିଥିଲେ।

## ଦିଲ୍ଲୀ ପରେଡ୍‌ରେ କଲେଜ ଛାତ୍ରୀଙ୍କ କୃତିତ୍ୱ




ନିହାରିକାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୬।୨(ପ୍ରମୋଦ ବହିଦାର): ଚଳିତ ବର୍ଷ ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ କର୍ତ୍ତବ୍ୟପଥ ପରେଡ୍ ଓ ପ୍ରଧାନମନ୍ତ୍ରୀଙ୍କ ରାଲିରେ ଭାଗନେଇ ସମ୍ବଲପୁର ସରକାରୀ ମହିଳା କଲେଜ ଛାତ୍ରୀ ନିହାରିକା ବେହେରା ସମ୍ବଲପୁର ଫେରିଛନ୍ତି। ଯୁକ୍ତ ୩ ପ୍ରଥମବର୍ଷ ଛାତ୍ରୀ ନିହାରିକା ପରେଡ୍ ଓ ରାଲିରେ ଅଣ୍ଡର ଅଫିସର ଭାବେ ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ପ୍ରତିନିଧିତ୍ୱ କରି ସେ ଡିସେମ୍ବର ୨୭ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଅବସ୍ଥାନ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସମ୍ବଲପୁର ଫେରିବା ପରେ କଲେଜ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସହ ଅନ୍ୟ ଅଧ୍ୟାପିକା ଓ ଅଧ୍ୟାପକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

କୁଚିଣ୍ଡା,୬।୨(ବିରଞ୍ଚି ଦର୍ଵା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ହାଡ଼ିପାଲି ଓ ଖଣ୍ଡୋକଟା ପଞ୍ଚାୟତରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଭୟ ପଞ୍ଚାୟତରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟଅତିଥି, ବିଧାୟକ ପ୍ରତିନିଧି ଅମୂଲ୍ୟ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସହଦେବ ନନ୍ଦ ଯୋଗଦେଇଥିଲେ।ହାଡିପାଲି ପଞ୍ଚାୟତରେ ସରପଞ୍ଚ ମନ୍ଦାକିନି ନାଏକ, ସମିତିସଭ୍ୟ ରଶ୍ମିନ ପଟେଲ ଏବଂ ଖଣ୍ଡୋକଟା ପଞ୍ଚାୟତରେ ତହସିଲଦାର ପ୍ରସନ୍ନ ଟେଟେ, ଜିପିଡ଼ିଓ ମସ୍ତରାମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଅତିଥିଗଣ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ପାଲା ପରିବେଷଣ ସହ କୁଚିଣ୍ଡା ପଞ୍ଚାୟତ ସମିତିର ସଫଳ ଯୋଜନା ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ହାଡିପାଲି ପଞ୍ଚାୟତରେ ହୋଇଥିବା କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ଯତୀନ ଦେହୁରି ଓ ପିଇଓ ପ୍ରକାଶ କୁମାର ସାହୁ ଏବଂ ଖଣ୍ଡୋକଟା ପଞ୍ଚାୟତ କାର୍ଯ୍ୟକ୍ରମକୁ ବିପିଏମ୍ ଟିପେନ୍‌ସନ୍ ବେହେରା ଓ କନିଷ୍ଠ ଯନ୍ତ୍ରୀ ପ୍ରବୀଣ ସୁରିନ ପରିଚାଳନା କରିଥିଲେ।



ପୁସ୍ତକ ପ୍ରଦର୍ଶନ କରୁଛନ୍ତି ଅତିଥି।

## ଛାତ୍ରୀଙ୍କୁ ଅସଦାଚରଣ: ଜେଲ ଗଲେ ଅଧ୍ୟାପକ

ନାକଟିଦେଉଳ,୬।୨(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକର ଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ନାକଟିଦେଉଳ ପୋଲିସ ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରି ମଙ୍ଗଳବାର ସମ୍ବଲପୁର ପୋକ୍ସୋ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ଅଧ୍ୟାପକ ସଞ୍ଜୀବ କୁମାର ଦାଶ। ପୋଲିସ ସୂଚନା ଅନୁସାରେ ଡିସେମ୍ବର ୨୪ରେ ଅଧ୍ୟାପକ ଦାଶ ହଷ୍ଟେଲରେ ରହି ଯୁକ୍ତ ୨ ଶ୍ରେଣୀରେ ପଢୁଥିବା ଛାତ୍ରୀଙ୍କ ସହ ଅନ୍ୟ ଦୁଇଜଣ ଛାତ୍ରୀଙ୍କୁ ଲାବରେଟୋରୀ ରୁମର ଜିନିଷପତ୍ର ସଫା କରିବାକୁ ପଠାଇଥିଲେ। ସାଥୀ ଦୁଇଛାତ୍ରୀ ଅଳିଆ ଧରି ଫୋପାଡ଼ିବା ପାଇଁ ବାହାରକୁ ଯିବା ପରେ ସମ୍ପୃକ୍ତ ଅଧ୍ୟାପକ ଏକୁଟିଆ ଥିବା ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣଙ୍କ ଭୟଭୀତ ହୋଇ ସେଠାରୁ ଦୌଡ଼ି ପଳାଇ ଯାଇଥିଲେ। ଭୟଭୀତ ଥିବା ଛାତ୍ରୀ ଜଣଙ୍କ କାହାରିକୁ କିଛି ଜଣାଇ ନ ଥିବାବେଳେ ଚଳିତ ଫେବୃଆରୀ ୨ରେ ଏ ନେଇ କଲେଜ ଅଧ୍ୟକ୍ଷଙ୍କୁ ଲିଖିତାକାରରେ ଜଣାଇଥିଲେ। ତେବେ କଲେଜ ଅଧ୍ୟକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ସେ ପରିବାର ବର୍ଗଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ପରାମର୍ଶରେ ଛାତ୍ରୀ ଜଣଙ୍କ ସୋମବାର ଏ ନେଇ ନାକଟିଦେଉଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନଂ.୨୨/୨୪ରେ ମାମଲା ରୁଜୁ କରିବା ସହ ସଂପୃକ୍ତ ଅଧ୍ୟାପକଙ୍କୁ ଦଫା ୩୪୧,୩୫୪(ଏ) ପୋକ୍ସୋ ଆକ୍ଟରେ ଗିରଫ କରିବା ସହ ଛାତ୍ରୀଙ୍କ ଡ଼ାକ୍ତରୀ ମାଇନା କରାଇଥିବା ଥାନା ଅଧିକାରୀ ଧୀରେନ୍ଦ୍ର କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ମହିଳା ବୁଣାକାରଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୬।୨(ପ୍ରମୋଦ ବହିଦାର):

ବରଗଡ଼ ଜିଲାରେ ଥିବା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବୁଣାକାରମାନଙ୍କ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। କମ୍ପାନୀ ଉଦ୍ୟୋଗୀ ଜୀବିକା ପ୍ରକଳ୍ପ ମାଧ୍ୟମରେ ବରଗଡ଼ ଜିଲାର ବିଜେପୁର ଓ ଝାରବନ୍ଧ ବ୍ଲକର ୨୯୨୧ ହିତାଧିକାରୀଙ୍କ ସହ ୮୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ଯୋଗାଇ ଦେଇଛି। ସେହିପରି ପରେ ଜିଲାର ବରପାଲି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବୁଣାକାରମାନଙ୍କ ପାଇଁ ଜିଲା ହସ୍ତତନ୍ତ ଓ ବୟନ ବିଭାଗ ସହଯୋଗରେ ଏକ ୬ ଦିନିଆ ପ୍ରଶିକ୍ଷଣ ଶିବିର ଅୟୋଜିତ ହୋଇଥିଲା। ଏଥିରେ ୮ଟି ସ୍ୱୟଂ ସହାୟକ ଗୋଷ୍ଠୀର ୮୦ଜଣ ମହିଳା ବୁଣାକାର ଯୋଗଦେଇ ବୁଣିବା ଶୈଳୀ ସହ ଏଥିରେ ବ୍ୟବହୃତ ସୂତାକୁ ରଙ୍ଗିନ କରିବା, ଡିଜାଇନ୍ ଆଦିର ପ୍ରଶିକ୍ଷଣ ନେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଜାନୁଆରୀରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଦୁଇମାସ ଧରି ଜାରି ରହିବ। ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକିରଣ କରିବା ସହ ସେମାନଙ୍କୁ ଅର୍ଥନୈତିକ ଭାବେ ସଶକ୍ତ କରିବା ଏହି ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ବୋଲି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି। ଏହାଦ୍ୱାରା ବୁଣାକାର ମହିଳାମାନେ ସୂତାକୁ ନିଜେ ରଙ୍ଗିନ କରିବାକୁ ସକ୍ଷମ ହେବେ। ସେମାନଙ୍କୁ ଆଉ ବଜାର ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ଫଳରେ ହସ୍ତତନ୍ତ ବା ହାତ ତିଆରି ଲୁଗା ଅପେକ୍ଷାକୃତ କମ୍ ଖର୍ଚ୍ଚରେ ପ୍ରସ୍ତୁତ ହୋଇପାରିବ ବୋଲି ସେ କହିଛନ୍ତି।




ପ୍ରଶିକ୍ଷଣ ଶିବିରରେ ମହିଳା ବୁଣାକାର ଶିକ୍ଷାର୍ଥୀ।

## ସଂକ୍ଷେପରେ

### ଢାବାରେ ଚଢ଼ାଉ, ମଦ ଜବତ



ବେଲପଡା, ୬।୨ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଥାନା ନୁନହାଡ଼ ଗ୍ରାମ ନିକଟରେ ଥିବା ଏକ ଢାବାରେ ପୋଲିସ ଚଢାଉ କରି ବିପୁଳ ପରିମାଣର ମଦ ଜବତ କରିଛି। ଏଥିସହ ବିକ୍ରି ଦାୟିତ୍ୱରେ ଥିବା ବଲାଙ୍ଗୀର ତୁଳସୀନଗର ପଡାର ଜୟଦେବ ମେହେରଙ୍କୁ (୪୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ଅବକାରୀ ଆଇନରେ ଏକ ମାମଲା ରୁଜୁ ହୋଇଛି। ବହୁଦିନରୁ ସେଠାରେ ବିଦେଶୀ ମଦ ବିକ୍ରି ହେଉଥିଲା । ବେଲପଡା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ପୁଲିସ ଟିମ ଢାବା ପଛପଟ ମଦ ଗୋଦାମରେ ଚଢ଼ାଉ କରି ୧୮ ଲିଟରରୁ ଉର୍ଦ୍ଧ୍ୱ ବିଭିନ୍ନ ନାମିଦାମୀ ବିଦେଶୀ ମଦ ଜବତ କରିଥିଲା।

### ମାସେ ବିତିଲା, ଫେରାର ଅଭିଯୁକ୍ତ ଗିରଫ ହୋଇନାହାନ୍ତି

ଲୋଇସିଂହା, ୬।୨ (ସୁଶାନ୍ତ ବାରିକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲୋଇସିଂହା ଥାନା ଖାରମୁଣ୍ଡା ଗ୍ରାମର ଗୋକୁଳ ମେହେରଙ୍କୁ କେତେକ ଦୁର୍ବୃତ୍ତ ୨୦୨୩ ଡିସେମ୍ବର ୨୯ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୋକୁଳ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ତ୍ରୀ ମମତା ମେହେରଙ୍କ ଅଭିଯୋଗକୁ ଭିତ୍ତି କରି ଲୋଇସିଂହା ପୋଲିସ ଏକ ମାମଲା(୩୪୧/୨୩) ରୁଜୁ କରି ଖାରମୁଣ୍ଡା ଗ୍ରାମର ଆନନ୍ଦ ମେହେର ଓ ପ୍ରମୋଦ ବିଶିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ୨ଅଭିଯୁକ୍ତ ଏବେ ଜାମିନରେ ଅଛନ୍ତି। ଅପରପକ୍ଷେ ଏତଲାରେ ଉଲ୍ଲେଖ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଅଦ୍ୟାବଧି ପୋଲିସ ଗିରଫ କରିପାରିନାହିଁ। ଅଭିଯୁକ୍ତମାନେ ବିଭିନ୍ନ ସମୟରେ ଗ୍ରାମକୁ ଆସୁଛନ୍ତି। ଏହି ପରିସ୍ଥିତିରେ ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଗାଁରେ ଥିବା ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ରହିଥିବା ମମତା ପ୍ରକାଶ କରିଛନ୍ତି । ଏ ନେଇ ଆଇଆଇସି ଯାଜ୍ଞସେନି ନାୟକଙ୍କୁ ପଚାରିବାରୁ ଅଭିଯୁକ୍ତମାନେ ଫେରାର ଥିବାରୁ ଗିରଫ କରାଯାଇ ପାରୁ ନ ଥିବା କହିଛନ୍ତି।

### ଟ୍ରେନ୍‌ରୁ ଡେଇଁ ମହିଳା ଗୁରୁତର

ସଇଁତଳା, ୬।୨ (ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ଥାନା ବେନିଅାଁ ବନ୍ଧ ଗ୍ରାମର ସୌଦାମିନୀ ଦୀପ (୩୫) ମଙ୍ଗଳବାର ସନ୍ଧ୍ୟାରେ ଚଳନ୍ତା ଟ୍ରେନରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଜିଆରପି ତାଙ୍କୁ ଉଦ୍ଧାର କରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୀମ ଭୋଇ ମେଡ଼ିକାଲ କଲେ ଆଣ୍ଡ ହସ୍ପିଟାଲ ପଠାଯାଇଛି। ଟିଟିଲାଗଡ଼ ଯାଇଥିବା ସୌଦାମିନୀ ସନ୍ଧ୍ୟାରେ ତପସ୍ୱିନୀ ଟ୍ରେନରେ ସଇଁତଳା ଫେରିବା କଥା। ହେଲ ଭୁଲବଶତଃ ସେ ନାନ୍ଦେଡ଼-ସମ୍ବଲପୁର ଦ୍ରୁତଗାମୀ ଟ୍ରେନରେ ଚଢ଼ିଯାଇଥିଲେ। ସଇଁତଳା ଷ୍ଟେଶନରେ ଉକ୍ତ ଟ୍ରେନର ରହଣୀ ନ ଥିଲା। ଏହି କାରଣରୁ ଷ୍ଟେଶନରେ ଟ୍ରେନର ଗତି ଧିର ହେବାରୁ ସୌଦାମିନୀ ଡ଼େଇଁ ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।

### ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳାରେ ଖୋଲିବ ୧୪୦ଷ୍ଟଲ୍

ବଲାଙ୍ଗୀର, ୬।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ବୁଧବାରଠାରୁ ଜିଲାସ୍ତରୀୟ ଓରମାସ୍ ପଲ୍ଲୀଶ୍ରୀ ମେଳା ଆରମ୍ଭ ହେବ। ଏହି ମେଳା ୧୧ ତାରିଖ ଯାଏ ଚାଲିବ। ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ପଲ୍ଲୀଶ୍ରୀ ମେଳା ପାଇଁ ସମୁଦାୟ ୧୪୦ଟି ଷ୍ଟଲ ତିଆରି କରାଯାଇଛି। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଉଦ୍ୟୋଗୀ ନିଜ ଦ୍ୱାରା ପ୍ରସ୍ତୁତ ଜିନିଷ ପ୍ରଦର୍ଶନ ଓ ବିକ୍ରି କରିବେ। ଓରମାସ ଏବଂ ପଞ୍ଚାୟତିରାଜ ତଥା ପାନୀୟ ଜଳ ବିଭାଗ, ମିଶନ ଶକ୍ତି ଏବଂ ଜିଲା ପ୍ରଶାସନ ପକ୍ଷରୁ ଏହାର ଆୟୋଜନ କରାଯାଉଛି। ବୁଧବାର ସନ୍ଧ୍ୟା ୬ଟାରେ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟନ ହେବ। ଏଥିସକାଶେ ସବୁ ପ୍ରସ୍ତୁତି ସରିଛି।

# ୨୦ ଦିନରେ ପ୍ରାଣୀଧନ ଚିକିତ୍ସକଙ୍କ ଆନ୍ଦୋଳନ

ବଲାଙ୍ଗୀର, ୬।୨ (ବୀରେନ୍ଦ୍ର କୁମାର ଝାଙ୍କର)




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲାର ଦୁଗ୍ଧଚାଷୀ ଓ ପ୍ରାଣୀପାଳକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଓଡ଼ିଶା ପ୍ରାଣୀଧନ ଚିକିତ୍ସା ସେବା ସଂଘ ଆହ୍ୱାନକ୍ରମେ ବଲାଙ୍ଗୀର ଜିଲା ପ୍ରାଣୀଧନ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ୨୦ଦିନରେ ପହଞ୍ଚିଛି। ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ପ୍ରାଣୀ ଚିକିତ୍ସା ସେବା ବ୍ୟାହତ ହୋଇଛି। ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ଜିଲାର ବିଭିନ୍ନ ଅଞ୍ଚଳର ପ୍ରାଣୀପାଳକ ଏବଂ ଦୁଗ୍ଧ ଉତ୍ପାଦକ ସଂଘ ସଦସ୍ୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଜିଲାର ଦୁଗ୍ଧଚାଷୀ ଓ ପ୍ରାଣୀପ୍ରାଳକମାନେ କହିଥିଲେ ଯେ, ୨୦ ଦିନ ହେଲା ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ନାହିଁ ନ ଥିବା ଅସୁବିଧା ହୋଇସାରିଲାଣି। ବନ୍ଧ୍ୟା ନିରାକରଣ ଶିବିର, ଗୋସ୍ୱାସ୍ଥ୍ୟ ଶିବିର ହେଉନାହିଁ। ଏଭଳିକି ଗର୍ଭହାନୀ ଏବଂ ଗର୍ଭ ପରୀକ୍ଷଣ ଆଦି ମାଗଣା ଚିକିତ୍ସା ସେବା ବନ୍ଦ ହୋଇଯାଇଛି। ଅନେକ ସ୍ଥାନରେ ଚିକିତ୍ସା ଅଭାବରୁ ଗୋରୁ, ଛେଳିମେଣ୍ଢା ମୃତ୍ୟୁମୁଖରେ ପଡିଲେଣି। ତୁରନ୍ତ ପ୍ରାଣୀ ଚିକିତ୍ସକ କାର୍ଯ୍ୟରେ ଯୋଗଦାନ ନକଲେ ଅବସ୍ଥା ଅସମ୍ଭାଳ ହେବ ବୋଲି ଦୁଗ୍ଧଚାଷୀ ଓ ପ୍ରାଣୀ ପାଳକମାନେ କହିଥିଲେ। ଏଭଳିକି ସେମାନେ ପ୍ରଶାସନକୁ ଚେତାବନୀ ଦେଇ ସମସ୍ୟାର ଶୀଘ୍ର ସମାଧାନ ନହେଲେ ଚାଷୀମାନେ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି କହିଥିଲେ। ଗତ ଶୁକ୍ରବାର ଜିଲାର ବିଭିନ୍ନ ସ୍ଥାନର କେତେକ ଚାଷୀ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ (ସିଡିଭିଓ)ଙ୍କ କାର୍ଯ୍ୟାଳୟକୁ ଆସି ଘେରାଉ କରିଥିଲେ। ପ୍ରାଣୀ ଚିକିତ୍ସକଙ୍କ ସମସ୍ୟା ସମାଧାନ କରି ଶୀଘ୍ର ସେମାନଙ୍କୁ କାମରେ ଯୋଗ ଦେବାକୁ କିମ୍ବା ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ସିଡିଭିଓ ଡା ସୁକୁରାମ ମୁଣ୍ଡା କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସିଡିଭିଓଙ୍କୁ ଭେଟିବାର ୪ ଦିନ ପରେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ଫଳରେ ମଙ୍ଗଳବାର ଜିଲାର ବହୁ ଚାଷୀ ହାତରେ ପ୍ଲାକାର୍ଡ ଧରି ପ୍ରଥମେ ସିଡିଭିଓ ଅଫିସକୁ ଯାଇ ପୁଣି ଥରେ ଘେରାଉ କରିଥିଲେ। ସେଠାରେ ସିଡିଭିଓଙ୍କୁ ସେମାନଙ୍କ ଦାବି ଜଣାଇବା ପରେ ଏକ ଶୋଭାଯାତ୍ରାରେ ଜିଲାପାଳ କାର୍ଯ୍ୟାଳୟ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚିକିତ୍ସା ଅଭାବରୁ ଗୃହପାଳିତ ପ୍ରାଣୀଙ୍କ ଅବସ୍ଥା ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ତୁରନ୍ତ ସମସ୍ୟାର ସମାଧାନ ନକଲେ ଚାଷୀ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦୁଗ୍ଧଚାଷୀ ଓ ପ୍ରାଣୀପାଳକମାନେ ଦାବିପତ୍ର ଦେଇଛନ୍ତି।

■ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ
■ ଜିଲାପାଳଙ୍କୁ ଦାବିପତ୍ର ଦେଲେ ଦୁଗ୍ଧଚାଷୀ, ପ୍ରାଣୀପାଳକ
■ ଜିଲାରେ ପ୍ରାଣୀଧନ ଚିକିତ୍ସା ସେବା ବ୍ୟାହତ

# ଶ୍ରମିକଙ୍କ ୨.୭୦କୋଟି ପାଉଣା ବକେୟା

ଦେଓଗାଁ, ୬।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

**ଦେଓଗାଁ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ରହିଛି ୨୬ ପଞ୍ଚାୟତ। ସେଥିମଧ୍ୟରୁ ଅର୍ଜୁନପୁର, ଗୁଡଖାପଲା, ମୁକୁନ୍ଦପୁର, ଗୌରଗୋଠ, ସାରସମାଲ, ଦେଓଗାଁ ସାଲେପାଲି ଆଦି ୭ଟି ପଞ୍ଚାୟତରେ ଜକାମ ଠପ ହୋଇପଡ଼ିଥିବା ବେଳେ ବାକି ପଞ୍ଚାୟତରେ କାଁ ଭାଁ କାମ ଚାଲିଥିବା ଅଭିଯୋଗ ହେଉଛି। ମିଳିଥିବା ତଥ୍ୟ ଅନୁସାରେ ବ୍ଲକର ଶ୍ରମିକମାନେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରିଥିବା ବେଳେ ୩ମାସର ପାଉଣା ବାବଦ ୨କୋଟି ଓ ମେଟେରିଆଲସ୍ ବାବଦକୁ ୭୦ଲକ୍ଷ ପାଉଣା ପାଇ ନ ଥିବା ଜଣାପଡ଼ିଛି ।

ପଶ୍ଚିମ ଓଡ଼ିଶାରେ ଦାଦନ ସମସ୍ୟା ରୋକିବା ପାଇଁ ଗ୍ରାମାଞ୍ଚଳରେ ଲୋକଙ୍କୁ କାମ ଯୋଗାଇ ଦେବାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ପ୍ରଣୟନ କରାଯାଇଛି। ହେଲେ ଶ୍ରମିକମାନେ ପାରିଶ୍ରମିକ ଅର୍ଥରାଶି ପାଇବାରେ ବିଳମ୍ବ ହେଉଥିବାରୁ ପରିବାର ପ୍ରତିପୋଷଣରେ ଅନେକ ଅସୁବିଧା ହେଉଥିବା ପ୍ରକାଶ କରିଛନ୍ତି। ବିଭିନ୍ନ ସମୟରେ ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳ ଏପରିକି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣୀ ଶିବିରରେ ଏ ନେଇ ଅଭିଯୋଗ କଲେ ବି ପ୍ରଶାସନ ଗୁରୁତ୍ୱ ଦେଉ ନାହିଁ। ଫଳରେ ଟଙ୍କା ପାଇବାରେ ହଟହଟା ହୋଇ ପରିବାର ପୋଷଣ ଚିନ୍ତାରେ ବାଧ ହୋଇ ବାହାର ରାଜ୍ୟକୁ ଦାଦନ ଖଟି ଯିବାକୁ ବାଧ ହେଉଛୁ ବୋଲି କେତେଜଣ ଶ୍ରମିକ କ୍ଷୋଭର ସହ କହିଛନ୍ତି। ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜେଇମାନଙ୍କ ଭିତରେ ସମନ୍ୱୟ ରହୁ ନ ଥିବାରୁ କାମ ହୋଇପାରୁନାହିଁ ବୋଲି ଏପିଓ ସୁଧାଂଶୁ ମେହେର କହିଛନ୍ତି। ଏ ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର ଉଚିତ ସମୟସୀମା ମଧ୍ୟରେ ଶ୍ରମିକ ପାଉଣା ପ୍ରଦାନ ଦିଗରେ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ନିଶା କାରବାର ରୋକିବା ବଡ ଚ୍ୟାଲେଞ୍ଜ

ଦେଓଗାଁ, ୬।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନାର ନୂତନ ଅଧିକାରୀ ଭାବେ ହରୀବନ୍ଧୁ ଗଡତ୍ୟା ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ସେ ବଙ୍ଗୋମୁଣ୍ଡା ଥାନାରେ କାର୍ଯ୍ୟରତ ଥିଲେ। ଦେଓଗାଁ ଅଞ୍ଚଳରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ସହ ବେଆଇନ ମଦ ବିକ୍ରି, ଚୋରି, ସଟ୍ଟା, ଜୁଆଖେଳ, ଗଞ୍ଜେଇ ଚାଲାଣ ରୋକିବା କାର୍ଯ୍ୟକୁ ପ୍ରାଥମିକତା ଦିଆଯିବ ବୋଲି ଏହି ଅବସରରେ ସ ସୂଚନା ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନର ସଫଳ ପରିଚାଳନା ଦିଗରେ ସେ ଜନସାଧାରଣଙ୍କ ସହଯୋଗ ଲୋଡିଛନ୍ତି। ପ୍ରକାଶଯେ, ଏଠାରେ କାର୍ଯ୍ୟରତ ଥାନାଧିକାରୀ ତାରାବତୀ ପଧାନଙ୍କର ପାଟଣାଗଡ ଥାନା ବଦଳି ହୋଇଛି ।

# ବଲାଙ୍ଗୀର ଫୁଟ୍‌ବଲ କ୍ଲବ୍‌କୁ ହରାଇଲା କଦଳୀପାଲି




ଅତିଥିମାନେ ବରିଷ୍ଠ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବଲାଙ୍ଗୀର, ୬।୨ (ବୀରେନ୍ଦ୍ର କୁମାର ଝାଙ୍କର)

**ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆରେ ବଲାଙ୍ଗୀର ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଆୟୋଜିତ ଜାତୀୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। କ୍ଲବ ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସମ୍ମାନୀତ ଅତିଥି ଉପଜିଲାପାଳ ମହେନ୍ଦ୍ର କୁମାର ମହାପାତ୍ର, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ସୁପ୍ରିମଟାକ୍ସ ନିର୍ଦ୍ଦେଶକ ଅଜିତ ପାଲ, ଯୁବନେତା ଆକାଶ ମିଶ୍ର ଓ କ୍ଲବ ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ମଞ୍ଚାସୀନ ଥିଲେ। ଉଦଘାଟନୀ ମ୍ୟାଚ୍ ବଲାଙ୍ଗୀର ଫୁଟବଲ କ୍ଲବ ଓ ବରଗଡ ଆଥେଲେଟିକ ଆସୋସିଏଶନ କଦଳୀପାଲି ମଧ୍ୟରେ ହୋଇଥିଲା। କଦଳୀପାଲିର ବିବେକ ବାଗ ଏକ ଚିତ୍ତକର୍ଷକ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଖେଳକୁ ରାଜେନ୍ଦ୍ର ଧରୁଆ, ନରସିଂ ସ୍ୱାମୀ ନାଇଡୁ, ସୁଦର୍ଶନ ସେଠ ଓ ବୈକୁଣ୍ଠ ଜେନା ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବେ ସୁନୀଲ ଚନ୍ଦ୍ର ବିଶ୍ୱାଳ ରହିଥିଲେ। ଏଇ ଅବସରରେ ବିଶିଷ୍ଟ କ୍ରୀଡାବିତ ଶ୍ରୀଧର ବଢିଆ ଓ ଶୁଭ୍ରାଂଶୁ ଶେଖର ଅମାତଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କୋଷାଧ୍ୟକ୍ଷ ରଞ୍ଜିତ ବେହେରା, ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ଜୟ ନାରାୟଣ ବହିଦାର, ପବିତ୍ର ଖୁଣ୍ଟିଆ, ମଧୁ ବନଛୋର, ଲକ୍ଷ୍ମୀ ସ୍ୱାଇଁ, କିଶୋର ଦଣ୍ଡସେନା, ସମୁନାଥ ମିଶ୍ର, ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ କୁମାର ମିଶ୍ର, ମନୋଜ ଦୀପ, ପୃଥ୍ୱୀରାଜ ବରାଡ, ରାମ ନାଏକ, ସୋନୁ ପଟ୍ଟନାୟକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସଭାକୁ ଶରତ ନନ୍ଦ ପରିଚାଳନା କରିଥିଲେ।

# କୁଚିଆ ମଦ ବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

ଲୋଇସିଂହା, ୬।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସଦର ଗ୍ରାମ ଅଞ୍ଚଳରେ ଦେଶୀ କୁଚିଆ ମଦ ବିକ୍ରି ଚାଲିଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ମହିଳାମାନେ ମାର୍କେଟ ଓ ଛାତ୍ରୀମାନେ ସ୍କୁଲ କଲେଜ ଯିବାଆସିବା ବେଳେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ମଦୁଆଙ୍କ ପ୍ରାଦୁର୍ଭାବରେ ଅତିଷ୍ଠ ହୋଇ ଲୋଇସିଂହା ବସ୍ତିର ଶତାଧିକ ମହିଳା ମଙ୍ଗଳବାର ଏକଜୁଟ ହୋଇ ଦୁର୍ଗାମଣ୍ଡପ ନିକଟରେ ଏକ ସଭାର ଆୟୋଜନ କରିଥିଲେ। ଉକ୍ତ ସଭାରେ ସ୍ଥାନୀୟ ଜମିଦାର ବଂଶର ଦାୟାଦ ପ୍ରଣୟ କିଶୋର ସିଂରାଏଙ୍କ ସମେତ ନେତା ଭୂତନାଥ ନାଏକ, ରବୀନ୍ଦ୍ର ପଟେଲ, ସମିତି ସଭ୍ୟ ସୁଶିଲ ପାଣ୍ଡେ, ପଞ୍ଚାୟତ ନାଏବ, ସରପଞ୍ଚଙ୍କ ସମେତ ପାଞ୍ଚଜଣ ୱାର୍ଡ ସଭ୍ୟ ଓ ଶତାଧିକ ମହିଳା ଉପସ୍ଥିତ ଥିଲେ। ବସ୍ତିରେ ବେଆଇନ ଭାବେ କୁଚିଆ ମଦ ବିକ୍ରୀକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ସହମତି ପ୍ରକାଶ ପାଇଥିଲା। ଏନେଇ ଅବକାରୀ ବିଭାଗକୁ ସୂଚନା ଦେବାକୁ ମଧ୍ୟ ମତପ୍ରକାଶ ପାଇଥିଲା। ବସ୍ତି ଏବଂ ରାଜପଥ ଉପରେ ବେଆଇନ ଦେଶୀ ମଦ ବିକ୍ରି ବନ୍ଦ ନ ହେଲେ ଆଗକୁ ପରିସ୍ଥିତି ଭୟଙ୍କର ହେବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମଦବନ୍ଦ ପାଇଁ ବସ୍ତିରେ ସନ୍ଧ୍ୟା ସମୟରେ ମହିଳାମାନେ ଠେଙ୍ଗା ଧରି ପାଇଁତରା ମାରୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

# ସାନ୍‌ଭି ବଲାଙ୍ଗୀର ଚାମ୍ପିୟନ



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ସଇଁତଳା, ୬।୨ (ରାଖାଲ ପ୍ରସାଦ ଶତପଥୀ)

**ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ**

ବଲାଙ୍ଗୀର ଜିଲା ସଇଁତଳା ରମେଶ ସିଂ ଭୋଇ କ୍ରିକେଟ ଷ୍ଟାଡ଼ିୟମରେ ଚତୁର୍ଥ ବର୍ଷ ଶ୍ରୀକାନ୍ତ ଭୋଇ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଉଇସଡ଼ମ ୧୧ ସଇଁତଳା ଓ ସାନଭି ବଲାଙ୍ଗୀର ମଧ୍ୟରେ ହୋଇଥିଲା। ସାନଭି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ରନ କରିଥିଲା। ଜବାବରେ ଉଇସଡ଼ମ ୧୧ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ରନ କରି ୧୪ରନରେ ପରାଜିତ ହୋଇଥିଲା। ସରୋଜ ମ୍ୟାନ ଅଫ ଦି ସିରିଜ, କ୍ରିଷ୍ଣା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପରେ ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ସୁଶାନ୍ତ ମାଝି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାପତି ଚନ୍ଦ୍ର ଚନ୍ଦନ ଧନ୍ୟବାଦ ଜ୍ଞାପନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଶିକ୍ଷାବିତ୍ ଗୌତମ କ୍ଷେତୀ, ବଜରଙ୍ଗଲାଲ ଅଗ୍ରୱାଲ, ସୁଶାନ୍ତ ପଧାନ, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ତରୁଣ ବେହେରା, ଅମିତ ସାହୁ, କ୍ଷେତ୍ରପତି ଜାଲ, ମଦନଲାଲ ଅଗ୍ରୱାଲ, ବ୍ୟାଙ୍କ ମ୍ୟାନେଜର ପ୍ରଫୁଲ୍ଲ ଭଏଁସା, ଟୁର୍ନାମେଣ୍ଟ କମିଟି ସଭାପତି ଚନ୍ଦ୍ର ଚନ୍ଦନ, ଉପସଭାପତି ଶିବ ପ୍ରସାଦ ମାଝି ଯୋଗଦେଇଥିଲେ।

# ପ୍ରକଳ୍ପ କାମ ଧାର୍ଯ୍ୟ ସମୟରେ ସାରିବାକୁ ଗୁରୁତ୍ୱ

ଖପ୍ରାଖୋଲ, ୬।୨ (ଅଭୟ ତ୍ରିପାଠୀ)

ବ୍ଲକକୁ ବିଭିନ୍ନ ଯୋଜନାରେ ଆସୁଥିବା ଅନୁଦାନର ତ୍ୱରିତ ବିନିଯୋଗ କରାଯିବ। ପ୍ରକଳ୍ପଗୁଡିକୁ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ନୂତନ ବିଡ଼ିଓଭାବେ ଯୋଗଦାନ କରିବା ଅବସରରେ ଏହା କହିଛନ୍ତି ୨୦୨୦ ବ୍ୟାଚ ଓଏଏସ ଅଫିସର ବିବେକାନନ୍ଦ ଷଡ଼ଙ୍ଗୀ। ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବାବେଳେ ବିଭିନ୍ନ ଅନୁଷ୍ଠାନ ସହ ବ୍ଲକ ସେକ୍ସନ ଅଫିସର ବ୍ରଜବନ୍ଧୁ ଠାକୁର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ଏପିଓ ପ୍ରଶାନ୍ତ ସାହୁ, ଏକାଉଣ୍ଟ ଅଫିସର ହରେକୃଷ୍ଣ ମେହେର, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ଉମାକନ୍ତ ପଧାନ, ଅକ୍ଷୟ ପଧାନ, ରାମାନନ୍ଦ ବେହେରା ତାଙ୍କୁ ସ୍ୱାଗତ କରିଥିଲେ। ଏଠାକୁ ଆସିବା ପୂର୍ବରୁ ଷଡଙ୍ଗୀ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ ଅବସ୍ଥାପିତ ଥିଲେ।



କାର୍ଯ୍ୟରେ ଯୋଗଦେବା ଅବସରରେ ବିଡିଓଙ୍କୁ ଅଧିକାରୀମାନେ ଶୁଭେଚ୍ଛା ଜଣାଉଛନ୍ତି।

# ଗାଁ ଛାଡ଼ିଲେ ପୂଜକ, ଶୈବପୀଠରେ ତାଲା

ଲୋଇସିଂହା, ୬।୨ (ସୁଶାନ୍ତ ବାରିକ)

**ଚଣ୍ଡୀମୂର୍ତ୍ତି ହାତ ଭଙ୍ଗା ଘଟଣା ଭିନ୍ନମୋଡ଼ ନେଲା**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ସାନଟୀକାସ୍ଥିତ ବାବା ଜଳେଶ୍ୱର ପୀଠସ୍ଥିତ ଚଣ୍ଡୀ ମନ୍ଦିରରେ ଗତ ଦୀପାବଳି ଦିନ ମା' ଚଣ୍ଡୀଙ୍କ ମୂର୍ତ୍ତିର ବାମହାତକୁ କେହି ଭାଙ୍ଗି ଚେରି କରିବା ଘଟଣା ଭିନ୍ନମୋଡ ନେଇଛି। ସୋମବାର ସନ୍ଧ୍ୟାରେ ପାରିବାରିକ ସମସ୍ୟା ଦର୍ଶାଇ ମନ୍ଦିର ପୂଜକ କମିଟିକୁ ଚାବି ଦେଇ ଗାଁ ଛାଡି ଚାଲି ଯାଇଛନ୍ତି। ଫଳରେ ମଙ୍ଗଳବାର ସକାଳୁ ମନ୍ଦିରରେ ଜଳେଶ୍ୱର ବାବାଙ୍କ ସହ ଅନ୍ୟ ଦେବାଦେବୀଙ୍କ ପୂଜାର୍ଚ୍ଚନା ବନ୍ଦ ରହିଛି। ଶ୍ରଦ୍ଧାଳୁ ଦେବଦର୍ଶନରୁ ବଞ୍ଚିତ ହେବା ପରେ ଏହାକୁ ନେଇ ସଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ମନ୍ଦିରରେ ନୀତିକନ୍ତୀ ବନ୍ଦ ରହିବା ପରେ ମନ୍ଦିର କମିଟି ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁସାରେ ସାନଟୀକା ଜଳେଶର ପୀଠ ଜିଲାର ଏକ ପ୍ରସିଦ୍ଧ ଶୈବପୀଠ। ୨୦୦୫ ମସିହାରୁ ବ୍ଲକ ଅଧୀନ ଇଂସା ଗ୍ରାମର ଭକ୍ତ ଥନାପତି ଓ ସୁବ୍ରତ ଥନାପତି ସେବାୟତ ଦାୟିତ୍ୱ ତୁଲାଇ ଆସୁଥିଲେ। ଗତ ଦୀପାବଳି ଦିନ ଦିନବେଳା ମନ୍ଦିର ପରିସରସ୍ଥ ଚଣ୍ଡୀ ମନ୍ଦିର ମା'ଙ୍କ ମୂର୍ତ୍ତିର ବାମ ହାତକୁ ଭାଙ୍ଗି କେହି ଚୋରି କରି ନେଇଥିଲେ। ଏହି ଘଟଣା ଜଣାପଡିବା ପରେ କମିଟି ଏବଂ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହି ସମୟରେ ମନ୍ଦିରରେ ଅଧିଆ ପଡିଥିବା ଭକ୍ତଙ୍କୁ ସନ୍ଦେହ କରିଥିଲେ ପୂଜକ। ପଚରାଉଚରା ପରେ କୌଣସି ଠୋସ ପ୍ରମାଣ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ ଏବଂ ପଞ୍ଚାୟତବାସୀଙ୍କୁ ନେଇ ପୁଣି ଏକ ବୈଠକ ବସିଥିଲା। ଘଟଣା ଦିନବେଳା ହୋଇଥିବାରୁ ପୂଜକଙ୍କୁ ଦାୟୀ କରଯାଇ ନୂତନ ବିଗ୍ରହ, ପ୍ରତିଷ୍ଠା ଉତ୍ସବ ପାଇଁ ଖର୍ଚ୍ଚ ବହନ କରିବାକୁ କୁହାଯାଇଥିଲା। ଏଥିରେ ପୂଜକ ସହମତି ପ୍ରକାଶ କରିଥିଲେ। ଏଥି ପାଇଁ ପ୍ରତିଷ୍ଠା ଉତ୍ସବ ତାରିଖ ସ୍ଥିରୀକୃତ ହେବାସହ ପଥର ମୂର୍ତ୍ତି ଅଣାଯାଇଥିଲା। ପୂଜକ ଗାଁ ଯାଇ ଏନେଇ ସହାୟତା ମାଗି ମୂର୍ତ୍ତି ଲାଗି ୩୦ ହାଜର, ପ୍ରତିଷ୍ଠା ସମାରୋହର ଗୋଟିଏ ଦିନର ଖର୍ଚ୍ଚ ବହନ ପାଇଁ ୩ହଜାର ଟଙ୍କା ଏବଂ ୩ ହଜାର ଟଙ୍କା କୁଆଡ଼େ ଦେଇଛନ୍ତି। ହେଲେ ଗ୍ରାମର କେତେକ ବ୍ୟକ୍ତି ପ୍ରତିଷ୍ଠା ସମାରୋହ ୩ ଦିନ ବ୍ୟାପି ଆୟୋଜନ କରି ତାହାର ସବୁ ଖର୍ଚ୍ଚ ବହନ କରିବାକୁ ପୂଜକଙ୍କୁ କହିଥିଲେ। ଏଥିରେ କୁଆଡ଼େ ପୂଜକ ଅସହାୟ ପ୍ରକାଶ କରିଥିଲେ। ଏହାକୁ ନେଇ ବିବାଦ ଉପୁଜିଛି। ସୋମବାର ସନ୍ଧ୍ୟାରେ ଆୟୋଜିତ ବୈଠକରେ ପୂଜକ ସମସ୍ୟା ଜଣାଇ ସର୍ବସମ୍ମୁଖରେ ପରିଚାଳନ କମିଟି ସଭାପତିଙ୍କୁ ମନ୍ଦିର ଚାବି ହସ୍ତାନ୍ତର କରି ନିଜ ପୈତୃକ ଗ୍ରାମକୁ ପରିବାର ସହ ଚାଲି ଯାଇଥିବା ମନ୍ଦିର ପରିଚାଳନା କମିଟି ସଭାପତି କହ୍ନେଇ ପଧାନ କହିଛନ୍ତି। ପୂଜକ ନଥିବାରୁ ମନ୍ଦିର ତାଲା ପଡିଛି ଏବଂ ନୀତିକାନ୍ତୀ ବନ୍ଦ ରହିଛି। ସରପଞ୍ଚ, କମିଟି ଓ ଗ୍ରାମବାସୀଙ୍କୁ ନେଇ ବିଚାର ବିମର୍ଶ କରାଯାଉଛି ବୋଲି ସେ କହିଛନ୍ତି। ତାଲା ପଡିଥିବାରୁ ମନ୍ଦିର ସୁରକ୍ଷା ପାଇଁ ପରିଚାଳନା କମିଟି ଏବଂ ଗ୍ରାମବାସୀ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣେ ଗ୍ରାମବାସୀ ପ୍ରକାଶ କରିଛନ୍ତି।



ଜଳେଶର ପୀଠରେ ତାଲା ପଡିଛି।

## ସଂକ୍ଷେପରେ

### ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

ବିନିକା,୬।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଟାଉନହଲଠାରେ ଏନଏସି ତରଫରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏକଜ୍‌କ୍ୟୁଟିଭି ଅଫିସର ସତ୍ୟନାରାୟଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀ ରେ ମୁଖ୍ୟଅତିଥି ଭାବେ ସିଦ୍ଧାର୍ଥ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ, ମୁଖ୍ୟବକ୍ତା ଭାବେ ଆଡ଼ଭୋକେଟ ତଥା କବି ଆଦିତ୍ୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିଳ୍ପପତି ଆର୍ତ୍ତତ୍ରାଣ ବାବୁ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର ଯୋଗଦେଇ ଓଡ଼ିଆ ଭାଷାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ସିଏମଏମ ଉମାକାନ୍ତ ସିଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ହିମାଂଶୁ ଶେଖର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପାଧ୍ୟକ୍ଷା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଭାଷା ସମ୍ମିଳନୀରେ ଓଡ଼ିଆ କବିମାନଙ୍କ ଫଟୋଚିତ୍ର ରଖା ଯାଇଥିବା ବେଳେ ସନ୍ଥ କବି ଭୀମଭୋଇଙ୍କ କର୍ମଭୂମି ବିନିକା ହୋଇଥିଲେ ହେଁ ତାଙ୍କର ଫଟୋଚିତ୍ର ରଖାଯାଇ ନ ଥିବାରୁ ସଭାରେ ଅସନ୍ତୋଷ ଦେଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ସାହିତ୍ୟ ଲିଖନ ପଠନରେ ଉନ୍ନୀତ ହୋଇଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଓ ସୁମିତା ବାରିକ, ସଫେଇ ନିରୀକ୍ଷକ ସନ୍ତୋଷ ବନଛୁର, ସରୋଜ ସାହୁ, ପିଏ ସରୋଜ ମେହେର,ମୋହନ ମହାନନ୍ଦଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀ ସହଯୋଗ କରିଥିଲେ।

# ସେବା ମହୋତ୍ସବ ଉଦ୍‌ଘାଟିତ

ବୌଦ୍ଧ,୬।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଦିନ ଠିକିକାଯୋର ଜଗନ୍ନାଥ ମନ୍ଦିର ପରିସରରେ ପ୍ରଥମ ସେବା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ ଅବସରରେ ସାଧୁସନ୍ଥ, ଗୋ ପୂଜା କରିବା ପରେ ପୁରୁଣାକଟକସ୍ଥିତ ମା' ଭୈରବୀଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ମଶାଲ ଶୋଭାଯାତ୍ରା ଠିକିକାଯୋର ମହୋତ୍ସବ ପଡିଆକୁ ଯାଇଥିଲା। ମଶାଲ ଶୋଭାଯାତ୍ରାରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ସୁବୋଧ କୁମାର ପ୍ରଧାନ, ସ୍ଥପତି ସୁମନ ଷଡଙ୍ଗୀ, ଭୁବନେଶ୍ୱରର ଶିଶୁପାଳଗଡସ୍ଥିତ ସାଇ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସଦାଶିବ ଦାସ ଓ ଜର୍ଣ୍ଣାଲିଷ୍ଟ ଆସୋସିଏଶନର ସମସ୍ତ ସଦସ୍ୟ ସାମିଲ ଥିଲେ । ମହୋତ୍ସବରେ ଅନୁଷ୍ଠିତ ରକ୍ତଦାନ ଶିବିର, ଚକ୍ଷୁ ଚିକିତ୍ସା ଶିବିରକୁ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଶ୍ର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଭିନ୍ନ ସେବାରେ ଜଡିତ ଲୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ଥାନୀୟ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କଣ୍ଠଶିଳ୍ପୀମାନଙ୍କୁ ନେଇ ଭଜନ ସମାରୋହ ହୋଇଥିଲା। ଏହି ମହୋତ୍ସବ ଆସୋସିଏଶନର ସଭାପତି ବନମାଳୀ ପ୍ରଧାନ, ସଦସ୍ୟ ସୁକାନ୍ତ ପଟ୍ଟନାୟକ, କୁନା ବେହେରା, ନାରାୟଣ ଭୋକ୍ତା, ଶାଶ୍ୱତ ଦାସ, ସିମୁନ ନାଏକ, ସୁଶାନ୍ତ କୁମାର ବେହେରା, କୁମୁଦଚନ୍ଦ୍ର ସାହୁ , ସଦାନନ୍ଦ ନାଏକ, ଅକ୍ଷୟ ମହାକୁଡ, ପ୍ରଭାତ ନାଏକ, ବିଜୟ ନାଏକ,ବିଭୁଦତ୍ତ ବୋଷଙ୍କ ସହଯୋଗରେ ଆୟୋଜିତ ହୋଇଛି।



ସେବା ମହୋତ୍ସବରେ ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ଲୋକକଳାକୁ ଉତ୍ସାହିତ କରେ ସାଂସ୍କୃତିକ ମଞ୍ଚ'

### ଅଷ୍ଟମ ରାଜ୍ୟସ୍ତରୀୟ କନ୍ଧମାଳ ଲୋକ ମହୋତ୍ସବ ଉଦ୍‌ଯାପିତ

ଘଣ୍ଟାପଡ଼ା,୬।୨(ପ୍ରଭାତ କୁମାର ସାହୁ)

ଐତିହ୍ୟ ପରମ୍ପରା, ଲୋକନୃତ୍ୟ, ସଂସ୍କୃତି ଓ ଲୋକକଳାକୁ ଉତ୍ସାହିତ କରେ ସାଂସ୍କୃତିକ ମଞ୍ଚ । ବୌଦ୍ଧ ଜିଲା କଣ୍ଟାମାଳ ଲୋକକଳା ମଣ୍ଡପରେ ଅନୁଷ୍ଠିତ ଅଷ୍ଟମ ରାଜ୍ୟସ୍ତରୀୟ କଣ୍ଟାମାଳ ଲୋକ ମହୋତ୍ସବର ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହିଧର ରଣା ଯୋଗଦେଇ ଉପରୋକ୍ତ ମତ ରଖିଥିଲେ। କମିଟି ସଭାପତି ତଥା କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତିଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ବିଧାୟକ ରଣା କଳା ସଂସ୍କୃତି ବିଷୟରେ କହିବା ସହ ଖୁବଶୀଘ୍ର ନିଜ ନିର୍ବାଚନମଣ୍ଡଳୀର କଣ୍ଟାମାଳ ଏବଂ ମନମୁଣ୍ଡା ଏନଏସି ଘୋଷଣା ହେବାକୁ ଯାଉଛି ବୋଲି କହିଥିଲେ। ସେହିପରି ବିଶ୍ୱବାଣୀର ସଂପାଦକ ଅର୍ଜୁନ ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ ସୁଧୀର ମହାକୁଡ଼, ବ୍ଲକ ସରପଞ୍ଚ ସଂଘ ସଭାପତି ସାର୍ଦ୍ଦୁଲ ନାଗ, ସାମାଜିକ କର୍ମୀ ଆଶିଷ ସାହୁ, ଏସ. ହୋତା, ସାଇ ମହାନନ୍ଦ, କୋଷାଧ୍ୟକ୍ଷ ସରୋଜ ସାହୁ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ଶିଶିର ଖଟୁଆ, ସନ୍ତୋଷ ଦନ୍ତା, ଓକିଲ ରାଧାବଲ୍ଲଭ ପ୍ରଧାନ, ବିଜେଡି ଜିଲା ସଂଗଠନ ସଂଯୋଜକ ପ୍ରଶାନ୍ତ ରଣା, ବିଜେଡି ବ୍ଲକ ସଭାପତି ପ୍ରେମରାଜ ରଣା, କନ୍ଧମାଳ ଏମ୍‌ପି ପ୍ରତିନିଧି ଶମ୍ଭୁପ୍ରସାଦ ସାହୁ, କଣ୍ଟାମାଳ ବଣିକ ସଂଘ ସଭାପତି ବଜରଙ୍ଗ ଅଗ୍ରୱାଲ, ସାମାଜିକ କର୍ମୀ ଜାନି ସେନାପତି, ମନମୁଣ୍ଡା ଥାନାଧିକାରୀ ଭବାନନ୍ଦ ପ୍ରଧାନ, କଣ୍ଟାମାଳ ଥାନାଧିକାରୀ ଗୋପୀନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଅଞ୍ଚଳର କଳା, ସଂସ୍କୃତି ସହିତ ସାମୁହିକ ଉନ୍ନତିରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ। ଏହି ଅବସରରେ ସାମ୍ବାଦିକ, ସମାଜସେବୀ, କଳାକାର, ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ସାଧୁ ମେହେର ଓ ମହୋତ୍ସବ କମିଟି ପୂର୍ବ ସମ୍ପାଦକ ସ୍ୱର୍ଗତ ଅବଧୂତ ସାହୁଙ୍କ ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଦସ୍ୟ ପୁରନ୍ଦର ଠେଲା ମଞ୍ଚ ପରିଚାଳନା କରିଥିଲେ। ଆବାହକ ମହେନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ। ଉଦ୍‌ଘୋଷିକା ତନୀଷ ଅଗ୍ରୱାଲଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ଗୀତ ଏବଂ ସମ୍ବଲପୁରୀ ସଙ୍ଗୀତ ଜଗତର ଉମାକାନ୍ତ ବାରିକ ଏବଂ ସାଥୀଙ୍କ ଦ୍ୱାରା ପରିବେଷିତ ମେଲୋଡି ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବ ପଡିଆରେ ମୀନାବଜାର, ପଲ୍ଲୀଶ୍ରୀ ମେଳା ଷ୍ଟଲ ପଡିଥିବା ବେଳେ ଚୁଟକୁଲା ଖାଦ୍ୟର ଭରପୁର ମଜା ଉଠାଇଥିଲେ ଦର୍ଶକ। ମହୋତ୍ସବରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଡୁଙ୍ଗୁରିପାଲି ସର୍ବଭାରତୀୟ ଦିବାରାତ୍ର ଭଲିବଲ



ମୁଖ୍ୟ ଅତିଥିଙ୍କ ଦ୍ୱାରା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରାଯାଉଛି।

ଡୁଙ୍ଗୁରିପାଲି,୬।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଯୁଗଲାଲ ବିଶ୍ୱାଳ ମେମୋରିଆଲ ସର୍ବଭାରତୀୟ ଦୁଇ ଦିନିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଡୁଙ୍ଗୁରିପାଲିର ରାଧାକୃଷ୍ଣ ଭଲିବଲ ଖେଳପଡ଼ିଆରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଦିଲ୍ଲୀ ଶିଳ୍ପସଂସ୍ଥା କମ୍ପାନୀର ସିଇଓ ବ୍ରଜକିଶୋର ମିଶ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ନାଏକ, ଭଲିବଲ ଆସୋସିଏଶନର ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ସାଧାରଣ ସମ୍ପାଦକ ଗୋପାଳ ବାରିକ, କିଶୋର ବିଶ୍ୱାଳ, ବିଭାସ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କରୋନା ସମୟରୁ ଏହି ଭଲିବଲ ଟୁର୍ଣ୍ଣାମେଣ୍ଟ ବନ୍ଦ ରହିଥିଲା। ସମ୍ପାଦକ ଗୋପାଳ ବାରିକ ବିବରଣୀ ପାଠ କରିଥିଲେ। ଦୀର୍ଘ ୫୦ବର୍ଷରେ ପଦାର୍ପଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଛତିଶଗଡ଼ ସିଜି ପୋଲିସ, ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ, ଚେନ୍ନାଇ ବୁଲ୍ସ , କଲିକତା ଇଷ୍ଟର୍ନ ରେଲୱେ, ଚଣ୍ଡିଗଡ଼ର ହରିଆଣା ସ୍କାଇକର ଓ ଓଡିଶା ରାଇଜିଂ କ୍ଲବ ରାଉରକେଲା ଆଦି ୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ରେଫରି ଭାବେ ନିରଞ୍ଜନ ନାଏକ ଓ ସୁଶାନ୍ତ ପଟେଲ ଖେଳ ପରିଚାଳନା କରୁଛନ୍ତି। ବୁଧବାର ଦିନ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଏବଂ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ।

# ବନ୍ଧପାଲିକୁ ହରାଇ ବିଲେଇବେର୍ଣ୍ଣା ଚାମ୍ପିୟନ

### ୨୦ତମ ମା' କନ୍ଧେନବୁଢି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଘଣ୍ଟାପଡ଼ା,୬।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ରେକଡୋଲ ଖେଳପଡିଆରେ ଆୟୋଜିତ ୨୦ତମ ମା' କନ୍ଧେନ ବୁଢି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ବନ୍ଧପାଲିକୁ ହରାଇ ବିଲେଇବେର୍ଣ୍ଣା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ବିଲେଇବେର୍ଣ୍ଣା ଦଳ ୮ ଓଭରରେ ୮ ଉଇକେଟ ହରାଇ ୮୦ରନ କରିବାକୁ ସମର୍ଥ ହୋଇଥିଲା। ୮୧ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିଲା ବନ୍ଧପାଲି ଦଳ । କିନ୍ତୁ ନିୟମିତ ଉଇକେଟ ପତନ ଯୋଗୁ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ କେବଳ ୫୫ରନ କରିବାକୁ ସମର୍ଥ ହୋଇ ୨୫ ରନରେ ପରାସ୍ତ ହୋଇ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଉକ୍ତ ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ଯୋଜନା ବୋର୍ଡର ଅଧ୍ୟକ୍ଷ ମହିଧର ରଣା ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ କଣ୍ଟାମାଳ ବ୍ଲକର ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଘଣ୍ଟାପଡ଼ା ସରପଞ୍ଚ ରୀତା କହଁର, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ, ଅବସରପ୍ରାପ୍ତ ସୈନିକ ଅରୁଣ ଭୋଇ, ଆଦିବାସୀ ନେତା ସତ୍ୟନାରାୟଣ ମାଝୀ, ସମାଜସେବୀ ପୁରନ୍ଦର ମହାକୁଡ଼, ଆଦିତ୍ୟ ଧରୁଆ, ଶିକ୍ଷାବିତ୍ ହେମନ୍ତ ଭୋଇ, ପ୍ରତାପ କହଁର ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ରାଶି ଓ ଉପ ବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ସେହିପରି ଚାମ୍ପିୟନ ଦଳର ରାଜାଙ୍କୁ ମ୍ୟାନ୍ ଅଫ ଦି ଫାଇନାଲ ଓ ସିରିଜ ପ୍ରଦାନ କରିଥିଲେ। ମଣ୍ଟୁ ଡାଙ୍ଗ, ଦୟାନିଧି କହଁର ଓ ଯୁଗେ ବିଭାର ଖେଳ ପରିଚାଳନା କରିଥିଲେ। ଅଶୋକ ସାହୁ, ଶିବଶଙ୍କର କାଲସେ,ଦଇତାରୀ ମାହାର, ସୁଜିତ ଓ ଯଦୁମଣି ଧାରା ବିବରଣୀ ପ୍ରଦାନ କରିଥିଲେ। ଟଙ୍କ ମହାନନ୍ଦ, ବିକାଶ ଓ ବିଭୂତି ଭୂଷଣ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।

# ୧୦ମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

ଅମରପାଲି,୬।୨(ପୀତାମ୍ବର ସାହୁ)

### ହିଲୁଙ୍ଗକୁ ହରାଇ ଖଣ୍ଡହତା ସେମିଫାଇନାଲରେ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର ବିଶାଳପାଲି ସ୍କୁଲ ଖେଳପଡ଼ିଆରେ ବିଶାଳପାଲି, ପାତରପାଲି ଓ ଚିଙ୍ଗିରାନାଲି ର ମିଳିତ ଆନୁକୂଲ୍ୟରେ ଦଶମ ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ପ୍ରତିନିଧି ଗୋପାଳ ସେଠୀ, ଲଳିତ ପ୍ରଧାନ, କ୍ଷୀରୋଦ ପ୍ରଧାନ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଖଣ୍ଡହତା ଓ ବହଳପଦର ମଧ୍ୟରେ ହୋଇଥିଲା। ଏଥିରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳର ସୁଶିଲ ପାଣ୍ଡେ ୨୬ ରନ ଓ ଜଗନ୍ନାଥ ମାଝୀ ୨୪ ରନ କରିଥିଲେ। ବିପକ୍ଷ ବହଳପଦରର ସିପୁନ ପଧାନ ୨ ଟି ଉଇକେଟ ନେଇଥିଲେ। ଜବାବରେ ବହଳପଦର ଦଳ ୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୮୨ ରନ କରି ପରାସ୍ତ ହୋଇଥିଲା। ଦଳର ଜ୍ୟୋତି ମହାକୁର ୨୯ ରନ କରିଥିବା ବେଳେ ବିପକ୍ଷ ଖଣ୍ଡହତା ଦଳର ହରେକୃଷ୍ଣ ବାରିକ ୪ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚ ତ୍ରିବଣପୁର ଓ ହିଲୁଙ୍ଗ ମଧ୍ୟରେ ହୋଇଥିଲା। ତ୍ରିବଣପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୮୨ ରନ କରିଥିଲେ। ଜବାବରେ ହିଲୁଙ୍ଗ ଦଳ ଆବଶ୍ୟକ ୮୩ ରନକୁ ୭.୧ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଖଣ୍ଡହତା ଓ ଦ୍ୱିତୀୟ ମ୍ୟାଚର ବିଜେତା ହିଲୁଙ୍ଗ ମଧ୍ୟରେ ହୋଇଥିଲା। ଏଥିରେ ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭୦ ରନ ସଂଗ୍ରହ କରିଥିଲା। ଜବାବରେ ହିଲୁଙ୍ଗ ଦଳ ୬ ଓଭରରେ ୬୫ ରନ କରିଥିଲା। ଫଳରେ ଖଣ୍ଡହତା ଦଳ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚଗୁଡିକରେ ଚନ୍ଦନ ପ୍ରଧାନ ଓ ସତ୍ୟ ଧଳ ଅମ୍ପାୟାର, ବାଙ୍କା ବିହାରୀ ମହାକୁର ସ୍କୋରିଂ ଏବଂ ପ୍ରଦୀପ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

# କଠୋର ସାଧନାକଲେ ସଫଳତା ନିଶ୍ଚିତ

### ମୁର୍ଷୁଣି ରଘୁନାଥ ହାଇସ୍କୁଲର ବାର୍ଷିକୋତ୍ସବ

ଅମରପାଲି,୬।୨(ପୀତାମ୍ବର ସାହୁ)

ଶିକ୍ଷା ଏକ ସାଧନା। ଛାତ୍ର ଜୀବନରେ ସାଧନା କରିବା ଅପରିହାର୍ଯ୍ୟ। ଏହା ବିନା ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା କଷ୍ଟକର। ତେବେ କଠୋର ସାଧନା କଲେ ସଫଳତା ନିଶ୍ଚିତ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣିସ୍ଥିତ ରଘୁନାଥ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ ଛାତ୍ରୀ ଛାତ୍ରଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ କାଳିଆ କର୍ମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ବାଗ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭକାର, ଜୋନ-୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ସ୍ଥାନୀୟ ସରପଞ୍ଚ ମନୋଜ କୁମାର ସାହୁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଥାନପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷକ ସଚ୍ଚିଦାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନିତା ମହାକୁର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଙ୍ଗୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୩ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଉକ୍ତ ସ୍କୁଲର ଛାତ୍ରୀ ମାନସୀ ପ୍ରଧାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଦେଓମାଳି ହାଉସକୁ ଶ୍ରେଷ୍ଠ ହାଉସ ଭାବେ ପୁରସ୍କୃତ କରାଯାଇଥିଲା। ସଞ୍ଜୟ ମେଣ୍ଡିଲିଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ର ଭାବେ ପୁରସ୍କୃତ କରାଯାଇଥିଲା। ସଭା ପରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ନୀଳାମ୍ବର ମେହେର ସଂଯୋଜନା କରିଥିଲେ।

# ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକାଙ୍କ ସୁବର୍ଣ୍ଣପୁର ଗସ୍ତ

ସୋନପୁର,୬।୨(ମୃତ୍ୟୁଞ୍ଜୟ ଶତପଥୀ)

ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପ୍ରଥମେ ଉଲୁଣ୍ଡା ବ୍ଲକର ମୁଣ୍ଡଘାଟ ଓ ନାୟକପଡା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ପ୍ରାକ୍ ସ୍କୁଲ ଶ୍ରେଣୀର ଶିଶୁମାନଙ୍କ ସହିତ କଥାବାର୍ତ୍ତା ଓ ଭାବ ବିନିମୟ କରିଥିଲେ। ଶିଶୁଙ୍କ ଗ୍ରୋଥ୍ ମନିଟରିଂକୁ ନିଜେ ପୁନଃ ନିରୀକ୍ଷଣ କରିଥିଲେ। ପରିପୂରକ ପୁଷ୍ଟିକର ଭୋଜନ କାର୍ଯ୍ୟକ୍ରମ ଏବଂ ମମତା ହିତାଧିକାରୀଙ୍କ ସହିତ କଥାବାର୍ତ୍ତା କରି ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାତୃ କଲ୍ୟାଣ ଯୋଜନାର ସୁଫଳ ସେମାନେ କିଭଳି ପାଉଛନ୍ତି ପଚାରି ବୁଝିଥିଲେ । ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ଅଧିକାରୀ, ଅଙ୍ଗନବାଡି ସୁପରଭାଇଜର ଏବଂ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରିଣୀମାନଙ୍କ ସହିତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ଅନିତା ଗୁରୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ , ଜିଲା ସଂଯୋଜକ ପୋଷଣ ସଞ୍ଜୀବ କୁମାର ମିଶ୍ର, ଜିଲା ସଂଯୋଜକ ମମତା ପ୍ରତାପ କିଶୋର ପ୍ରଧାନ ଏବଂ ସମ୍ପୃକ୍ତ ବିଭାଗୀୟ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।


ନିର୍ଦ୍ଦେଶିକା ମୋନିସା ବାନାର୍ଜୀ ପ୍ରାକ୍ ସ୍କୁଲର ଶିଶୁମାନଙ୍କ ସହିତ ଆଲୋଚନା କରୁଛନ୍ତି।

# ପୁଣି ଆନ୍ଦୋଳନ ପାଇଁ ଚେତାବନୀ

ସୋନପୁର,୬।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଚିଟଫଣ୍ଡ କ୍ଷତିଗ୍ରସ୍ତ ମିଳିତ ମଞ୍ଚ ତରଫରୁ ଏକ ବୈଠକ ସୁବର୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଞ୍ଚର ଜିଲା ସଭାପତି ସୋମନାଥ ପଧାନ ସଭାପତିତ୍ୱ କରିଥିଲେ । ବୈଠକରେ ମିଳିତ ମଞ୍ଚର ବିଭୁଦତ୍ତ ମିଶ୍ର ଯୋଗଦେଇ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ସମସ୍ତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରିବା ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ଆହ୍ୱାନ କରିଥିଲେ । ଗତ ନଭେମ୍ବର ମାସରେ ହୋଇଥିବା ଜମାକାରୀଙ୍କ ରାଲି ଓ ବିକ୍ଷୋଭ ପରେ ଜିଲା ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ପୁନର୍ବାର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଆଗାମୀ ଦିନରେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଥିଲା। କିଶୋର ବରଡ଼ି ଧନ୍ୟବାଦ ଦେଇଥିଲେ।



ସୁବର୍ଣ୍ଣପୁରରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରି।

# କେଉଟିପାଲି ସେମିଫାଇନାଲରେ

ଅମରପାଲି,୬।୨(ପୀତାମ୍ବର ସାହୁ)

### ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଟେଭାପଦର ଗ୍ରାମର ଖେଳପଡ଼ିଆରେ ମା' ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ାବିତ ଶ୍ରୀକାନ୍ତ କର୍ମୀ ଓ ସରପଞ୍ଚ ପ୍ରତିନିଧି ପ୍ରଦୀପ ବଡିଆ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ମ୍ୟାଚ ବିକଳପୁର ଓ କୁଞ୍ଜାମହୁଲ ମଧ୍ୟରେ ହୋଇଥିଲା। ଏଥିରେ କୁଞ୍ଜାମହୁଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୫ ରନ କରିଥିଲା। ଜବାବରେ ବିକଳପୁର ଦଳ ଆବଶ୍ୟକ ୮୬ ରନକୁ ୯.୪ ଓଭର ରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅମରପାଲି ଓ କେଉଟିପାଲି ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୧୨୮ରନ କରିଥିଲା। ଜବାବରେ କେଉଟିପାଲି ଦଳ ଆବଶ୍ୟକ ୧୨୯ ରନକୁ ୯.୫ ଓଭରରେ ସଂଗ୍ରହ କରି ବିଜୟୀ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ବିକଳପୁର ଓ ଦ୍ୱିତୀୟ ମ୍ୟାଚର ବିଜେତା କେଉଟିପାଲି ମଧ୍ୟରେ ହୋଇଥିଲା। ଏଥିରେ କେଉଟିପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫୨ ରନ କରିଥିବା ବେଳେ ବିକଳପୁର ଦଳ ୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୨୮ ରନ କରି ପରାସ୍ତ ହୋଇଥିଲା। ଫଳରେ କେଉଟିପାଲି ଦଳ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବ ରେ ଶିକ୍ଷକ ସୌମ୍ୟରଞ୍ଜନ ପ୍ରଧାନ, ଅଗ୍ନିଶମ କର୍ମଚାରୀ ଜଗ ମୋହନ କର୍ଣ୍ଣ ଓ କ୍ରିଡ଼ାବିତ ବିନୋଦ ପ୍ରଧାନ, ଜ୍ଞାନରଞ୍ଜନ ମହଲିକ ଅତିଥି ଭାବେ ଯୋଗଦେଇ କେଉଟିପାଲି ଦଳର ଗୋବର୍ଦ୍ଧନ ବେହେରାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଗୁଡିକରେ ରୁଦ୍ର ପ୍ରସାଦ ମହାକୁର ଓ ରାଧେଶ୍ୟାମ କର୍ମୀ ଅମ୍ପାୟାର, ସୁଧୀର ମହାକୁର ସ୍କୋରିଂ ଏବଂ ବିନୋଦ ଧାରା ବିବରଣୀ ପ୍ରଦାନ କରିଥିଲେ।


କେଉଟିପାଲିର ଗୋବର୍ଦ୍ଧନ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ହେମଗିର,୬।୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲାସ୍ଥିତ ଲଙ୍କାହୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସୁଶ୍ରୀ ଇତିଶ୍ରୀ ମିଶ୍ରଙ୍କୁ ଚଳିତ ୨୦୨୩-୨୪ ଶିକ୍ଷା ବର୍ଷରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଛି। ତାଙ୍କର ଶିକ୍ଷାଦାନ, ପରୀକ୍ଷା ଫଳ ଓ ବିଭିନ୍ନ କାର୍ଯ୍ୟକ୍ରମରେ ଦକ୍ଷତାକୁ ଭିତ୍ତିକରି ରାଜ୍ୟ ସରକାର ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସ୍ୱତନ୍ତ୍ର ସଭାରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଉକ୍ତ ସଭାରେ ଶିକ୍ଷୟିତ୍ରୀ ସୁଶ୍ରୀ ଇତିଶ୍ରୀ ମିଶ୍ରଙ୍କୁ ମାନପତ୍ର, ଟ୍ରଫି ସହିତ ୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।


ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ ଇତିଶ୍ରୀ ମିଶ୍ର।


ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବରେ ମଞ୍ଚାସୀନ ଅତିଥି।

# ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

ସୁନ୍ଦରଗଡ଼,୬।୨(ଜୟନାରାୟଣ ମେଣ୍ଡୁଲି)

ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତଥା ଜିଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ସହକାରୀ ପ୍ରଫେସର ଡକ୍ଟର କୁଳମଣି ବେହେରା, ନୂତନ ଖମାରୀ, ଲୁଡୁକା ମହାବିଦ୍ୟାଳୟର ଅଧ୍ୟାପିକା ମିନତୀ ମିଶ୍ର, କୁଣ୍ଡୁକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ପ୍ରଣତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୃଜନଶୀଳତା ଓ ଭାଷାକୁ ନେଇ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଚିତ୍ରାଙ୍କନ, ବିତର୍କ, ଓଡ଼ିଆ ଭାଷା କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାସ୍ତରର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତତ୍ ସହିତ ଓଡ଼ିଆ ଭାଷା ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବେରିହା, ସଦର ବ୍ଲକ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସଦର ବିଡ଼ିଓ ମୋତିଲାଲ ସୁଲିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର ଶିକ୍ଷା ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଡକ୍ଟର ଦୀପକ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଜନହିତକର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ

ରାଉରକେଲା,୬।୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୯ ସ୍ଥିତ ଲୁଗୁନପାର୍କ ପରିସରରେ ସାଗରିକା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ସନ୍ତୋଷ ତନ୍ତୀଙ୍କ ଅଧ୍ୟକ୍ଷତାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି, ଟ୍ରଷ୍ଟ ଅଧ୍ୟକ୍ଷ ହରିହର ରାଉତରାୟ, ରଘୁନାଥପାଲି ନଗର ସଭାପତି ଆର୍ତ୍ତ ମହାରଣା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସାଗରିକା ୱେଲଫେୟାର ଟ୍ରଷ୍ଟ ଆଗକୁ ଅଧିକରୁ ଅଧିକ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଜନହିତକାର୍ଯ୍ୟ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସଭାପତି ଜୟନ୍ତୀ ଦାସ, ରମାକାନ୍ତ ରଥ, ଇନ୍ଦିରା ନାୟକ, ମୀନତି ବିଶ୍ୱାଳ, ପ୍ରତିମା ରାଉତ, ରେଖା କୋଠାରୀ, ସରସ୍ୱତୀ ବେହେରା, ଭଗବତୀ ସାହୁ, ଗାୟତ୍ରୀ ରାଉତ, ବାସନ୍ତୀ ଜେନା, ସତ୍ୟ ପ୍ରଧାନ, କାର୍ତ୍ତିକ ଖଣ୍ଡୁଆଳ, ଭୂଷଣ ସେଠୀ, ପପୁ ଚୌଧୁରୀ, ଶରତ ସେନାପତି, ଶୁଶାନ୍ତ ପ୍ରଧାନ, ପ୍ରଶାନ୍ତ ଜେନା, ମୁକ୍ତିକାନ୍ତ ବେହେରା, ଅରୁଣ ଜୟପୁରିଆ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନୁଷ୍ଠାନର କର୍ମକର୍ତ୍ତା।

## ରାଜପୁର ପଞ୍ଚାୟତରେ ସଚେତନତା ଶିବିର

ବ୍ରଜରାଜନଗର,୬।୨(ବିଜୟ ବରାଡ଼)

ବ୍ରଜରାଜନଗର ନର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜପୁର ପଞ୍ଚାୟତଠାରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଜେଡ଼ି ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ସମିତି ସଭ୍ୟା ସସ୍ମିତା ତନ୍ତୀ, ଲୋଇସିଂ ସରପଞ୍ଚ ସନାତନ ରୋହିଦାସ, ରାଜପୁର ଗ୍ରାମପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ରୋଜି ପଟେଲ, ଗଦାଧର ରାଏ, ହରିଶଙ୍କର କଣ୍ଡାଙ୍କ ସମେତ ମିଶନ ଶକ୍ତି ମା'ମାନେ ଉପସ୍ଥିତ ଥିଲେ। ରାଜପୁର ଗ୍ରାମପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ ଏଥିରେ ସଭାପତିତ୍ୱ କରିଥିଲେ।

## ପୁଣି ଆନ୍ଦୋଳନ ପାଇଁ ଚେତାବନୀ

ସୋନପୁର,୬।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଚିଟଫଣ୍ଡ କ୍ଷତିଗ୍ରସ୍ତ ମିଳିତ ମଞ୍ଚ ତରଫରୁ ଏକ ବୈଠକ ସୁବର୍ଣ୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଞ୍ଚର ଜିଲା ସଭାପତି ସୋମନାଥ ପଧାନ ସଭାପତିତ୍ୱ କରିଥିଲେ । ବୈଠକରେ ମିଳିତ ମଞ୍ଚର ବିଭୁଦତ୍ତ ମିଶ୍ର ଯୋଗଦେଇ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ସମସ୍ତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ କରିବା ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ଆହ୍ୱାନ କରିଥିଲେ । ଗତ ନଭେମ୍ବର ମାସରେ ହୋଇଥିବା ଜମାକାରୀଙ୍କ ରାଲି ଓ ବିକ୍ଷୋଭ ପରେ ଜିଲା ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ପୁନର୍ବାର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିରରେ ପ୍ରଧାନ ଶିକ୍ଷକ, ପ୍ରଶିକ୍ଷିକା ଉପସ୍ଥିତ।

କୁତ୍ରା, ୬।୨(ଦେବାଶୀଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଡୁନମୁରା ସ୍ଥିତ ସର୍ଗୁକିଷାନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ସଭାପତିତ୍ୱରେ ଛାତ୍ରୀ ଆତ୍ମ ରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷିକା ପ୍ରିୟଦର୍ଶିନୀ ପାଢ଼ୀ ଆତ୍ମରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ପ୍ରଶିକ୍ଷିକା ସୁମିତ୍ରା ବାର୍ଲା ଛାତ୍ରୀମାନଙ୍କୁ ଆତ୍ମ ରକ୍ଷାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସାହୁ ଏପରି ପ୍ରଶିକ୍ଷଣ ଶିବିର ବର୍ତ୍ତମାନ ସମୟରେ ବାଳିକା ଆତ୍ମରକ୍ଷା, ନାରୀ ସଶକ୍ତିକରଣର ମାର୍ଗ ପ୍ରଶସ୍ତ କରିବାରେ ସହାୟକ ହେବ ବୋଲି କହିଥିଲେ। ଶିକ୍ଷକ ଉମାଶଙ୍କର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମନଭାଙ୍ଗି ନାଏକ, ରୋସ୍ନି ମିଞ୍ଜ, ଦ୍ରୌପଦି ସାହୁ, କିରନ ଏକ୍କା, ଅଞ୍ଜଳି ତିଗା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟଭିତ୍ତିକ ମାନନିର୍ଦ୍ଧାରଣ ପ୍ରଶିକ୍ଷଣ ଶିବିର ଆରମ୍ଭ

ନୂଆଗାଁ,୬।୨(ବିଜୟ ତ୍ରିପାଠୀ)

**ନୂଆଗାଁ ବ୍ଲକ**

ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ସହିତ ସ୍କୁଲରେ ପିଲାମାନଙ୍କର ଶିଖିବାର ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଉଛି। ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାବେଳେ ଦକ୍ଷତାଗୁଡିକ ଯାହା ନିର୍ଦ୍ଦିଷ୍ଟ ଭାବେ ଶିକ୍ଷଣ ଫଳାଫଳ ଭାବରେ ସୂଚିତ ହୋଇଛି। ସାମଗ୍ରିକ ଭାବେ ସେଗୁଡିକୁ ହାସଲ କରିବାରେ ସହାୟତା କରିବା ହେଉଛି ମାନ ନିର୍ଦ୍ଧାରଣ। ପ୍ରତ୍ୟେକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ମାନ ନିର୍ଦ୍ଧାରଣ ବିଦ୍ୟାଳୟର ଶିକ୍ଷକମାନଙ୍କ ଦ୍ୱାରା କରାଯିବ। ଭୟ ଶୂନ୍ୟ, ଚାପମୁକ୍ତ ଓ ଅଂଶଗ୍ରହଣକୁ ବୃଦ୍ଧି କରିବା, ପିଲାମାନଙ୍କ ଭିତରେ ଆତ୍ମବିଶ୍ୱାସ ବୃଦ୍ଧିସହ, ସେମାନଙ୍କୁ ସାମର୍ଥ ଆଧାରିତ କାର୍ଯ୍ୟ କରିବାକୁ ଅନୁମତି ଦେବା ଭଳି ଅନେକ ଦିଗକୁ ଲକ୍ଷ୍ୟ କରି ଆରମ୍ଭ ହୋଇଥିବା ବିଦ୍ୟାଳୟ ଭିତ୍ତିକ ମାନନିର୍ଦ୍ଧାରଣ ଶିକ୍ଷଣର ତୃତୀୟ ପର୍ଯ୍ୟାୟ ତାଲିମ ମଙ୍ଗଳବାର ନୂଆଗାଁ ବ୍ଲକର ତିନୋଟି କେନ୍ଦ୍ରରେ ଆରମ୍ଭ ହୋଇଛି। ଏହା ପୂର୍ବପରି ତିନି ଦିନପର୍ଯ୍ୟନ୍ତ ଚାଲିବ। ତାଲିମପ୍ରାପ୍ତ ଶିକ୍ଷକମାନେ ଶିକ୍ଷକମାନଙ୍କୁ ଏହି ବିଷୟରେ ତାଲିମ ପ୍ରଦାନ କରୁଛନ୍ତି। ସୋରଡ଼ା ସ୍କୁଲରେ ଆୟୋଜିତ ଏହି ତାଲିମ ଶିବିରକୁ ବ୍ଲକର ସହକାରୀ ଶିକ୍ଷା ଅଧିକାରୀ ବନମାଳି ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ତାଲିମ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ଆର.ପି. ଭାବରେ ମନୋଜ କୁମାର ସାହୁ, ଆଶିଷ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଓ ସୁମତି ନାୟକ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ସେହିଭଳି ପୁରୁଣାପାଣି ତାଲିମ କେନ୍ଦ୍ରରେ ସହକାରୀ ଶିକ୍ଷା ଅଧିକାରୀ ବାନେ କେଛୁଆ ତାଲିମ କେନ୍ଦ୍ରରେ ମୁଖ୍ୟଥିବାବେଳେ ଆର. ପି. ଭାବରେ ଶିକ୍ଷକ ପ୍ରଶାନ୍ତ କେର୍କେଟା, ରମେଶ ଲାଖୁଆ, ପୁଷ୍ପା ବୁଡ ଓ ଲିଲି ମାକ୍ସିମା ଡାଙ୍ଗ ତାଲିମ ପ୍ରଦାନ କରୁଛନ୍ତି। ସେହିଭଳି ଝାରବେଡା ସ୍କୁଲରେ ସହକାରୀ ଶିକ୍ଷାଅଧିକାରୀ ସୁପ୍ରଭା ପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ମାନଙ୍କୁ ଆର. ପି ମାନେ ତାଲିମ ପ୍ରଦାନ କରୁଛନ୍ତି। ସେହି କେନ୍ଦ୍ରରେ ଆରପି ଭାବରେ ଭୁବନେଶ୍ୱର ମାହାତୋ, ସ୍ନିଗ୍ଧା ଭଞ୍ଜଦେଓ, କଲ୍ୟାଣ ସୂରିନ, ଭୋଳା ବାରିକ ପ୍ରମୁଖ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ତାଲିମ ଶିବିର ଗୁଡିକରେ ସିଆରସିସି ଅଜୟ ସେଠୀ, ଅଜିତ ହେମ୍ବ୍ରମ, ଜିତନାଥ ଟୋପ୍ପ, ସନ୍ତୋଷ ସିଂ, ମହାଦେବ ବଡାଇକ, ଗୌତମ ବଡାଇକ ମହେଶ୍ୱର ପ୍ରଧାନ ପ୍ରମୁଖ ତଦାରଖ କରୁଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର


ଆମ ଓଡିଶା ନବୀନ ଓଡିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ଉପସ୍ଥିତ ଅତିଥି।

କୁତ୍ରା, ୬।୨(ଦେବାଶୀଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆମ ଓଡିଶା ନବୀନ ଓଡିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାୟିତ୍ୱରେ ଥିବା ନୂଆଗାଁ ଏବିଡିଓ ସମରେନ୍ଦ୍ର ସରାୟଙ୍କ ତତ୍ତ୍ୱାବଧାନ ତଥା ସରପଞ୍ଚ ଭୁବନ କୁଜୁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ସରକାରଙ୍କ ପକ୍ଷରୁ ଓଡିଶାକୁ ଏକ ବିକାଶଶୀଳ ରାଜ୍ୟରେ ପରିଣତ କରିବା ସହ ଜନସାଧାରଣଙ୍କ ପାଇଁ କରୁଥିବା ଉନ୍ନୟନ ମୂଳକ କାର୍ଯ୍ୟ ନେଇ ପଞ୍ଚାୟତବାସୀଙ୍କୁ ନିଜ ଅଭିଭାଷଣରେ କିଷାନ ସୂଚାଇ ଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତିଲତା ଲାକଡା, ଉପାଧକ୍ଷ କୌସ୍ତୁବ ଭୂଷଣ ହୋତା, ବିଜେଡି ଜିଲା ସାଧାରଣ ସମ୍ପାଦକ ବେନେଦିକ ତିର୍କୀ, ବ୍ଲକ ସଭାପତି ଅର୍ଜୁନ ଜୟପୁରିଆ, ଜିଲା ପରିଷଦ ସଭ୍ୟ ଗଙ୍ଗାରାମ ମିଞ୍ଜ ପ୍ରମୁଖ ଯୋଗ ଦେଇ ନବୀନ ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀ ଗୁଡିକର ରୂପାନ୍ତରିକରଣ, ମହିଳା ସଶକ୍ତିକରଣ , କ୍ରୀଡା, ଐତିହ୍ୟ ଆଦି ଭିତ୍ତିଭୂମିର ବିକାଶ, ବିଦ୍ୟାଳୟ ଗୁଡିକର ରୂପାନ୍ତରିକରଣ, ସୁଗମ ପରିବହନ ବ୍ୟବସ୍ଥା ଆଦି ପଦକ୍ଷେପ ନିଆଯାଇ ଗ୍ରାମାଞ୍ଚଳରୁ ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇଦେବା ଓ ବିକାଶ କରାଯାଉଥିବା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠାର ପ୍ରଦର୍ଶନୀ ସହ ଆଇସିଡିଏସ ପକ୍ଷରୁ ପୌଷ୍ଟିକ ଆହାରର ପ୍ରଦର୍ଶନୀ ଲଗାଯାଇଥିଲା। ଶିବିରକୁ କୁତ୍ରା ସରପଞ୍ଚ ଭୁବନ କୁଜୁର, ସମିତି ସଭ୍ୟା କୀର୍ତ୍ତି ଏକ୍କା, ପଞ୍ଚାୟତ ଇଓ ଗୋପି ସାହୁ, ରିଙ୍କୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ

**ବରଗଡ଼,୬।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗୁଡ଼େଶିରା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସ୍କୁଲ ପରିଚାଳନା ସମିତି ସଭାପତି ଲଳିତ ଆଚାର୍ଯ୍ୟ, ସରପଞ୍ଚ କୁନ୍ତଳା ପାଣ୍ଡେ, ଯୁବନେତା ତାପସ ଦାଶ, ବିଧାୟକ ପ୍ରତିନିଧି ମନିଷ ଆଚାର୍ଯ୍ୟ, ସମିତିସଭ୍ୟ ସାନନ୍ଦ ବାଗ, କୁଳମଣି ଦାଶ, ଦେବ ଚିନ୍ଦା, ରବି ବେହେରା, ଡିଲେଶ୍ୱରୀ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

## ଶ୍ରମିକଙ୍କୁ ହତ୍ୟା ଧମକ, ୬ ଗିରଫ

**ପଦ୍ମପୁର,୬।୨ (ପ୍ରଦୀପ୍ତ ଦାଶ):** ଜଣେ ଶ୍ରମିକଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଦମକ ଦେବା ଅଭିଯୋଗରେ ପଦ୍ମପୁର ପୋଲି ଦାଦନ ସର୍ଦ୍ଦାରଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭେଙ୍ଗରାଜପୁରର ଦାଦନ ସର୍ଦ୍ଦାର ମିଥୁନ ହରିପାଲ, ବୌଦ୍ଧ ଜିଲା ଦହ୍ୟାର ଆଲୋକ ସାହୁ, ସୋନପୁର ଜିଲା ଜନମୁରାର ଜିତୁ ଗାରିଆ, ପାଇକମାଳ ଥାନା ବରଡୁଣ୍ଡାର କ୍ରିଷ୍ଣା ସୁନା, ମଧୁସୁଦନ କମାର ଏବଂ ରାଜମୋହନ ସୁନା। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅଭିଯୋଗ ଅନୁସାରେ, ପଡି ଗତ ତା୧୪।୯।୨୩ରିଖରେ ପଦ୍ମପୁର ଥାନା ବରିକେଲ ଗ୍ରାମର ତ୍ରିଲୋଚନ ସୁନା ସପରିବାର ସିକନ୍ଦରାବାଦ ଯାଇ ଏକ ଇଟାଭାଟିରେ କାମ କରିଥିଲେ। ସେଠାରେ ଚୁକ୍ତି ମୁତାବକ ଟଙ୍କା ନ ମିଳିବା ଏବଂ ଭାଟି ମାଲିକଙ୍କ ନିର୍ଯାତନା ଅସହ୍ୟ ହେବାରୁ ତ୍ରିଲୋଚନ ୨ ମାସ କରିବା ପରେ ଘରକୁ ଫେରିଆସିଥିଲେ। ତେବେ ଏଥିରେ ଉତ୍ୟକ୍ତ ହୋଇ ଅଭିଯୁକ୍ତମାନେ ବରିକେଲ ଯାଇ ତ୍ରିଲୋଚନଙ୍କୁ ଗାଳିଗୁଲଜ କରିବା ସହ ମାରି ଦେବାକୁ ଧମକ ଦେଇଥିଲେ।

## ନିମ୍ବ ଗଛରୁ ଝରୁଛି କ୍ଷୀର

**ଶ୍ରଦ୍ଧାରେ ପୂଜାର୍ଚ୍ଚନା କରୁଛନ୍ତି ଗ୍ରାମବାସୀ**

କୁତ୍ରା, ୬।୨(ଦେବାଶୀଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଜୁଉରାମୁଣ୍ଡା ତେତେଲପଡାଠାରେ ଏକ ନିମ୍ବ ଗଛରୁ ଅହରହ କ୍ଷୀର ବାହାରୁ ଥିବାର ଦେଖିବାକୁ ମିଳିଛି। ଏହା ଦେଖିବା ପରେ ଲୋକେ ପୂଜାର୍ଚ୍ଚନା କରୁଛନ୍ତି। ସୋମବାର ସନ୍ଧ୍ୟା ପ୍ରାୟ ୫ଟାରୁ ଅହରହ ଭାବରେ କ୍ଷୀର ବାହାରୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀଙ୍କ ମନରେ ଶ୍ରଦ୍ଧା ଭାବ ଜାଗ୍ରତ ହେବା ସହିତ ନିମ୍ବ ଗଛ ମୂଳରେ ପାଣି ଢାଳିବା ସହିତ ଫୁଲମାଳ ଅର୍ପଣ କରି ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳୁଛି। ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଏଠାରେ ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା କରାଯିବ ବୋଲି ଗ୍ରାମବାସୀ କହିଛନ୍ତି। ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମୁଛି।


ନିମ୍ବ ଗଛରୁ କ୍ଷୀର ବାହାରୁଛି।

## ନାରୀସଶକ୍ତି କରଣର ମାର୍ଗ ପ୍ରଶସ୍ତ ହେବ

**ଜବାହର ନବୋଦୟ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ରକ୍ଷା ତାଲିମ ଶିବିର ଉଦ୍‌ଯାପିତ**

ସୁନ୍ଦରଗଡ଼,୬।୨(ଜୟନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଜିଙ୍କନଗରରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଳର ସୁଦକ୍ଷ ମହିଳା କୋଚ୍‌ମାନଙ୍କ ଦ୍ୱାରା ବିଦ୍ୟାଳୟର ୨୪୨ ଛାତ୍ରୀଙ୍କୁ ତାଲିମ ଦିଆଯାଇଛି। ତା' ସହିତ ଅନୁଷ୍ଠାନର ଥାର୍ଡ ଡନ୍ ବ୍ଲାକ ବେଲ୍ଟ ରାଜୀବ କେରକେଟା ଛାତ୍ରମାନଙ୍କୁ କରାଟେ ତାଲିମ ଦେଉଛନ୍ତି। ବିଦ୍ୟାଳୟର ଅଧକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟ ପ୍ରତିକ୍ରିୟାରେ କହିଥିଲେ ଯେ, ବର୍ତ୍ତମାନ ପରିସ୍ଥିତିରେ ଛାତ୍ରୀମାନେ ଆତ୍ମ ସୁରକ୍ଷା ତାଲିମ ନେବା ଦ୍ୱାରା ନାରୀସଶକ୍ତି କରଣର ମାର୍ଗ ପ୍ରଶସ୍ତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅନୁଷ୍ଠାନର ସୁଦକ୍ଷ କୋଚ୍‌ମାନେ ଠିକ୍ ସମୟରେ ଉପସ୍ଥିତ ରହି ଆତ୍ମରକ୍ଷା ପାଇଁ ନୂଆନୂଆ ଟେକ୍ନିକ୍ ଗୁଡିକ ଅତି ସରଳ ଭାବରେ ଛାତ୍ରୀମାନଙ୍କୁ ତାଲିମ ଦେଉଛନ୍ତି। ଯଦ୍ୱାରା ଛାତ୍ରୀମାନେ ମଧ୍ୟ ଶାନ୍ତିଶୃଙ୍ଖଳା ରକ୍ଷା କରି ମନଦେଇ ତାଲିମ ନେଉଛନ୍ତି। ଗତ ନଭେମ୍ବର ମାସ ୮ରୁ ପ୍ରତ୍ୟେକ ଦିନ ଭୋର ୫ଟା୩୦ରୁ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଚାଲିଥିଲା। ତାଲିମଦାତାମାନେ ପ୍ରତ୍ୟେକ ଦିନ ସମୟାନୁବର୍ତ୍ତିତାରେ ଆସି ଅତି ସରଳ ଭାବରେ ଆତ୍ମ ରକ୍ଷା ପାଇଁ ଭିନ୍ନ ଭିନ୍ନ ଷ୍ଟାଇଲଗୁଡ଼ିକ ଛାତ୍ରୀମାନଙ୍କୁ ତାଲିମ ଦେଉଛନ୍ତି। କ୍ରୀଡା ଶିକ୍ଷୟିତ୍ରୀ ଜେ.କୁଜୁର ଓ କ୍ରୀଡ଼ା ଶିକ୍ଷକ ପ୍ରସନ୍ନ ଷଣ୍ଢ ତାଲିମଦାତାମାନଙ୍କୁ ସହଯୋଗ କରୁଥିଲେ। ତାଲିମଦାତାମାନେ ପ୍ରବଳ ଥଣ୍ଡା ସତ୍ତ୍ୱେ ମଧ ଠିକ୍ ସମୟରେ ଆସି ଆମକୁ ଭଲ ଭାବରେ ତାଲିମ ଦେଉଥିଲେ ଯାହାକି ଭବିଷ୍ୟତରେ ଆମେ ନିଜକୁ କୌଣସି ପରିସ୍ଥିତିରେ ମଧ ସୁରକ୍ଷା କରିପାରିବୁ ବୋଲି ଏକାଦଶ ଶ୍ରେଣୀର ଛାତ୍ରୀ ଦ୍ୱୟ ପ୍ରଭାଜିତା ମୁଣ୍ଡା ଓ ସଞ୍ଜନା ସିଂ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ଅନୁଷ୍ଠାନର ଲିପ୍ସା ଷଡ଼ଙ୍ଗୀ ଓ ତାଙ୍କ ଟିମ୍ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରୁଥିଲେ।

## ସଂକ୍ଷେପରେ

### ବିଆର୍ ଆମ୍ବେଡକର ସେବା ସମିତିର ବାର୍ଷିକୋତ୍ସବ

**ସମ୍ବଲପୁର,୬।୨(ଭବାନୀ ଶଙ୍କର ଭୋଇ):** ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତର ବିଆର୍ ଆମ୍ବେଡକର ସେବା ସମିତିର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର ମୁଖ୍ୟଅତିଥି, ଗୋପାଳ ବାଗ୍ ମୁଖ୍ୟବକ୍ତା ଓ ଗିରିଧାରୀ ଖୋରା, ପ୍ରିତି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ସମିତି ସଭାପତି ଜୟକୃଷ୍ଣ ବାଗ୍ ଅଧ୍ୟକ୍ଷତା କରିଥିବା ବେଳେ ଆବାହକ ସୁବାସ ବେଶନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ପଞ୍ଚାୟତକୁ ମଦମୁକ୍ତ ଅଞ୍ଚଳରେ ପରିଣତ କରିବା, ପ୍ରାଥମିକ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ଉପରେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଦେବାନନ୍ଦ ଭୋସାଗର, ଅକ୍ଷୟ ରଣବିଡା, ଝସ ବେସନ, ନକୁଳ ଲୁହା, ଗଣେଶ ବେସନ, ମୁନା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

### ହାପ୍ ମାରାଥନ ଆୟୋଜନ ନେଇ ବୈଠକ

**ସମ୍ବଲପୁର,୬।୨(ବି.ଶଙ୍କର):** ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହାପ୍ ମାରାଥନ ଆୟୋଜନ ନେଇ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଅଜାୟର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୧ରେ ଏହି ହାପ ମାରାଥନ ହେବ। ସମ୍ବଲପୁର ତଥା ସାରା ଓଡ଼ିଶାର ଜୀବନରେଖା ଭାବେ ପରିଚିତ ମହାନଦୀର ମହତ୍ୱ ଓ ଏହାକୁ କିପରି ଅଧିକ ସ୍ୱଚ୍ଛ ରଖିବା ସେ ନେଇ ଜନଜାଗରଣ ସୃଷ୍ଟି ପାଇଁ ଜିଲା ପ୍ରଶାସନ ଏପରି ମାରାଥନ ଆୟୋଜନ କରିବା ଲକ୍ଷ୍ୟ ରଖିଛି ।

### କେନ୍ଦୁପତ୍ର ଡିଭିଜନରେ ସମୀକ୍ଷା ବୈଠକ

ସମ୍ବଲପୁର,୬।୨(ବି.ଶଙ୍କର): ସମ୍ବଲପୁର କେନ୍ଦୁପତ୍ର ଡିଭିଜନରେ ମଙ୍ଗଳବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଯୋଗଦେଇ ବିଭିନ୍ନ ବିଷୟରେ ସମୀକ୍ଷା କରିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସାମାଜିକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ପୂର୍ବବର୍ଷ ୨୯୦୨୩ ତୋଳାଳି ଥିବାବେଳେ ଚଳିତ ବର୍ଷ ଏହା ୩୨୦୩୨କୁ ବୃଦ୍ଧି ହୋଇଛି। ମୃତ୍ୟୁକାଳୀନ ସହାୟତା ବାବଦରେ ତୋଳାଳି ଓ କର୍ମଚାରୀଙ୍କୁ ୮୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ସେହିପରି ୭୬ ଲକ୍ଷ ଟଙ୍କା ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରୋତ୍ସାହନ ବାବଦରେ ସିଜିନାଲ କର୍ମଚାରୀଙ୍କୁ ୨୩,୬୮,୭୭୪ ଟଙ୍କା ଓ ବନ୍ଧେଇ ଶ୍ରମିକଙ୍କୁ ୨୭,୦୩,୩୬୫ ଟଙ୍କା ପ୍ରଦାନ କରାଯାଇଛି । ୩୨୬୫୦ ଜଣ ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ବାଦ ପଡ଼ିଥିବା ୩୪୨ ଜଣ ନବୀନ କାର୍ଡ ପାଇଁ ଆବେଦନ କରିଛନ୍ତି। ଇତି ମଧ୍ୟରେ ୨୫୬୨ ପରିବାରର ଛାତ୍ରୀଛାତ୍ରଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିବା ବିଷୟରେ ଆଲୋଚନା ହୋଇଥିଲା । ସମୀକ୍ଷା ବୈଠକରେ ଡିଏଫ୍ଓ ନିବେଦିତା ଦାସ ଓ ସମସ୍ତ ରେଞ୍ଜ ଅଫିସର, ସିଜିନାଲ କର୍ମଚାରୀ ଉପସ୍ଥିତ ଥିଲେ ।

# ୮ରୁ ସମ୍ବଲପୁର ମହୋତ୍ସବ

ସମ୍ବଲପୁର,୬।୨(ବି.ଶଙ୍କର)



ମହୋତ୍ସବ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

- ୭ଶହ କଳାକାରଙ୍କ ମହାକୁମ୍ଭ
- ୧୦ ଜିଲାର ୧୦ଜଣଙ୍କୁ ଲୋକଶ୍ରୀ ସମ୍ମାନ ଦିଆଯିବ

ସମ୍ବଲପୁର ମହୋତ୍ସବ- ୨୦୨୪ ଆସନ୍ତା ୮ରୁ ୧୮ ତାରିଖ ପର୍ଯ୍ୟନ୍ତ ବିର୍ସା ମଇଦାନ (ପିଏଚ୍ଡି ପଡିଆ)ରେ ଅନୁଷ୍ଠିତ ହେବ। ଏଥି ସକାଶେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୭ଶହ କଳାକାରଙ୍କ ସମାବେଶ ହେବ। ମଙ୍ଗଳବାର ଡଲଫିନ ସମ୍ମିଳନୀ କକ୍ଷରେ ମହୋତ୍ସବ ଆୟୋଜକ ସମ୍ବଲପୁର ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚିତ କରିଛନ୍ତି।

ମହୋତ୍ସବ ମୁଖ୍ୟ ସଂଯୋଜକ ସପନ ମିଶ୍ର, ପାର୍ବତୀ ସେଠ, ଦୁର୍ଗା ଦାଶ, ସଦାନନ୍ଦ ପଣ୍ଡା ଓ ସଂଯୁକ୍ତା ମିଶ୍ର ପ୍ରମୁଖ କହିଥିଲେ, ୮ ତାରିଖ ସକାଳ ୯ଟାରେ ସମଲେଇ ମନ୍ଦିରଠାରେ ପୂଜାର୍ଚ୍ଚନା ସହ ଆଜ୍ଞାମାଳ ନେଇ ସାଂସ୍କୃତିକ ଶୋଭାଯାତ୍ରା ବହାରି ବିର୍ସା ମଇଦାନରେ ପହଞ୍ଚିବ। ୧୧ଟାରେ ଝୋଟି ରଙ୍ଗୋଲି ପ୍ରତିଯୋଗିତା, ଷ୍ଟଲ, ମନହାରି ହାଟ, ମୀନା ବଜାର ଓ ସମ୍ବଲପୁରୀ ଖାଦ୍ୟ ମେଳା ଉଦ୍‌ଘାଟିତ ହେବ । ସନ୍ଧ୍ୟାର ମାଲେଶ୍ରୀ ମନ୍ତ୍ରରେ ସମଲେଶ୍ୱରୀଙ୍କୁ ମଞ୍ଚରେ ସ୍ଥାପନ କରାଯାଇ ଆବାହନ କରାଯିବ। ପଦ୍ମଶ୍ରୀ(ଘୋଷିତ) କବି ବିନୋଦ ପଶାୟତ ମହୋତ୍ସବର ଶୁଭାରମ୍ଭ କରିବେ। ସମ୍ବଲପୁରୀ ଫ୍ୟାଶନ ରାମ୍ପ ୱାକ, ସମ୍ବଲପୁରୀ ଲୋକ ନୃତ୍ୟ, ପାରମ୍ପରିକ ନୃତ୍ୟ, ସାଂପ୍ରତିକ ନୃତ୍ୟ ପ୍ରଦର୍ଶିତ ହେବ। ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମାଷ୍ଟର ପ୍ରେମଙ୍କ ନିର୍ଦ୍ଦେଶନାରେ ଗାୟତ୍ରୀ କଲେଜର କଳାକାରମାନେ ଶ୍ରୀରାମଙ୍କ ଗାଥା ନୃତ୍ୟ ପରିବେଷଣ କରିବେ। ସେହିପରି ଜାତୀୟ ନୃତ୍ୟ ବିହୁ ଓ ଲାୱଣୀ, ସମଲେଇ ମନ୍ଦିର ନିର୍ମାଣର କିମ୍ବଦନ୍ତି, ମହାନଦୀ ଜଳ ଓ ତାର ସମସ୍ୟା ଆଧାରିତ ନୃତ୍ୟ ହେବ । ପ୍ରଦର୍ଶନୀ ପ୍ରେକ୍ଷାଳୟରେ ଫଟୋଚିତ୍ର, ଅଙ୍କିତ ଚିତ୍ରକଳା, ହସ୍ତକଳା ଓ ଲଳିତ କଳା ସ୍ଥାନ ପାଇବ। ପ୍ରତ୍ୟେକ ରାତିରେ ସମ୍ବଲପୁରୀ ନୃତ୍ୟ ଗୀତ ସମେତ ନାଗବାଚା, ବିନାକାରିଆ, ସମ୍ପର୍ଦା, ଲୀଲା ପ୍ରଭୃତି କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ୧୦ ଜିଲାର ୧୦ଜଣଙ୍କୁ ଲୋକଶ୍ରୀ ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି ବୋଲି ସୂଚିତ କରିଛନ୍ତି।

## କୁଦୋପାଲି ଶହୀଦ ସ୍ମାରକୀର ବିକାଶ
## ଜିଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର,୬।୨(ଭବାନୀ ଶଙ୍କର ଭୋଇ): ସ୍ୱାଧୀନତା ସଂଗ୍ରାମରେ ୫୮ଜଣ ଶହୀଦ ହୋଇଥିବା ସମ୍ବଲପୁର ମହାନଗର ନିଗମ କୁଦୋପାଲିର ବିକାଶ ପାଇଁ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜିଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଗତ ଡିସେମ୍ବର ୩୦ରେ କେନ୍ଦ୍ରମନ୍ତ୍ରୀ କୁଦୋପାଲି ଗସ୍ତରେ ଆସିଥିବା ସମୟରେ ବୀର ଛବିଳ ସାଏ ଶହୀଦ ସ୍ମାରକୀ, କୁଦୋପାଲି ପକ୍ଷରୁ ଅଞ୍ଚଳର ବିକାଶ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପରେ କେନ୍ଦ୍ରମନ୍ତ୍ରୀ ଅଞ୍ଚଳର ବିକାଶ ନେଇ ପ୍ରତିଶ୍ରୁତି ଦେଇଥିଲେ। ଶହୀଦ ସ୍ମାରକୀର ବିକାଶ ସହ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟ ପାଇଁ କେନ୍ଦ୍ରମନ୍ତ୍ରୀ ଜିଲାପାଳଙ୍କୁ ଦେଇଥିବା ନିର୍ଦ୍ଦେଶ ସଂକ୍ରାନ୍ତ ଚିଠିର ନକଲ ବୀର ଛବିଳ ସାଏ ଶହୀଦ ସ୍ମାରକୀ, କୁଦୋପାଲିର ସଭାପତି ପ୍ରଫୁଲ୍ଲ ଭୋଇଙ୍କ ହସ୍ତଗତ ହୋଇଛି। ଦୀର୍ଘବର୍ଷ ହେବ ଏହି ସ୍ଥାନର କୌଣସି ଉନ୍ନତି ହୋଇପାରି ନ ଥିବା ବେଳେ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଫଳରେ ଆଗକୁ ଉନ୍ନତି କାମ ହେବା ଆଶା କରାଯାଉଛି ବୋଲି ସଭାପତି କହିଛନ୍ତି। ସୂଚନା ଯୋଗ୍ୟ ୧୮୫୭ ଡିସେମ୍ବର ୩୦ରେ ଇଂରେଜମାନଙ୍କ ସହ ଲଢେଇ ସମୟରେ କୁଦୋପାଲିରେ ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏଙ୍କ ସମେତ ୫୩ ଜଣ ଶହୀଦ ହୋଇଥିବା ବେଳେ ଅନ୍ୟ ୫ ଜଣ ଫାଶିଖୁଣ୍ଟରେ ଝୁଲି ଦେଶପାଇଁ ଶହୀଦ ହୋଇଥିଲେ। ଏହା ସତ୍ତ୍ୱେ କୁଦୋପାଲି ଦୀର୍ଘବର୍ଷ ହେବ ଅବହେଳିତ ହୋଇରହିଛି।

## ବିଜେଡ଼ିର ନୂଆବର୍ଷ ଭେଟ୍‌ଘାଟ୍




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ସମ୍ବଲପୁର,୬।୨(ବି.ଶଙ୍କର)

ସମ୍ବଲପୁର ବିଧାନସଭା କ୍ଷେତ୍ର ପକ୍ଷରୁ ଟାଉନ ହଲ ପଡିଆଠାରେ ବିଜେଡିର ନୂଆବର୍ଷ ଭେଟ୍‌ଘାଟ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଜେଡି ସମ୍ବଲପୁର ମହାନଗର ନିଗମ ସଭାପତି ସତିଶ କୁମାର ବିଶି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ବିଜେଡି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ପ୍ରକାଶ ମହାନ୍ତି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ ବାବୁ, କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ଶାହା ଯୋଗଦେଇ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ। ସମଲେଇ ପ୍ରକଳ୍ପ ସହ ରାଜ୍ୟ ସରକାର ସମ୍ବଲପୁର ପାଇଁ କରିଥିବା ବିଭିନ୍ନ ବିକାଶ କାର୍ଯ୍ୟ ନେଇ ନେତୃବୃନ୍ଦ ସୂଚନା ଦେଇଥିଲେ। ଏଥିରେ ବିଜେଡି ଜିଲା ଉପସଭାପତି ଦେବାଶିଷ ନନ୍ଦ, ସୁମନ୍ତ ପଣ୍ଡାଙ୍କ ସମେତ ଜିଲା ବିଜେଡିର ଅଶୋକ ମହାକୁଡ଼, ବସନ୍ତ ମିଶ୍ର, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା,ମହମ୍ମଦ ସନାଉଲ୍ଲା, ଜିଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଲହରି ସାଂସ୍କୃତିକ ଅନୁଷ୍ଠାନର ପଦ୍ମିନୀ ଦୋରା ଓ ଡ. ମୋହିତ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଶାଖା ଖାଉଟି ଅଦାଲତରେ ଦଣ୍ଡିତ

ସମ୍ବଲପୁର,୬।୨(ପ୍ରମୋଦ ବହିଦାର): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ହୀରାକୁଦ ଶାଖା ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛି। ମିଳିଥିବା ସୂଚନା ଅନୁସାରେ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ହୀରାକୁଦ ଝାକରପଡ଼ାର ସୁନୀଲ କୁମାର ସାହୁ ନାମକ ବ୍ୟକ୍ତିଙ୍କ ଜମାଖାତା ରହିଛି। ଆପୋଲୋ ହସ୍ପିଟାଲରେ ତାଙ୍କର ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ସେ ଏହି ଜମାଖାତାରେ ହୀରାକୁଦର ଷ୍ଟେଟ୍‌ବ୍ୟାଙ୍କର ଏକ ଏଟିଏମ୍‌ରେ ଥିବା ସିଡିଏମ୍ ଜରିଆରେ ୨୦୨୩ ମେ ୮ରେ ୫୪ ହଜାର ୯୦୦ ଟଙ୍କା ଜମା କରିଥିଲେ। ତେବେ ଉକ୍ତ ମେଶିନ ନଗଦ ରାଶିକୁ ଗ୍ରହଣ କରି ନେଇଥିବା ବେଳେ ଜମା ରାଶି ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲା। ତାଙ୍କ ଖାତାରେ ଟଙ୍କା ଜମା ହୋଇ ନ ଥିବା ଜାଣିପାରି ସୁନୀଲ ବ୍ୟାଙ୍କକୁ ଯାଇ ସମ୍ପୃକ୍ତ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ମେଶିନ୍‌ରେ ତ୍ରୁଟି ଯୋଗୁଁ ଅସୁବିଧା ହୋଇଛି। ମାତ୍ର ୨ରୁ ୩ ଦିନ ମଧ୍ୟରେ ଟଙ୍କା ଜମା ହୋଇଯିବ ବୋଲି ଅଧିକାରୀ ତାଙ୍କୁ ଆଶ୍ୱାସନା ଦେଇଥିଲେ। ୩ ଦିନ ପରେ ଟଙ୍କା ଜମା ନ ହେବାରୁ ସେ ପୁନର୍ବାର ବ୍ୟାଙ୍କ କର୍ମଚାରୀଙ୍କୁ ଦେଖାକରି ପଚାରିଥିଲେ। ମାତ୍ର କର୍ମଚାରୀ ଜଣକ କୌଣସି ସହଯୋଗ କରି ନ ଥିଲେ। ପରେ ସୁନୀଲ ୨୦୨୩ ମେ ୨୧ରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। କୌଣସି ଅଜଣା ବ୍ୟକ୍ତିଙ୍କ ନୋଟ୍ ପାଇଁ ମେଶିନ ଜାମ ହୋଇଥିବାରୁ ଟଙ୍କାତକ ଜମା ହୋଇ ପାରି ନ ଥିବା ଜଣାପଡ଼ିଥିଲା। ଇତିମଧ୍ୟରେ ୧୬ ଦିନ ଅତିବାହିତ ହୋଇଯାଇଥିଲା। ଅନ୍ୟପକ୍ଷରେ ଆପୋଲୋ ହସ୍ପିଟାଲରେ ଟଙ୍କା ଜମା ହୋଇ ନ ଥିବାରୁ ସୁନୀଲଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ପରବର୍ତ୍ତୀ କାଳରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଜମାଖାତାରେ ମେ ୩୧ରେ ବାର୍ଷିକ ୨.୭ ପ୍ରତିଶତ ହାରରେ ସୁଧ ସହ ତାଙ୍କର ୫୪ ହଜାର ୯୦୦ ଟଙ୍କାକୁ ଜମା କରାଯାଇଥିଲା। ତେବେ ଏହାପୂର୍ବରୁ ଟଙ୍କା ଜମା ନେଇ କଣ ଅସୁବିଧା ହୋଇଛି ସେ ସମ୍ପର୍କରେ ଜାଣିବା ପାଇଁ ସୁନୀଲ ବାରମ୍ବାର ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏପରି କି ସେ ସମ୍ମୁଖୀନ ହୋଇଥିବା ଅସୁବିଧାର ସମାଧାନ କରାଯାଇ ନ ଥିଲା। ଏହାକୁ ନେଇ ସେ ଖାଉଟି ଅଦାଲତର ଦ୍ୱାରସ୍ଥ ହେବାରୁ ଅଦାଲତ ଏକ ମାମଲା ରୁଜୁ କରି ଷ୍ଟେଟ ବ୍ୟାଙ୍କ ଶାଖା ପ୍ରବନ୍ଧକଙ୍କ ଅବହେଳାକୁ ଦାୟୀ କରିଥିଲେ। ଅଦାଲତ ତାଙ୍କ ରାୟରେ ୧ ମାସ ମଧ୍ୟରେ ଅଭିଯୋଗକାରୀ ସୁନୀଲଙ୍କୁ ୧୦ ହଜାର ଓ ମାମଲା ପରିଚାଳନା ଖର୍ଚ୍ଚ ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ବ୍ୟତିକ୍ରମ ହେଲେ ମାସକୁ ୬ ପ୍ରତିଶତ ହାରରେ ଜରିମାନା ଅର୍ଥ ପଇଠ କରିବାକୁ ଖାଉଟି ଅଦାଲତ ଷ୍ଟେଟ ବ୍ୟାଙ୍କ ଶାଖା ପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

କୁଚିଣ୍ଡା,୬।୨(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ମହାବିଦ୍ୟାଳୟ ଅଡିଟୋରିୟମରେ ମଙ୍ଗଳବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମଗ୍ର ବିଶ୍ୱରେ ଓଡ଼ିଆ ସଂସ୍କୃତି ଏବଂ ଜଗନ୍ନାଥ ଚେତନାର କିଭଳି ପ୍ରସାରିତ ହୋଇପାରିବ ତାହା ଆଲୋଚନା ହୋଇଥିଲା। ଏଥିରେ କଲେଜ ପରିଚାଳନା କମିଟି ସଭାପତି ହୃଦାନନ୍ଦ ଶର୍ମା ମୁଖ୍ୟଅତିଥି, ନୂଆପଡା ଓ ଦେବଗଡ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ରୋହିତ କୁମାର ଦାସ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଓଡ଼ିଆ ଭାଷା, ଜଗନ୍ନାଥ ସଂସ୍କୃତି, ସେବା ଓ ଗୁରୁଭକ୍ତି ବିଷୟରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସୁନ୍ଦର ରଙ୍ଗୋଲି ଚିତ୍ର ପାଇଁ ରାଜଶ୍ରୀ ସାମଲ ଓ ମୌସୁମୀ ସେନାପତି ଏବଂ ଓଡ଼ିଆ ଭାଷା ଓ ଜଗନ୍ନାଥ ଚେତନା ଉପରେ ଆଲୋଚନା କରିଥିବା ଛାତ୍ରୀ ପୂଜାରିଣୀ ବେହେରା, ଛାତ୍ର ବିକୁ ମହକୁଲଙ୍କୁ ପୁରସ୍କୃତ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦିଲ୍ଲୀରେ ଜାତୀୟ ପ୍ୟାରେଡରେ ଭାଗ ନେଇଥିବା ଓଡ଼ିଶା ଏନଏସଏସ ଦଳକୁ ପ୍ରତିନିଧି କରିଥିବା ଅଧ୍ୟାପିକା ବେଲାମତି କୁମୁରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡିଆ ବିଭାଗ ଅଧ୍ୟାପିକା ରଞ୍ଜନି ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରିକେଟ:ରାଜା ବାସୁଦେବ ହାଇସ୍କୁଲ ବିଜୟୀ




ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳିଙ୍କ ସହ କର୍ମକର୍ତ୍ତା।

**ଦେବଗଡ଼ ୬।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ କଣ୍ଢେଇ ହାଇସ୍କୁଲକୁ ୧୩୮ ରନରେ ପରାସ୍ତ କରି ଦେବଗଡ଼ ରାଜା ବାସୁଦେବ ହାଇସ୍କୁଲ ବିଜୟୀ ହୋଇଛି। ରାଜା ବାସୁଦେବ ହାଇସ୍କୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୨୩୯ ରନ୍ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ପାତ୍ର ଅପରାଜିତ ୯୬, ଶୁଭମ ପ୍ରଧାନ ୨୮, ସୌମ୍ୟରଞ୍ଜନ ପାତ୍ର ୨୨ରନ କରିଥିଲେ। କଣ୍ଢେଇ ଦଳର ବିଶ୍ୱନାଥ ପାତ୍ର ଓ କରୁଣା ସେଠୀ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ କଣ୍ଢେଇ ଦଳ ୨୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ କରି ପରାଜୟ ହୋଇଥିଲେ। ଦଳ ପକ୍ଷରୁ ବିଶ୍ୱନାଥ ପାତ୍ର ୧୯ ଓ ସୁଜିତ ପାତ୍ର ୧୭ ରନ କରିଥିବାବେଳେ ରାଜା ବାସୁଦେବ ହାଇସ୍କୁଲର ମହେଶ୍ୱର ସ୍ୱାଇଁ ୩, ନିଖିଲ ନାୟକ ଓ ସୌମ୍ୟ ପାତ୍ର ୨ଟି ଉଇକେଟ ନେଇଥିଲେ। ଆଜିର ମ୍ୟାଚକୁ ଅମ୍ପାୟାର ନବୀନ ରାଉଳ ପରିଚାଳନା କରିଥିଲେ। ରାଜା ରାଣା ସ୍କୋରର ଭାବେ ସୌମ୍ୟ ରଞ୍ଜନ ନାୟକ, ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ଦେଇଥିଲେ। ବୁଧବାର ମ୍ୟାଚ୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେବଗଡ଼ ବନାମ ବୁଢ଼ାପାଳ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଶ୍ରମିକଙ୍କୁ ହତ୍ୟା ଧମକ, ୬ ଗିରଫ

**ପଦ୍ମପୁର,୬।୨ (ପ୍ରଦୀପ୍ତ ଦାଶ):** ଜଣେ ଶ୍ରମିକଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଦମକ ଦେବା ଅଭିଯୋଗରେ ପଦ୍ମପୁର ପୋଲି ଦାଦନ ସର୍ଦ୍ଦାରଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭେଙ୍ଗରାଜପୁରର ଦାଦନ ସର୍ଦ୍ଦାର ମିଥୁନ ହରିପାଲ, ବୌଦ୍ଧ ଜିଲା ଦହ୍ୟାର ଆଲୋକ ସାହୁ, ସୋନପୁର ଜିଲା ଜନମୁରାର ଜିତୁ ଗାରିଆ, ପାଇକମାଳ ଥାନା ବରଗୁଣ୍ଡାର କ୍ରିଷ୍ଣା ସୁନା, ମଧୁସୁଦନ କମାର ଏବଂ ରାଜମୋହନ ସୁନା। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅଭିଯୋଗ ଅନୁସାରେ, ପଡି ଗତ ତା୧୪।୯।୨୩ରିଖରେ ପଦ୍ମପୁର ଥାନା ବରିକେଲ ଗ୍ରାମର ତ୍ରିଲୋଚନ ସୁନା ସପରିବାର ସିକନ୍ଦରାବାଦ ଯାଇ ଏକ ଇଟାଭାଟିରେ କାମ କରିଥିଲେ। ସେଠାରେ ଭାଟି ମାଲିକଙ୍କ ନିର୍ଯାତନା ଅସହ୍ୟ ହେବାରୁ ତ୍ରିଲୋଚନ ୨ ମାସ କରିବା ପରେ ଘରକୁ ଫେରିଆସିଥିଲେ।

## ଜାତୀୟ କୃମି ନାଶକ ସଚେତନତା ବୈଠକ



ଜାତୀୟ କୃମି ନାଶକ ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀ।

**ଦେବଗଡ଼,୬।୨(ଶଶାଙ୍କ ଶେଖର ଝାଙ୍କର)**

ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ କୃମି ନାଶକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ କୃମିର କାରଣ ଓ ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହା ସହ ୧ରୁ ୧୯ ବର୍ଷର ପିଲାମାନଙ୍କୁ ମାଗଣାରେ କୃମି ନାଶକ ଔଷଧ ପ୍ରଦାନ କରାଯାଉଥିବା ସୂଚନା ଦେଇଥିଲେ। ପିଲାମାନେ କିଭଳି କୃମି ସଂକ୍ରମଣରୁ ରକ୍ଷା ପାଇବେ, ସେଥିପାଇଁ ଫେବୃଆରୀ ୧୦ ଓ ୧୭ ତାରିଖରେ ଅଙ୍ଗନୱାଡି ଜରିଆରେ କୃମି ନାଶକ ବଟିକା ଓ ସିରଫ ବିତରଣ କରାଯିବ ବୋଲି ମଧ୍ୟ ପ୍ରକାଶ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ସଂଯୋଜକ (ଯକ୍ଷ୍ମା) ଡାକ୍ତର ପ୍ରଭାତ କୁମାର ଓଝା, ଡାକ୍ତର ମନୋରଞ୍ଜନ ସାମଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଡେପୁଟି କଲେକ୍ଟର ଅଞ୍ଜନୀ କୁଜୁର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ପ୍ରଜନନ ସ୍ୱାସ୍ଥ୍ୟ ଡେପୁଟି ମ୍ୟାନେଜର ଜ୍ୟୋତ୍ସ୍ନାରାଣୀ ଶର୍ମାଙ୍କ ସମେତ ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଉତ୍କଳିନୀ ପ୍ରଧାନଙ୍କୁ ରାଷ୍ଟ୍ରୀୟ ପ୍ରେରଣା ଦୂତ ସମ୍ମାନ

**ଦେବଗଡ଼,୬।୨(ଶଶାଙ୍କ ଶେଖର ଝାଙ୍କର)**

ଫେସ୍ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ବିହାର ରାଜ୍ୟର ଛପରାଠାରେ ଅନୁଷ୍ଠିତ ଅଷ୍ଟମ ବାର୍ଷିକ ଉତ୍ସବରେ ଦେବଗଡ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ଉତ୍କଳିନୀ ପ୍ରଧାନଙ୍କୁ ମାନପତ୍ର, ସ୍ମାରକୀ ଓ ପଦକ ପ୍ରଦାନ ପୂର୍ବକ ରାଷ୍ଟ୍ରୀୟ ପ୍ରେରଣା ଦୂତ ସମ୍ମାନରେ ସମ୍ମାନିତ କରାଯାଇଛି। ଉତ୍କଳିନୀ ଜାତୀୟ ସେବା ଯୋଜନାର ସକ୍ରୀୟ ସଦସ୍ୟ ହୋଇଥିବା ବେଳେ ଏହି ଯୋଜନା ଅନ୍ତର୍ଗତ ରାଷ୍ଟ୍ରୀୟ ସ୍ୱଚ୍ଛତା ଅଭିଯାନ, ସାକ୍ଷରତା ଅଭିଯାନ, ପରିବେଶ ସୁରକ୍ଷା, ବେଟି ବଚାଓ, ବେଟି ପଢାଓ ଅଭିଯାନ ତଥା ରକ୍ତଦାନ ଓ ବୃକ୍ଷରୋପଣ ଆଦି ବିଭିନ୍ନ ସାମାଜିକ ସେବା କ୍ଷେତ୍ରରେ ସେମାନଙ୍କର ବିଶେଷ




ଅବଦାନ ନିମନ୍ତେ ସମ୍ମାନରେ ସମ୍ମାନିତ ହୋଇଥିବା ଜଣାପଡିଛି। ଦେବଗଡ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ଉତ୍କଳିନୀ ପ୍ରଧାନଙ୍କୁ ଜାତୀୟ ସେବା ଯୋଜନା ଜିଲା ସଂଯୋଜିକା ସସ୍ମିତା ପ୍ରଧାନ ଓ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ମହାରଣାଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି।

# ମଳେହିପଡ଼ାରେ ଭାଜପାର ମିଶ୍ରଣ ପର୍ବ

**ରିଆମାଳ, ୬।୨(ନିରଞ୍ଜନ ବେହେରା)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ମଳେହିପଡା ପଞ୍ଚାୟତର ଲଖବାହାଲ ଆମ୍ବତୋଟାରେ ମଙ୍ଗଳବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଭାଜପାରେ ଯୋଗଦେଇଥିବା ଯୁବ ନେତା ମୁନସୁନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦେବଗଡ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଏବଂ ଦେବଗଡ ପୂର୍ବ ଜିଲା ସଭାପତି ମୀନକେତନ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।




ଭାଜପାର ମିଶ୍ରଣ ପର୍ବରେ ଉପସ୍ଥିତ ନେତା, କର୍ମୀ।

ମୁଖ୍ୟ ଅତିଥି ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିବା ସହିତ ଆଗାମୀ ସାଧାରଣ ନିର୍ବାଚନରେ କିପରି ଭାଜପା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ବିଜୟ ଲାଭ କରି ହେବ ସେ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ମୀନକେତନ ପ୍ରଧାନ ସ୍ଥାନୀୟ କର୍ମୀମାନଙ୍କୁ ବୁଥସ୍ତରୀୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରେରଣା ଦେଇଥିଲେ । ମିଶ୍ରଣ ପର୍ବରେ ମଳେହିପଡା ପଞ୍ଚାୟତର ନାଏବ ସରପଞ୍ଚ ଲିପୁ ସାହୁ, ୱାର୍ଡ ସଭ୍ୟ ଗୁରୁଚରଣ ପ୍ରଧାନ, ବିଷ୍ଣୁ ନାୟକ, ପଦ୍ମିନୀ ବେହେରା, ପପୁ ନାୟକ, ମାଣିକ ଅଛି, ଯମୁନା ବେହେରା, ରାଜୁ ବେହେରା, ଉମା ସାହୁଙ୍କୁ ଜିଲା ସଭାପତି ସାହୁ ଭାଜପା ଉତ୍ତରୀୟ ଦେଇ ଦଳରେ ସାମିଲ କରିଥିଲେ। ବୈଠକରେ ଯୁବ ନେତା ଅଚ୍ୟୁତାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ଝାଗୁ ପ୍ରଧାନ, ହୃଷିକେଶ ପ୍ରଧାନ, ଟୁନା ପ୍ରଧାନ, ମାନସ ପ୍ରଧାନ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

## ଓଡ଼ିଶାରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା



ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଆସିଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ନେତାଙ୍କୁ ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଂଶଯୋର ଫାଟକ ନିକଟରେ ଶୋଭାଯାତ୍ରାରେ ନିଆଯାଉଛି।



ବୀରମିତ୍ରପୁରଠାରେ ଆଦିବାସୀମାନେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ରାହୁଲଙ୍କୁ ସ୍ୱାଗତ କରୁଛନ୍ତି।



ରାହୁଲ ଗାନ୍ଧୀଙ୍କୁ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଉଛି।



ବାଂଶଯୋରଠାରେ ଆୟୋଜିତ ସଭାରେ ରାହୁଲ ଗାନ୍ଧୀ, ବରିଷ୍ଠ ନେତା ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ।

# ଏକାଧିକ ଆଶାୟୀ, ଦ୍ୱନ୍ଦ୍ୱରେ ବିଜେଡି କର୍ମୀ

ବାଲେଶ୍ୱର, ୬।୨
(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀକୁ ଦେଖିଲେ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ବିଜେଡିରୁ ବହିଷ୍କୃତ ହେବା ପରେ ସେଠାକାର ରାଜନୈତିକ ଦୃଶ୍ୟପଟ ବଦଳିବାରେ ଲାଗିଛି। କୃଷି ଯନ୍ତ୍ରପାତି ଲାଗି ମିଳୁଥିବା ସରକାରୀ ସବ୍‌ସିଡି ଅର୍ଥ ହେରଫେର କରିବା ଅଭିଯୋଗରେ ସେ ବିଜେଡିରୁ ବାଦ୍ ପଡ଼ିଥିବାରୁ ସେଠାରୁ ଅନ୍ୟ ଆଶାୟୀ ଟିକେଟ ପାଇବା ପାଇଁ କସରତ କରୁଥିବା ଦେଖିବାକୁ ମିଳୁଛି। ଏପରି କି ନିର୍ବାଚନମଣ୍ଡଳୀରେ ବିଜେଡି ନେତା ଓ କର୍ମୀଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ଏଭଳି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିବାରୁ ସାଧାରଣ କର୍ମୀ କାହାଙ୍କୁ ସମର୍ଥନ କରିବେ ଦ୍ୱନ୍ଦ୍ୱରେ ପଡ଼ି ଭାଗ ଭାଗ ହେବାରେ ଲାଗିଛନ୍ତି। ବିଜେଡି ଗୋଷ୍ଠୀକନ୍ଦଳରୁ ଦଳୀୟ ସ୍ଥିତି ଅସ୍ଥିର ହୋଇ ପଡ଼ିଥିବା ଦେଖି ବିରୋଧୀ ଏହାର ଫାଇଦା ଉଠାଇବା ପାଇଁ ପ୍ରୟାସ ଜାରି ରଖିଥିବା ପରିଲକ୍ଷିତ ହେଉଛି।

ଗତ ୩ଟି ନିର୍ବାଚନରେ ରେମୁଣାର ସ୍ଥିତି ଦେଖିଲେ ୨୦୧୯ରେ ଭାଜପା ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ୪,୧୮୮ ଭୋଟ୍‌ରେ ପରାଜିତ କରି ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ଭାଜପାର ଗୋବିନ୍ଦ ଚନ୍ଦ୍ର ଦାସ ବିଜୟୀ ହୋଇଥିବା ବେଳେ ୨୦୦୯ରେ ବିଜେଡିର ସୁଦର୍ଶନ ଯେନା ବିଧାୟକ ହୋଇଥିଲେ। ତେବେ ସୁଧାଂଶୁ ବିଧାୟକ ହେବା ପରେ ନିର୍ବାଚନମଣ୍ଡଳୀରେ ତାଙ୍କ ନେତୃତ୍ୱରେ ଦଳ ସଙ୍ଗଠିତ ହେବା ସହ ସୁଦୃଢ଼ ହେଉଥିଲା। ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥନରେ ଏହି ନିର୍ବାଚନମଣ୍ଡଳୀ ଅଧୀନ ରେମୁଣା ବ୍ଲକରେ ୨୨ ଓ ସଦର ବ୍ଲକରେ ୫ ସମିତି ସଭ୍ୟାସଭ୍ୟଙ୍କୁ ସେ ଜିତାଇବା ସହ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତେଇଥିଲେ। ସେହିପରି ରେମୁଣା ବ୍ଲକର ୨୦ ସରପଞ୍ଚ ଓ ସଦର ବ୍ଲକରେ

**ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀ**



୫ଜଣ ସରପଞ୍ଚ ଏବଂ ୫ ଜିଲା ପରିଷଦ ସଦସ୍ୟାସଦସ୍ୟ ବିଜୟ ଲାଭ କରିଥିଲେ। ୨୦୨୩ ପୌର ନିର୍ବାଚନରେ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ମୋଟ୍ ୧୩ଟି ୱାର୍ଡ ମଧ୍ୟରୁ ୧୦ ବିଜେଡି କାଉନ୍‌ସିଲର ଜିତିବା ସହ ଅଧ୍ୟକ୍ଷ ପଦବୀକୁ ହାତେଇବା ସୁଧାଂଶୁଙ୍କ ଦ୍ୱାରା ସମ୍ଭବ ହୋଇଥିଲା ବୋଲି ସେତେବେଳେ କୁହାଯାଇଥିଲା। ତାଙ୍କୁ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିବା ପରେ ସେ ଅଲୋଡ଼ା ହୋଇଯାଇଛନ୍ତି। କିନ୍ତୁ ଦଳର ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ଆଗଧାଡ଼ିର ନେତା ଓ କର୍ମୀଙ୍କ ପାଇଁ ସେ ଆଦୌ ଅଲୋଡ଼ା ନୁହନ୍ତି ବୋଲି ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବହିଷ୍କୃତ ବିଧାୟକଙ୍କ ସ୍ଥାନରେ କିଏ ଦଳୀୟ ଟିକେଟ ପାଇବେ, ତାହାକୁ ନେଇ ଚାଲିଛି ଜୋରଦାର ପ୍ରତିଯୋଗିତା। ଯୁବନେତାଙ୍କଠାରୁ ଆରମ୍ଭ କରି ବରିଷ୍ଠଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜକୁ ଆଶାୟୀ ଭାବେ ଦର୍ଶାଇ କ୍ଷେତ୍ର ଦଖଲ ଅଭିଯାନରେ ଅଛନ୍ତି। କେତେ ଜଣ ଆଶାୟୀ ନୂଆବର୍ଷ ତଥା ଉତ୍ସବ ଦିନଗୁଡ଼ିକରେ ପୋଷ୍ଟର ଲଗାଇ ନିର୍ବାଚନମଣ୍ଡଳୀର ଭୋଟରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରୁଛନ୍ତି। ଏଭଳି ସମୟରେ ପୂର୍ବରୁ ପାର୍ଟିରେ ଦେଖାଦେଇ ଆସିଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେ ସକ୍ରିୟ ହୋଇଛି। ଜିଲାର ପୂର୍ବତନ ସଭାପତି ରବୀନ୍ଦ୍ର ଜେନାଙ୍କ ଗୋଷ୍ଠୀ ଓ ବିଧାୟକଙ୍କ ଗୋଷ୍ଠୀ ମଧ୍ୟରେ ଟକରାଟକିରି ଚାଲିଛି। ଆସନ୍ତା ନିର୍ବାଚନ ସକାଶେ ବିଧାୟକ ପ୍ରାର୍ଥୀ ପାଇଁ ଦଳୀୟ ଟିକେଟ ହାତେଇବାକୁ ବିଭିନ୍ନ ମହଲରେ ଶକ୍ତି ପ୍ରଦର୍ଶନ ସହ ଉପରିସ୍ଥ ନେତା ଓ ଜିଲା ପର୍ଯ୍ୟବେକ୍ଷକଙ୍କଠାରେ ଜୋରଦାର ଲବି ହେଉଛି। ଦଳର ସୁପ୍ରିମୋଙ୍କ ଉପରେ ଆସ୍ଥା ରଖି ଖୋଦ୍ ବିଧାୟକ ଦଳକୁ ଫେରି ପ୍ରାର୍ଥୀ ହେବାର ଦୃଢ଼ୋକ୍ତି ପ୍ରକାଶ କରୁଥିବା ବେଳେ ପୂର୍ବତନ ବିଧାୟକ ସୁଦର୍ଶନ ଯେନା, ଶିକ୍ଷାବିତ୍ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସାମାଜିକ କର୍ମୀ ବଂଶୀଧର ଦଳେଇ, ଇଂ. ଦୀପକ ମଲ୍ଲିକ, ବରିଷ୍ଠ ଓଏଏସ୍ ଅଧିକାରୀ ସରୋଜ ସେଠୀ, ଇଂ. କାର୍ତ୍ତିକ ସେଠୀ, ଯୁବନେତା ଚନ୍ଦନ ମଲ୍ଲିକ ବିଜେଡିରୁ ପ୍ରାର୍ଥୀ ହେବାର ଆଶା ବାନ୍ଧି କାର୍ଯ୍ୟ କରୁଥିବା ପରିଲକ୍ଷିତ ହେଉଛି।

## ଅଜିତ ପାୱାର ଗୋଷ୍ଠୀ ଅସଲ ଏନ୍‌ସିପି

ନୂଆଦିଲ୍ଲୀ,୬।୨



ଅଜିତ ପାୱାର

ଜାତୀୟତାବାଦୀ କଂଗ୍ରେସ ପାର୍ଟିର ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଅସଲି ଏନ୍‌ସିପି ବୋଲି ନିର୍ବାଚନ କମିଶନ ମଙ୍ଗଳବାର ଘୋଷଣା କରିଛନ୍ତି। ଫଳରେ ଦଳକୁ ନେଇ ଏହାର ପ୍ରତିଷ୍ଠାତା ଶରଦ ପାୱାର ଏବଂ ଅଜିତଙ୍କ ଗୋଷ୍ଠୀ ମଧ୍ୟରେ ଯେଉଁ ବିବାଦ ଲାଗିରହିଥିଲା, ତାହାର ଅନ୍ତ ଘଟିଛି।

୨୦୨୩ ଜୁଲାଇରେ ଅଜିତ ତାଙ୍କ ଦାଦା ତଥା ଏନ୍‌ସିପି ପ୍ରତିଷ୍ଠାତା ଶରଦଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରିବା ସହ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଭାଜପା-ଶିବସେନା ସରକାରରେ ସାମିଲ ହୋଇଥିଲେ। ଫଳରେ ଏନ୍‌ସିପି ଦୁଇଭାଗ ହୋଇଥିଲା। ଦଳର ନାମ ଓ ଚିହ୍ନକୁ ନେଇ ଉଭୟ ଗୋଷ୍ଠୀ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଧିକ ବିଧାୟକ ଥିବା ଅଜିତ ପାୱାର ଗୋଷ୍ଠୀ ସପକ୍ଷରେ ନିର୍ବାଚନ କମିଶନ ରାୟ ଦେଇ ଏହାକୁ ଅସଲି ଏନ୍‌ସିପି ଘୋଷଣା କରିବା ସହ ଦଳୀୟ ଚିହ୍ନ 'କାନ୍ଥଘଣ୍ଟା' ପ୍ରଦାନ କରିଛନ୍ତି। ଇସିଙ୍କ ନିଷ୍ପତ୍ତିକୁ ବିନମ୍ରତାର ସହ ଗ୍ରହଣ କରିଛୁ ବୋଲି ଅଜିତ ସୋସିଆଲ ମିଡିଆରେ କହିଛନ୍ତି। ଆଗକୁ ରାଜ୍ୟ ସଭା ନିର୍ବାଚନ ଥିବାରୁ ଶରଦ ପାୱାରଙ୍କୁ ବୁଧବାର ଅପରାହ୍ଣ ୪ଟା ସୁଦ୍ଧା ନିଜ ଦଳ ପାଇଁ ତିନୋଟି ନାଁ ପ୍ରସ୍ତାବ ରଖିବାକୁ ଇସି କହିଛନ୍ତି। ଗତ ୬ ମାସ ମଧ୍ୟରେ ଉଭୟ ଗୋଷ୍ଠୀର ୧୦ଥରରୁ ଅଧିକ ଶୁଣାଣି ପରେ ନିର୍ବାଚନ କମିଶନ ନିଷ୍ପତ୍ତି ଶୁଣାଇଛନ୍ତି। ଅଜିତ ଗୋଷ୍ଠୀ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ, ନୀରଜ କୌଲ, ଅଭିକଳ୍ପ ପ୍ରତାପ ସିଂ, ଶ୍ରୀରଙ୍ଗ ବର୍ମା, ଦେବାଂଶୀ ସିଂ, ଆଦିତ୍ୟ କ୍ରିଷ୍ଣା ଏବଂ ଯାମିନୀ ସିଂଙ୍କୁ ନେଇ ଗଠିତ ଲିଗାଲ ଟିମ୍ ଶୁଣାଣିରେ ଭାଗ ନେଇଥିଲେ।

## ଅର୍ପଣ ଚାଉଳରେ ମହାପ୍ରସାଦ ପ୍ରସ୍ତୁତି ନେଇ ବର୍ଷିଲା ଭାଜପା

ଭୁବନେଶ୍ୱର,୬।୨(ସୁନିତ୍ ମିଶ୍ର)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବେଳେ ବିଜେଡି ପକ୍ଷରୁ ଅର୍ପଣ ରଥ ଦ୍ୱାରା କରାଯାଇଥିବା ଚାଉଳ ସଂଗ୍ରହ ପରବର୍ତ୍ତୀ ସମୟରେ ବାରମିଶା(ଅରୁଆ/ଉଷୁନା)ଚାଉଳ କାହିଁକି ସଂଗୃହୀତ କରାଯାଉଛି, ସେନେଇ ପ୍ରଶ୍ନ ଉଠିଥିଲା। ଗଜପତି ମହାରାଜା ସେହି ଚାଉଳ ସଂଗ୍ରହରେ ମନ୍ଦିର ପରିଚାଳନା ସମିତିର ସହମତି ନ ଥିବା କଥା କହିଥିଲେ। ଉକ୍ତ ଚାଉଳକୁ ସରକାର ଏବେ ଶ୍ରୀମନ୍ଦିରରେ ମହାପ୍ରସାଦ ଆକାରରେ ଭୋଗ ଲଗାଉଛନ୍ତି। ଏହା ମନ୍ଦିର ପ୍ରଶାସନର ନିର୍ଦ୍ଦେଶରେ ହେଉଥିବାବେଳେ ଦୀର୍ଘ ବର୍ଷର ମନ୍ଦିର ନୀତି ଓ ପରମ୍ପରାକୁ ନଷ୍ଟ କରିଛି। ଏତେ ବଡ଼ ଭୁଲ୍ ନିଷ୍ପତ୍ତି କାହା ନିର୍ଦ୍ଦେଶରେ, କେଉଁ ସ୍ୱାର୍ଥରେ, କିଏ ଏବଂ କାହା ମାଧ୍ୟମରେ ନିଆଯାଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଏଭଳି ନିଷ୍ପତ୍ତି ଉପରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ଦେବା ଦରକାର। ମନ୍ଦିର ପରମ୍ପରାର ବ୍ୟତିକ୍ରମ ଘଟାଇ 'ଅର୍ପଣ ରଥ' ମାଧ୍ୟମରେ ନିଜର ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଯେଉଁଭଳି ମହାପ୍ରଭୁଙ୍କୁ ସାଧନକରି ଚାଉଳ ଏବଂ ଦକ୍ଷିଣା ଆଦାୟ କରାଯାଇଥିଲା, ସେତେବେଳେ ଉଷୁନା ଚାଉଳ ସଂଗ୍ରହ କରାଯାଇଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଶ୍ରୀମନ୍ଦିରର ଅନେକ ସେବାୟତ ଏକଥା ମଧ୍ୟ କହିଥିଲେ ଯେ, ସଂଗୃହୀତ ବାରମିଶା ଚାଉଳରେ ମହାପ୍ରଭୁଙ୍କ ପାଖରେ ଭୋଗ ଲାଗିପାରିବ ନାହିଁ। ନୀତି ଅନୁଯାୟୀ ମନ୍ଦିରରେ କେବଳ ଗୋଟି ଚାଉଳ ବ୍ୟବହାର କରାଯାଏ। ତଥାପି ଏ ସମସ୍ତ ବିଷୟକୁ ଅଣଦେଖାକରି ସରକାରୀ ଦଳର ରାଜନୈତିକ ଚାପରେ ଉଷୁନା ଚାଉଳକୁ ମନ୍ଦିରରେ ଭୋଗ ଲଗାଗଲା। ଅର୍ପଣ ଯାତ୍ରାବେଳେ ଲୋକମାନେ ମନଖୋଲି ଟଙ୍କା ମଧ୍ୟ ଦାନ କରିଥିଲେ। ସେ ଟଙ୍କା କୁଆଡ଼େ ଗଲା ବୋଲି ମନମୋହନ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଭାଜପା ଏହାକୁ ଏକ ପ୍ରମୁଖ ପ୍ରସଙ୍ଗ ଭାବେ ଲୋକଙ୍କ ପାଖକୁ ନେବ ବୋଲି ସେ କହିଛନ୍ତି।

## ପରୀଙ୍କୁ ନ୍ୟାୟ ମିଳିଲା, ଭାଜପାର ଅସଲ ଚେହେରା ପଦାରେ ପଡ଼ିଲା: ବିଜେଡି

ଭୁବନେଶ୍ୱର,୬।୨(ଅନିଲ ଦାସ)

ନାବାଳିକା ପରୀଙ୍କ ନିଖୋଜ ଓ ହତ୍ୟା ଘଟଣା ଅତ୍ୟନ୍ତ ଦୁଃଖଦ ଥିଲା, ଯାହା ସମସ୍ତଙ୍କୁ ମର୍ମାହତ କରିଥିଲା। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଥିବା ଯୋଗୁ ମାମଲାର ତଦନ୍ତ ପାଇଁ ରାଜ୍ୟ ସରକାରଏସ୍‌ଆଇଟି ଗଠନ କରିଥିଲେ। ତଦନ୍ତକୁ ତଦାରଖ କରିବା ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ। ନିୟମିତ ବ୍ୟବଧାନରେ ଏହାର ଅଗ୍ରଗତିନେଇ ଏସ୍‌ଆଇଟି ଷ୍ଟାଟସ୍ ରିପୋର୍ଟ ଦାଖଲ କରୁଥିଲା। ଏସ୍‌ଆଇଟି ବହୁ ପରିଶ୍ରମ କରି ପ୍ରକୃତ ଅପରାଧୀକୁ ଚିହ୍ନଟ କରିବା ସହ ତଥ୍ୟ ପ୍ରମାଣଜୁଟାଇଥିଲା। ଫଳରେ



ସ୍ନେହାଙ୍ଗିନୀ ଛୁରିଆ

ଅପରାଧୀକୁ ୨୦ ବର୍ଷ ଦଣ୍ଡବିଧାନ ହୋଇଛି, ପରୀଙ୍କୁ ନ୍ୟାୟ ମିଳିଛି।

ଏହି ଐତିହାସିକ ରାୟ ଆସିବା ପରେ ରାଜ୍ୟ ଭାଜପା ନେତାଙ୍କ ଅସଲ ମୁଖା ଖୋଲିଯାଇଛି ବୋଲି ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ସେ କହିଛନ୍ତି ଯେ ଓଡ଼ିଶାବାସୀଙ୍କୁ ଶକ୍ତ ଆଘାତ ଓ ଦୁଃଖ ଲାଗିଥିଲା, ଯେତେବେଳେ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଓଡ଼ିଶା ଭାଜପାର କେତେକ ନେତା ମାମଲାର ରାଜନୀତୀକରଣ କରି ତଦନ୍ତକୁ ଦିଗହରା କରିବାକୁ ଅପଚେଷ୍ଟା କରିଥିଲେ । ବାରମ୍ବାର ପ୍ରସଙ୍ଗର ରାଜନୀତୀକରଣ କରି ମାମଲାକୁ ବିଳମ୍ବିତ ଓ ଦିଗହରା କରାଯାଇଥିଲା। ପ୍ରଥମେ ହାଇକୋର୍ଟ ଏବଂ ପରେ ସୁପ୍ରିମକୋର୍ଟରେ ଉଦ୍ୟମ କରି ଝଟକା ପାଇଥିଲେ। ଦେଶର ନାମୀଦାମୀ ଓକିଲଙ୍କୁ ମାମଲା ଲଢ଼ିବାକୁ କୋର୍ଟରେ ଠିଆ କରାଇଥିଲେ। ଏଭଳି ସ୍ପର୍ଶକାତର ମାମଲାରେ ସର୍ବଦା ଓଡ଼ିଶା ଭାଜପା ରାଜନୀତି କରେ। ଓଡ଼ିଶାକୁ ବଦନାମ କରିବାକୁ ବାରମ୍ବାର ଅପଚେଷ୍ଟା କରାଗଲା। କିଡ୍‌ନୀ ଏବଂ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ବିକ୍ରି ପାଇଁ ଚକ୍ରାନ୍ତ କରାଯାଇଥିବା ଭଳି ଡାହାମିଛମାନ କୁହାଯାଇଥିଲା। ଅଭିଯୁକ୍ତକୁ କିଭଳି ଜାମିନ ମିଳିବ ସେନେଇ ବହୁ ଚେଷ୍ଟା କରିଥିଲେ, ଯାହା ହାଇକୋର୍ଟରେ ପ୍ରତ୍ୟାଖ୍ୟାତ ହୋଇଥିଲା। ଜଣେ ନାବାଳିକା ସହ ହୋଇଥିବା ଅତ୍ୟାଚାର ପ୍ରସଙ୍ଗରେ ଏଭଳି ହୀନ ରାଜନୀତି କରିଥିବା ଗୋଷ୍ଠୀଙ୍କୁ ଲଜ୍ଜା ଲାଗିବା ଦରକାର। ପରୀଙ୍କୁ ନ୍ୟାୟ ମିଳିଛି, ତାଙ୍କ ଆତ୍ମା ଶାନ୍ତି ପାଉ ବୋଲି ଛୁରିଆ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଲକି

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିବାଦରେ 'ଫାଇଟର'



ନୂଆଦିଲ୍ଲୀ

ବଲିଉଡ୍ ସୁପରଷ୍ଟାର ହ୍ରିତିକ ରୋଶନ ଏବଂ ଦୀପିକା ପାଦୁକୋନଙ୍କ ଅଭିନୀତ ଫିଲ୍ମ 'ଫାଇଟର'ର ଧମାକା କେବଳ ଭାରତରେ ନୁହେଁ ବରଂ ସମଗ୍ର ବିଶ୍ୱରେ ଦେଖିବାକୁ ମିଳୁଛି। ଫିଲ୍ମରେ ହ୍ରିତିକ୍ ଓ ଦୀପିକାଙ୍କ କେମେଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ସିଦ୍ଧାର୍ଥ ଆନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଫାଇଟର' ଭାରତରେ ୨୦୦ କୋଟି କ୍ଲବରେ ସାମିଲ ହୋଇଥିବା ବେଳେ ସିନେମାକୁ

## ବାୟୁସେନା ପୋଷାକରେ ଚୁମ୍ବନ ଦୃଶ୍ୟ

ନେଇ ଏବେ ବିବାଦ ଦେଖାଦେଇଛି। ସିନେମାର ଏକ ଦୃଶ୍ୟରେ ଉଭୟ ହ୍ରିତିକ୍ ଓ ଦୀପିକା ବାୟୁସେନା ପୋଷାକ ପିନ୍ଧି ପରସ୍ପରକୁ ଚୁମ୍ବନ ଦେଉଛନ୍ତି, ଯାହାକୁ ନେଇ ଏବେ ବିବାଦ ମୁଣ୍ଡ ଟେକିଛି। ଭାରତୀୟ ବାୟୁସେନାର ଆସାମରେ ନିୟୋଜିତ ଥିବା ସୌମ୍ୟଦୀପ ଦାସ ନାମକ ଜଣେ ଅଧିକାରୀ ଏହି ଦୃଶ୍ୟକୁ ନେଇ ଆପତ୍ତି ଉଠାଇଛନ୍ତି। ସେ ଏନେଇ ଫିଲ୍ମ ନିର୍ମାତାଙ୍କୁ ଆଇନଗତ ନୋଟିସ ମଧ୍ୟ ପଠାଇଛନ୍ତି। ଏହି ମୁଭିରେ ସେନା ୟୁନିଫର୍ମ ପିନ୍ଧି ଉଭୟ ହ୍ରିତିକ୍ ଓ ଦୀପିକା ପରସ୍ପରକୁ ଚୁମ୍ବନ କରୁଥିବା ଦୃଶ୍ୟକୁ ସମାଲୋଚନା କରିବା ସହ ଏହା ସେନା ୟୁନିଫର୍ମର ସମ୍ମାନ ଓ ପବିତ୍ରତା ନଷ୍ଟ କରୁଥିବା ସେ କହିଛନ୍ତି। ତେବେ ଏନେଇ ଫିଲ୍ମର ନିର୍ମାତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ବରଫରେ ଯାଆଁଳାଙ୍କ ରିପୋର୍ଟିଂ



**ଶ୍ରୀନଗର:** କଶ୍ମୀରର ଉପତ୍ୟକା ଏବେ ଆହୁରି ସୁନ୍ଦର ଦେଖାଯାଉଛି। ପର୍ଯ୍ୟଟକଙ୍କ ସହ ସ୍ଥାନୀୟ ଲୋକମାନେ ମଧ୍ୟ ତୁଷାରପାତକୁ ଉପଭୋଗ କରୁଛନ୍ତି। ଏହି ସମୟରେ ଜମ୍ମୁ କଶ୍ମୀରର କୋକେନ୍ରାଗ ଅଞ୍ଚଳର ଯାଆଁଳା ଭଉଣୀଙ୍କ ଭିଡିଓ ଇଣ୍ଟରନେଟରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଜାଇବା ଏବଂ ଜୈନାବ ନାମକ ଦୁଇ ଭଉଣୀ ରିପୋର୍ଟିଂ କରିବାକୁ ଚେଷ୍ଟା କରୁଥିବା ଦେଖାଯାଉଛି। ଜାଇବା ଏବଂ ଜୈନାବ ନର୍ସରୀ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ଉଭୟଙ୍କର କଥା କହିବା ଶୈଳିରେ ଲୋକ ଫିଦା ହୋଇଯାଉଛନ୍ତି। ଭାଇରାଲ ଭିଡିଓରେ ଉଭୟ ଭଉଣୀ କହୁଛନ୍ତି ଯେ, ତୁଷାରପାତ ଉପଭୋଗ ପାଇଁ ଆମେ ସର୍ବଶକ୍ତିମାନ ଆଲ୍ଲାହାଙ୍କ ନିକଟରେ ପ୍ରାର୍ଥନା କରିଥିଲୁ ଏବଂ ଆମର ପ୍ରାର୍ଥନା ଆଲ୍ଲାହା ଶୁଣିଛନ୍ତି। ଭିଡିଓରେ ଉଭୟ ଯାଆଁଳା ଭଉଣୀ ବରଫରେ ଖେଳୁଥିବା ଏବଂ କଶ୍ମୀରରେ ତୁଷାରପାତ ବିଷୟରେ ମଧ୍ୟ କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳିଛି। ସୋସିଆଲ ମିଡିଆ ୟୁଜର୍ସମାନେ ଏହି ଭିଡିଓକୁ ବହୁତ ସୁନ୍ଦର ବୋଲି ବର୍ଣ୍ଣନା କରିଥିଲେ।

# ଲାଇଭ ଶୋ'ରେ ନିଜକୁ ଚାପୁଡ଼ା ମାରିଲେ ମହିଳା ରିପୋର୍ଟର

ବ୍ରିସବେନ

ଲାଇଭ ଟିଭି ପ୍ରୋଗ୍ରାମରେ ଜଣେ ମହିଳା ରିପୋର୍ଟର ହଠାତ୍ ନିଜକୁ ଚାପୁଡ଼ା ମାରିବାର ଏକ ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଭିଡିଓର ମହିଳା ରିପୋର୍ଟରଙ୍କ ଏହି ଆଚରଣରେ, ସମ୍ପୃକ୍ତ ପ୍ରୋଗ୍ରାମର ଉପସ୍ଥାପିକା ମଧ୍ୟ ନିଜ ହସ ରୋକି ପାରିନଥିବା ଲକ୍ଷ୍ୟ କରାଯାଉଛି। ତେବେ ଏହି ଭିଡିଓ ଦେଖି ମହିଳାଙ୍କୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପରିହାସ କରାଯାଉଛି। ଏଥିସହିତ ଭିଡିଓଟିକୁ ଦେଖି ଅନେକ ପ୍ରଶ୍ନ କରିଛନ୍ତି ମହିଳା ରିପୋର୍ଟର ଜଣକ ନିଜ ମୁହଁକୁ ଚାପୁଡ଼ା ମାରିବା ପଛର କାରଣ କ'ଣ। ତେବେ ଲାଇଭ୍ ଶୋ ସମୟରେ ନିଜକୁ ଚାପୁଡ଼ା ମାରିବା ପଛର କାରଣ ଗୋଟିଏ ମଶା ହୋଇଥିବା ଏହି ଅଷ୍ଟ୍ରେଲୀୟ ମହିଳା ସାମ୍ବାଦିକ ଜଣଙ୍କ ଦର୍ଶାଇଛନ୍ତି। ନିଜ ମୁହଁରେ ଏକ ମଶା ଉଡୁଥିବାରୁ ସେହି ମଶାକୁ ଘଉଡାଇବାକୁ ଚେଷ୍ଟାକରି ସେ ନିଜକୁ ଚାପୁଡ଼ା ମାରିଥିବା ସ୍ୱୀକାର କରିଛନ୍ତ। ଭିଡିଓରେ ଥିବା ଏହି ମହିଳା ସାମ୍ବାଦିକ ହେଉଛନ୍ତି ଆଣ୍ଡ୍ରେୟା କ୍ରୋଥର। ସେ ଅଷ୍ଟ୍ରେଲିଆର 'ଟୁଡେ ଶୋ' ନାମକ ଏକ ଗଣମାଧ୍ୟମ ସଂସ୍ଥାରେ କାମ କରନ୍ତି । ସୂଚନା ଅନୁଯାୟୀ, ନିକଟରେ ବ୍ରିସ୍‌ବେନରେ ବନ୍ୟା ପରିସ୍ଥିତି ବିଷୟରେ ରିପୋର୍ଟିଂ କରିବାକୁ ଘଟଣାସ୍ଥଳକୁ ଯାଇଥିଲେ ଆଣ୍ଡ୍ରେୟା । ଏହି ସମୟରେ ଯେତେବେଳେ ସେ ତାଙ୍କ ଲାଇଭ ରିପୋର୍ଟିଂ ଆରମ୍ଭ କଲେ, ହଠାତ୍ ତାଙ୍କ ମୁହଁରେ ଏକ ମଶା ଆସି ବସିଲା। ଫଳରେ ସେ ମଶାଟିକୁ ଘଉଡାଇବାକୁ ଚେଷ୍ଟା କରି



ଭୁଲ୍‌ରେ ନିଜକୁ ଚାପୁଡ଼ା ମାରିଥିଲେ। ଲାଇଭ୍ ଶୋ ସମୟରେ ଏହି ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଥିଲା, ଯାହାର ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଯେଉଁମାନେ ଏହି ଭିଡିଓ ଦେଖିଛନ୍ତି ସେମାନେ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ଦେଇ ଏହାକୁ ଉପଭୋଗ କରୁଛନ୍ତି । ମହିଳା ରିପୋର୍ଟର ଆଣ୍ଡ୍ରେୟା ମଧ୍ୟ ଏହି ଭିଡିଓଟିକୁ ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଶେୟାର କରିଛନ୍ତି।

# ବିଫଳତାର ସମ୍ମୁଖୀନ ହୋଇଥିଲେ ବିଦ୍ୟା



**ମୁମ୍ବଇ:** ଯଦିଓ ବଲିଉଡ୍‌ରେ ଏପରି ଅନେକ ତାରକା ଅଛନ୍ତି ଯେଉଁମାନେ ଟିଭି ସିରିଏଲରୁ ଆସିଛନ୍ତି, କିନ୍ତୁ ସମସ୍ତଙ୍କୁ ସଫଳତା ମିଳି ପାରିନାହିଁ। ସେଥିମଧ୍ୟରୁ ଯେଉଁମାନେ ବଲିଉଡ୍‌ର ସୁପରଷ୍ଟାର ହୋଇ ପାରିଛନ୍ତି, ସେମାନଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଛି। ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବଲିଉଡ୍‌ର ସୁପରଷ୍ଟାର ଅଭିନେତ୍ରୀ ବିଦ୍ୟା ବଲାନ। ବିଦ୍ୟାଙ୍କ ଯାତ୍ରା ଟିଭି ସିରିଏଲରୁ ଆରମ୍ଭ ହୋଇଥିଲା ଏବଂ ଆଜି ସେ ବଲିଉଡ୍‌ର ସର୍ବୋତ୍ତମ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ଟିଭିରୁ ବଲିଉଡକୁ ଯାତ୍ରା ଏତେ ସହଜ ନଥିବା ନେଇ ନିକଟରେ ଏକ ସାକ୍ଷାତ୍‌କାରରେ ବିଦ୍ୟା ପ୍ରକାଶ କରିଛନ୍ତି। ଏକଦା ତାଙ୍କୁ ଅନେକ ଚଳଚ୍ଚିତ୍ରରୁ ବାହାର କରିଦିଆଯାଇଥିବାର ସେ ଖୁଲାସା କରିଥିଲେ। ଟିଭି ସିରିଏଲରେ କାମ କରୁଥିବା ସମୟରେ ତାଙ୍କୁ ପ୍ରଥମେ ମାଲୟାଲମ୍ ଚଳଚ୍ଚିତ୍ର 'ଚକ୍ର' ଓ 'କାଲାରୀ ବିକ୍ରମ' ଏବଂ ତାମିଲ ଚଳଚ୍ଚିତ୍ର 'ରନ' ଅଫର୍ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ବିଦ୍ୟାଙ୍କୁ ଏହି ଫିଲ୍ମ ଗୁଡ଼ିକରୁ ହଟାଇ ଦିଆଯାଇଥିବାର ସେ କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW DUPLEX SALE**

Ready to move new 4BHK duplex with Garage near Patia RTO Office, Nandanbihar Land- 1600 sqft, Construction- 2830 sqft, Fixed Price- 1.25Crore

7978450312
9439585947

**ADMISSION OPEN**

**B.Ed, M.Ed, B.P.Ed.**

Equivalent of Utkal University

Lowest Fees

Odisha School of Professional Studies

Address:

Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015

CONTACT NO.

7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଦ୍ୱିତୀୟ ବିବାହ ବାର୍ଷିକୀ**



**ବିବେକ ଓ ମୋନାଲିସା**

କମିରା, ବୀରମହାରାଜପୁର, ଜିଲ୍ଲା: ସୁବର୍ଣ୍ଣପୁର,

ଶୁଭେଚ୍ଛା ସହ: ବାପା, ମାଆ, ଦାଦା, ଭାଉଜ, ଚନ୍ଦନ, ସୋନୁ, ଶ୍ରୀତମ୍, ନିତୁ, ସ୍ୱପ୍ନା, ଅଲିଭା, ରାନି, ଖୁସୀ, ରୁଦ୍ର, ଆଦ୍ୱିକା, ଅର୍ନବ୍

ଧ-୨୪୫୧

# Classified Everyday

**0674-2580101, 2549949**



MATRIMONIAL

**GROOM WANTED**

Beautiful Gudia Girl 26+/BSC/MBA/SBI PO/ Bhubaneswar. 9938199964. D-2427



REAL ESTATE

**SALE**

Independent 2 BHK House (Simplex) with landmass (1750-1800sqft.) & built up area 1100sqft. (815 sqft. Carpet), Marble Flooring and 2 attached Toilets at Sasanpadia, Old Town, Bhubaneswar-751002, District Khurda. Price- Rs.185.00 lakh (negotiable), pl contact- 8789852253/ 9407993549. D-2247

ଝିଅ ବିଭାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ଘରବାଡ଼ି ପ୍ଲଟ୍ ବିକିବି, sqft.699/-. 9439493164. D-75903

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker. 9437765989. D-75902

Duplex sale at Bhubaneswar @ 57 lakhs only. Contact: 9777433701. D-75300

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-2271

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

ପୁରୀ ସାତଶଙ୍ଖରେ 34000 ବର୍ଗଫୁଟ ଫାର୍ମହାଉସ ନଡ଼ିଆ ଗଛ, ମାଛ ପୋଖରୀ ଥାଇ ବିକ୍ରିହେବ। 7008833643. D-75905

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-2272



FOR RENT

Shop/Godown/ Office- 10-Bapujinagar, BBSR. 9556700943, 7683912628. D-74715

400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194





Newly open SPA positively health benefits with expert therapist. 9040286886. D-75199

Newly open SPA positively health benefits (Expert therapist). Contact: 9124527170. D-75197

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

Positively health benefited SPA expert therapist at Nayapalli. Contact: 7846814019. D-75196

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

**Newly open SPA positively health benefits with expert therapist. 9090400507.** D-75198

**LOST**

My B.Tech. Mechanical Engineering Certificate has been theft at West Bengal, Babu Ghat dated 18.01.24 evening time near about 6.00 P.M. Registration No.-1421347128, Rasmi Ranjan Panda, S/o- Surendra Panda, At- Kanpur, P.O.- Bamanabindha, Dist.- Bhadrak-756131, Odisha. Mob- +91 7327001615, +91 9438461956. D-2452

ମୁଁ, ଅରିକ୍ଷିତ ସ୍ୱାଇଁ, ପିତା: ୰ନାରାୟଣ ସ୍ୱାଇଁ, ଠିକଣା- ନାଥପୁର, ପୋଷ୍ଟ- ଶିଶୁପାଳଗଡ଼, ଥାନା- ଧଉଳି, ଭୁବନେଶ୍ୱର ଘୋଷଣା କରୁଅଛି କି ସାଇ ମନ୍ଦିର ଛକରୁ ବଡ଼ଗଡ଼ ଗ୍ରାମ ମଧ୍ୟରେ ଯାଉଥିବା ସମୟରେ ମୋର ଅରିଜିନାଲ ଜମି କାଗଜପତ୍ର ଯାହାର ପ୍ଲଟ୍ ନଂ.- ୭୩୮, ଖାତା ନଂ.- ୭୩୧/୧୦୨୮, ମୌଜା- ଲିଙ୍ଗିପୁର, ତହସିଲ- ଭୁବନେଶ୍ୱର ଏବଂ ରେଣ୍ଟ ରିସିପ୍ଟ ଓ ଆଧାର କାର୍ଡ କେଉଁଠାରେ ହଜିଯାଇଅଛି। ଯଦି କୌଣସି ବ୍ୟକ୍ତି ଏହାର ଦୁରୁପଯୋଗ କରନ୍ତି ତେବେ ମୁଁ ଭବିଷ୍ୟତରେ ଦାୟୀ ରହିବି ନାହିଁ। କୌଣସି ବ୍ୟକ୍ତି ଏହାର ସନ୍ଧାନ ପାଇଥାନ୍ତି ତେବେ ମୋର ମୋବାଇଲ ନମ୍ବର **9040797133**ରେ ଯୋଗାଯୋଗ କରିପାରିବେ। ଧ-୭୫୫୧୮

**AFFIDAVIT**

I Minal Chandrakant Ghelani, spouse of Bhavik Mehta, resident of Mehta House, Ganga Mandir Road, P.O.- Buxi Bazar, Dargah Bazar, Cuttack-753001 (Odisha) have changed my name Minal Chandrakant Ghelani to Minal Mehta declare by this affidavit No.- 43AA 905222 dated- 17.09.2018, that now onwards I shall be known as Minal Mehta for all future purposes. D-2453

By virtue of an affidavit No.- 2277 dated 28.12.2023, sworn before Executive Magistrate, Bhadrak. I, Mohit Rath, S/o- Kshetrabasi Rath, Vill- Purusottam Vihar, P.S.- Bhadrak(T), Dist.- Bhadrak hereby declare that my name has recorded as Sitansu Sekhar Rath in my LIC Policy bearing No.- 585943709. Hence Mohit Rath and Sitansu Sekhar Rath same and one person. D-2456

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sarat Rasmi Smruti Pritam, S/o-Sarat Chandra Nayak, resident of Gadsahi, Karanjia, P.O./P.S.-Karanjia, Dist.- Mayurbhanj, PIN-757037, Odisha declared by affidavit No.46 dtd. 05.02.2024 that now onwards I shall be known as SMRUTI PRITAM for all future purposes. D-2454

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଆଜିଠାରୁ ଓଡ଼ିଶା ଟ୍ରାଭେଲ ବଜାର

ଭୁବନେଶ୍ୱର ,୬।୨ ( ଅଭୟ ଦାଶ)

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ଏକ ୩ଦିନିଆ ପ୍ରଦର୍ଶନୀ ତଥା ୫ମ ଓଡ଼ିଶା ଟ୍ରାଭେଲ ବଜାର(ଓଟିବି) ପୁରୀ ଜିଲା କୋଣାର୍କ(ଇକୋ ରିଟ୍ରିଟ୍ କୋଣାର୍କ)ଠାରେ ଆୟୋଜିତ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୭ରୁ ୯ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ୧୮ ରାଜ୍ୟରୁ ପ୍ରାୟ ୭୦ ଡୋମେଷ୍ଟିକ ଟୁର୍ ଅପରେଟର (ଡିଟିଓ) ଏବଂ ୧୬ ଦେଶରୁ ୬୦ ଫରେନ୍ ଟୁର୍

## କୋଣାର୍କରେ ୩ ଦିନିଆ ଓଟିବି

ଅପରେଟର (ଏଫ୍‌ଟିଓ) ଅଂଶ ଗ୍ରହଣ କରୁଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏହି ୩ଦିନିଆ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ସମ୍ମିଳନୀ, ଚୁକ୍ତିନାମା ସହ ନିବେଶକ ଓ ଏୟାରଲାଇନ ଅପରେଟରମାନଙ୍କ ସହ ବି୨ଜି ବୈଠକର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେଲରମାନେ ନିଜର ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ମଧ୍ୟ ସୁଯୋଗ ପାଇବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମଠାରେ ଏକ ଖବରଦାତା




ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଓଟିଡିସିର ଚେୟାରମ୍ୟାନ (ଅଧ୍ୟକ୍ଷ) ଡ. ଲେନିନ୍ ମହାନ୍ତି, ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଫିକିର ଟ୍ରାଭେଲ, ଟୁରିଜମ୍ ଓ ହସ୍ପିଟାଲିଟି କମିଟି ଉପାଧ୍ୟକ୍ଷ ତଥା ସ୍ୱସ୍ତି ହୋଟେଲ୍ସର ସିଏମ୍‌ଡି ଜେ.କେ.ମହାନ୍ତି ପ୍ରମୁଖ ଉପସ୍ଥିତ ରହି ୫ମ ଓଟିବି ସଂସ୍କରଣର ଆଭିମୁଖ୍ୟ, ପର୍ଯ୍ୟଟନ କ୍ଷେତ୍ର ଓ ଶିଳ୍ପର ବିକାଶ ସହ ଓଡ଼ିଶା ଟ୍ରାଭେଲ ବଜାରର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ଓ ଚର୍ଚ୍ଚା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୭ରେ ଆୟୋଜନ ହେବାକୁ ଥିବା ୫ମ ଓଡ଼ିଶା ଟ୍ରାଭେଲ ବଜାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସେହିପରି ଭାରତର ଘରୋଇ ଗ୍ରାହକଙ୍କ ସମେତ ଅନ୍ତର୍ଜାତୀୟ ବଜାରଗୁଡ଼ିକ ପାଇଁ ଓଡ଼ିଶାରେ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀକୁ ପ୍ରୋତ୍ସାହିତ କରିବା ଲାଗି ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ଓଟିବି-୨୪ର ମୂଳ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପ୍ରଦର୍ଶନୀ ଜରିଆରେ ରାଜ୍ୟର ଏକ ସମ୍ପୂର୍ଣ୍ଣ ନୂତନ ଦୃଷ୍ଟିକୋଣକୁ ଉପସ୍ଥାପନ କରି ଓଡ଼ିଶାକୁ ଅନ୍ତର୍ଜାତୀୟ ମାନକ ବିଶିଷ୍ଟ ଏକ ବହୁମୁଖୀ ପର୍ଯ୍ୟଟନ କେନ୍ଦ୍ର ଭାବେ ସ୍ଥାପନ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ରଣନୈତିକ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଟାଟା ଷ୍ଟିଲ୍‌କୁ ୱାର୍ଲ୍ଡ ୱାଟର ଆୱାର୍ଡ



ଭୁବନେଶ୍ୱର, ୬।୨

ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)କୁ ନିକଟରେ ଏକ ସମ୍ମାନଜନକ ମାନ୍ୟତା ସହ ପୁରସ୍କୃତ କରାଯାଇଛି। ବିଶେଷକରି ଜଳ ପରିଚାଳନା ପ୍ରକ୍ରିୟାରେ ଉନ୍ନତି ଆଣିବା ଏବଂ ତା'ର ପରିଚାଳନାରେ ଦୀର୍ଘସ୍ଥାୟିତ୍ୱକୁ ତ୍ୱରାନ୍ୱିତ କରିବା ପାଇଁ ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିର ଅତ୍ୟାଧୁନିକ ଡିଜିଟାଲ ଜ୍ଞାନକୌଶଳକୁ ଭାରତର ପ୍ରମୁଖ ଜଳ ପତ୍ରିକା ୱାଟର ଡାଇଜେଷ୍ଟ ମାନ୍ୟତା ପ୍ରଦାନ କରିଛି। ଏପରିକି ଜଳ ଯୋଦ୍ଧାମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିକୁ ଉକ୍ତ ସମ୍ମାନଜନକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ୱାଟର ଡାଇଜେଷ୍ଟ ପକ୍ଷରୁ ଆୟୋଜିତ 'ୱାଟର ଡାଇଜେଷ୍ଟ ୱାର୍ଲ୍ଡ୍ ୱାଟର ଆୱାର୍ଡ ୨୦୨୩-୨୪ ରେ ଟାଟା ଷ୍ଟିଲ୍‌ର ଏଫ୍‌ଏଏମ୍‌ଡିକୁ ଏକ୍ସଲେନ୍ସ ଇନ୍ ଡିଜିଟାଲାଇଜେଶନ୍ ବର୍ଗରେ ପୁରସ୍କୃତ (ବିଜୟୀ) କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ବିଭାଗୀୟ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିକୁ ଉକ୍ତ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍‌ର ରେସିଡେଣ୍ଟ ଏକ୍‌ଜିକ୍ୟୁଟିଭ୍ (ଦିଲ୍ଲୀ) ସୁଗନ୍ଧା ଜୟସ୍ୱାଲ ମନ୍ତ୍ରୀ ଶେଖାୱତଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ଭାରପ୍ରାପ୍ତ ଅଧିକାରୀ (ଏଫ୍‌ଏଏମ୍‌ଡି) ପଙ୍କଜ ସତିଜା କହିଛନ୍ତି, ଏହି ପୁରସ୍କାର ପାଇ ଆମେ ଗର୍ବ ଅନୁଭବ କରୁଛୁ, ଯାହା ଆମକୁ ଜଳ ପରିଚାଳନା ଦିଗରେ ଆମର ଯାତ୍ରା ଜାରି ରଖିବାକୁ ପ୍ରେରଣା ଦେବ। ଏହି ପୁରସ୍କାର ଅଭିନବ ଡିଜିଟାଲ ସମାଧାନ ଗ୍ରହଣ ଦିଗରେ ଆମର ପ୍ରତିବଦ୍ଧତା ଦର୍ଶାଇବା ସହ ଆମ ଦୀର୍ଘସ୍ଥାୟିତ୍ୱ ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆମର ଦାୟିତ୍ୱସମ୍ପନ୍ନ ବ୍ୟବସାୟିକ ଅଭ୍ୟାସକୁ ମାନ୍ୟତା ପ୍ରଦାନ କରିଥିବାରୁ ମୁଁ ଜୁରି ସଦସ୍ୟଙ୍କୁ ଧନ୍ୟବାଦ ଜଣାଉଛି।

## ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୬।୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୫୫ (୪୫୪.୬୭) ପଏଣ୍ଟ ବଢ଼ି ୭୨,୧୮୬ (୭୨,୧୮୬.୦୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୮ (୧୫୭.୭୦) ପଏଣ୍ଟ ବୃଦ୍ଧି ଘଟି ୨୧,୯୨୯ (୨୧,୯୨୯.୪୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଓଡ଼ିଶାରେ ହେବ ୧୦୦କୋଟିର ଶହେ ଷ୍ଟାର୍ଟଅପ୍

ଭୁବନେଶ୍ୱର, ୬।୨

ରାଜ୍ୟର ପ୍ରମୁଖ ଜାତୀୟ ଶିକ୍ଷାନୁଷ୍ଠାନ ତଥା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ୨୦୨୪ ଫେବୃଆରୀ ୧୧ରେ ଏକ ଦିନିକିଆ ଷ୍ଟାର୍ଟଅପ୍ ସମ୍ମିଳନୀର ଆୟୋଜନ କରାଯାଉଛି। ଏହି ସମ୍ମିଳନୀ ଆଇଆଇଟି ଭୁବନେଶ୍ୱରର ଗବେଷଣା ଓ ଉଦ୍ୟମିତା ବିକାଶ ପାର୍କରେ ଆୟୋଜନ ହେବ। ଏହି ପରିପ୍ରେକ୍ଷୀରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଏକ ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ ଅଭିଯାନର ଆରମ୍ଭ ହେବା ଯାଉଛି। ବିଶେଷକରି ୨୦୩୬ ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶତବାର୍ଷିକୀ ସୁଦ୍ଧା ୧୦୦ କୋଟି ଟଙ୍କାର ମୂଲ୍ୟାଙ୍କନ ବିଶିଷ୍ଟ ୧୦୦ଟି ଷ୍ଟାର୍ଟଅପ୍ ସୃଷ୍ଟି କରିବାକୁ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର କହିଛନ୍ତି, ଓଡ଼ିଶାରେ ଏକ ସମୃଦ୍ଧ ଉଦ୍ୟୋଗୀ ପରିବେଶ ସୃଷ୍ଟି ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉତ୍ସାହରେ ଏହି ପଦକ୍ଷେପ ପାଇଁ ପ୍ରେରଣା ମିଳିଛି,ଯାହାକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ଓ ଦୃଷ୍ଟିକୋଣ ଉପରେ ଆଧାରିତ ହୋଇଛି। ଚଳିତ ବର୍ଷ ଫେବୃଆରୀ ୧୧ରେ ଆୟୋଜନ ହେବାକୁ ଥିବା ଉକ୍ତ ଅଭିଯାନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।


## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, BALASORE

No.510/ WE, Dt.01.02.2024

**e-Procurement Notice**

**No.O-2437:1.**Name of the Work:- "Building Works." 2. Estimated Cost: As per Annexure, 3. Time for Completion: As per Annexure, 4. No. of Work: As per Annexure, 5. Summary for key dates is provided below:-

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.74 of 2023-24 | Dt.08.02.2024 at 11.00 A.M. | Dt.19.02.2024 upto 5.00 P.M. | Dt.19.02.2024 upto 1.00 P.M. | Dt.20.02.2024 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in. Any other changes/Corrigendum may be seen only in website www.tendersodisha.gov.in.

Sd./- Er. N.V. Harihar Rao
Chief Construction Engineer, Rural Works Circle, Balasore
OIPR-25105/11/0097/2324

## OFFICE OF THE EXECUTIVE ENGINEER
## RWSS DIVISION, RAIRANGPUR

**INVITATION FOR BIDS**

E-mail-eerwss_rai@nic.in, eerwss.rai@gmail.com

**e-PROCUREMENT NOTICE**

**IDENTIFICATION No. 69 RWSS/RRPUR- 2023-2024/ Dated 02.02.2024**

**No.O-2444:**The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/class registered with Central Govt. / Railways.

1. Nature of work: - Shifting of water supply utilities affected due to widening & strengthening of **Sankhabhanga to Bisoi via Hatichhad** ODR from 0.000 KM to 13.014 KM **(Bisoi Block Portion)** under Bisoi Block.
2. No. of work :- 01 (One) no
3. Period of Completion :- 04 (Four) months
4. Cost of tender :- Rs.10000.00
5. Estimated cost :- Rs.95.93 Lac
6. Class of Contractor :- (As mentioned in Tender Call Notice)
7. Date and time of availability of bid documents in Portal: -from 9 hours of 07.02.2024 to 17.30 to hours of 22.02.2024
8. Receipt of bid cost, bid security, documents: - Online only
9. Date & time of opening of technical bid: - Dt. 23.02.2024 at 11.00 hours onwards.
10. Other Documents: - (As mentioned in DTCN)
11. The bidders have to participate in on-line bidding only. Further details can be seen from the website https://www.tendersodisha.gov.in.
12. **Any addendum / Corrigendum / Cancellation of tender can also be seen in the said website.**
13. **Concession of 10% will be considered to ST/SC contractors up to B class only on submission of an affidavit over the general category contractors failing which such concession will not be extended to him/her.**

Sd./- Executive Engineer
OIPR-25010/11/0024/2324 RWSS Division, Rairangpur

## OFFICE OF THE SUPERINTENDING ENGINEER
## MINOR IRRIGATION DIVISION GANJAM No.I, BERHAMPUR

e-mail ID:eemi_gm1@yahoo.co.in
Letter No.438, Dated 02.02.2024

**Corrigendum to Bid Identification No.**
**No.A-1426: online Tender/07/ GMID-I/ 2023-24**

In partial modification to this office Bid I.D.No. Online tender/07/GMID-I/2023-24 vide DTCN No.122, dtd.09.01.2024, the following modifications are made.

| Sl. No. | Details of Modification | As per T.C.N. | Modified as |
|---|---|---|---|
| 1 | Last date of availability and receipt of bid document online | 03.02.2024 upto 17.00 Hours | 13.02.2024 upto 17.00 Hours |
| 2 | Date and Time of Opening of Tender | 05.02.2024 at 11.00 Hours | 15.02.2024 at 11.00 Hours |

All other terms & conditions of the tender will remain unaltered.

Sd./- Superintending Engineer
M.I.Divn. Ganjam-I, Berhampur
OIPR-32104/11/0031/2324

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, କଳାହାଣ୍ଡି

## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, KALAHANDI
## BHAWANIPATNA, PIN-766001

email:eemikldbpt@gmail.com

Letter No.536 Date:02.02.2024

**1st Corrigendum Notice vide TCN No.16/2023-24**

**No.A-1431:**Following Changes in date and time of publication, Opening of bid & Lottery for Tender Call Notice No.TCN No.16/2023-24 for 4 Nos. of works as details below due to some unavaoidable circumstances.

| Old Date & Time as per Notice | | New/Modified Date & Time |
|---|---|---|
| Date & Time of availability of bid documents in the portal | 31.01.2024, 11.00 A.M. | 03.02.2024, 06.00 P.M. |
| Last date/time of receipt bids in the portal | 14.02.2024, 5.00 P.M. | 17.02.2024, 5.00 P.M. |
| Date of Opening of Bids | 15.02.2024, 11.00 A.M. onward | 19.02.2024, 11.00 A.M. onwards |
| Date of Transparent Lottery | 19.02.2024, 11.00 AM | 23.02.2024, 03.00 AM |

Sd./- Superintending Engineer
OIPR-32035/11/0026/2324 M.I.Division, Kalahandi, Bhawanipatna

## CUTTACK MUNICIPAL CORPORATION

**TENDER CALL NOTICE**

No.1471, Dt.5.2.2024

**No.C-3005:**Cuttack Municipal Corporation invites sealed tenders from interested Agencies/NGO/Caterer/Food Business Operators/ Individuals for supplying diet to dogs under Animal Birth Control Programme for the year 2024-25.

The details can be downloaded from the official website, www.cmc-cuttack.gov.in. The last date of submission of Tender documents is upto 4.00 P.M. dt.22.02.2024.

Sd./- Commissioner
OIPR-13031/11/0108/2324 Cuttack Municipal Corporation

## OFFICE OF THE SUPERINTENDING ENGINEER
## MINOR IRRIGATION DIVISION, GANJAM No.I, BERHAMPUR

e-mail ID:eemi_gm1@yahoo.co.in
Letter No.430, Dated 02.02.2024

**Corrigendum to Bid Identification No.**
**No.A-1425: online Tender/05/GMID-I/ 2023-24**

In partial modification to this office Bid I.D.No. Online tender/05/GMID-I/2023-24 vide DTCN No.3750, dtd.26.12.2023, the following modifications are made.

| Sl. No. | Details of Modification | As per T.C.N. | Modified as |
|---|---|---|---|
| 1 | Last date of availability and receipt of bid document online | 02.02.2024 upto 17.00 Hours | 12.02.2024 upto 17.00 Hours |
| 2 | Date and Time of Opening of Tender | 03.02.2024 at 11.00 Hours | 13.02.2024 at 11.00 Hours |

All other terms & conditions of the tender will remain unaltered.

Sd./- Superintending Engineer
M.I.Divn. Ganjam-I, Berhampur
OIPR-32104/11/0030/2324

## QUOTATION CALL NOTICE

**No.MM-437:**The undersigned invites sealed quotation from the interested suppliers, fulfilling the following terms and conditions, in sealed covers for supply of following uniform articles, in good quality, to be delivered in the Office of the undersigned in good condition & within specific date, for the financial year 2023-2024. The suppliers are required to give the samples of the materials alongwith their rate per pair/mtr/unit (inclusive of all taxes) in their quotations.

The Last date of submission of quotation in plain paper to the undersigned is 15.02.2024 & will be opened on 16.02.2024 at 11.30 A.M. in the office of the undersigned. The undersigned reserves the right to accept (or) reject any of the articles of any supplier (or) all the suppliers without assigning any reason thereof.

| Sl.No. | Items to be supplied |
|---|---|
| 01 | Uniform Cloth (Raymond,Trovine-Khaki) |
| 02 | Shoes of different size (Wildcraft, Bata Power) |
| 03 | Shocks |

Sd./- Divisional Forest Officer
OIPR-08034/11/0013/2324 Sundargarh Division

GOVERNMENT OF ODISHA
## AGRICULTURE DEPARTMENT
## OFFICE OF THE EXECUTIVE EGNINEER (AGRIL.), DHENKANAL DIVISION, DHENKANAL

No. 125 Date: 03.02.2024

**INVITATION FOR BIDS (IFB)**
**e-Procurement Notice**

**Bid Identification Number/Tender Call Notice No. E.E.(A) D/D-05 of 2023-24**

No. L-221: The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 6.00 lakhs to 19.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **www.tendersorissa.gov.in** from 08.02.2024 at 10.00 hours to 15.02.2024 at 16.00 hours. The bid will be opened on 16.02.2024 at 03.30 P.M. in the O/o. Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from **www.tendersorissa.gov.in**.

**email ID: eeagri.dhenkanal.@gmail.com**

Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0007/2324

GOVT. OF ODISHA No. A-1422
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER

VansadharaNagabali Basin, Paralakhemundi
(email Id: se_sicpkd@yahoo.com)

**e-Procurement Notice No. ACE, VNB-08/2023-24**

| | | | |
|---|---|---|---|
| 1 | Type of Works | : | River Bank Protection Works |
| 2 | Total Number of Packages | : | 4 (Four) Nos. |
| 3 | Estimated Cost | : | Rs.210.89 lakhs to Rs.699.07 lakhs |
| 4 | Bid Identification No. | : | ACE, VNB (RID)-07/2023-24 to ACE, VNB (RID)-09/2023-24 and ACE, VNB (CHWD)-03/2023-24 |
| 5 | Period of Completion | : | 9 (Nine) to 12 (Twelve) Calendar Months |
| 6 | Availability & submission of bids online | : | From 11.00 A.M. of 08.02.2024 to 5.00 P.M. of 22.02.2024 |
| 7 | Date of Opening of Technical Bids | : | 23.02.2024 at 11.00 A.M. in the, O/o. the Additional Chief Engineer, VansadharaNagabali Basin, Paralakhemundi |
| 8 | Procurement Officer | : | Additional Chief Engineer, VanasdharaNagabali Basin, Paralakhemundi |
| 9 | Further details can be seen from Govt. website **www.tendersorissa.gov.in** and any addendum/corrigendum/cancellation will be published in the said website. | | |

Sd./- Additional Chief Engineer
VansadharaNagabali Basin,
OIPR-32417/11/0018/2324 Paralakhemundi

GOVERNMENT OF ODISHA No. B-1746
## OFFICE OF THE CHIEF CONSTRUCTION ENGINEER
## JEYPORE (R&B) CIRCLE, JEYPORE

e-mail ID: supenger_rbjyp@yahoo.co.in, Phone No.: 06854-231528

**INVITATIONS FOR BIDS (IFB)**

**Bid Identification No. C.C.E.J.C. (R&B) - 36/2023-24**

No. 488 Date:03.02.2024

1. Nature of the Work : **BUILDING WORKS**
2. Total No. of Works : 02 (Two) Nos.
3. Estimated Cost : Rs.1.02 Crs. to Rs.1.38 Crs.
4. Period of Completion : 06 (Six) Months to 7 (Seven) Months Each
5. Cost of Bid Document : Rs.10,000/-
6. Bid Security (EMD) : Rs.1.02 to 1.38 Lac as per Column No. 06 of IFB
7. Class of Contrator : "B" & "A" Class as per Cl. No. 05 of TCN & according to Financial eligibility
8. Date & time of availability of bid document in the portal : From 11.00 hours of 08.02.2024 to 17.00 hours of 22.02.2024
9. Last date/time for receipt of bids in the portal : 17.00 hours of 22.02.2024
10. Opening date of Bid : 10.00 hours of 23.02.2024
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

Sd./- Chief Construction Engineer
OIPR-34108/11/0041/2324 Jeypore (R&B) Circle, Jeypore

## OFFICE OF THE EXECUTIVE ENGINEER
## RWS&S DIVISION, KENDRAPARA

At-Ichhapur, Post- Shree Baladevjew, Email:eerwsskendrapara@gmail.com

**INVITATIONS FOR BIDS (IFB) (e-Procurement)**

Bid Identification No.RWS/49/2023-24
Letter No.516/ Dated 03.02.2024

**No.O-2434:**1. The Executive Engineer, RWS&S Division, Kendrapara on behalf of Governor of Odisha invites lump sum bid in SINGLE cover system in ONLINE MODE from eligible Electrical contractors for External electrification works of different Rural Piped Water Supply Schemes in Kendrapara District.

2. Name of the Work : External electrification works for different RWSS points of PWS Schemes in Kendrapara District
3. No. of Work : 05 Nos. (Five) Only
4. Value of the Work : Rs.5.85 Lakhs to Rs.13.29 Lakhs
5. Concerned tender inviting authority : Executive Engineer, RWS&S Division Kendrapara
6. Cost of Bid documents (Rs.) (Online) : Rs.4000/- to 6000/- as applicable
7. Cost of EMD @ 1% Online : Rs.5900/- to Rs.13500/- as applicable
8. Class of Bidder : "HT" and "LT"
9. Period of Completion : 30 days
10. Availability of bid documents in the website : From date 06.02.2024 at 10.00 A.M. to date 16.02.2024 till 5.30 P.M.
11. Last Date & Time of seeking tender clarification : Upto 08.02.2024 upto 5.30 P.M.
12. Date of Opening of Bid : 17.02.2024 at 11.00 A.M.

The bidders have to participate in the tender through ONLINE bidding only. Further details can be had from the website i.e. http://tendersodisha.gov.in. Subsequent corrigendum/addendum if required shall only be appeared in the above website.

Sd./- Executive Engineer
OIPR-25004/11/0021/2324 RWS&S Division, Kendrapara

## OFFICE OF THE SUPERINTENDING ENGINEER
## RURAL WORKS DIVISION-II, GANJAM, BERHAMPUR

Phone:0680-2404096,
Email:eerwgmt@yahoo.co.in

**Government of Odisha e-Procurement Notice**

**Bid Identification No.Online Tender/34/SERWD-II/2023-24**

**No.O-2446: Memo No.725/RWD-IIGB, Date:2.2.24**

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.4.99 to 45.59 Lakhs |
| 3 | Period of Completion | :: | 1 (One) Month as per Annexure |
| 4 | Date & Time of availability of Bid documents in the Portal | :: | 09.02.2024 at 10.00 A.M. to 16.02.2024 upto 3.00 P.M. |
| 5 | Last Date/ Time for receipt of Bids in the Portal | :: | 16.02.2024 upto 3.00 P.M. |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-Procurement portal tendersodisha.gov.in./nicgep/app.

Sd./- Superintending Engineer
R.W.Division-II, Ganjam, Berhampur
OIPR-25073/11/0032/2324

## Chief District Medical & Public Health Officer, Sundargarh, Odisha

RFP No.:CDMPHO/SNG/2023-24/05 Date:03.02.2024

**REQUEST FOR PROPOSAL**

**No.E-791:Selection of Agency for Selection of an agency for the Operation and Management of Therapeutic Services Center (TSC) at Sundargarh & Rourkela under District Mineral Foundation (DMF), Sundargarh**. Chief District Medical & Public Health Officer, Sundargarh, Govt. of Odisha, invites sealed proposals from eligible bidders for **"Selection of an agency for the Operation and Management of Therapeutic Services Center (TSC) at Sundargarh & Rourkela, under District Mineral Foundation (DMF), Sundargarh.** Bidders fulfilling the prescribed eligibility criteria of the RFP can access and download the complete RFP Document and other details from https://sundergarh.nic.in.

The major events under the bid process are:

| Sl.No. | List of Key Events | Critical Dates |
|---|---|---|
| 1 | Date of Issue of RFP | **03-02-2024** |
| 2 | Deadline for Submission of Pre-Proposal Query | **13-02-2024 by email to sngcdmo@gmail.com** |
| 3 | Issue of Pre-proposal Clarifications | **17-02-2024via online mode on https://sundergarh.nic.in/.** |
| 4 | Last Date for Submission of Bid | **23-02-2024 by 05.00 PM** |
| 5 | Date of Opening of Technical Bid | **27-02-2024 at 11.00 AM** |
| 6 | Date of Technical Presentation | **27-02-2024 at 12.30 PM** |
| 7 | Method of Selection | **Quality Cost Based Selection** |

The proposal complete in all respects must reach the undersigned by **Speed Post/ Registered Post** only latest by **23-02-2024 before 5.00 PM** in a sealed envelope clearly mentioning on the top of it **"Selection of an agency for the Operation and Management of Therapeutic Services Center (TSC) at Sundargarh & Rourkela, under District Mineral Foundation (DMF) Sundargarh"**. The proposals received beyond the last date and time will be rejected. The authority reserves the right to reject any/ all proposals without assigning any reason thereof.

**Address for Submission of Proposal:**
**Chief District Medical & Public Health Officer,**
**DHH, Sundargarh -770001**

OIPR-10100/11/0028/2324

## OFFICE OF THE NOTIFIED AREA COUNCIL, BHUBAN

e-Mail:bhubann.hud@nic.in

No.140 Date:01.02.2024

**TENDER CALL NOTICE**

**No.C-3008:**Quotations are invited from the interested firm/Authorized Agents for Privatisation of "Baji Rout Kalyan Mandap" near Bhuban NAC Office annually on lease basis. The Base price of Lease of the building is Rs.5,96,500.00 (Rupees Five Lakh Ninety Six Thousand Five Hundred Only) per year. The Rate of Lease will remain valid for 3 years. Initially Lease will be given for one year only. The same will be extended for next two years after successful performance of the quotationer. The last date of receive of quotation is on Dt.15.02.2024 upto 1.00 PM and the same will be opened on same date at 3.00 pm in presence of quotationer or their Authorized Agents if present. The quotation should be accompanied with Rs.5,000.00 (Rupees Five Thousand Only) is to be deposited in shape of Cash/Demand Draft issued from any Bank prepared in favour of Executive Officer, Bhuban NAC payable at Bhuban towards paper cost. The quotation should be accompanied with an agreement that the party will be maintain the establishement properly, sanitation as well as cleanliness of the premises maintained and Electric Charges will borne by lease holder. The Lease Holder will not claimed more than Rs.12,000.00 (Rupees Twelve Thousand) for programme. The quotationer will have to deposit 50% of the Quoted value at the time of agreement of the lease and rest 50% will be deposited within next six months. 5% Lease will be enhanced at commencement of the every financial year. In case of Govt. Programme, the lease holder will provide the hall free of cost with the direction of Executive Officer. Interested party may submit quotations for the above said lease. For details contact Establishment section between 10.00 A.M. to 5.00 P.M. at above mentioned address on all working days. The undersigned reserve all the rights to accept or reject any/all quotations in full or in part without assigning any reason thereof.

**Details as below:**

| Sl. No. | Particular | Unit | Quoted Rate | | Remarks |
|---|---|---|---|---|---|
| | | | In Figure | In Words | |
| 1. | Privatisation of Baji Rout Kalyan Mandap of Bhuban NAC on lease basis | Annual | | | |

Sd./- Executive Officer
Bhuban NAC
OIPR-13096/11/0007/2324

**ପ୍ରଥମ ପୃଷ୍ଠାରୁ**

## ପରୀ ହତ୍ୟାକାରୀଙ୍କୁ...

ଏହି ରାୟ ପରେ ମୁଦାଲାଙ୍କୁ ସୁଧାରଗୃହକୁ ପଠାଯିବ। ତାଙ୍କୁ ୨୧ ବର୍ଷ ବୟସ ହେଲେ ଜେଲକୁ ପଠାଯିବାର ନିୟମ ରହିଛି। ତେବେ ଆଇନ ବ୍ୟବସ୍ଥାରେ ଯାହା ଥିବ ସେନେଇ ମୁଦାଲାଙ୍କ ପ୍ରତି ଲାଗୁ ହେବ ବୋଲି କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ଚିତ୍ତ ରଞ୍ଜନ କାନୁନ୍‌ଗୋ କହିଛନ୍ତି।

କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର କାନୁନ୍‌ଗୋଙ୍କ ସୂଚନା ଅନୁଯାୟୀ, ୨୦୨୦ ଜୁଲାଇ ୧୪ରେ ଘର ସମ୍ମୁଖରେ ଖେଳୁଥିବା ନାବାଳିକା ନିଖୋଜ ହୋଇ ଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହାର ୯ଦିନ ପରେ ସେହିମାସ ୨୩ ତାରିଖରେ ଘର ବାରିପଟ ଗାଡ଼ିଆ ନିକଟରୁ ବସ୍ତାରେ ବନ୍ଧା ଅବସ୍ଥାରେ ତାଙ୍କ ଖଣ୍ଡ ବିଖଣ୍ଡିତ ଗଳିତ ମୃତଦେହ ଜବତ କରାଯାଇଥିଲା। ତଦନ୍ତରେ ଡିଟେକଶନ ସ୍ଥାନୀୟ ପୋଲିସ କରି ନ ପାରିବାରୁ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇଥିଲା। ଏହାର ତଦନ୍ତ ପାଇଁ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରାଯାଇଥିଲା। ସେତେବେଳର ଆଇଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ତଦନ୍ତ ହେଲା। ତଦନ୍ତ ବେଳେ ସାଇଣ୍ଟିଫିକ ଏଭିଡେଣ୍ଟସ୍, ଇଲେକଟ୍ରୋନିକ୍ସ ଏଭିଡେଣ୍ଟସ୍ ସଂଗ୍ରହ ହୋଇଥିଲା। ଆଖି ଦେଖିବା ପ୍ରମାଣ ନ ଥିବାରୁ ସବୁ ପ୍ରକାରର ତଦନ୍ତ କରି ସାଇକୋଲୋଜିକାଲ ଏକ୍ସପୋର୍ଟମାନଙ୍କୁ ନିୟୋଜିତ କରାଯାଇଥିଲା। ସବୁ ପ୍ରକାର ପ୍ରମାଣକୁ ଆଧାର କରି ଚାର୍ଜଶିଟ୍ ଦାଖଲ ହୋଇଥିଲା। କୋର୍ଟ ରାୟରେ ମୁଦାଲା ଦଣ୍ଡ ପାଇବା ପରେ ସତ୍ୟର ଜୟ ହୋଇଛି। ଏସ୍‌ଆଇଟି ତଦନ୍ତକୁ ଅତି ଗୁରୁତର ସହ ଗ୍ରହଣ କରିଥିଲା। ହାଇକୋର୍ଟ ଏହି ତଦନ୍ତର ମନିଟରିଂ କରୁଥିଲେ ବୋଲି ସେ କହିଛନ୍ତି।

ତେବେ ଏହି ନ୍ୟାୟରେ ପରୀଙ୍କ ମା'ବାପା ସନ୍ତୁଷ୍ଟ ନୁହନ୍ତି। ପରୀଙ୍କ ମା'ସୌଦାମିନୀ ସାହୁ ଓ ବାପା ଅଶୋକ ସାହୁ କୁହନ୍ତି, ଦଣ୍ଡ ପାଇଥିବା ନାବାଳକ ଦୋଷୀ ନୁହନ୍ତି। ନାବାଳକଙ୍କୁ ଅଯଥାରେ ଫସାଇ କେସ୍‌କୁ ଶେଷ କରି ଦିଆଯାଇଛି। ଆମର ଅଭିଯୋଗକୁ ଅଣଦେଖା କରାଯାଇଛି। ହତ୍ୟାକାରୀଙ୍କୁ ଜାଣିଶୁଣି ସୁରକ୍ଷା ଦିଆଗଲା। ଝିଅ ନିଖୋଜଠାରୁ ରାୟ ପର୍ଯ୍ୟନ୍ତ ଲଢ଼େଇରୁ ଆମେ ନ୍ୟାୟ ପାଇଲୁ ନାହିଁ। ଦଣ୍ଡିତ ହୋଇଥିବା ନାବାଳକଙ୍କ ମା' କୁହନ୍ତି, ମୋ ପୁଅ ନିର୍ଦ୍ଦୋଷ। ତାଙ୍କୁ ଫସାଇ ଦଣ୍ଡିତ କରାଗଲା। ଭଗବାନ ଏହାର ବିଚାର କରିବେ। ନାବାଳକଙ୍କ ଓକିଲ ଚନ୍ଦ୍ର ବିଜୟୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ କହିଛନ୍ତି।

# ମାଓବାଦୀ କ୍ୟାମ୍ପରେ ମହିଳାଙ୍କୁ ଯୌନ ନିର୍ଯାତନା

**୨ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ**

ବୌଦ୍ଧ,୬।୨ (ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ନିକଟରେ ମଙ୍ଗଳବାର ଛତିଶଗଡ଼ କ୍ୟାଡରର ଦୁଇ ହାର୍ଡକୋର ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ମନୀଷା ଥାଟୀ(୨୧) ଓ ଚମ୍ପା କୋରାମ ଓରଫ ସଜନ୍ତି (୨୨)। ଏମାନେ କେକେବିଏନ୍ ଡିଭିଜନରେ ଯୋଗଦେଇ ୨୦୧୮ରୁ ସିପିଆଇ ମାଓବାଦୀ ସଂଗଠନରେ କାମ କରି ଆସୁଥିଲେ। ମାଓବାଦୀ କ୍ୟାମ୍ପରେ ମହିଳା କ୍ୟାଡରଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଦକ୍ଷିଣାଞ୍ଚଳ ଆଇଜି ଜୟ ନାରାୟଣ ପଙ୍କଜ କରିଥିବା ଖବରଦାତା ସମ୍ମିଳନୀରେ ସେମାନେ କାହିଁକି ବନ୍ଧୁକ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେଲେ ସେ ନେଇ କହିଛନ୍ତି।

ମନୀଷାଙ୍କ କହିବାନୁଯାୟୀ, ତାଙ୍କ ଘରର ଆର୍ଥିକ ଅବସ୍ଥା ଭଲ ନ ଥିଲା।


ଖବରଦାତା ସମ୍ମିଳନୀରେ ଆଇଜି ଜୟନାରାୟଣ ପଙ୍କଜ ଓ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଦୁଇ ମହିଳା ମାଓବାଦୀ।

ତାଙ୍କୁ ୧୬ ବର୍ଷ ହୋଇଥିବାବେଳେ ମାଓବାଦୀମାନେ ଖୁବ୍ କମ୍ ପରିମାଣର ଅର୍ଥ ଦେଇ ବଣପାହାଡ଼ ଅଞ୍ଚଳରେ ଲୋକଙ୍କୁ ନାଚଗୀତ ମାଧ୍ୟମରେ ସଂଗଠନର ବାର୍ତ୍ତା ପ୍ରଚାର କରିବାକୁ ନିୟୋଜିତ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବହୁ ପାହାଡ଼ ଚଢାଇବା ସହ ବିଭିନ୍ନ କାମରେ ନିୟୋଜିତ କରି ଆସୁଥିଲେ। ମାଓବାଦୀଙ୍କ ଦ୍ୱାରା କଷ୍ଟ ସହି ନ ପାରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଉଦ୍ୟମ କରି ସଫଳ ହୋଇଥିବା ମନୀଷା କହିଛନ୍ତି।

ଖବରଦାତା ସମ୍ମିଳନୀରେ ଆଇଜି ପଙ୍କଜ ଆତ୍ମସମର୍ପଣ କରିଥିବା ଦୁଇ ମହିଳା ମାଓବାଦୀଙ୍କୁ ସ୍ୱାଗତ କରିବା ସହ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଉଭୟ ମାଓବାଦୀ ଛତିଶଗଡ ଏବଂ ଓଡ଼ିଶାରେ ବିଭିନ୍ନ ସମୟରେ ହୋଇଥିବା ମାଓବାଦୀ ଆକ୍ରମଣ ଘଟଣାରେ ଜଡିତ ଥିଲେ। ଏବେ ବି ଯେଉଁମାନେ ମାଓବାଦୀ ସଂଗଠନରେ କାର୍ଯ୍ୟ କରୁଛନ୍ତି, ସେମାନେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ସହ ସରକାରଙ୍କ ପୁନଃଥଇଥାନ ଯୋଜନାର ସୁଯୋଗ ନେବାକୁ ଦକ୍ଷିଣାଞ୍ଚଳ ଆଇଜି ପଙ୍କଜ ଖବରଦାତା ସମ୍ମିଳନୀରେ ଆହ୍ୱାନ କରିଛନ୍ତି। ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଉପସ୍ଥିତ ଥିଲେ। ୯।୧୦।୨୦୧୫ରେ ଛତିଶଗଡ ବିଜାପୁର ଜିଲା ପାଲନାର ମହିଳା ମାଓବାଦୀ ଜ୍ୟୋତି ମାଦକାନୀ ଓରଫ ସସ୍ମିତା ବୌଦ୍ଧ ଜିଲା ହରଭଙ୍ଗା ଥାନାରେ ଆତ୍ମସମର୍ପଣ କରିଥିଲେ।

# ମହତାବ ବଦଳରେ ମହାନ୍ତି



ଧାମନଗର ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟ ପାଚେରିରେ ଭୁଲ୍ ଲେଖାଥିବା ଡଃ. ହରେକୃଷ୍ଣ ମହାନ୍ତି।

- ସ୍କୁଲ ପାଚେରିରେ ଲେଖାକୁ ନେଇ ଅସନ୍ତୋଷ
- ଏନ୍‌ଏସି ପକ୍ଷରୁ କରାଗଲା ସଂଶୋଧନ

ଭଦ୍ରକ/ଧାମନଗର,୬।୨ (ସନାତନ ରାଉତ/ସନ୍ତୋଷ କୁମାର ମହାପାତ୍ର)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ଧାମନଗର ଏନ୍‌ଏସି ପକ୍ଷରୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ ପାଚେରିରେ ମହାପୁରୁଷମାନଙ୍କ ଚିତ୍ର ଅଙ୍କାଯିବା ସହ ନାମ ଲେଖାଯାଇଥିଲା। ନବଉତ୍କଳର ନିର୍ମାତା ତଥା ଭଦ୍ରକ ମାଟିର ଗର୍ବ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଚିତ୍ର ପାଖରେ ତାଙ୍କ ନାମ ହରେକୃଷ୍ଣ ମହାନ୍ତି ଲେଖାଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭଦ୍ରକ ଜିଲା ସମେତ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି ଘଟଣା ଘଟିଛି ଧାମନଗର ଏନ୍‌ଏସି ଅଧୀନ ୮ନଂ. ୱାର୍ଡରେ ଥିବା ଉର୍ଦ୍ଧ୍ୱପ୍ରାଥମିକ ବିଦ୍ୟାଳୟରେ।

ଉକ୍ତ ବିଦ୍ୟାଳୟ ପାଚେରିରେ ଅଙ୍କାଯାଇଥିବା ଚିତ୍ର ମଧ୍ୟରେ ଡ. ମହତାବଙ୍କ ଚିତ୍ର ରହିଥିଲା। କିନ୍ତୁ ତାଙ୍କ ଉପାଧି ଉତ୍କଳ କେଶରୀ ଲେଖାଯାଇ ନ ଥିବାବେଳେ ମହତାବ ବଦଳରେ ଡଃ. ହରେକୃଷ୍ଣ ମହାନ୍ତି ଲେଖାଯାଇଥିଲା। ଅସନ୍ତୋଷ ପ୍ରକାଶ ପାଇବା ପରେ ଏନ୍‌ଏସି ପକ୍ଷରୁ ଏହାକୁ ସଂଶୋଧନ କରାଯାଇଥିବା ଦେଖିବାକୁ ମିଳିଛି। ଏନେଇ ଧାମନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ କହିଛନ୍ତି, ଲେଖିଥିବା ଲୋକ ଭୁଲ୍‌ରେ ମହତାବ ଜାଗାରେ ମହାନ୍ତି ଲେଖି ଦେଇଥିଲେ। ଆମ ଦୃଷ୍ଟିକୁ ଆସିବା ପରେ ସଂଶୋଧନ କରାଯାଇଛି। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ଭଦ୍ରକ ସହରର ବନ୍ତଛକ ନିକଟସ୍ଥ ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ପାଚେରିରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଚିତ୍ର ପାଖରେ ତାଙ୍କ ନାମ ବାଞ୍ଛାନିଧି ଦାସ ଲେଖାଯାଇଥିଲା। ଏହା ଲୋକଲୋଚନକୁ ଆସିବା ପରେ ରଙ୍ଗରେ ଲିଭାଯାଇ ସଂଶୋଧନ କରାଯାଇଥିଲା।

# ତେଲଙ୍ଗାନାରେ ବନ୍ଧକ ଝିଅ ଘରକୁ ଫେରିଲେ

- ଝିଅର ୧୬୧ ବୟାନ ରେକର୍ଡ କଲେ ତଦନ୍ତକାରୀ ଅଧିକାରୀ
- ୫୦ ହଜାର ଟଙ୍କା ଫେରାଇଲେ ଦାଦନ ସର୍ଦ୍ଦାର

ବଲାଙ୍ଗୀର/ବେଲପଡା, ୬।୨ (ବୀରେନ୍ଦ୍ର କୁମାର ଝାଙ୍କର/ ମନୋଜ କୁମାର ମିଶ୍ର)

ତେଲଙ୍ଗାନାର ଏକ ଇଟାଭାଟିରେ ବନ୍ଧକ ଥିବା ଝିଅ ଅଙ୍କିତା ମଲ୍ଲିକ (୧୦) ଉଦ୍ଧାର ହୋଇ ମଙ୍ଗଳବାର ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସୁଲେକେଲା ଗାଁସ୍ଥିତ ନିଜ ଘରକୁ ଫେରିଛନ୍ତି। ବେଲପଡା ପୋଲିସ ଟିମ୍ ଏବଂ ଶ୍ରମ ବିଭାଗ ଅଧିକାରୀ ଅଙ୍କିତାଙ୍କୁ ସନ୍ଧ୍ୟାରେ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ। ତେଲଙ୍ଗାନାରୁ ଟ୍ରେନ୍ ଯୋଗେ ଆସିଥିବା ଅଙ୍କିତା ମଙ୍ଗଳବାର ସକାଳେ କଣ୍ଟାବାଞ୍ଜି ରେଲୱେ ଷ୍ଟେଶନ୍‌ରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ବେଲପଡା ଥାନା ଓ ପରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତଦନ୍ତକାରୀ ଅଧିକାରୀ ଅଙ୍କିତାଙ୍କ ୧୬୧ ବୟାନ ରେକର୍ଡ କରିଥିଲେ। ଏହାପରେ ତାଙ୍କୁ ସୁଲେକେଲା ନିଆଯାଇ ତାଙ୍କ ମା' ଲକ୍ଷ୍ମୀପ୍ରିୟାଙ୍କୁ ହସ୍ତାନ୍ତର କରାଯାଇଥିଲା। ବେଲପଡା ଥାନା ଆଇଆଇସି ସୁଶାନ୍ତ ଦାଶ ଅଙ୍କିତାଙ୍କୁ ତାଙ୍କ ଘରେ ଛଡା ଯାଇଥିବା ନେଇ ସୂଚନା ଦେଇଛନ୍ତି। ଏହା ସହିତ ଜମି ବନ୍ଧକ କରି ଝିଅ ଉଦ୍ଧାର ପାଇଁ ଦାଦନ ସର୍ଦ୍ଦାରଙ୍କ ନିକଟକୁ ପଠାଇଥିବା ୫୦ ହଜାର ଟଙ୍କାକୁ ମଧ୍ୟ ଲକ୍ଷ୍ମୀପ୍ରିୟାଙ୍କୁ ଫେରସ୍ତ କରାଯାଇଥିବା ଆଇଆଇସି ଦାଶ କହିଛନ୍ତି।

ଗତ ଜାନୁୟାରୀ ମାସରେ ଦାଦନ ସର୍ଦ୍ଦାର ସମାରୁ ନାଏକ ୭୮ ହଜାର ଟଙ୍କା ଅଗ୍ରିମ ଦେଇ ସୁଲେକେଲାର କାହ୍ନୁ ମଲ୍ଲିକ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା, ବଡ଼ଝିଅ ପାଞ୍ଚାଲୀ ଓ ସାନଝିଅ ଅଙ୍କିତାଙ୍କୁ ତେଲଙ୍ଗାନାର ସାତନଗର ପେଟ୍ରୋଲ ପମ୍ପ ନିକଟ ଇଟାଭାଟିକୁ କାମ କରିବାକୁ ନେଇଥିଲେ। ସେଠାରେ ଶଙ୍କର ସେଠ୍ ନାମକ ଜଣେ ଇଟାଭାଟି ମାଲିକ ନିର୍ଯାତନା ଦେଇ କାହ୍ନୁ ଓ ତାଙ୍କ ପରିବାରକୁ ଦିନରାତି କାମ କରାଇଥିଲେ। ଏଥିରେ କାହ୍ନୁ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇ ନ ଥିଲା। ଫଳରେ ସେମାନେ ଗାଁକୁ ଫେରିବାକୁ ଅନୁରୋଧ କରିଥିଲେ। ଇଟାଭାଟି ମାଲିକ ଶଙ୍କର ସେଠ୍ କାହ୍ନୁଙ୍କ ନାବାଳିକା ଝିଅ ଅଙ୍କିତାଙ୍କୁ ବନ୍ଧକ ରଖି ଅନ୍ୟ ତିନିଜଣଙ୍କୁ ଛାଡିଥିଲେ। ତେବେ ଗାଁରେ ପହଞ୍ଚିଥିଲେ ମଧ୍ୟ ଗୁରୁତର ଅସୁସ୍ଥ କାହ୍ନୁଙ୍କ ରବିବାର ଅପରାହ୍ଣରେ ମୃତ୍ୟୁ ହୋଇଯାଇଥିଲା। କାହ୍ନୁଙ୍କ ମୃତ୍ୟୁ ଘଟଣାକୁ ନେଇ ଧରିତ୍ରୀରେ ଖବର ପରିବେଷଣ କରାଯାଇଥିଲା। ଏହାପରେ ପ୍ରଶାସନ ତତ୍ପର ହେଇଥିଲା।


ସୁଲେକେଲାସ୍ଥିତ ଘରେ ମା' ଲକ୍ଷ୍ମୀପ୍ରିୟା, ବଡଭଉଣୀ ପାଞ୍ଚାଳୀ ଏବଂ ସାନଭାଇ ମାଣିକଙ୍କ ସହ ଉଦ୍ଧାର ହୋଇ ଆସିଥିବା ଝିଅ ଅଙ୍କିତା।

# ବଳାତ୍କାର ଅଭିଯୁକ୍ତ ବାପା ଗିରଫ

**ଅନୁଗୋଳରୁ ଯାଇ ଭବାନୀପାଟଣାରେ ଏତଲା ଦେଇଥିଲେ ଝିଅ**

ଅନୁଗୋଳ, ୬।୨ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ପୋଲିସ ମଙ୍ଗଳବାର ଜଣେ ବଳାତ୍କାର ଅଭିଯୁକ୍ତ ବାପାଙ୍କୁ ଗିରଫ କରିଛି। ଥାନା ଅଧିକାରୀ ଧୀରେନ ବେହେରା କହିଛନ୍ତି, ଅନୁଗୋଳ ସଦର ଥାନା ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ୧୯ ବର୍ଷୀୟା ଝିଅଙ୍କୁ ବଳାତ୍କାର କରିଥିଲେ। କିଛିଦିନ ହେଲା ସେ ଏପରି କୁକର୍ମ କରିଆସୁଥିବା ବେଳେ ଘରେ କାହାକୁ ନ କହିବାକୁ ଝିଅଙ୍କୁ ଧମକ ଦେଉଥିଲେ। ଫଳରେ ଭୟରେ ଝିଅ ଏ ନେଇ ପାଟି ଫିଟାଉ ନ ଥିଲେ। ତେବେ ଗତ ଡିସେମ୍ବରରେ ସମ୍ପୃକ୍ତ ବ୍ୟକ୍ତି ଝିଅଙ୍କୁ ବଳାତ୍କାର ଉଦ୍ୟମ କରିବା ବେଳେ ସ୍ତ୍ରୀଙ୍କ ହାବୁଡ଼ରେ ପଡ଼ିଥିଲେ। ଏହାପରେ ଝିଅଙ୍କୁ ତାଙ୍କ ମା' ନାଲ୍‌କୋସ୍ଥିତ ପିଉସୀଙ୍କ ଘରକୁ ପଠାଇ ଦେଇଥିଲେ। ସେଠାରୁ ଯୁବତୀ ଜଣଙ୍କ ମାଉସୀ ଘର ଭବାନୀପାଟଣା ଚାଲିଯାଇଥିଲେ। ଗତ ୧ ତାରିଖରେ ସେ ଏ ନେଇ ଭବାନୀପାଟଣା ଥାନାରେ ଏତଲା ଦେଇଥିଲେ। ହେଲେ ଘଟଣା ଅନୁଗୋଳରେ ହୋଇଥିବାରୁ ମାମଲାକୁ ଅନୁଗୋଳ ସ୍ଥାନାନ୍ତର କରାଯାଇଥିଲା। ଅନୁଗୋଳ ପୋଲିସ ନଂ.୯୧/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ୨ ହାତୀଦାନ୍ତ ଜବତ, ୧୦ ଗିରଫ


ଜବତ ହାତୀଦାନ୍ତ ସହ ଗିରଫ ଅଭିଯୁକ୍ତମାନେ।

ବାରିପଦା,୬।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧିକାରୀମାନେ ଚଢ଼ାଉ କରି ୩୦ କେଜି ଓଜନର ୨ଟି ହାତୀଦାନ୍ତ ଜବତ କରିଛନ୍ତି। ଏଥିସହ ୧୦ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ପିସିସିଏଫ୍ ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ (ଏକ୍ସ)ରେ ଏହା ଉଲ୍ଲେଖ କରିଥିବା ବେଳେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରେସ ବିବୃତିରେ ଜଣାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଯଶିପୁର ଥାନା ସାଉଁପାଳ ଗ୍ରାମର ଘାସିରାମ ଜେରାଇ(୪୫), ଧାରୁଆବେଡ଼ା ଗ୍ରାମର ଆନନ୍ଦ କେରାଇ(୫୫), ଶିବଶଙ୍କର ବାନରା(୫୫), ତାମକଶିଳା ଗ୍ରାମର ଚକୁ ହାଲଦା(୩୫), ଖେଜୁରୀ ଗ୍ରାମର ଡାବରା ବଦ୍ରା (୪୫), ବେର୍ଗା ବଦ୍ରା(୨୧) ଓ ପପୁଲୁ ବଦ୍ରା(୨୨), କାଣ୍ଡବିଲ ଗ୍ରାମର ସନାତନ ବଦ୍ରା(୨୪), ଠାକୁରଗଡ଼ା ଗ୍ରାମର ମାର୍କଣ୍ଡ ହୋ (୨୩) ଏବଂ ବିଶୋଇ ଥାନା ନୂଆଗାଁ ଗ୍ରାମର ନରେନ୍ଦ୍ର ବାନରା(୫୩)।

ସୂଚନା ଅନୁଯାୟୀ, ହାତୀଦାନ୍ତ କାରବାର ସମ୍ପର୍କରେ ଖବରପାଇ ଉପନିର୍ଦ୍ଦେଶକ ଗୌଡ଼ାଙ୍କ ନେତୃତ୍ୱରେ ଏସ୍‌ଟିପିଏଫ୍, ଜେଟିଏଫ୍ ଓ ବନ କର୍ମଚାରୀମାନଙ୍କୁ ନେଇ ଏକ ମିଳିତ ଟିମ୍ ଗଠନ କରାଯାଇଥିଲା। ଯୋଜନା ମୁତାବକ ବନ କର୍ମଚାରୀମାନେ ଗ୍ରାହକ ସାଜି ଶିକାରୀ ଓ ବେପାରୀଙ୍କ ସହିତ ମୂଲଚାଲ କରିଥିଲେ। ହାତୀଦାନ୍ତ ନେଇ ଆସୁଥିବା ବେଳେ ଛପି ରହିଥିବା ବନ କର୍ମଚାରୀମାନେ ବିଶୋଇଠାରେ ୫ଜଣଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ମୋଟ ୩୦ କି.ଗ୍ରା. ୯ ଗ୍ରାମ ଓଜନର ଦୁଇଟି ହାତୀଦାନ୍ତ ଜବତ ହୋଇଛି। ସେମାନଙ୍କଠାରୁ ତଥ୍ୟ ସଂଗ୍ରହ କରି ଏହି ଚୋରା ଚାଲାଣରେ ଜଡିତ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କୁ ସୋମବାର ବନବିଭାଗ ଗିରଫ କରିଛି। ୧୦ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ପୁରୀରୁ ଗିରଫ କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଓ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ପ୍ରମୁଖ ଅଭିଯୁକ୍ତମାନଙ୍କୁ ଧରିବାରେ ସହାୟତା କରିଥିଲେ।

# ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ଆରମ୍ଭ

ଚଣ୍ଡିଖୋଲ,୬।୨ (ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ପାହାଡ଼ ପାଦଦେଶରେ ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ପାହାଡ଼ ଶୀର୍ଷଦେଶ ପର୍ଯ୍ୟନ୍ତ ଅସ୍ଥାୟୀ ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ପସରା ମେଲାଇଛନ୍ତି। ପାହାଡ଼ ପାଦଦେଶରେ ଥିବା ମେଳା ପଡ଼ିଆ ବିଭିନ୍ନ ପ୍ରକାର ଦୋକାନରେ ଭର୍ତ୍ତି ହୋଇଛି। ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସ ଅବସରରେ ଏହି ମେଳା ଆରମ୍ଭ ହୋଇଥାଏ। ଚଳିତ ବର୍ଷ ୧୮୭ତମ ମହାପ୍ରୟାଣ ଦିବସ ହୋଇଥିବାରୁ ପ୍ରାତଃ ସମୟରେ ସମାଧି ମନ୍ଦିରରେ ମହାସ୍ନାନ କରାଯାଇ ମନ୍ଦିର ଉପରେ ବାନା ବନ୍ଧାଯାଇଥିଲା। ଏହାପରେ ବଡ଼ସିଂହାର ବେଶ ଓ ଆଳତି କରାଯାଇଥିଲା।

ପରମ୍ପରା ଅନୁଯାୟୀ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପଡ଼ୋଶୀ ଶୁଖୁଆପଡ଼ା ଗ୍ରାମବାସୀ ପ୍ରଥମେ ପୋଡ଼ପିଠା ଭୋଗ ଲାଗି କରିବା ପରେ ଅନ୍ୟମାନେ ଭୋଗ ଲାଗି କରିଥିଲେ। ସେହିପରି ପ୍ରଥମେ ଶୁଖୁଆପଡ଼ା ଗ୍ରାମବାସୀ ମହାପ୍ରସାଦ ପାଇବା ପରେ ଅନ୍ୟମାନେ ମହାପ୍ରସାଦ ପାଇଥିଲେ। ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁ ମହାପ୍ରସାଦ ସେବନ କରିଥିଲେ। ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦେଖି ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜଣେ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି, ୪ ଇନ୍ସପେକ୍ଟର, ୧୦ ଏସ୍‌ଆଇ, ୧୯ ଏଏସ୍ ଆଇ ଓ ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବାଲିଚନ୍ଦ୍ରପୁର ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ଯାଜପୁର ଜିଲା ଓର୍‌ମାସ ପକ୍ଷରୁ ବଡ଼ଚଣା ପଞ୍ଚାୟତ ସମିତି ଆନୁକୂଲ୍ୟରେ ପଲ୍ଲିଶ୍ରୀ ମେଳା ଆୟୋଜନ କରଯାଇଛି।


ଓଳାଶୁଣୀ ଗୁମ୍ଫାମେଳାରେ ଭକ୍ତଙ୍କ ଭିଡ଼।

# ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ, ୨ ନାବାଳକ ଗୁରୁତର

ଟିକିରି, ୬।୨ (ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ଏବଂ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳରେ ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଶିଶୁ ଗୁରୁତର ହୋଇଛନ୍ତି। କାଶୀପୁର ଥାନା ମୁନୁଷଗାଁ ପଞ୍ଚାୟତ ଭାଟିପାସ ଗ୍ରାମର ଗୁରୁନାଥ ଗଉଡଙ୍କ ସ୍ତ୍ରୀ ପୁଷ୍ପା (୪୫)ଙ୍କ ସହ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହାକୁ ନେଇ ସେ ସୋମବାର ରାତିରେ ସ୍ତ୍ରୀ ପୁଷ୍ପାଙ୍କୁ ଟାଙ୍ଗିଆରେ ହାଣି ଫେରାର୍ ହୋଇଯାଇଥିଲେ। ପୁଷ୍ପାଙ୍କୁ ଗୁରୁତର ଅବସ୍ଥାରେ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସକାଳୁ ଗୁରୁନାଥ ମାନସିକ ଭାରସାମ୍ୟ ହରାଇ ଥୁଆମୂଳ ରାମପୁର ଥାନା ପେଙ୍ଗତୁସି ଗ୍ରାମର ଚନ୍ଦ୍ରଶେଖର ରାଉତଙ୍କ ୧୨ ବର୍ଷର ପୁଅ ଶିବଶଙ୍କର ଓ ଢୋଲପାସ ଗ୍ରାମର ମଦନ ମାଝୀଙ୍କ ୧୨ ବର୍ଷର ନାବାଳକ ପୁଅ ମଧୁ ମଧ୍ୟ ଆକ୍ରମଣ କରିଥିଲେ। ଉଭୟେ ଗାଧୋଇବାକୁ ଯାଉଥିବା ବେଳେ ଗୁରୁନାଥ ସେମାନଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଶିବଶଙ୍କରଙ୍କ ତଣ୍ଟିକୁ ଓ ମଧୁଙ୍କ ପେଟକୁ ଗୁରୁନାଥ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଉଭୟଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଉଭୟଙ୍କ ଚିକିତ୍ସା ଚାଲିଥିବାବେଳେ ଥୁଆମୂଳ ରାମପୁର ଏବଂ କାଶୀପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହତ୍ୟା ଅଭିଯୁକ୍ତ ଗୁରୁନାଥଙ୍କୁ ଗିରଫ କରାଯାଇଛି।

# ବିଲାତି ଦଳରୁ ପ୍ରସ୍ତୁତ ହେବ ତନ୍ତବୁଣା ଶାଢ଼ି, ଗାମୁଛା

କେନ୍ଦ୍ରାପଡ଼ା, ୬।୨ (ଜଗନ୍ନାଥ ଧଳ)

ନଦୀ, ନାଳ, କେନାଲଠାରୁ ଆରମ୍ଭ କରି ଘରୋଇ ପୋଖରୀରେ ବିଲାତି ଦଳ ଭର୍ତ୍ତି ହୋଇଛି। ଏହାଦ୍ୱାରା କୃଷି କ୍ଷେତକୁ ଜଳ ସେଚନ ବାଧା ହେଉଥିବାବେଳେ ମଶାମାଛିଙ୍କ ଉତ୍ପତ୍ତିସ୍ଥଳ ପାଲଟିଛି। ସେହିପରି ପରିବେଶ ଓ ଜଳଚର ଜୀବଙ୍କ ବିପଦ ପାଲଟିଥିବା ଏହି ଦଳ କେନ୍ଦ୍ରାପଡ଼ା ଜିଲାରେ ସମ୍ପଦ ହେବାକୁ ଯାଉଛି। ପଟ୍ଟାମୁଣ୍ଡାଇ ବ୍ଲକସ୍ଥ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ଏହି ବିପଦର ନିରାକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ବିଲାତି ଦଳର ତନ୍ତୁକୁ ବ୍ୟବହାର କରି ତନ୍ତବୁଣା ଶାଢ଼ି, ଗାମୁଛା ପ୍ରସ୍ତୁତ ଉଦ୍ୟମ ପାଇଁ କୋରୁଆସ୍ଥିତ ମଙ୍ଗଳା ବୁଣାକାର ସମବାୟ ସମିତି ରାଜି ହୋଇଛି। ସେହିପରି ଜିଲା ଶିଳ୍ପ କେନ୍ଦ୍ର ଅଧୀନରେ ଏଥିପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ବିଭାଗୀୟ ଚିଠି ଆଶା ସଞ୍ଚାର କରିଛି। ଏହି କୁଟୀରଶିଳ୍ପ ଜିଲାକୁ ଆର୍ଥିକ ସହାୟତା, ସ୍ୱତନ୍ତ୍ର ପରିଚୟ ସହିତ ଏଥିପାଇଁ ଡ୍ରେନେଜ, ଜିଲା ସମ୍ପଦ ବିଭାଗ ପକ୍ଷରୁ ଅଯଥା ଖର୍ଚ୍ଚକୁ ରୋକାଯାଇ ପାରିବ ବୋଲି ଭିନ୍ନ ମତ ମିଳିଛି।



ଏ ସମ୍ପର୍କରେ ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ଜଳ ପରିଚାଳନା କ୍ଷେତ୍ରରେ ବିଲାତି ଦଳ ଏକ ବଡ଼ ବାଧା ସାଜିଛି। କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ, ୨୭ ଶାଖା ନାଳ, ବୃହତ କେନାଲଠାରୁ ଆରମ୍ଭ କରି ଘରୋଇ ପୋଖରୀରେ ଏହି ଦଳ ସୁସ୍ଥ ପରିବେଶ ପାଇଁ ଏକ ବିପଦ ସାଜିଛି। ଏହାର ନିରାକରଣ ପାଇଁ ସଂଘ ପକ୍ଷରୁ ବିଭିନ୍ନ ସମୟରେ ଅନୁଧ୍ୟାନ କରାଯାଇଛି। ଜିଲାର କୃଷି ବିଜ୍ଞାନ କେନ୍ଦ୍ର, କୃଷି ବିଭାଗ, ଜଳ ସମ୍ପଦ ବିଭାଗ, ଡ୍ରେନେଜ ବିଭାଗ ଆଦିରେ ଏହାର ସମାଧାନ ଖୋଜାଯାଇଛି। ତେବେ ଏହି ଦଳରୁ ପଶ୍ଚିମବଙ୍ଗରେ ଶାଢ଼ି, ଗାମୁଛା ଆଦି ବୁଣା ହେଉଥିବା ଜଣାପଡିବା ପରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଏକ ସ୍ମାରକପତ୍ର ଅଗଷ୍ଟ ୨୨ରେ ଦିଆଯାଇଥିଲା। ଜିଲାରେ ଏହାକୁ ମୂଳ ଆଧାର କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ସ୍ୱତନ୍ତ୍ର ପରିଚୟ ମିଳିପାରିବ। ଓଡ଼ିଶା ଜନ ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରତାପ କୁମାର ମହାନ୍ତି କହିଛନ୍ତି, ବିଲାତି ଦଳ ନିଷ୍କାସନ ଜିଲାର ଡ୍ରେନେଜ ଓ ଜଳ ସମ୍ପଦ ବିଭାଗ ପାଇଁ ଅର୍ଥ ହଡ଼ପର ଏକ ମାର୍ଗ ହୋଇଛି। ଜିଲା ଡ୍ରେନେଜ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ଦଳ ସଫେଇ ନାମରେ ୩.୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ୫.୫ କୋଟି ଓ ୨୦୨୨-୨୩ ଆର୍ଥିକ ବର୍ଷରେ ୩.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଉଲ୍ଲେଖ ଅଛି। ମିଳିଥିବା ତଥ୍ୟ କହୁଛି ଯେ, ୯୦ ପ୍ରତିଶତ ଅର୍ଥ ଗୋବରୀ ନଦୀ, ଅଶୃଙ୍ଖଳା ଓ ବାଘୁଣୀ ନାଳରେ ଖର୍ଚ୍ଚ ହୋଇଛି। ଏହି ଅର୍ଥ ୫ ଲକ୍ଷ ଟଙ୍କା ତଳକୁ ଠିକା ସଂସ୍ଥାକୁ ଦିଆଯାଇଥିବାରୁ କୌଣସି ଟେଣ୍ଡର ହୋଇନାହିଁ। ଏତେ ଟଙ୍କା ଖର୍ଚ୍ଚସତ୍ତ୍ୱେ କୌଣସି ନଦୀ, ନାଳ କେନାଲରୁ ବିଲାତି ଦଳ ସଫା ହୋଇଥିବା ଦେଖାଯାଇ ନାହିଁ। ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପକ ଶରତ ଚନ୍ଦ୍ର ସାହୁ କହିଛନ୍ତି, ବିଲାତି ଦଳର ନୀଳ ଧଳା ଫୁଲ ସମସ୍ତଙ୍କ ପାଇଁ ଆକର୍ଷଣ। ତେବେ ଏହି ଦଳ ଜଳୀୟ ପରିବେଶକୁ ଦୂଷିତ କରିଥାଏ। ପାଣିରୁ ଅଧିକ ମାତ୍ରାରେ ଅକ୍ସିଜେନ ଶୋଷି ନେଉଥିବାରୁ ଜଳଚର ପ୍ରାଣୀଙ୍କ ପାଇଁ ବିପଦ। ଏହାର ତନ୍ତୁ ଦୀର୍ଘସ୍ଥାୟୀ ହୋଇଥିବାରୁ ତନ୍ତବାୟ ଶିଳ୍ପରେ ଉପଯୋଗ ହୋଇପାରିବ। ସମବାୟ ସମିତି କର୍ମକର୍ତ୍ତା ଶ୍ରୀକାନ୍ତ ନାୟକ କହିଛନ୍ତି, ଦଳର ଲମ୍ବ ଦୁଇଫୁଟରୁ ଅଧିକ ହୋଇଥିଲେ, ଏହାର ଡେମ୍ଫରୁ ବାହାରୁଥିବା ତନ୍ତୁ ବୁଣାକାରଙ୍କ ପାଇଁ ସହାୟକ ହେବ। କପା ଓ ଏହି ଦଳର ତନ୍ତୁ ସମ୍ମିଶ୍ରଣରୁ ବାହାରୁଥିବା ସୂତା ଉତ୍ପାଦ ପାଇଁ ସହାୟକ। ଜିଲାରେ ଏହା ପ୍ରଚୁର ଭାବେ ମିଳୁଥିବାରୁ ତନ୍ତ ଉତ୍ପାଦ ପାଇଁ ବ୍ୟବହାର ହେବ। ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ଗଣେଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ଯୁବକ ସଂଘ ପକ୍ଷରୁ ଏ ନେଇ ଚିଠି ମିଳିବା ପରେ ଶିଳ୍ପ କେନ୍ଦ୍ର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କୋରୁଆସ୍ଥିତ ସମବାୟ ସମିତି ପକ୍ଷରୁ ଏ ନେଇ ଆଗ୍ରହ ପ୍ରକାଶ ପରେ ଦକ୍ଷତା ବୃଦ୍ଧି, ବାଣିଜ୍ୟ ମଣ୍ଡି, ମହିଳା ସଶକ୍ତୀକରଣ ଆଦି କ୍ଷେତ୍ରରେ ସହାୟକ ହେବ ବୋଲି ଗତ ୧୬ ତାରିଖରେ ସହକାରୀ ନିର୍ଦ୍ଦେଶକଙ୍କୁ ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଚିଠି (ନଂ. ୩୬) ହୋଇଛି ବୋଲି ସେ କହିଛନ୍ତି।

# ରଜନୀଗନ୍ଧାର ଉନ୍ନତ କିସମ



**ର**ଜନୀଗନ୍ଧା ଫୁଲ ଚାଷ କରୁଥିଲେ କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ (ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର)ର ଏକ ତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି . ବ୍ୟବଧାନରେ ଲଗାନ୍ତୁ।

# ଆଖୁରେ ସାର ପ୍ରୟୋଗ



**ଆ**ଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗକରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାରକଲେ ୟୁରିଆ ସହ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବରଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ସମନ୍ୱିତ କୃଷି ସହ ମାଛଚାଷ ,ପ୍ରାଣୀପାଳନ



ଡା. ବୀରକିଶୋର ପରିଡ଼ା

**ଆ**ମ ରାଜ୍ୟ ନଦୀନାଳ ପରିପୂର୍ଣ୍ଣ ଓ ଖାଲୁଆ ଜମିର ଅଭାବ ନ ଥିବାରୁ ସମନ୍ୱିତ କୃଷି କରି ଆମ ଲୋକମାନେ ଅଧିକ ରୋଜଗାରକ୍ଷମ ହେବା ପାଇଁ ମନ ବଳାଇବା ଉଚିତ । କାରଣ ରାଜ୍ୟର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ମୁଣ୍ଡ ପିଛା ଜମିର ଉପଲବ୍ଧ ପରିମାଣ କମିଯାଉଥିବାରୁ ସମନ୍ୱିତ କୃଷି ବା ମାଛଚାଷ ସହ ପ୍ରାଣୀ ପାଳନର ଆବଶ୍ୟକତା ଢେର ରହିଛି । ତେଣୁ ଖାଲୁଆ ଜମି ଓ ପୋଖରୀରେ ମାଛଚାଷ ସହ ଗୋପାଳନ, ଛେଳିମେଣ୍ଢା ପାଳନ, କୁକୁଡ଼ା ପାଳନ, ଘୁଷୁରି ପାଳନ କଲେ ଆମେ ଅଧିକ ଲାଭବାନ୍ ହେବା ସହ ପ୍ରାଣିଜ ପୁଷ୍ଟିସାର ଖାଦ୍ୟର ଆବଶ୍ୟକତା ମେଣ୍ଟାଇପାରିବା।

**ମିଶ୍ରିତ କୃଷି ବନାମ ସମନ୍ୱିତ କୃଷି**

**ମିଶ୍ରତି କୃଷି :** ଏକ ସାଧାରଣ ଭିତ୍ତିଭୂମିର ଆଧାରରେ ନିର୍ଦ୍ଦିଷ୍ଟ ଏକକ ଅଞ୍ଚଳରେ ପରସ୍ପର ଚାଷ ପ୍ରଣାଳୀ ମଧ୍ୟରେ ସମନ୍ୱୟ ରକ୍ଷାକରି ଯେଉଁ ଚାଷ କରାଯାଏ ତାହାକୁ ମିଶ୍ରିତ ଚାଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ ଗୋଟିଏ ଜାଗା ବା ସ୍ଥାନରେ ଗୋଟିଏ ଫସଲ ମଧ୍ୟରେ ଏକାଧିକ କିସମର ଫସଲ କରିବା । ଉଦାହରଣ ସ୍ୱରୂପ ଚିନାବାଦାମ ଫସଲ ସହ ସୋରିଷ, ଯଅ ଆଦି ଚାଷ କରିବା। ପୋଖରୀର ବିଭିନ୍ନ ସ୍ତରରେ ରହି କାର୍ପ ବା କାତିଲଗା ମାଛ ଯଥା ଭାକୁଡ଼, ରୋହି, ମିରିକାଳି, ରୁପାପେଟି, ଦଳଖାଇ, ବିଲାତି ରୋହି ଖାଦ୍ୟ ସଂଗ୍ରହ କରନ୍ତି । ଏ ସମସ୍ତ ମାଛଙ୍କୁ ଏକାଠି ପୋଖରୀରେ ପାଳନ କରିବାକୁ ମିଶ୍ରିତ ମାଛଚାଷ କୁହାଯାଏ। ସେହିପରି ସବୁଜ ଗୋଖାଦ୍ୟ ଫସଲ ମିଶ୍ରିତ ଚାଷ ହିସାବରେ ସଙ୍କର ହାତିଆ ଘାସ ସହ ବରଗୁଡ଼ି, ଓଟ୍, ବରସମ୍ ଆଦି ଋତୁ ଅନୁଯାୟୀ ଚାଷ କରାଯାଇଥାଏ । ମକା, ଏସ୍‌ପି ଚେରୀ, ବାଜରା ବରଗୁଡ଼ି ଆଦି ମିଶ୍ରିତ ଚାଷ ଭାବରେ ଗ୍ରହଣ କରାଯାଇଥାଏ । ପ୍ରତି ୩ ଧାଡ଼ି ମକା, ଏମ୍‌ପି ଚେରୀ ବା ବାଜରା ଲଗାଇବା ପରେ ଧାଡ଼ିଏ ଲେଖାଏଁ ବରଗୁଡ଼ି ମିଶ୍ରିତ ଚାଷଭାବେ ଲଗାଯାଇଥାଏ। ସେହିପରି ଛଟା ବୁଣାରେ ୩:୧ ଅନୁପାତରେ ଉପରୋକ୍ତ ମିଶ୍ରିତ ଚାଷ କରାଯାଇପାରିବ । ପ୍ରାଣୀ ପାଳନରେ ମିଶ୍ରିତ ଚାଷ ଭାବରେ ଗୋପାଳନ ସହ ମେଣ୍ଢା ପାଳନ ସହଜରେ କରାଯାଇ ପାରିବ। କୁକୁଡ଼ା ପାଳନ ସହ ବତକ ପାଳନ କରିବା ଅନୁଚିତ । କାରଣ ବତକ ବାର୍ଡ ଫ୍ଲୁରେ ବାହକ ସାଜିଥାନ୍ତି । ସେହିଭଳି ମାଂସଳ କୁକୁଡ଼ା ସହିତ ଅଣ୍ଡାଦିଆ କୁକୁଡ଼ା ପାଳନ କରିବା ଅନୁଚିତ।

**ସମନ୍ୱିତ କୃଷି :** ଯେଉଁସବୁ ଚାଷ ପରସ୍ପର ଉପରେ ନିର୍ଭରଶୀଳ ଓ ଉତ୍ପାଦନ ବଢ଼ାଇବାରେ ପରସ୍ପରକୁ ସାହାଯ୍ୟ କରନ୍ତି, ସେସବୁ ଚାଷକୁ ସମନ୍ୱିତ ଚାଷ କୁହନ୍ତି । ଏକାଧିକ ଚାଷ ଗୋଟିଏ ଜାଗାରେ ହେଉଥିବାରୁ ପରିଚାଳନାରେ ସୁବିଧା ହୁଏ। ସମନ୍ୱିତ ମାଛଚାଷ ପ୍ରଣାଳୀ ବହୁବର୍ଷ ପୂର୍ବେ ପ୍ରଥମ ଚାଇନାରେ ଆରମ୍ଭ ହୋଇଥିଲା। ଦଶମ ଶତାବ୍ଦୀରେ ଟାଙ୍ଗ୍ ସାମ୍ରାଜ୍ୟରେ ମାଛଚାଷୀମାନେ ଧାନ ବିଲରେ ଗ୍ରାସ୍ କାର୍ପ ଛାଡ଼ି ଧାନଚାଷ କ୍ଷେତକୁ ଦଳ ନିରାକରଣ କରିବା ସଙ୍ଗେ ସଙ୍ଗେ ଗୋଟିଏ କ୍ଷେତରୁ ଧାନ ଓ ମାଛ ଅମଳ କରିପାରୁଥିଲେ । ପରବର୍ତ୍ତୀ ସମୟରେ ସିଙ୍ଗ୍ ସାମ୍ରାଜ୍ୟରେ ମାଛ ଚାଷୀମାନେ ମାଛ ସହ ପୋଖରୀ ହୁଡ଼ାରେ ମଲବରୀ ଚାଷ, ଫଳଚାଷ, ପ୍ରାଣୀପାଳନ ଆଦି କରି ଅଧିକ ଲାଭବାନ୍ ହୋଇପାରିଲେ । ଚାଇନାରେ ଏହି ଚାଷ ପ୍ରଣାଳୀରେ ବିକାଶ ହୋଇଥିବାରୁ ଏହାକୁ 'ଚୀନ୍‌ଦେଶୀୟ ସମନ୍ୱିତ ମାଛଚାଷ ପ୍ରଣାଳୀ' କୁହାଯାଏ । ଆମ ଦେଶରେ ମଧ୍ୟ ଶହ ଶହ ବର୍ଷ ପୂର୍ବରୁ ଧାନ-ମାଛଚାଷ ହେଉଥିବାର ପ୍ରମାଣ ରହିଛି। କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିଭିନ୍ନ କାରଣରୁ ଚାଷ ଉପଯୋଗୀ ଜମିର ଅଭାବ ସହ ବର୍ତ୍ତମାନ ମନୁଷ୍ୟ ପିଢ଼ିର ଖାଦ୍ୟ ଖାଇବା ଶକ୍ତି ହ୍ରାସ ଯୋଗୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ତେଣୁ ଅଧିକ ପ୍ରାଣିଜ ପୁଷ୍ଟିସାର ଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ସମନ୍ୱିତ ଚାଷ ପ୍ରଣାଳୀର ଯଥେଷ୍ଟ ଗୁରୁତ୍ୱ ରହିଛି।

''ଏକ ସାଧାରଣ ଭିତ୍ତିଭୂମିର ଆଧାରରେ ନିର୍ଦ୍ଦିଷ୍ଟ ଏକକ ଅଞ୍ଚଳରେ ପରସ୍ପର ଚାଷ ପ୍ରଣାଳୀ ମଧ୍ୟରେ ସମନ୍ୱୟ ରକ୍ଷାକରି ଯେଉଁ ଚାଷ କରାଯାଏ ତାହାକୁ ମିଶ୍ରିତ ଚାଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ ଗୋଟିଏ ଜାଗା ବା ସ୍ଥାନରେ ଗୋଟିଏ ଫସଲ ମଧ୍ୟରେ ଏକାଧିକ କିସମର ଫସଲ କରିବା । ଉଦାହରଣ ସ୍ୱରୂପ ଚିନାବାଦାମ ଫସଲ ସହ ସୋରିଷ, ଯଅ ଆଦି ଚାଷ କରିବା। ପୋଖରୀର ବିଭିନ୍ନ ସ୍ତରରେ ରହି କାର୍ପ ବା କାତିଲଗା ମାଛ ଯଥା ଭାକୁଡ଼, ରୋହି, ମିରିକାଳି, ରୁପାପେଟି, ଦଳଖାଇ, ବିଲାତି ରୋହି ଖାଦ୍ୟ ସଂଗ୍ରହ କରନ୍ତି । ଏ ସମସ୍ତ ମାଛଙ୍କୁ ଏକାଠି ପୋଖରୀରେ ପାଳନ କରିବାକୁ ମିଶ୍ରିତ ମାଛଚାଷ କୁହାଯାଏ ।''



**ସମନ୍ୱିତ ମାଛଚାଷ :** ମାଛଚାଷକୁ ମୁଖ୍ୟ ଚାଷ ଭାବେ ଗ୍ରହଣ କରିବା ସହ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମକୁ ମିଶାଇ ଯେଉଁ ଚାଷ କରାଯାଏ, ତାହାକୁ ସମନ୍ୱିତ ମାଛଚାଷ ବୋଲି କୁହାଯାଏ। ମାଛଚାଷ ସହ ପୋଖରୀ ହୁଡ଼ାରେ ଅନ୍ୟାନ୍ୟ କୃଷିଜାତ ଶସ୍ୟ ଓ ପ୍ରାଣୀପାଳନ କରି ଅଧିକ ଅର୍ଥ ଉପାର୍ଜନ କରାଯାଇପାରିବ । ଉଦାହରଣ : ମାଛ-ଗୋପାଳନ, ମାଛ-କୁକୁଡ଼ା ପାଳନ, ମାଛ-ବତକ ପାଳନ, ମାଛ-ଘୁଷୁରି ପାଳନ, ମାଛ-ଧାନଚାଷ । ପୋଖରୀ ହୁଡ଼ାରେ ହୁଡ଼ା ପାଖ ବଳକା ଜମିରେ ପନିପରିବା, କଦଳୀ, ନଡ଼ିଆ ଏବଂ ଫୁଲଚାଷ ଇତ୍ୟାଦି କରାଯାଇପାରିବ।

**ମାଛ ଓ ପ୍ରାଣୀପାଳନ :** ସମନ୍ୱିତ ଚାଷରେ ପ୍ରାଣୀମାନଙ୍କ ମଳମୂତ୍ର ପୋଖରୀରେ ଉର୍ବରତା ବଢ଼ାଇ ମାଛ ବଢ଼ିବାରେ ସାହାଯ୍ୟ କରେ ଏବଂ ଅନ୍ୟ ଦିଗରେ ପୋଖରୀ ହୁଡ଼ାରେ ଚାଷ ହେଉଥିବା ଘାସ ପନିପରିବାର ଅବଶିଷ୍ଟାଂଶ ପ୍ରାଣୀମାନେ ଖାଇ ବଢ଼ନ୍ତି। ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ।

**ମାଛ-ଗୋପାଳନ :** ଏହା ଏକ ସହଜ ସମନ୍ୱିତ ଚାଷର ଉଦାହରଣ। ମାଛଚାଷ କରିବା ପାଇଁ ଗୋଟିଏ ଏକର ଜାଗାରେ ବର୍ଷକୁ ଯେତିକି ଗୋବର ଆବଶ୍ୟକ, ତାହା ୩-୪ଟି ଗାଈ ପାଳିଲେ ମିଳିଥାଏ । ପୋଖରୀ ହୁଡ଼ା ଉପରେ ଗୁହାଳ କଲେ ଗାଈମାନଙ୍କ ମଳ, ମୂତ୍ର ଓ ଗୁହାଳରେ ଥିବା ପାଣି ସବୁ ସିଧା ପୋଖରୀକୁ ଛାଡ଼ିହୁଏ । ପୋଖରୀରେ ମାଛଚାଷ ଜନିତ ହୋଇଥିବା ପଙ୍କକୁ ହୁଡ଼ା ଉପରେ ପକାଇ ସବୁଜ ଗୋଖାଦ୍ୟ ଫସଲକରି ଗାଈମାନଙ୍କୁ ଦିଆଯାଇପାରିବ । ଏପରି ସମନ୍ୱିତ ଚାଷକଲେ କ୍ଷୀର ସହ ବର୍ଷକୁ ୧୬୦୦ ରୁ ୧୮୦୦ କି.ଗ୍ରା. ପର୍ଯ୍ୟନ୍ତ ମାଛ ମିଳିଥାଏ । ସେହିପରି ଗୋଟିଏ ହେକ୍ଟର ମାଛଚାଷ ପୋଖରୀରେ ଉର୍ବରତା ବଜାୟ ରଖିବା ପାଇଁ ଯେତିକି ଜୈବିକ ଖତର ଆବଶ୍ୟକତା ରହିଛି, ସେତିକି ୮-୧୦ଟି ଗାଈ ପାଳନରୁ ମିଳିଥାଏ। ଗୋଟିଏ ଗାଈରୁ ବାର୍ଷିକ ୩ ହଜାର ହିସାବରେ ୮-୧୦ଟି ଗାଈଠାରୁ ୨୪ ରୁ ୩୦ ହଜାର ଲିଟର କ୍ଷୀର ମିଳିପାରିବ। ଦାନା ଓ ଅନ୍ୟାନ୍ୟ ଖର୍ଚ୍ଚକୁ ବାଦ୍ ଦେଲେ ଗୋଟିଏ ଗାଈରୁ ମାସିକ ଅତିକମ୍‌ରେ ୧୦୦୦ ଟଙ୍କା ଲାଭ ମିଳିଥାଏ। ତଦନୁଯାୟୀ ୮ ରୁ ୧୦ ଟି ଗାଈଠାରୁ ବର୍ଷକୁ ୯୬ ହଜାରରୁ ୧ଲକ୍ଷ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। ସେହିପରି ୨ରୁ ୩ ଟନ୍ ମାଛରୁ ୩୦ ରୁ ୪୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ।

(କ୍ରମଶଃ...)

-ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ
୨୭୬, ମହାନଦୀବିହାର, କଟକ
ମୋ : ୯୪୩୭୬୦୭୩୧୨

# ଗହମରେ କାଳିଗୁଣ୍ଡି ପୋକ ଲାଗିଲେ..



**ଗ**ହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟ ତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟରେ ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

# ପୋଟଳରେ ଫୁଲଫଳ ଧରୁଥିଲେ...

**ପୋ**ଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟ କରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏ ନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳ ମାଟି ଭିଜାଇ ରଖନ୍ତୁ।



# ଗେଣ୍ଡୁଫୁଲ ତଳି ପକାଉଥିଲେ...



**ଆ**ଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷାପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡକରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫରସ୍ ଓ ୮୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କି.ଗ୍ରା. ଯବକ୍ଷାରଜାନ ୧ମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡ଼ିକୁ ଭାଙ୍ଗି ଦିଅନ୍ତୁ।

# ଚାଷୀଙ୍କ ପାଇଁ

**ଲ**ଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗ ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।



# ପନିପରିବାରେ ଝାଉଁଳାରୋଗ ଦମନ

**ପ**ନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁତ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଚା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।



ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୭/୨୦୨୪ Bhubaneswar, Wednesday, February 7/ 2024

# ବିଜୟରେ ନେଦରଲାଣ୍ଡ୍ସର ହ୍ୟାଟ୍ରିକ୍

ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ନେଦରଲାଣ୍ଡ୍ସ ଦଳ ବିଜୟରେ ହ୍ୟାଟ୍ରିକ ଅର୍ଜନ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଚାଇନାକୁ ୩-୧ ଗୋଲରେ ପରାସ୍ତ କରିଛି। ଆମେରିକାକୁ ୭-୦ ଗୋଲରେ ହରାଇ ଅଭିଯାନ

**ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**



ନେଦରଲାଣ୍ଡ୍ସ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଆରମ୍ଭ କରିଥିବା ନେଦରଲାଣ୍ଡ୍ସ ପରବର୍ତ୍ତୀ ମ୍ୟାଚରେ ଘରୋଇ ଭାରତକୁ ୩-୧ ଗୋଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ କ୍ରମାଗତ ୨ଟି ମ୍ୟାଚ ଜିତିବା ପରେ ଚାଇନା ବିଜୟ ଧାରାରେ ବ୍ରେକ୍ ଲାଗିଛି। ଏହି ଦଳ ନିଜର ପ୍ରଥମ ୨ଟି ମ୍ୟାଚରେ ଭାରତକୁ ୨-୧ ଓ ଅଷ୍ଟ୍ରେଲିଆକୁ ୩-୦ରେ ହରାଇଥିଲା। ନେଦରଲାଣ୍ଡ୍ସ ଚଳିତ ସିଜନରେ ଏପର୍ଯ୍ୟନ୍ତ ୭ (ସାଣ୍ଟିଆଗୋରେ ୪ ମ୍ୟାଚ)ଟି ମ୍ୟାଚ ଖେଳି ସାରିଥିବାବେଳେ ସମସ୍ତ ମ୍ୟାଚରେ ବିଜୟୀ ହୋଇ ୨୧ ପଏଣ୍ଟ ପାଇଛି। ଫଳରେ ଏହି ଦଳ ଶୀର୍ଷରେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ଚାଇନା ୩ ମ୍ୟାଚରୁ ୬ ପଏଣ୍ଟରେ ସ୍ଥିର ରହିଛି।

ପୂର୍ବ ମ୍ୟାଚଗୁଡ଼ିକ ଭଳି ଏଠାରେ ମଧ୍ୟ ଚାଇନା ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ତେବେ କଡ଼ା ଟକ୍କର ଦେଇଥିଲା ନେଦରଲାଣ୍ଡ୍ସ। ପ୍ରଥମ କ୍ୱାର୍ଟର ଖେଳ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୯ତମ ମିନିଟରେ ଏକ ଫିଲ୍ଡ ଗୋଲଦେଇ ଚାଇନାକୁ ଅଗ୍ରଣୀ କରିଥିଲେ ଝୋଙ୍ଗ ଜିଆକି। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୨୨ତମ ମିନିଟରେ ନେଦରଲାଣ୍ଡ୍ସର ମୋଇସ ଫ୍ରେକ୍ ଏକ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ଅଗ୍ରଣୀ ନେବାକୁ ନେଦରଲାଣ୍ଡ୍ସ ବେଶି ସମୟ ନେଇ ନ ଥିଲା। ୨୫ତମ ମିନିଟରେ ଆଉ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଭିନ୍ ମାର୍ଜିନ ଦଳକୁ ୨-୧ରେ ଅଗ୍ରଣୀ କରିଥିଲେ। ଅଣଖେଳୁଆଡ଼ ପ୍ରଦର୍ଶନ ପାଇଁ ୨୬ତମ ମିନିଟରେ ଚାଇନାର ମା ନିଙ୍ଗଙ୍କୁ ଗ୍ରୀନ୍ କାର୍ଡ ମିଳିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଚାଇନା ଉଦ୍ୟମରତ ଥିବାବେଳେ ନେଦରଲାଣ୍ଡ୍ସ ପକ୍ଷରୁ ୩୮ତମ ମିନିଟରେ ତୃତୀୟ ଗୋଲଟି ସ୍କୋର କରିଥିଲେ ମୋଇସ ଫ୍ରିକ୍। ୪୦ ଓ ୪୨ତମ ମିନିଟରେ ଗୋଲ ପରିଶୋଧ ପାଇଁ ଚାଇନା ନିକଟକୁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମାତ୍ର ପେନାଲ୍ଟି କର୍ନରକୁ ଖେଳାଳିମାନେ ଗୋଲରେ କନଭର୍ଟ କରିବାରେ ଅସମର୍ଥ ରହିଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୩ତମ ମିନିଟରେ ଲୁ ଓ୍ୱେନୟୁଙ୍କୁ ଅମ୍ପାୟର ଗ୍ରୀନ୍‌କାର୍ଡ ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୫୯ତମ ମିନିଟରେ ଚାଇନା ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ନେଦରଲାଣ୍ଡ୍ସର ଦୃଢ଼ ରକ୍ଷଣଭାଗ ଏହାକୁ ସଫଳତାର ସହ ଡିଫେଣ୍ଡ କରିଥିଲେ। ବୁଧବାର ଆମେରିକାକୁ ଭେଟି ଚାଇନା ଏହାର ଭୁବନେଶ୍ୱର ପର୍ଯ୍ୟାୟ ଶେଷ କରିବ। ନେଦରଲାଣ୍ଡ୍ସ ୯ ତାରିଖରେ କଳିଙ୍ଗରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ଶେଷ ମ୍ୟାଚ ଖେଳିବ।

# ହକି ଖେଳାଳି ବରୁଣ କୁମାରଙ୍କ ବିରୋଧରେ ବଳାତ୍କାର ମାମଲା

ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୬।୨(ପି.ଟି.)



ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ବେଙ୍ଗାଲୁରୁ ପୋଲିସ ପୋକ୍ସୋ ଆଇନ ଅଧୀନରେ ଅର୍ଜୁନ ପୁରସ୍କାର ବିଜୟୀ ଭାରତୀୟ ହକି ଖେଳାଳି ବରୁଣ କୁମାରଙ୍କ ବିରୋଧରେ ଏକ ବଳାତ୍କାର ମାମଲା ରୁଜୁ କରିଛି। ୨୨ ବର୍ଷୀୟା ମହିଳା ଜଣକ କହିଛନ୍ତି ଯେ ୨୦୧୮ରେ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ବରୁଣଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ସେତେବେଳେ ସେ ଜଣେ ନାବାଳିକା ଥିଲେ। ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ ହେବା ପରେ ୨୦୧୯ରେ ବରୁଣ ତାଙ୍କୁ ବେଙ୍ଗାଲୁରୁର ଜୟନଗରସ୍ଥିତ ଏକ ହୋଟେଲକୁ ନେବାସହ ବିବାହ ପ୍ରତିଶ୍ରୁତି ଦେଇ ସେଠାରେ ଶାରୀରିକ ସମ୍ପର୍କ ରଖିଥିଲେ। ଉଭୟଙ୍କ ୫ବର୍ଷ ସମ୍ପର୍କ ମଧ୍ୟରେ ବରୁଣ ତାଙ୍କ ସହିତ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ।

ସେ କହିଛନ୍ତି, ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ସେଣ୍ଟରଠାରେ ବରୁଣ ଟ୍ରେନିଂ ନେଉଥିବା ବେଳେ ତାଙ୍କ ସହିତ ପ୍ରଥମ ଦେଖା ହୋଇଥିଲା। ମହିଳା ଜଣଙ୍କ ତାଙ୍କ ଏଫ୍ଆଇଆର୍‌ରେ ଉଲ୍ଲେଖ କରିଛନ୍ତି ଯେ, ଗତବର୍ଷ ତାଙ୍କ ପିତାଙ୍କ ଦେହାନ୍ତ ପରେ ବରୁଣ କ୍ରମେ ତାଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କ ଟେଲିଫୋନ୍ କଲ୍ କିମ୍ବା ମେସେଜ୍‌ର ଜବାବ ଦେବା ବନ୍ଦ କରି ଦେଇଥିଲେ। ସେ ଯେତେବେଳେ ପୋଲିସର ଦ୍ୱାରସ୍ଥ ହୋଇଥିଲେ, ସେତେବେଳେ ବରୁଣ ପୁଣି ତାଙ୍କ ସହିତ ଯୋଗାଯୋଗ ଆରମ୍ଭ କରିଥିଲେ। ମାତ୍ର ବିବାହ କଥା ଉଠାଇବା ମାତ୍ରେ ପୁନର୍ବାର ଦୂରେଇ ଯାଇଥିଲେ ଏବଂ ତାଙ୍କ ଉପରେ ଚାପ ପକାଇଲେ ସେ ତାଙ୍କ ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଦେବେ ବୋଲି ଧମକ ଦେଇଥିଲେ।

ବରୁଣ ୨୦୨୧ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ବର୍ତ୍ତମାନ ସେ ପଞ୍ଜାବ ପୋଲିସରେ ଡିଏସ୍‌ପି ପଦବୀକୁ ପଦୋନ୍ନତି ପାଇଛନ୍ତି। ଭାରତୀୟ ପିଙ୍ଗଳ କୋଡ୍ ଅଧୀନ ଯୌନ ଅପରାଧ ଶିଶୁ ସୁରକ୍ଷା ଆଇନ ପୋକ୍ସୋର ଧାରା ୩୭୬ ଓ ୪୨୦ ଅଧୀନରେ ଏହି ହକି ଖେଳାଳିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ବେଙ୍ଗାଲୁରୁ ପୋଲିସ କହିଛି। ଟୋକିଓ ଅଲିମ୍ପିକ୍ସ ପାଇଁ ବରୁଣ ଭାରତୀୟ ଦଳର ଷ୍ଟାଣ୍ଡବାଇ ଖେଳାଳି ରହିଥିଲେ। ବର୍ତ୍ତମାନ ସେ ଜାତୀୟ ଦଳ ସହ ଭୁବନେଶ୍ୱରରେ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଟ୍ରେନିଂ ନେଉଛନ୍ତି। ଭାରତ ଫେବୃଆରୀ ୧୦ରେ ଏହାର ଉଦ୍‌ଘାଟନୀ ମ୍ୟାଚ ସ୍ପେନ୍ ବିପକ୍ଷରେ ଖେଳିବ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ବରୁଣ ଫେରାର ହୋଇଥିବା ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଛି ହକି ଇଣ୍ଡିଆ ତରଫରୁ ତାହାକୁ ଖଣ୍ଡନ କରାଯାଇଛି। ଏହା ବାଜେ କଥା। ସେ ବର୍ତ୍ତମାନ ଭୁବନେଶ୍ୱରରେ ଦଳ ସହିତ ଟ୍ରେନିଂ ନେଉଥିବା ସଫେଇ ଦିଆଯାଇଛି। ସୂଚନାଯୋଗ୍ୟ, ବରୁଣଙ୍କ ଘର ହେଉଛି ହିମାଚଳ ପ୍ରଦେଶରେ। ୨୦୧୭ରେ ତାଙ୍କୁ ପ୍ରଥମ ଥର ଭାରତୀୟ ଦଳରେ ସ୍ଥାନ ମିଳିଥିଲା।





ଅଷ୍ଟ୍ରେଲିଆ-ଆମେରିକା ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ (ଫଟୋ: ବିକାଶ ନାୟକ)

# ଅଷ୍ଟ୍ରେଲିଆର ପ୍ରଥମ ବିଜୟ

ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ)

ଚଳିତ ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ମଙ୍ଗଳବାର ପ୍ରଥମ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୩-୦ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଫଳରେ ପ୍ରଥମ ମ୍ୟାଚରେ ୦-୩ ଗୋଲରେ ପରାସ୍ତ ହୋଇଥିବା ଅଷ୍ଟ୍ରେଲିଆ ଏହି ବିଜୟ ଦ୍ୱାରା ୩ ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି।

ଏଫ୍ଆଇଏଚ୍ ର୍‍ୟାଙ୍କିଂର ୩ ନମ୍ବରରେ ଥିବା ଅଷ୍ଟ୍ରେଲିଆ ୧୨ତମ ସ୍ଥାନରେ ଥିବା ଆମେରିକା ବିପକ୍ଷରେ ଭାରି ପଡ଼ିଥିଲା। ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ପ୍ରତିପକ୍ଷ ଦଳକୁ ଚାପରେ ରଖିଥିଲା। ଦଳକୁ ଏଥିରୁ ଫାଇଦା ମଧ୍ୟ ମିଳିଥିଲା। ୪ର୍ଥ ମିନିଟରେ ଦଳ ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଏହା ବେକାର ଯାଇଥିଲେ ହେଁ ୬ଷ୍ଠ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଷ୍ଟିୱାର୍ଟ ଟାଟୁମ ୭ମ ମିନିଟରେ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ଆଗରେ ଆମେରିକା ପ୍ରଦର୍ଶନ ସମ୍ପୂର୍ଣ୍ଣ ଫିକା ରହିଥିଲା। ଅଷ୍ଟ୍ରେଲିଆ ୧୯ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିପାରି ନ ଥିଲେ ମଧ୍ୟ ୨୩ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ଦେଇ ଅଷ୍ଟ୍ରେଲିଆ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ କେର୍ଶ ଷ୍ଟିଫାନି। ତୃତୀୟ କ୍ୱାର୍ଟର ଆରମ୍ଭରେ ଷ୍ଟିୱାର୍ଟ ଗ୍ରେସ୍ ଏକ ଫିଲ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀକୁ ୩-୦ କରିଥିଲେ। ୩୮ତମ ମିନିଟରେ ଏହି ଦଳର କେର୍ଶ ଷ୍ଟିଫାନି ଗ୍ରୀନ୍ କାର୍ଡ ପାଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଉତ୍ତେଜନାପୂର୍ଣ୍ଣ ରହିଥିଲା। ବିପଜ୍ଜନକ ଖେଳ ପାଇଁ ଅଷ୍ଟ୍ରେଲିଆର ଷ୍ଟିଫାନି ୟେଲୋ କାର୍ଡ ପାଇଥିଲେ। ସେହିପରି ମାଲୋନେ ଆମ୍ବ୍ରୋସିଆ ଗ୍ରୀନ୍ ଓ ଶାଣ୍ଡ ହାଟେ ୟେଲୋ କାର୍ଡ ପାଇଥିଲେ।

# ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ଭାରତ

ବେନୋନି, ୬।୨ (ପି.ଟି.): ଭାରତ ମଙ୍ଗଳବାର ୨ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ୧୯ ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ୨୪୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦଳ ୪୮.୫ ଓଭରରେ ୮ ଉଇକେଟ ବିନିମୟରେ ୨୪୮ ରନ କରି ମ୍ୟାଚ ଜିତିଥିଲା। ଭାରତ ୩୨ରନରେ ୪ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ତେବେ ସଚିନ ଧସ୍ (୯୬ରନ) ଓ ଅଧିନାୟକ ଉଦୟ ସହରନ (୮୧)ଙ୍କ ମଧ୍ୟରେ ୫ମ ଉଇକେଟରେ ୧୭୧ ରନର ପାର୍ଟନରଶିପ ଯୋଗୁ ଦଳ ପାଇଁ ବିଜୟ ପଥ ସୁଗମ ହୋଇଥିଲା। ପୂର୍ବରୁ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳ ପକ୍ଷରୁ ଲଢ଼ୁଆ ପ୍ରଦର୍ଶନ କରିଥିବା ଦୁଇ ଖେଳାଳି ଉଇକେଟକିପର ବ୍ୟାଟର ଲୁହାନ ଡିରେ ପ୍ରିଟୋରିଅସ୍ ୭୬ ଓ ରିଚାର୍ଡ ସିଲେଟସ୍ୱେନ ୬୪ ରନ କରିଥିଲେ। ଭାରତ ତରଫରୁ ରାଜ ଲିମ୍ବାନୀ ୬୦ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ।







# ପୂର୍ବତନ ରଣଜୀ ଖେଳାଳି ଶୁଭାଶିଷ ଭୂୟାଁଙ୍କ ପରଲୋକ



**ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ):** ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ଓଡ଼ିଶା ସିନିୟର କ୍ରିକେଟ ଦଳର ଚୟନକର୍ତ୍ତା ଶୁଭାଶିଷ ଭୂୟାଁଙ୍କର ସୋମବାର ରାତିରେ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଖାନା ନେବା ବାଟରେ ସେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ତାଙ୍କ ପୁଅ ଆଦିଲ ଭୂୟାଁ, ବଡଭାଇ ଶୁଭଞ୍ଜନ ଭୂୟାଁ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଶୁଭାଶିଷ ଓଡ଼ିଶା ପ୍ରଧାନ ମହାଲେଖାକାର(ଅଡିଟ-୧)ରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ଓଡ଼ିଶା ଏଜି କ୍ରିକେଟ ଦଳରେ ଜଣେ ଅଲରାଉଣ୍ଡର ଖେଳାଳି, ମ୍ୟାନେଜର ଭାବେ ସର୍ବଭାରତୀୟ ଅଡିଟ ଓ ଆକାଉଣ୍ଟସ ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ତାଙ୍କ ପରଲୋକରେ ଓଡ଼ିଶା କ୍ରିକେଟ ଆସୋସିଏଶନ, ଏଜି ଏବଂ ରାଜ୍ୟ କ୍ରୀଡ଼ା ଜଗତରେ ଗଭୀର ଶୋକପ୍ରକାଶ ପାଇଛି।

# ନେପାଳକୁ ହରାଇ ଫାଇନାଲରେ ଭାରତ

ଢାକା, ୬।୨(ପି.ଟି.)

ନେହାଙ୍କ ଡବଲ୍ ଗୋଲ୍ ବଳରେ ଭାରତ ଏହାର ଶେଷ ଲିଗ୍ ମ୍ୟାଚରେ ନେପାଳକୁ ୪-୦ ଗୋଲ୍‌ରେ ପରାସ୍ତ କରି ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଖେଳାଯିବାକୁ ଥିବା ଟାଇଟଲ ମୁକାବିଲାରେ ଭାରତ ଆୟୋଜକ ତଥା ଗତଥରର ଚାମ୍ପିୟନ ବାଂଲାଦେଶକୁ ଭେଟିବ। ପ୍ରତିଯୋଗିତାରେ ଭାରତ ଏହାର ପ୍ରଥମ ଲିଗ୍ ମ୍ୟାଚରେ ଭୁଟାନକୁ ୧୦-୦ ଗୋଲ୍‌ରେ ପରାସ୍ତ କରିବା ପରେ ବାଂଲାଦେଶଠାରୁ ୦-୧ ଗୋଲ୍‌ରେ ପରାଜିତ ହୋଇଥିଲା। ମଙ୍ଗଳବାର ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ୪ ଗୋଲ୍

**୧୯ ବର୍ଷରୁ କମ୍ ସାଫ୍ ମହିଳା ଚାମ୍ପିୟନଶିପ୍**

ସ୍କୋର କରିବାରେ ସମର୍ଥ ହୋଇଥିଲେ। ଦଳ ତରଫରୁ ନେହା ୫୪ତମ ଏବଂ ୮୦ତମ ମିନିଟ୍‌ରେ ଗୋଲ୍ ସ୍କୋର କରିଥିବା ବେଳେ ସୁଲଞ୍ଜନା ରାଉଳ (୮୫ତମ ମିନିଟ) ଓ ରେମରୁଆଟପୁଇ କୋଲ୍‌ନୀ (୯୦+୩) ଅନ୍ୟ ଦୁଇଟି ଗୋଲ୍ ଦେଇଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଫୁଟବଲ ତାରକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଭାରତୀୟ ଦଳର ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି।



ଭାରତ-ନେପାଳ ମ୍ୟାଚରେ ବଲକୁ ନିୟନ୍ତ୍ରଣକୁ ନେବାପାଇଁ ଦୁଇ ଖେଳାଳିଙ୍କ ମଧ୍ୟରେ ସଂଘର୍ଷ।

# ରାଉରକେଲା ଚରଣ ପାଇଁ ଟିକେଟ ବିକ୍ରି ୮ରୁ

**ଭୁବନେଶ୍ୱର, ୬।୨ (ତପନ ସ୍ୱାଇଁ):** ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ ମ୍ୟାଚ ସମ୍ପ୍ରତି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଛି। ଲିଗ୍‌ର ରାଉରକେଲା ଚରଣ ୧୨ ତାରିଖରୁ ଆରମ୍ଭ ହେବ। ଏହାପରେ ପୁରୁଷ ବିଭାଗ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ www.ticketgenie.inରେ ଅନ୍‌ଲାଇନ୍ ଟିକେଟ ବିକ୍ରି ପ୍ରକ୍ରିୟା ଚାଲିଥିବାବେଳେ ବକ୍ସ ଅଫିସ ଟିକେଟ ବିକ୍ରି ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ବିର୍ସା ମୁଣ୍ଡା ଷ୍ଟାଡିୟମର ଗେଟ୍ ନଂ-୨ ନିକଟରେ ନର୍ଥ ଓ ଇଷ୍ଟ ଷ୍ଟାଣ୍ଡ ଟିକେଟ ଉପଲବ୍ଧ ହେବ। ସେହିପରି ଗେଟ୍ ନଂ-୬ରେ ଓ୍ୱେଷ୍ଟ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ମିଳିବ। ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୬ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବ। ଓ୍ୱେଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୫୦୦ ଟଙ୍କା ରଖାଯାଇଛି। ସେହିପରି ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦ ଟଙ୍କା। ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟ ଦାମ୍ ୧୦୦ ଟଙ୍କା ଲେଖାଏ ରଖାଯାଇଛି। ବିର୍ସା ମୁଣ୍ଡାରେ ମହିଳା ଓ ପୁରୁଷ ଦଳର ୧୦ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ଦର୍ଶକମାନେ ବହୁ ସଂଖ୍ୟାରେ ଷ୍ଟାଡିୟମକୁ ଆସି ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକୁ ଉତ୍ସାହିତ କରିବା ପାଇଁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଆହ୍ୱାନ ଦେଇଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ